ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୧୭/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, October 17/2021 ★★

୧୭ଶ ଭାଗ ୨୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





*Fondly Remembered, Dearly Missed.*

# Rohit Kumar Das

23rd June 1955 - 17th October 2020

YOUR VISION, OUR INSPIRATION.

Family, friends and members of
RKD Construction Private Limited &
Hotel The Crown Bhubaneswar

RKD CONSTRUCTION PVT. LTD.

THE CROWN BHUBANESWAR

ଧରିତ୍ରୀ
DHARITRI
ରବିବାର, ଅକ୍ଟୋବର ୧୭/୨୦୨୧ | Sunday, October 17/2021 | ପୃଷ୍ଠା-୧



**ଅଧିନାୟକତ୍ୱରେ ଧୋନୀଙ୍କ ରେକର୍ଡ**
ବିଶ୍ୱ କ୍ରିକେଟରେ ୩୦୦ ଟି୨୦ ଗେମ୍‌ରେ ଅଧିନାୟକତ୍ୱ କରିବାରେ ମହେନ୍ଦ୍ର ସିଂ ଧୋନୀ ପ୍ରଥମ ଖେଳାଳି। ୦୬

୦୨ **ପିଲାର ନାଁ ବାଛୁଛନ୍ତି ରଣବୀର**
୨/୩ ବର୍ଷରେ ଘରେ ନୂଆମୁହଁ ଦେଖିବାକୁ ମିଳିବା ସେଥିପାଇଁ ଅଭିନେତା ରଣବୀର ସିଂ ପିଲାଙ୍କ ନାଁ ଶର୍ଟଲିଷ୍ଟ କରୁଛନ୍ତି ବୋଲି ଏକ ଭିଡିଓରେ କହିଛନ୍ତି।



# ତେଲ ପାଇଁ ବଢ଼ିଲା ବସ୍ ଭଡ଼ା

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

କୋଭିଡ୍-୧୯ ମହାମାରୀ ସାଙ୍ଗକୁ ମହଙ୍ଗା ମାଡ଼ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିଛି। ଏପରି ସ୍ଥଳେ ଯାତ୍ରୀବାହୀ ବସ୍ ଭଡ଼ା ବୃଦ୍ଧି ବୋଝ ଉପରେ ନଳିତାବିଡ଼ା ହୋଇଛି। ଭଡ଼ାକୁ ତୈଳ ଦର ବୃଦ୍ଧି ଠେଲି ଚାଲିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ହୁ ହୁ ହୋଇ ବଢ଼ି ଚାଲିଥିବା ବେଳେ ପନିପରିବା ଦର ମଧ୍ୟ ଆକାଶଛୁଆଁ ହୋଇଛି।

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିରେ ଅଙ୍କୁଶ ଲାଗୁ ନାହିଁ। ଗତ ୩ ଦିନରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧ ଟଙ୍କା ୧ ପଇସା ଏବଂ ଡିଜେଲ ୧ ଟଙ୍କା ୧୫ ପଇସା ବଢ଼ିଲାଣି। ଶନିବାର ପେଟ୍ରୋଲ ଲିଟର ପିଛା ୬୩ ପଇସା ବୃଦ୍ଧି ପାଇ ୧୦୬ ଟଙ୍କା ୪୨ ପଇସାରେ ପହଞ୍ଚିଥିବା ବେଳେ ଡିଜେଲ ୩୯ ପଇସା ବଢ଼ି ୧୦୨ ଟଙ୍କା ୭୭ ପଇସାରେ ପହଞ୍ଚିଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୩.୧୧ ଟଙ୍କା ଓ ପେଟ୍ରୋଲ ୧୦୬.୭୭ ଟଙ୍କାରେ ପହଞ୍ଚିଛି। ମାଲକାନଗିରି (କାଲିମେଳା)ରେ ପେଟ୍ରୋଲ ଲିଟର ପିଛା ସର୍ବାଧିକ ୧୧୨.୦୪ ଟଙ୍କା ଥିବାବେଳେ ଡିଜେଲ ୧୦୮.୧୭ ଟଙ୍କା ରହିଛି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଯୋଗୁ ସମସ୍ତ ପରିବହନ ସେବା ଗୁରୁତର ପ୍ରଭାବିତ ହୋଇଛି । ଏହାର ସିଧା ସଳଖ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଛି।



ଯାତ୍ରୀ ପରିବହନ ହେଉ କି ମାଲ ପରିବହନ ସବୁ କ୍ଷେତ୍ରରେ ତୈଳ ଦର ବୃଦ୍ଧିର ପ୍ରଭାବ ଦେଖିବାକୁ ମିଳିଛି। ଲଗାତର ଭାବେ ଡିଜେଲ ଦର ବୃଦ୍ଧି ପାଇବା ଯୋଗୁ ରାଜ୍ୟରେ ପୁଣି ବସ୍ ଭଡ଼ା ବୃଦ୍ଧିପାଇଛି। ଶନିବାର ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୩ ପଇସା ଲେଖାଏ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୬ ପଇସା ଲେଖାଏ ବୃଦ୍ଧି ପାଇଛି। ସୁପର ପ୍ରିମିୟମ ବସ୍ କିଲୋମିଟର ପିଛା ୯ ପଇସା ବୃଦ୍ଧି ପାଇଛି। ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୮୯ ପଇସାରୁ ୯୨ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏକ୍ସପ୍ରେସ ୯୩ ପଇସାରୁ ୯୬ ପଇସାକୁ ବୃଦ୍ଧି ପାଇଛି। ସେହିପରି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୨୯ ପଇସାରୁ ୧ ଟଙ୍କା ୩୫ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧ଟଙ୍କା ୫୭ ପଇସାରୁ ୧ ଟଙ୍କା ୬୩ ପଇସାକୁ ବୃଦ୍ଧି ପାଇଛି। ସେହିପରି ସୁପର ପ୍ରିମିୟମ ବସ୍ କିଲୋମିଟର ପିଛା ୨ଟଙ୍କା ୪୪ ପଇସାରୁ ୨ଟଙ୍କା ୫୩ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ତୈଳ ଦର ବୃଦ୍ଧିକୁ ନେଇ ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ବସ୍ ଭଡ଼ା ବଢ଼ିବା କମିବା ପାଇଁ ବ୍ୟବସ୍ଥା ରହିଛି। ତୈଳ ଦର ୨ ଟଙ୍କା କମ୍ ବେଶି ହେଲେ ଭଡ଼ା ମଧ୍ୟ ସେହି ଆଧାରରେ ୧ରୁ ୨ ପଇସା କମ୍ ବେଶି ହେବ। ସେହି ଆଧାରରେ ବସ୍ ଭଡ଼ା ବୃଦ୍ଧି କରାଯାଇଛି। ତେବେ ବସ୍ ଭଡ଼ା ବୃଦ୍ଧିକୁ ନେଇ ରାଜ୍ୟ ବସ୍ ମାଲିକ ସଂଘ ଖୁସି ନୁହନ୍ତି। କରୋନା ମହାମାରୀ ବେଳେ ଅଧିକାଂଶ ବସ୍ ଫାଙ୍କାରେ ଯାଉଛି। କମ୍ ଯାତ୍ରୀ ଯାଉଥିବାରୁ ତେଲ ଖର୍ଚ୍ଚ ଓ କର୍ମଚାରୀମାନଙ୍କ ଖର୍ଚ୍ଚ ଉଠୁନାହିଁ। ଏପରି ସ୍ଥଳେ ଭଡ଼ା ବୃଦ୍ଧି ହେବା ଦ୍ୱାରା ଯାତ୍ରୀ ସଂଖ୍ୟା କମିବାର ଆଶଙ୍କା ବଢ଼ିଯାଇଛି। ଭଡା ବୃଦ୍ଧି କରିବା ପରିବର୍ତ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଡିଜେଲ ଉପରେ ନେଉଥିବା ଟିକସ ଛାଡ଼ କରନ୍ତୁ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। କୋଭିଡ୍ କଟକଣା ପରଠାରୁ ରାଜ୍ୟରେ ୧୪ ହଜାର ଘରୋଇ ବସ୍ ମଧ୍ୟରୁ ମାତ୍ର ୪୪ ପ୍ରତିଶତ ବସ୍ ଚାଲୁଛି। ଖର୍ଚ୍ଚ ଉଠୁ ନ ଥିବା ବେଳେ ଭଡ଼ା ବୃଦ୍ଧି ପରିସ୍ଥିତିକୁ ଆହୁରି ଜଟିଳ କରିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କରୋନା ସମୟରେ ଲୋକମାନଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିବା ବେଳେ ବାରମ୍ବାର ବସ୍ ଭଡ଼ା ବୃଦ୍ଧି ଯାତ୍ରୀଙ୍କ ଉପରେ ବୋଝ ବଢ଼ି ଚାଲିଛି। ବସ୍ ଯାତ୍ରୀ ଦିଗମ୍ବର ଲେଙ୍କାଙ୍କ କହିବା ଅନୁଯାୟୀ ଦୈନିକ ୬୦ କିଲୋମିଟର ଯିବାକୁ ପଡୁଛି। ବସ୍ ଭଡ଼ା ବୃଦ୍ଧି ଯୋଗୁ ଖର୍ଚ୍ଚ ବହୁମାତ୍ରାରେ ବଢ଼ିଯାଉଛି। ଯାହାକୁ ସମ୍ଭାଳିବା ସହଜ ହେଉ ନାହିଁ। ସରକାର ବସ୍ ଭଡ଼ା କମାଇବା ଦରକାର ବୋଲି ସେ କହିଛନ୍ତି।

| ବସ୍ ଭଡ଼ା | ଥିଲା | ହେଲା |
|---|---|---|
| ସାଧାରଣ | ୮୯ | ୯୨ |
| ଏକ୍ସପ୍ରେସ୍ | ୯୩ | ୯୬ |
| ଡିଲକ୍ସ | ୧.୨୯ | ୧.୩୫ |
| ଏସି ଡିଲକ୍ସ | ୧.୫୭ | ୧.୬୩ |
| ପ୍ରିମିୟମ୍ | ୨.୪୪ | ୨.୫୩ |

# ୭୬ ରେ ନବୀନ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶନିବାର ୭୬ବର୍ଷରେ ପଦାର୍ପଣ କରିଛନ୍ତି। ତେବେ ସେ ପୂର୍ବ ୨ବର୍ଷ ପରି ଚଳିତ ବର୍ଷ ଜନ୍ମଦିନ ପାଳିନାହାନ୍ତି। କୋଭିଡ୍-୧୯ ମହାମାରୀରେ ଆକ୍ରାନ୍ତ ଲୋକଙ୍କୁ ସମବେଦନା ଜଣାଇବା ସହ ଲୋକଙ୍କ ପ୍ରତି ତାଙ୍କର ଦୃଢ଼ ପ୍ରତିଶ୍ରୁତିବଦ୍ଧତାକୁ ସମ୍ମାନ ଜଣାଇ ନବୀନ ଜନ୍ମଦିନ ପାଳନ ନ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। କୋଭିଡ୍ ଭଳି ସ୍ଥିତିରେ ପ୍ରଭାବିତ ଲୋକଙ୍କୁ ସହଯୋଗ କରିବା ଏବଂ ରକ୍ତଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସେ ଲୋକମାନଙ୍କୁ ନିବେଦନ କରିଛନ୍ତି। ଏଥିସହ ନବୀନ ତାଙ୍କ ଅନୁଗାମୀଙ୍କୁ ନବୀନ ନିବାସକୁ ଆସି ଶୁଭେଚ୍ଛା ଜଣାଇବାକୁ ମନା କରିଛନ୍ତି। ୨୦୧୯ରେ ବାତ୍ୟା ଫନୀ ଦ୍ୱାରା ପ୍ରଭାବିତ ଲୋକଙ୍କୁ ସମ୍ମାନ ଜଣାଇ ନବୀନ ଜନ୍ମଦିନ ପାଳିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ସେହିପରି ୨୦୨୦ ଏବଂ ୨୦୨୧ରେ କୋଭିଡ୍ ମହାମାରୀ ଯୋଗୁ ଏଭଳି ନିଷ୍ପତ୍ତି ନେଇଛନ୍ତି। ନବୀନ ଏକ ବାର୍ତ୍ତାରେ କହିଛନ୍ତି , ମୁଁ ରାଜ୍ୟବାସୀଙ୍କ ଭଲପାଇବା ଏବଂ ଆଶୀର୍ବାଦ ନିକଟରେ ଚିରଋଣୀ। ହେଲେ ଗତ ୨ବର୍ଷ ଧରି କରୋନା ଭାଇରସ୍ କାରଣରୁ ଲୋକମାନେ ବହୁ କଷ୍ଟ ଦେଇ ଗତି କରୁଛନ୍ତି। ନବୀନ ନିବାସ ଆସିବା ପରିବର୍ତ୍ତେ ଲୋକମାନେ ଯଦି କୋଭିଡ୍ ଯୋଗୁ ନିଜର ପରିଜନଙ୍କୁ ହରାଇଥିବା ଲୋକଙ୍କ ପାଖକୁ ଯାଇ ସେମାନଙ୍କୁ ସାହାଯ୍ୟ କରିବେ ଏବଂ ରକ୍ତଦାନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବେ, ତେବେ ଏହା ତାଙ୍କ ପାଇଁ ଜନ୍ମଦିନରେ ସବୁଠାରୁ ବଡ଼ ଉପହାର ହେବ ବୋଲି ନବୀନ କହିଛନ୍ତି।



ନବୀନ ପଟ୍ଟନାୟକ

**■ ପାଳିଲେନି ଜନ୍ମଦିନ**

**ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

## ଚର୍ଚ୍ଚରେ ବ୍ରିଟେନ୍ ଏମ୍‌ପିଙ୍କୁ ହତ୍ୟା



ସାର୍ ଡେଭିଡ୍ ଆମେସ୍

**ଲଣ୍ଡନ, ୧୬।୧୦**

ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ କଞ୍ଜରଭେଟିଭ୍ ପାର୍ଟିର ଏମ୍‌ପି ଡେଭିଡ୍ ଆମେସ୍‌ଙ୍କୁ ଶୁକ୍ରବାର ଏକ ଚର୍ଚ୍ଚରେ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଛି। ୬୯ ବର୍ଷୀୟ ଡେଭିଡ୍ ନିଜ ନିର୍ବାଚନମଣ୍ଡଳୀର ଲେହ-ଅନ୍-ସି ସହରରେ ଥିବା ଚର୍ଚ୍ଚରେ ଲୋକଙ୍କୁ ଭେଟୁଥିବାବେଳେ ତାଙ୍କୁ ଛୁରିରେ ପ୍ରାୟ ୧୭ ଥର ଆକ୍ରମଣ କରାଯାଇଥିଲା। ଖବରପାଇ ଏସେକ୍ସ ପୋଲିସ ଘଟଣାସ୍ଥଳରେ ☞ପୃଷ୍ଠା-୨

## ୪ ଜିଲା ପଛୁଆବର୍ଗ, ୧୪ ଏସ୍‌ସି/ଏସ୍‌ଟିଙ୍କ ପାଇଁ ସଂରକ୍ଷିତ

**ଜିଲା ପରିଷଦ ଅଧ୍ୟକ୍ଷ ପାଇଁ ଚିଠା ବିଜ୍ଞପ୍ତି**

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ଜିଲା ପରିଷଦ ଅଧ୍ୟକ୍ଷ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶନିବାର ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ପଛୁଆବର୍ଗଙ୍କ ପାଇଁ ୪ ଜିଲା ସଂରକ୍ଷିତ ରଖାଯାଇଛି। ସେଗୁଡ଼ିକ ହେଲା ଅନୁଗୋଳ, କେନ୍ଦୁଝର, ଖୋର୍ଦ୍ଧା ଓ ଗଜପତି। ସେହିପରି ୧୨ଟି ଜିଲାକୁ ଅଣସଂରକ୍ଷିତ ରଖାଯାଇଛି। ସେଗୁଡ଼ିକ ହେଲା କଳାହାଣ୍ଡି, ଝାରସୁଗୁଡ଼ା, ବୌଦ୍ଧ, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଗଞ୍ଜାମ, ଦେବଗଡ଼, ନୂଆପଡ଼ା ଓ ପୁରୀ। ଅବଶିଷ୍ଟ ୧୪ ଜିଲା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରଖାଯାଇଛି। ସମୁଦାୟ ଅଧ୍ୟକ୍ଷ ଆସନରୁ ମହିଳାଙ୍କ ଲାଗି ୫୦ ପ୍ରତିଶତ ଆସନ ସଂରକ୍ଷିତ ରଖାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅନୁଗୋଳ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପଛୁଆବର୍ଗ ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଥିବା ବେଳେ କଟକ ଅନୁସୂଚିତ ଜାତି ମହିଳା, କଳାହାଣ୍ଡି ଅଣସଂରକ୍ଷିତ ମହିଳା, କୋରାପୁଟ ଅନୁସୂଚିତ ଜନଜାତି ମହିଳା, ଖୋର୍ଦ୍ଧା ପଛୁଆବର୍ଗ ମହିଳା, ଗଞ୍ଜାମ ଅଣସଂରକ୍ଷିତ ମହିଳା, ଢେଙ୍କାନାଳ ଅଣସଂରକ୍ଷିତ ମହିଳା, ନୟାଗଡ଼ ଅନୁସୂଚିତ ଜନଜାତି ମହିଳା, ନୂଆପଡ଼ା ଅଣସଂରକ୍ଷିତ ମହିଳା, ବରଗଡ଼ ଅଣସଂରକ୍ଷିତ ମହିଳା, ବୌଦ୍ଧ ଅଣସଂରକ୍ଷିତ ମହିଳା, ଭଦ୍ରକ ଅନୁସୂଚିତ ଜାତି ମହିଳା, ମାଲକାନଗିରି ଅନୁସୂଚିତ ଜାତି ମହିଳା, ରାୟଗଡ଼ା ଅନୁସୂଚିତ ଜାତି ମହିଳା ଏବଂ ସୋନପୁର ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ଓଡ଼ିଶା ଜିଲା ପରିଷଦ ଅଧିନିୟମ-୧୯୯୧ର ଧାରା ୮ ଅନ୍ତର୍ଗତ ଉପଧାରା ୩ରେ ଥିବା କ୍ଷମତା ବଳରେ ଜିଲା ପରିଷଦଗୁଡ଼ିକରେ ଅଧ୍ୟକ୍ଷ ପଦବୀଗୁଡ଼ିକ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ ଓ ମହିଳାଙ୍କ ସଂରକ୍ଷଣ ପାଇଁ ରାଜ୍ୟ ସରକାର ଯେଉଁ ପ୍ରସ୍ତାବ କରିଛନ୍ତି, ତାହାର ଏକ ଚିଠା ଉକ୍ତ ଧାରାର ଉପଧାରା ୫ ଅନୁସାରେ କରାଯାଇଛି। ଏଥିସହିତ ଆସନ୍ତା ୨୫ ତାରିଖ ସୁଦ୍ଧା ସର୍ବସାଧାରଣ ଏ ନେଇ ଅଭିଯୋଗ କିମ୍ବା ପରାମର୍ଶ ଦେଇପାରିବେ। ଅଭିଯୋଗ ଓ ପରାମର୍ଶ ମିଳିବା ପରେ ଏହାକୁ ବିଚାରକୁ ନେଇ ଚିଠା ସଂରକ୍ଷଣ ପ୍ରସ୍ତାବ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ।

**ଆଜିର ସମ୍ପାଦକୀୟ**

**ସବୁଥିରେ ଅଧୋଗତି**

# ପାକିସ୍ତାନ ପଛରେ ଭାରତ

**ନୂଆଦିଲ୍ଲୀ, ୧୬।୧୦**

ଭାରତରେ କ୍ଷୁଧାହାର ପୂର୍ବାପେକ୍ଷା ଅଧିକ ଚିନ୍ତାଜନକ ରହିଛି। ଏପରି କି ପଡ଼ୋଶୀ ପାକିସ୍ତାନ, ନେପାଳ, ବାଂଲାଦେଶ ଅପେକ୍ଷା ଭାରତର ସ୍ଥିତି ଖରାପ ରହିଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ-୨୦୨୧(ଜିଏଚ୍‌ଆଇ)ରୁ ଜଣାପଡ଼ିଛି। ୧୧୬ ଦେଶକୁ ନେଇ ପ୍ରସ୍ତୁତ ତାଲିକାରେ ଭାରତର ସ୍ଥାନ ୧୦୧କୁ ଖସିଛି। ୨୦୨୦ରେ ଏହା ୯୪ ତମ ସ୍ଥାନରେ ରହିଥିଲା। ରିପୋର୍ଟରେ ଭାରତର ସ୍ଥିତିକୁ ‘ଉଦ୍‌ବେଗଜନକ’ ବର୍ଗରେ ରଖାଯାଇଛି।

ଭାରତ ତଳକୁ ଥିବା ୧୫ ଦେଶ ପପୁଆ ନ୍ୟୁ ଗିନ୍, ଆଫଗାନିସ୍ତାନ, ନାଇଜେରିଆ, କଙ୍ଗୋ, ମୋଜାମ୍ବିକ୍, ସିଏରା ଲିଓନ, ତିମର ଲେସ୍ତି, ହାଇତି, ଲିବେରିଆ, ମାଡାଗାସ୍କର, ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋ, ଚାଦ୍, ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ, ୟେମେନ ଏବଂ ସୋମାଲିଆରେ ଅନାହାର ସ୍ଥିତି ଆହୁରି ଚିନ୍ତାଜନକ ରହିଛି। ଚାଇନା, କୁଏତ୍, ବ୍ରାଜିଲକୁ ମିଶାଇ ମୋଟ ୧୮ ଦେଶ ଏହି ସୂଚକାଙ୍କର ଶୀର୍ଷ ର୍‍ୟାଙ୍କରେ ରହିଛନ୍ତି। ୭୬ ତମ ସ୍ଥାନରେ ନେପାଳ ଓ ବାଂଲାଦେଶ ଥିବାବେଳେ ପାକିସ୍ତାନର ସ୍ଥାନ ୯୨ ରହିଛି। ସୂଚକାଙ୍କରେ ଭାରତର ଜିଏଚ୍‌ଆଇ ସ୍କୋର ହ୍ରାସ ପାଇଛି। ୨୦୦୦ ରେ ଏହି ☞ପୃଷ୍ଠା-୨







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ତୁଳସୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଉଳ ଉପରେ କୁଶ;**
**ମୁଁ ଖାଇନାହିଁ, ମୋ ପାଟି ଖାଇଛି**
**ନିୟମ କରିବା ଆସ।**

ନିଜେ ଖାଇବା ଯାହା ନିଜର ପାଟି ଖାଇବା ତାହା, ଏସବୁ ଏକା କଥା। ଏସବୁ ଧର୍ମକୁ ଆଖିଠାର ମାରିବା ଭଳି କଥା। ଧର୍ମ କୁ ସାକ୍ଷୀ ରଖି ବା ଧର୍ମ ନାଁନେଇ ଅପକର୍ମ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାନୀ !**
**ନାଁ ମୁଣ୍ଡକୁ ନ ପାଏ କାନି।**

କିଛି ବ୍ୟକ୍ତି ଅନ୍ୟ ଆଗରେ ତୁଚ୍ଛା ବଡିମା ଦେଖେଇହୁଅନ୍ତି। ନିଜର ପଛରେ କିଛି ନ ଥାଉ ଉପରକୁ ଦାନୀ ପଣିଆ ଜାହିର କରିବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। ଯାହା ପାଖରେ ସମ୍ବଳ ଥାଏ, ସେ ଅଭାବରେ ଥିବା ବ୍ୟକ୍ତିଙ୍କୁ ଯଥାସମ୍ଭବ ସାହାଯ୍ୟ କରିଥାଏ। ପରନ୍ତୁ ଯିଏ ନିଃସ୍ୱ ସେ ଅନ୍ୟ ଆଗରେ ନିଜର ଦାତାପଣିଆ ଜାହିର କରିବା ନିହାତି ହାସ୍ୟାସ୍ପଦ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଆଜିର ମନ୍ତବ୍ୟ

"ଭାଜପା କେବଳ କଥା କହିବା ଏବଂ ଗାଡ଼ି ଚଢ଼ାଇବା ଜାଣିଛି। ଲୋକଙ୍କୁ ଚପାଇ ସେମାନଙ୍କ ସ୍ୱର ଦମନ କରିବା ଏହାର ଏଜେଣ୍ଡା।"
**–ଅଖିଳେଶ ଯାଦବ,ସମାଜବାଦୀ ପାର୍ଟି ଅଧ୍ୟକ୍ଷ**

# ପିଲାର ନାଁ ବାଛୁଛନ୍ତି ରଣବୀର



ବମ୍ବେ: ଫ୍ୟାଶନ ହେଉ ଅବା ଅଭିନୟ, ସବୁକିଛିକୁ ନେଇ ଚର୍ଚ୍ଚାରେ ଥାନ୍ତି ବଲିଉଡ ଅଭିନେତା ରଣବୀର ସିଂହ। ଏବେ ସେ ନିଜର ପ୍ରଥମ ରିଆଲିଟି ଶୋ' ହୋଷ୍ଟ କରିବାକୁ ଯାଉଛନ୍ତି, ଯାହାର ନାଁ ରହିଛି 'ଦି ବିଗ ପିକ୍ଚର'। ଅକ୍ଟୋବର ୧୬, ଶନିବାରଠାରୁ କଲର୍ସ ଚ୍ୟାନେଲରେ ଏହା ପ୍ରସାରିତ ହେବ। ଶୋ'ରେ ରଣବୀର ପ୍ରତିଯୋଗୀଙ୍କୁ ବିଭିନ୍ନ ପ୍ରଶ୍ନ କରିବେ। ଏଥିସହ ବ୍ୟକ୍ତିଗତ ଜୀବନ ସହ ଜଡ଼ିତ ଅନେକ କଥା ବାଣ୍ଟୁଥିବା ଦେଖିବାକୁ ମିଳିବ। ଉତ୍ତରପ୍ରଦେଶ ଗୋରଖପୁରର ଅଭୟ ସିଂହ ରଣବୀରଙ୍କ ଶୋ'ର ପ୍ରଥମ ପ୍ରତିଯୋଗୀ ହେବେ। ଏହାର ଏକ ପ୍ରମୋଶନାଲ ଭିଡିଓରେ ରଣବୀର ଆଉ୨-୩ ବର୍ଷରେ ବାପା ହେବେ ବୋଲି କହୁଥିବା ଶୁଣିବାକୁ ମିଳିଛି। 'ଆପଣଙ୍କ ଭାଉଜ ପିଲାଦିନେ ବହୁତ କ୍ୟୁଟ ଥିଲେ, ମୋତେ ସେଭଳି ଛୁଆ ଦେଇଦେଲେ ଜୀବନ ସାର୍ଥକ ହୋଇଯିବ' ବୋଲି କହିଛନ୍ତି। ଏବେ ସେ ପିଲାଙ୍କ ନାମ ଶର୍ଟଲିଷ୍ଟ କରୁଥିବା ମଧ୍ୟ କହୁଥିବା ଦେଖାଯାଇଛି। ଶୋ'କୁ ନେଇ ପ୍ରଥମେ ନର୍ଭସ ଥିଲେ ରଣବୀର। ହେଲେ ଦୀପିକା ହାତ ଲେଖା ବାର୍ତ୍ତା ସହ ତାଙ୍କୁ ଫୁଲ ପଠାଇଥିଲେ। 'ଅଲ୍ ଦ ବେଷ୍ଟ ଲିଟଲ ୱାନ। ମୁଁ ତୁମକୁ ଭଲପାଏ' ବୋଲି ଦୀପିକା ଲେଖିଛନ୍ତି। ଏହା ଦେଖି ରଣବୀର ଶାନ୍ତ ପଡ଼ି ଯାଇଥିବା ତାଙ୍କ ଇନ୍ଷ୍ଟାଗ୍ରାମ ଷ୍ଟୋରିରେ ଅଭିନେତା ଶେୟାର କରିଛନ୍ତି।

## ଚର୍ଚ୍ଚରେ ବ୍ରିଟେନ୍ ...

ପହଞ୍ଚିଲା ବେଳକୁ ଡେଭିଡ୍ଙ୍କ ମୃତ୍ୟୁ ଘଟିସାରିଥିଲା। ଏଥିରେ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କଠାରୁ ଏକ ଛୁରି ଜବତ ହୋଇଛି। ଏହି ଘଟଣାକୁ ଆତଙ୍କବାଦୀ କାର୍ଯ୍ୟକଳାପ ଘୋଷଣା କରାଯିବା ସହ ଏଥିରେ ଇସ୍ଲାମିକ୍ କଠୋରପନ୍ଥୀଙ୍କ ହାତ ଥିବା ପୋଲିସ ସନ୍ଦେହ କରିଛି। ଆତଙ୍କବାଦୀ ନିରୋଧୀ ପୋଲିସ ଅଧିକାରୀଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଉଛି।

ପ୍ରଥମ ପୃଷ୍ଠାରୁ...

ଏ ବାବଦରେ ଲୋକଙ୍କ ନିକଟରେ ଫଟୋ, ଭିଡିଓ ଭଳି ପ୍ରମାଣ କିମ୍ବା ତଥ୍ୟ ଥିଲେ ତାହା ପୋଲିସକୁ ପ୍ରଦାନ କରିବାକୁ ନିବେଦନ କରାଯାଇଛି।

ଘଟଣା ପରେ ଏମ୍ପିମାନଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବାକୁ ଆଭ୍ୟନ୍ତରୀଣ ସଚିବ ପ୍ରୀତି ପଟେଲ ନିର୍ଦ୍ଦେଶ ଦେଇଛନ୍ତି। ଏମ୍ପି ଡେଭିଡ୍ଙ୍କ ହତ୍ୟା ଲୋକତନ୍ତ୍ର ଉପରେ ଆକ୍ରମଣ ଏବଂ ଏହା ନିନ୍ଦନୀୟ ବୋଲି ସେ କହିଛନ୍ତି। ଡେଭିଡ୍ ରାଜନୀତିରେ ସବୁଠାରୁ ଦୟାଳୁ, ଭଦ୍ରବ୍ୟକ୍ତି ଥିଲେ ବୋଲି ପ୍ରଧାନମନ୍ତ୍ରୀ ବୋରିସ୍ କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଡେଭିଡ୍ କ୍ୟାମେରନ୍ ମଧ୍ୟ ଆମେସ୍ଙ୍କୁ ମୃତ୍ୟୁରେ ଶୋକପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଡେଭିଡ୍ ଆମେସ୍ ୧୯୮୩ରେ ପ୍ରଥମ ଥର ପାଇଁ ବାସିଲଡନ୍ରୁ ଏମ୍ପି ଭାବେ ନିର୍ବାଚିତ ହୋଇଥିଲେ। ୧୯୯୨ରେ ସେ ଆସନ ବଜାୟ ରଖିବାରେ ସଫଳ ହେବା ପରେ ପାର୍ଟିରେ ତାଙ୍କ ସମ୍ମାନ ବଢ଼ିଥିଲା। ୧୯୯୭ରୁ ସେ ସାଉଥଏଣ୍ଡ ୱେଷ୍ଟରୁ ନିର୍ବାଚନ ଜିତି ଏମ୍ପି ରହିଆସିଥିଲେ। ବ୍ରିଟେନ୍ରେ ରାଜନେତାଙ୍କ ବିରୋଧରେ ହିଂସା ପ୍ରାୟତଃ କମ୍ ଦେଖିବାକୁ ମିଳିଥାଏ। ଏହା ପୂର୍ବରୁ ୨୦୧୬ ଜୁନ୍ରେ ଲେବର ପାର୍ଟିର ମହିଳା ଏମ୍ପି ଜୋ କକ୍ସଙ୍କୁ ଅତି ବିଭତ୍ସଭାବେ ଛୁରି ଭୁସି ଓ ଗୁଳି କରାଯାଇ ହତ୍ୟା କରାଯାଇଥିଲା।

## ପାକିସ୍ତାନ ପଛରେ ...

ସ୍କୋର ୩୮.୮ ଥିବାବେଳେ ୨୦୧୨ ଏବଂ ୨୦୨୧ ମଧ୍ୟରେ ୨୮.୮ରୁ ୨୭.୫ ରହିଛି। ପୁଷ୍ଟିହୀନତା, ଚାଇଲ୍ଡ ୱେଷ୍ଟିଂ(୫ ବର୍ଷରୁ କମ୍ ବୟସର ପିଲା ଯେଉଁମାନଙ୍କ ଓଜନ ସେମାନଙ୍କ ଉଚ୍ଚତା ତୁଳନାରେ କମ୍), ଚାଇଲ୍ଡ ଷ୍ଟଣ୍ଟିଂ (ବୟସ ତୁଳନାରେ କମ୍ ଉଚ୍ଚତାର ୫ ବର୍ଷରୁ କମ୍ ବୟସର ଶିଶୁ) ଏବଂ ୫ ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁହାର ଆଦି ମାନଦଣ୍ଡ ଉପରେ ଜିଏଚ୍ଆଇ ସ୍କୋର ଆଧାରିତ। ରିପୋର୍ଟ ଅନୁସାରେ, ଭାରତରେ ଚାଇଲ୍ଡ ୱେଷ୍ଟିଂ ୧୯୯୮-୨୦୦୨ରେ ୧୭.୧ ପ୍ରତିଶତ ଥିବାବେଳେ ୨୦୧୬-୨୦୨୦ରେ ତାହା ୧୭.୩%କୁ ବୃଦ୍ଧି ପାଇଛି। ତେବେ ୫ ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁହାରରେ ଭାରତ ଉନ୍ନତି କରିଛି। ସମଗ୍ର ବିଶ୍ୱ ତଥା ନିର୍ଦ୍ଦିଷ୍ଟ ଭାବେ ୪୭ଟି ଦେଶ ୨୦୩୦ ସୁଦ୍ଧା ସର୍ବନିମ୍ନ କ୍ଷୁଧାସ୍ତର କିମ୍ବା ଏହା ଉପରକୁ ଉଠିବାରେ ବିଫଳ ହେବେ ବୋଲି ଜିଏଚ୍ଆଇ ସ୍କୋରରୁ ଆକଳନ କରାଯାଇଛି।

ଅନ୍ୟପକ୍ଷରେ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥାନ ଖସିବା ଆଶ୍ଚର୍ଯ୍ୟଜନକ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ର୍ୟାଙ୍କିଂ ପାଇଁ ବ୍ୟବହାର କରାଯାଇଥିବା ପଦ୍ଧତି ଅବୈଜ୍ଞାନିକ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗ୍ରାଉଣ୍ଡ ରିପୋର୍ଟ ଏବଂ ବାସ୍ତବ ତଥ୍ୟକୁ ଅଣଦେଖା କରାଯାଇ ତ୍ରୁଟିପୂର୍ଣ୍ଣ ପଦ୍ଧତିରେ ଉକ୍ତ ସଂସ୍ଥା ସୂଚକାଙ୍କ ପ୍ରସ୍ତୁତ କରିଥିବା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଦର୍ଶାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କର ଯାତ୍ରା, ବନ୍ଧୁମିଳନ ଓ ମନୋରଞ୍ଜନ ପାଇଁ ଅନୁକୂଳ ସମୟ। ତଥାପି କୃତ୍ତିକା ନକ୍ଷତ୍ର ସକାଶେ ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସଭାସମିତି, ମାଲିମକଦ୍ଦମା କଥା କିମ୍ବା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପ୍ରତିଶ୍ରୁତିରୁ ଓହରିବା କାରଣରୁ ଶେଷ ସମୟରେ ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇପାରନ୍ତି।

**ବୃଷ** ପରିସ୍ଥିତିର ତାଡ଼ନାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ରୋହିଣୀ ନକ୍ଷତ୍ରର ଅଳ୍ପ କେତେଦିନ ହେଲା ଖୋଜୁଥିବା ଜିନିଷର ସନ୍ଧାନ ଆଜି ହିଁ ମିଳିବ। ଘରେ ବନ୍ଧୁମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ କିଛି ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ।

**ମିଥୁନ** ଆକସ୍ମିକ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡ଼ା ଲାଗିପାରେ। ପୁନର୍ବସୁ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ଅକ୍ଷୁଣ୍ଣ ରହିବ।

**କର୍କଟ** କର୍ମକ୍ଷେତ୍ରରେ ସାମାନ୍ୟ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ, ତାହା ବ୍ୟତୀତ ଅନ୍ୟ କୌଣସି ଅସୁବିଧା ହେବନାହିଁ। ଅଶ୍ଳେଷା ନକ୍ଷତ୍ର ଆନୁଷ୍ଠାନିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା କାମଟି ହଠାତ୍ ହୋଇଯିବ। ଋଣ ପରିଶୋଧ ପାଇଁ ଦୁଶ୍ଚିନ୍ତା ବୃଦ୍ଧି ପାଇବା ଆଶଙ୍କା ରହିଛି।

**ସିଂହ** ମଘା ନକ୍ଷତ୍ର ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରୁ ଫେରିବା ବାଟରେ ଅପରାହ୍ନେ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ହିତୈଷୀମାନଙ୍କ କଥା ମାନି ଚଳିଲେ କେତେକାଂଶରେ ଉପକୃତ ହେବେ।

**କନ୍ୟା** ପ୍ରତାରିତ ହୋଇ ଅଭିଳଷିତ ଜିନିଷ ନ ପାଇବା କାରଣରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ବରାଦ ଅନୁଯାୟୀ ଗୃହୋପକରଣ କ୍ରୟ କରିବେ। ଚିତ୍ରା ନକ୍ଷତ୍ର ଜଣେ ବନ୍ଧୁଙ୍କ ସହଯୋଗରୁ ନିର୍ମାଣାଧୀନ କାମଟି ସମ୍ପନ୍ନ କରିପାରିବେ। ପ୍ରତିଯୋଗିତାରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।

**ତୁଳା** ଆଜିର କର୍ମକ୍ଷେତ୍ରରେ ଯେକୌଣସି ପରିସ୍ଥିତି ଆସୁନା କାହିଁକି, ଆପଣ ସମସ୍ୟା ସୁଧାରି ନେଇପାରିବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ଫଳରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ପାଇଁ ଲବି କରିପାରନ୍ତି। ସ୍ୱାତୀ ନକ୍ଷତ୍ର ସକାଳୁ ସକାଳୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବ।

**ବିଛା** ପରିବାରରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା, ସାହିତ୍ୟ କ୍ଷେତ୍ରର ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅନୁରାଧା ନକ୍ଷତ୍ରର ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ମାନସିକ ଅଶାନ୍ତିର କାରଣ ହେବ।

**ଧନୁ** ପାରିବାରିକ କ୍ଷେତ୍ରରେ ନିକଟ ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଘରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। କଠୋର ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ମୂଳା ନକ୍ଷତ୍ର ସକାଶେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ମକର** ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ଠିକ୍ ଠିକ୍ ହୋଇଯିବ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ପୂର୍ବ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଶ୍ରବଣା ନକ୍ଷତ୍ର ପରିସ୍ଥିତିରେ ପଡ଼ି ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ବାଧ ହେବେ।

**କୁମ୍ଭ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଆପଣଙ୍କ କାମକୁ ଅବହେଳା କରିପାରନ୍ତି। ଭାବୁଥିବା କାମଟି ସମ୍ପନ୍ନ କରିବା ସକାଶେ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଶତଭିଷା ନକ୍ଷତ୍ରର ଗୃହ, ଭୂମି, ଗାଡ଼ିମୋଟର, ପ୍ରେସ୍, ପବ୍ଲିକେଶନ ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ମୀନ** ଆଜିର କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଖଳଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏକ ଭିନ୍ନ ପରିବେଶରେ ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ଆଜି ଅଧିକାଂଶ ସମୟ ମାତିରହିବେ। ପାରିବାରିକ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

## କେନ୍ଦ୍ରକୁ କପିଲ ସିବଲଙ୍କ ସମାଲୋଚନା



ଭାରତରେ ଅନାହାର ସ୍ଥିତି ଉଦ୍‌ବେଗଜନକ ଥିବା ନେଇ କଂଗ୍ରେସ ନେତା କପିଲ ସିବଲ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଦାରିଦ୍ର୍ୟ, କ୍ଷୁଧା ଦୂରୀକରଣ, ଡିଜିଟାଲ ଇକୋନୋମି ଏବଂ ଭାରତକୁ ବିଶ୍ୱ ଶକ୍ତିରେ ପରିଣତ କରିବା ନେଇ ସରକାରଙ୍କ ଦାବି ଉପରେ ସିବଲ ପ୍ରଶ୍ନ ଉଠାଇଛନ୍ତି। ଟୁଇଟ୍ କରି ସେ କହିଛନ୍ତି, ବିଶ୍ୱ କ୍ଷୁଧା ସୂଚକାଙ୍କ: ୨୦୨୦ରେ ଭାରତ ୯୪, ୨୦୨୧ରେ ୧୦୧। ବାଂଲାଦେଶ, ନେପାଳ, ପାକିସ୍ତାନଠାରୁ ବି ପଛରେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ବୋଲି ସେ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।


# classifieds Everyday
0674-2580101, 2549302




**BRIDE WANTED**

ଚାକିରି କରି ଏକାକୀ ରହୁଥିବା 47 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର simple ଝିଅ ଆବଶ୍ୟକ। Candidate: 8895608411. D-21977

**GROOM WANTED**

Searching Kaibarta Groom for Very Fair Bride & Very Fair Bride (Caste No Bar) for Kaibarta Groom (IAS Faculty). Mob: 9990161440. D-21981




**SALE**

**Plot sale near AIIMS Hospital Bhubaneswar and Infocity-2. 9439206202.** D-71720

**New construction duplex sale at Goharia Chhak, GITA College, NH-5, BBSR. Cost @ 70 lacs. Only buyer contact 9938867397.** D-21968

Homestead, East Facing, 700sqft. Land, Prime location near Rajarani Temple, 400meters from Rabitalkies Square, Bhubaneswar. Contact: 7008038862, 9338433426. D-70747

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.- 150/- (outright). 9556055607. D-21938

**ମାସିକ ମାତ୍ର 7431/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9437686901** D-71711

ଆପଣ ଭୁବନେଶ୍ୱରରେ ଘରକରିବା, ପ୍ଲଟ୍ କିଣିବାକୁ ଚାହୁଁଛନ୍ତି କି ? ସୁନ୍ଦରପଦାରେ sqft. 1500/-, 1000/-, 400/-, କାଟେଗୋରେ - 650/- ଦିଆଯାଉଛି। 9938016295. D-71724

**ଭୁବନେଶ୍ୱର-ପୁରୀ ମଙ୍ଗଳପୁର NH Side ଘରବାରି Boundary, Electricity, Park, Temple, Security 30ft. ରାସ୍ତାଥାଇ Sqft- 650/- Plot ମିଳୁଛି - 8117084862.** D-717 23

Residential plots at Rangabazar, Sarkana, Nakhara, DPS, Anantapur, Dadhichi, Gudiapokhari, Madanpur, (ready for construction). 9040011987. D-71718

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71722

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21745

5Acre land of one patch near Khurda available for sale. Contact: 6371643578, 7655053781. D-21983

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21816

Hurry up! Registration is going on for our BDA/ Bank approved apartment flats, near Shani Temple, Patrapada, Bhubaneswar 500meters from National Highway, two nos. 3BHK flat remains only. Hurry up! 9238326233. D-38578

**2/3 BHK flat 1k.m. AIIMS, Bhubaneswar and plots available. 7008492511.** D-21900




3BR Drawing, Dining, Kitchen, 3Toilet, 2Balcony with Wardrobe duplex house sufficient parking in gated community in Brahmeswar Patna for rent. Contact: 9776804190, Bank/ Government/ Officials preferred. D-21942

**2200sqft., 1200sqft. space for Official purpose and 150sqft. for Parlour/Saloon purpose available at P.C. Plaza, Cuttack road, Bhubaneswar. Contact: 9437048080, 9437048283.** D-21912

3BHK Apartment with two Balconies, two Toilets with one Garage at Baishnav Vihar, Bomikhal, Bhubaneswar. 9238574993. D-21959

**4400sqft. Ground, 1st floor, Lewisroad, Bhubaneswar suitable for Office, Clinic, Nursinghome, Coaching Centre, Bank. Contact: 7978269189.** D-70748




Ashirvaad Saloon and SPA get good massage for your health tha best therapy. 7077181074. D-70496

Refreshing your mind, your body with tha best therapy at Lotus SPA. 8018891951. D-70495

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Newly open full body massage ladies and gents. 8327740003. D-70498

Refreshing your mind and body with the best therapy. 7873794731. D-71180




Offering 3years Business contract for Office operation. 9337358992. Bhubaneswar. D-21978

Required Partners for a reputed food brand specializing in variety meals/ snacks. Low investment. High returns. #9330941217. D-21984

Offering Stitching work contract for Bedsheets. 8984453703. Prasanti Vihar, KIIT, Bhubaneswar. D-21979

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

In the Court of Executive Magistrate, Khaira I Gitanjali Sahu of Village- Madhapur, PO- Ada, P.S.- Simulia declare that in my Aadhaar Card, Voter Id Card, SBI A/C in Simulia Branch my name has been mentioned Gitanjali Sahu. But in my LIC Certificate (Policy No.- 586532412) & UCO Bank A/C Ada Branch (12480110062395) my name has been mentioned Basanti Sahu where as in my School Certificate my name has been recorded Basanti Tiadi, D/o- Rama Chandra Tiadi according to my father's surname. Gitanjali Sahu, Basanti Sahu & Basanti Tiadi, W/o- Madhusudan Sahu, D/o- Rama Ch. Tiadi is one and same person. D-21986

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୧୦,୩୩,୭୪୭ | ୪୯,୦୭,୩୭୩ | ୨୧,୮୨,୫୮,୧୧୬ |
| ଭାରତ | ୩,୪୦,୭୫,୮୪୯ | ୪,୫୨,୧୩୯ | ୩,୩୪,୦୯,୬୭୮ |
| ଓଡ଼ିଶା | ୧୦,୩୪,୬୩୪ | ୮୨୮୨(+୫୩) | ୧୦,୨୧,୮୮୦ |

ଶନିବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପାର୍ବଣ ସଂକ୍ରମଣ ନେଇ ସର୍ଭିଲାନ୍ସ ଚାଲିଛି

## ଆକ୍ରାନ୍ତ ସଂଖ୍ୟା ୧୦,୩୪,୬୩୪କୁ ବୃଦ୍ଧି

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ଦୁର୍ଗାପୂଜା ଶେଷ ହୋଇଛି। କିନ୍ତୁ ପୂଜାରେ କେତେ ସଂକ୍ରମଣ ବଢ଼ିଛି ଜାଣିବାକୁ ୭ରୁ ୧୦ ଦିନ ଲାଗିବ। ସର୍ଭିଲାନ୍ସ ଚାଲିଛି, କେତେ ସଂକ୍ରମଣ ବଢ଼ିଛି ଧୀରେ ଧୀରେ ଜଣାପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୫୩,୭୦୯ ନମୁନା ପରୀକ୍ଷା କରାଯାଇଥିବାବେଳେ ୩୫୮ଜଣ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ୪୭ଜଣ ୧୮ବର୍ଷରୁ କମ୍ ବର୍ଗର ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟ ଦେଇଛି। ତେବେ ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ କରୋନା ଆକ୍ରାନ୍ତ ସଂଖ୍ୟା ୧୦,୩୪,୬୩୪କୁ ବୃଦ୍ଧି ପାଇଛି। ଅନ୍ୟପଟେ ରାଜ୍ୟରେ ଆଉ ୩ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, ପୁରୀ ଓ ସୁନ୍ଦରଗଡ଼ରେ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୮,୨୮୨ରେ ପହଞ୍ଚିଛି। ସେହିପରି ଶନିବାର ଆଉ ୫୬୨ଜଣ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୧୦,୨୧,୮୮୨କୁ ବୃଦ୍ଧି ପାଇଛି।

# ପ୍ରଦୀପ୍ତ ମହାପାତ୍ର ଓଏଫ୍‌ଡିସି ଅଧ୍ୟକ୍ଷ

## ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଗତ ମାସେ ଧରି ଛୁଟିରେ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)ର ଅଧ୍ୟକ୍ଷ ଭାବେ ବଦଳି କରାଯାଇଛି। ସେହିପରି ୧୯୮୮ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଓଏଫ୍‌ଡିସି ଅଧ୍ୟକ୍ଷ ପରାଗ ଗୁପ୍ତାଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ବଦଳି କରାଯାଇଛି। ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ବିଜୟ ଆରୋରାଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ବଦଳି କରାଯାଇଛି। ଶନିବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ପ୍ରଦୀପ୍ତ ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ସେପ୍ଟେମ୍ବର ୧୪ରେ ମାସେ ଛୁଟିରେ ଯିବା ପାଇଁ ଆବେଦନ କରିଥିଲେ। ଛୁଟି ଶେଷ ହେବା ପରେ ସେ ଶନିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ହେଲେ ସନ୍ଧ୍ୟାରେ ତାଙ୍କୁ ବଦଳି କରାଯିବାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି।

# ପ୍ରକାଶ ପାଇଲା ଓଏସ୍‌ଏସ୍‌ଟିଇଟି ପରୀକ୍ଷାଫଳ

**କଟକ, ୧୬।୧୦**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍‌ଏସ୍‌ଟିଇଟି) ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍‌ରେ ନିଜ ନାମ ଏବଂ ରୋଲ ନମ୍ବର ଉଲ୍ଲେଖ କରି ପରୀକ୍ଷାଫଳ ଦେଖିପାରିବେ ବୋଲି ବୋର୍ଡ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଅଗଷ୍ଟ ୨୫ରେ ସେମାନଙ୍କୁ ଆଡ୍‌ମିଟ କାର୍ଡ ପ୍ରଦାନ କରାଯାଇଥିଲା। ଅଗଷ୍ଟ ୩୧ ତାରିଖରେ ଏହି ପରୀକ୍ଷା ହୋଇଥିଲା।

# ଭିଶୋଇ ଶିଳପୁଆ ମାଡ଼ରେ ଶଳା ମୃତ

**ରାଉରକେଲା ଅଫିସ, ୧୬।୧୦**

ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଅଞ୍ଚଳରେ ଶୁକ୍ରବାର ସକାଳ ସାଢ଼େ ୮ଟା ସମୟରେ ଭିଶୋଇ ଶିଳପୁଆ ମାଡରେ ଶଳାର ମୃତ୍ୟୁ ହୋଇଛି। ମୃତକ ହେଲେ ଭୋଲା ଘୋଷ(୩୮)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ନିର୍ମଳ ବାଢା(୪୫)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ପ୍ଲାଣ୍ଟସାଇଟ୍ ଥାନାରେ ଏ ନେଇ ଏକ ମାମଲା (ନଂ.୩୮୯/୨୧) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ଭୋଲା ଓ ତାଙ୍କ ସାନ ଭଉଣୀ ଭାରତୀ ଗୋପବନ୍ଧୁପାଲି ଅଞ୍ଚଳରେ ରୁହନ୍ତି। ଦୁର୍ଗାପୂଜା ଥିବାରୁ ଭୋଲାଙ୍କ ଭିଶୋଇ ଫିଲଟର କଲୋନୀର ନିର୍ମଳ ଗୁରୁବାର ଗୋପବନ୍ଧୁପାଲି ବୁଲିବାକୁ ଆସିଥିଲେ। ଶୁକ୍ରବାର ସକାଳୁ ସବୁଦିନ ପରି ଭାରତୀ କାମକୁ ବାହାରି ଯାଇଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଭୋଲା ଓ ନିର୍ମଳଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ନିର୍ମଳ ଉତ୍ତ୍ୟକ୍ତ ହୋଇ ଘରେ ଥିବା ଏକ ଶିଳପୁଆରେ ଭୋଲାଙ୍କ ମୁଣ୍ଡ ଓ କାନପଟିକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦିନ ସାଢ଼େ ୧୦ଟାରେ ଭାରତୀ କାମରୁ ଘରକୁ ଫେରି ଭୋଲା ରକ୍ତାକ୍ତ ଅବସ୍ଥା ପଡ଼ିଥିବା ଦେଖି ପଡୋଶୀଙ୍କୁ ଡାକିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି।

# ବୁଦା ଭିତରୁ ଯୁବକଙ୍କ ଗଳାକଟା ମୃତଦେହ ଜବତ

**ରାଉରକେଲା ଅଫିସ, ୧୬।୧୦**

ରାଉରକେଲା ସେକ୍ଟର-୭ ଥାନା ଅଞ୍ଚଳର ବୁଦା ଭିତରୁ ଜଣେ ଯୁବକଙ୍କ ଗଳାକଟା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ମନୋରଞ୍ଜନ ନାଗ(୨୮)। ପୋଲିସ ଏ ନେଇ ଏକ ମାମଲା (ନଂ.୧୨୬/୨୧) ରୁଜୁ କରି ତଦନ୍ତ ଚଳାଇଛି।

ସେକ୍ଟର-୬ ସ୍ଥିତ ବିଦ୍ୟାନଗର ବସ୍ତିର ମନୋରଞ୍ଜନ ଗୁରୁବାର ରାତିରେ ତାଙ୍କ ସାଙ୍ଗଙ୍କ ସହ ଦୁର୍ଗାପୂଜା ବୁଲିବାକୁ ଯାଇ ଘରକୁ ଫେରି ନ ଥିଲେ। ପରଦିନ ସକାଳେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଏହି ସମୟରେ ସେକ୍ଟର-୫ ସ୍ଥିତ ଦୀପିକା ସ୍କୁଲ ପାଖରେ ଥିବା ଏକ ବୁଦା ଭିତରେ ତାଙ୍କର ଗଳାକଟା ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମନୋରଞ୍ଜନଙ୍କ ବେକରେ କଟା ଦାଗ ଥିବାରୁ ତାଙ୍କୁ କେହି ଗଳା କାଟି ହତ୍ୟା କରି ଫିଙ୍ଗି ଦେଇଥିବା ପୋଲିସ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଥାନାଧିକାରୀ ସତୀଶ ନାୟକ କହିଛନ୍ତି।

# ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା

**ରାଉରକେଲା ଅଫିସ, ୧୬।୧୦**

ସୁନ୍ଦରଗଡ଼ ଜିଲା ରଘୁନାଥପାଲି ଥାନା ଅନ୍ତର୍ଗତ ଏସ୍‌ଟିଆଇ ଓଭରବ୍ରିଜ୍ ଉପରୁ ଟ୍ରେନ୍ ସମ୍ମୁଖକୁ ଡେଇଁ ପଡିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ମହେଶ୍ୱର ଠାକୁର(୫୬)। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୫୪/୨୧) ରୁଜୁ କରି ଘଟଣାର ତଦନ୍ତ କରୁଛି।

ଶନିବାର ଛେଣ୍ଡ ଥାନା ଅନ୍ତର୍ଗତ ଧାମରା ବସ୍ତିର ମହେଶ୍ୱରଙ୍କ ସହିତ କୌଣସି କଥାକୁ ନେଇ ପରିବାର ଲୋକଙ୍କ ପାଟିତୁଣ୍ଡ ହୋଇଥିଲା। ପରେ ସେ ଘରୁ କାମକୁ ଯିବା କଥା କହି ଏସ୍‌ଟିଆଇ ଓଭରବ୍ରିଜ୍ ଉପରୁ ଚଳନ୍ତା ଟ୍ରେନ ସମ୍ମୁଖକୁ ଡେଇଁ ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଜିଆରପି ପୋଲିସ ମୃତଦେହ ଜବତ କରି ଆରଜିଏଚ୍‌ର ମର୍ଗ ହାଉସ୍‌ରେ ରଖିଛି। ରବିବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

# କିନ୍ନର ବେଶରେ ଦୁର୍ବୃତ୍ତଙ୍କ ଚାନ୍ଦା ଆଦାୟ

**ରାଉରକେଲା ଅଫିସ, ୧୬।୧୦**

ରାଉରକେଲା ସହରର ବିଭିନ୍ନ ସ୍ଥାନରେ କିଛି ଯୁବକ ନକଲି କିନ୍ନର ସାଜି ଭିକ୍ଷା ବୃତ୍ତି କରୁଥିବା ୧୫ ନଂ. ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୫ ଜଣ ନକଲି କିନ୍ନରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ରାଉରକେଲା ସହରରେ ନକଲି କିନ୍ନରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସେମାନଙ୍କୁ ବଦନାମ କରିବା ପାଇଁ କିଛି ଦୁର୍ବୃତ୍ତ ନକଲି କିନ୍ନର ସାଜି ସିଭିଲଟାଉସିପ୍, ଝିରପାଣି, ବିଶ୍ରା ଅଞ୍ଚଳରେ ଜୋର ଜବରଦସ୍ତ ଭିକ୍ଷାବୃତ୍ତି କରୁଛନ୍ତି। ଏ ନେଇ କିନ୍ନର ଆସୋସିଏଶନ ପକ୍ଷରୁ ରଘୁନାଥପାଲି ଥାନା ଓ ଝିରପାଣି ଥାନାରେ ପୂର୍ବରୁ ଅଭିଯୋଗ ହୋଇଛି। ଶନିବାର ସେକ୍ଟର-୧୫ରେ ଏଭଳି ନକଲି କିନ୍ନର ଦଳ ଭିକ୍ଷାବୃତ୍ତି କରୁଥିବା ବେଳେ ପୋଲିସ ହାବୁଡରେ ପଡ଼ିଥିଲେ। ସହରରେ ଏଭଳି କିନ୍ନରମାନଙ୍କୁ ବଦନାମ କରୁଥିବା ଦୁର୍ବୃତ୍ତଙ୍କ ଉପରେ ପୋଲିସ ପକ୍ଷରୁ କଡା ପଦକ୍ଷେପ ନିଆଯାଉ ବୋଲି ସୁନ୍ଦରଗଡ଼ ଜିଲା କିନ୍ନର ଆସୋସିଏଶନର ସଭାପତି ଜୟା ତ୍ରିପାଠୀ ଦାବି କରିଛନ୍ତି।

# ପୁଅ ମାଡ଼ରେ ବାପା ମୃତ

**ରାଉରକେଲା ଅଫିସ, ୧୬।୧୦**

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ସାରୁବାହାଲ ଅଞ୍ଚଳରେ ପୁଅର ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁଳସୀ ଓରାମ(୫୯)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ କୃଷ୍ଣ ଓରାମ(୨୮)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏ ନେଇ ବିଶ୍ରା ଥାନାରେ ଏକ ମାମଲା (ନଂ.୧୧୩/୨୧) ରୁଜୁ ହୋଇଛି।

ସାରୁବାହାଲ ନୂଆଟୋଲି ବସ୍ତିର ତୁଳସୀଙ୍କ ପୁଅ କୃଷ୍ଣ ଗତ ୧୦ ତାରିଖରେ ଗୁଜୁରାଟରୁ ଘରକୁ ଫେରିଥିଲେ। ଶୁକ୍ରବାର କୌଣସି କଥାକୁ ନେଇ ତୁଳସୀଙ୍କ ସହ କୃଷ୍ଣଙ୍କ ଝଗଡ଼ା ହୋଇଥିଲା। ଏଥିରେ କୃଷ୍ଣ ଉତ୍ତ୍ୟକ୍ତ ହୋଇ ତୁଳସୀଙ୍କ ଗଳାକୁ ବାରମ୍ବାର ମୁଖା ମାରିଥିଲେ। ଫଳରେ ଘଟଣାସ୍ଥଳରେ ତୁଳସୀଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କୃଷ୍ଣଙ୍କୁ ଗିରଫ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।


**Requirement for CIVIL Contractor: (WTP, ESR & other civil structure)**

Zuberi engineering construction Pvt Ltd, is having requirement of experienced CIVIL contractor for construction of WTP (water treatment plant), ESR/OHT, UGR in **SONEPUR, RAYAGADA, KEONJHAR & BARIPADA District**. Interested contractor may contact us at

**Mobile No.** 8502033131, 9680333344
**Email:** iqbal@zuberiengg.com, faisal.zuberi@zuberiengg.com, zuberi@zuberiengg.com

**ସିଭିଲ ଠିକାଦାର ଆବଶ୍ୟକ: (ଡବ୍ଲ୍ୟୁଟିପି, ଇଏସ୍‌ଆର୍ ଏବଂ ଅନ୍ୟ ସିଭିଲ ସଂରଚନା)**

ଜୁବେରୀ ଇଞ୍ଜିନିୟରିଂ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ WTP, ESR, UGR ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ପାଇଁ **ସୋନପୁର, ରାୟଗଡ଼ା, କେନ୍ଦୁଝର ଏବଂ ବାରିପଦା** ଜିଲ୍ଲାରେ ଅଭିଜ୍ଞ ସିଭିଲ ଠିକାଦାର ଆବଶ୍ୟକ କରୁଛନ୍ତି । ଇଚ୍ଛୁକ ଠିକାଦାର ଆମ ସହିତ ଯୋଗାଯୋଗ କରିପାରନ୍ତି ।

**ମୋବାଇଲ ନଂ.** 8502033131, 9680333344
**ମେଲ୍ କରନ୍ତୁ @** iqbal@zuberiengg.com, faisal.zuberi@zuberiengg.com, zuberi@zuberiengg.com



**ZILLA SWASTHYA SAMITI, SUNDARGARH**
**OFFICE OF THE CDM & PHO-CUM-DISTRICT MISSION DIRECTOR, SUNDARGARH**

Advt. No.3468/NHM Dt.11.10.2021

**Request for proposal (RFP) for Management of Patient Facilitation Centre-cum-Attendant Accommodation Centre at VIMSAR Burla in Partnership Mode**

No.E-535:- Sealed proposal as per prescribed RFP documents are invited from interested eligible bidders for Patient Facilitation Centre-cum-Attendant Accommodation Centre at Burla. The eligible criteria, the details requirements of the said services and the formats for submission of proposals are set forth in the RFP documents which can be downloaded from the website www.sundargarh.nic.in. Interested bidders fulfilling the eligibility criteria may submit their proposals (with EMD & documents as per RFP) to the O/o CDM&PHO Sundargarh. The per bid meeting will be held on 18.10.2021 at 11.00 A.M. in the Office Chamber of the undersigned and proposal (s) complete in all respect should reach the undersigned on or before 05.00 P.M. of 26.10.2021 through Regd/Speed Post & Courier and the same will be opened on 27.10.2021 at 11.00 A.M. in the office chamber of the undersigned. The undersigned reserves the right to reject any or all tender (s) without assigning any reason thereof.

Sd./- CMD & PHO-cum-District Mission Director, Sundargarh
Address: Office of the CDM & PHO-Cum-District Mission Director, NHM, Sundargarh, Pin- 770001

OIPR-10100/11/0026/2122



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
**(District Central Store)**
**TENDER CALL NOTICE**
**Notification No. CDM&PHO/12/HWC/2021-22**

No.E-529:- Sealed tenders are invited from registered Firms/ Suppliers/Manufacturers/ Authorized distributors for supply of Instrument, Equipments & misc items to the undersigned. Details regarding items with terms and conditions part wise separately may be downloaded from District website www.nuapada.nic.in. The tenders should reach the office of the undersigned by Date 15.11.21 upto 05.00 P.M. through Speed Post / Registered Post / Courier Services only. The tender paper cost is mentioned in the term & conditions of the tender. The tender will be opened on date 16.11.2021 at 11.00 A.M. in the office chamber / conference hall of the undersigned.
The undersigned reserves the right to reject any or all the tenders without assigning any reason thereof.

Sd./- Chief District Medical & Public Health Officer, Nuapada

OIPR-10055/11/0019/2122



idco | ODISHA NEW OPPORTUNITIES — No.CAD-1475

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
**Bid Identification No. Civil/EST-26/2021-22**

17238 Dt.07.10.2021

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work: New Construction and Renovation of Infrastructure of Govt. I.T.I., Anandapur, Keonjhar.
2. Value of the Work: Rs.1321.45 lakhs
3. Period of Completion: 11 (Eleven) Calendar Months
4. Availability of tender online for Bidding:
   I. Start Date: 18.00 hours of Dt.22.10.2021.
   II. End Date: 17.00 hours of Dt.09.11.2021.
   III. Opening Date: 11.30 hours of Dt.10.11.2021.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil)**
**IDCO, Bhubaneswar**

OIPR-14003/11/0080/2122



**GOVERNMENT OF ODISHA "e" PROCUREMENT NOTICE**
**Bid Identification No. 24 of 2021-22**

**No. O-832:-** The Superintending Engineer, RWS&S Division, Balangir on behalf of Governor of Odisha invites Percentage bid through e – Procurement in single cover system according to norm of e – Procurement system in online mode for the different work in different blocks under Balangir District.

**01. Nature of Work: - Construction of intake well in different villages of Balangir District**
**02. Total No. of work :- 42 Nos.**
**03. Estimated Cost :- Rs. 14.02 Lakh**
**04. Eligible Class of Contractor: - "C & D Class" Contractor**
**05. Period of Completion :- Three months.**
**06. Other Details:**

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superinteinding Engineer, RWSS Division, Balangir | 24 of 2021-22 | Dt.18.10.2021 At 11.00 hrs. | Dt.08.11.2021 Upto 17.00 hrs. |

**Further details can be had in the DTCN available in the website www.tendersorissa.gov.in**

**Sd./- 07.10.2021, Superintending Engineer, RWS&S Division, Balangir**

OIPR-25033/11/0017/2122



**IIIT Bhubaneswar**
**Imagine, Innovate, Inspire**
(A University established by Government of Odisha)

**Admission Announcement**
**B.Tech. Programme**

IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA 2021. Applications are invited for admission to B.Tech. Programme under **Odisha category** in the following disciplines:

- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission to the above disciplines shall be strictly done only through JEE (Main) 2021 Rank.
For Admission Bulletin and more details visit the following link : **https://www.iiit-bh.ac.in/admissions**

**Phone : 8763122395, 8763122394**
**E-mail : btechadmission@iiit-bh.ac.in, Home page : www.iiit-bh.ac.in**
**IIIT Bhubaneswar, Gothapatna, PO: Malipada, Bhubaneswar-751003, India**



**ODISHA JOINT ENTRANCE EXAMINATION - 2021 (OJEE - 2021)**

**No. OJEE/369** **Date: 16.10.2021**

**NOTICE REGARDING WEB COUNSELLING FOR B.TECH., B.ARCH., B.PLAN., B.CAT & INT. M.SC. COURSES**

No. h-21: OJEE Web-based Counselling process for B.Tech., B.Arch., B.Plan., B.CAT and Integrated M.Sc. Courses is going to start from **17th October 2021**. For detailed Schedule, Seat Matrix and Counselling Brochure, the candidates are advised to visit OJEE websites **(www.ojee.nic.in / www.odishajee.com)**.

**Sd./- CHAIRMAN, OJEE**

OIPR-14020/11/0015/2122



**OFFICE OF THE COLLECTOR AND DISTRICT MAGISTRATE, DHENKANAL**
**(CIVIL SUPPLIES SECTION)**
**No-VII-75/2021-1343/CS/Dated 16.10.2021**

**ADVERTISEMENT**

No. H-25:- Applications are invited from the eligible candidates to submit detailed Curriculum Vitae (CV) accompanied by self attested copies of relevant testimonials for the following post of one Technical Support Staff on contractual basis under "Integrated Management of Public Distribution (IM-PDS)" by **Registered post/Speed Post** only. The qualification and other criteria are as follows:

| Name of the Post | Number of post | To be deployed at | Requisite Qualification | Monthly Consolidated Remuneration |
|---|---|---|---|---|
| 1 | 2 | 3 | 4 | 5 |
| Technical Support Staff for IM-PDS scheme | 1 (one) | CSO-cum-DM, OSCSC Ltd., Dhenkanal | BSc./BCA/Graduate with Diploma in Computer Education/BE/B.Tech/MCA/ MBA with 2+ years' experience | Rs. 40,000/- |

Incomplete/defective application or applications received beyond the due date shall not be taken into consideration. The details of the eligibility criteria of the candidates and other information are available in the District Website www.dhenkanal.nic.in. The date of personal interview of the shortlisted candidates shall be intimated later through District Website www.dhenkanal.nic.in.

**Closing date for submission of complete application in all respect is 27th October, 2021**

OIPR-24066/11/0002/2122 **Sd./- COLLECTOR & DISTRICT MAGISTRATE, DHENKANAL**



**BRAHMAPUR DEVELOPMENT AUTHORITY**
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail: bedaengineers@gmail.com; Phone No.0680 2292797

**COMPETITIVE BIDDING THROUGH e-PROCUREMENT**
**Invitation for Bids (IFB)**
No.CAD-1482 **No. 718/BeDA (Engg.), Dt.05.10.2021**

| Sl No. | Name of work | Estimated cost in (Rs.) | Cost of Bid Document in (Rs.) | Bid Security in (Rs.) | Class of Contractor | Period of completion | Availability of Bid Document for Online Bidding | | Officer Inviting Bid |
|---|---|---|---|---|---|---|---|---|---|
| | | | | | | | From | To | |
| 1 | Construction of Walk through Optical illusion entertainment (W-TOIE) at ROCK GARDEN, Ambapua, Brahmapur **EM-BeDA-46-2021-2022** | 6654776/- | 10000/- | Exemption declaration in proper format | Regd. Firm/ Authorized Dealer/ Manufacturer | 45 (Forty Five) Days | 06.10.2021 10.00 hours | 27.10.2021 17.30 hours | Engineer Member, Brahmapur Development Authority |

- All Corrigendum and addenda shall be published in official website only.
- The Bidder shall have to participate in **ON LINE** bidding only.
- Late date for seeking clarification - **Dt.22.10.2021** upto **17.30 hours**.
- Further details can be seen from the e-Procurement portal www.tendersorissa.gov.in and www.bdabrahmapur.in.
- Tender shall be opened online on **Dt.28.10.2021** at **11 hours**.

OIPR-13086/11/0008/2122 **Sd./- ENGINEER MEMBER, Brahmapur Development Authority, Brahmapur**



idco | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**

**Tender Call Notice No. IDCO/H.O./P&C/EST/E-1762/01/2021-22/17470** **Dated: 11.10.21**

No. CAD-1476
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Selection of agency for undertaking survey work of Odisha Industrial Infrastructure Development Corporation.
2. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid Id No. PC/ EST/E-27/2021-22 | 5 P.M. of Dt.18.10.2021 | 4 P.M. of Dt.15.11.2021 |

Further details can be seen from the e-Procurement Portal: **www.tendersodisha.gov.in.** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**.

**OIPR-14003/11/0079/2122** **Sd./- Chief General Manager (P&C)**

ପ୍ରତ୍ୟେକ ଧର୍ମର ସେହି ଗୋଟିଏ ସତ୍ୟ। ପୃଥିବୀରେ କେବେ କେବେ ଜଣେ ମହାନ୍ ଶିକ୍ଷାଦାତା ବା ଗୁରୁଙ୍କର ଆବିର୍ଭାବ ହୁଏ। ସେ ଏକ ଦିବ୍ୟସତ୍ୟକୁ ଏ ପୃଥିବୀ ଉପରକୁ ଓହ୍ଲାଇ ଆଣନ୍ତି। କିନ୍ତୁ ପରେ ପରେ ସାଧାରଣ ଲୋକେ ଏହାକୁ ଅଧିକାର କରିବସନ୍ତି- ଏଥିରେ ବ୍ୟବସାୟ କରନ୍ତି ଏବଂ ଏହାକୁ ନେଇ ଏକ ରାଜନୈତିକ ସଂସ୍ଥା ସୃଷ୍ଟି କରନ୍ତି। –ଶ୍ରୀମା



# ସବୁଥିରେ ଅଧୋଗତି



**ଆକାର ପଟେଲ**

୨୦୧୫ରେ ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକାରେ ଭାରତର ସ୍ଥାନ ୫୫ ଥିଲା। ୨୦୨୦ରେ ୩୯ଟି ସ୍ଥାନ ତଳକୁ ଖସି ରହିଲା ୯୪ରେ। ଫଳରେ ପାକିସ୍ତାନ, ବାଂଲାଦେଶ ଓ ନେପାଳ ପଛକୁ ଚାଲିଗଲା ଭାରତ। ଏହି ସୂଚକାଙ୍କ କୁପୋଷଣ, ପିଲାଙ୍କ ବୟସ ଅନୁଯାୟୀ ଉଚ୍ଚତା,ବୟସ ଅନୁସାରେ କମ୍ ଓଜନ ଏବଂ ୫ ବର୍ଷ ବୟସ ପୂର୍ବରୁ ମୃତ୍ୟୁ ଘଟୁଥିବା ପିଲାଙ୍କ ସଂଖ୍ୟା ଉପରେ ସଂଗୃହୀତ ତଥ୍ୟକୁ ଅନୁଧ୍ୟାନ କରି ପ୍ରସ୍ତୁତ କରାଯାଇଥାଏ। ପ୍ରାୟ ବିଶ୍ୱ ବ୍ୟାଙ୍କ୍ ଓ ଜାତିସଂଘ ସହିତ ଜଡ଼ିତ ସଂସ୍ଥାଗୁଡ଼ିକ ଦ୍ୱାରା ସଂଗୃହୀତ ଉକ୍ତ ତଥ୍ୟକୁ ସେତେବେଳେ ସରକାର ଗ୍ରହଣ କଲେ ନାହିଁ। ସଂସଦରେ ସରକାର ତାଙ୍କ ସଫଳତା ସପକ୍ଷରେ ଅଜବ ଯୁକ୍ତି ଉପସ୍ଥାପନ କଲେ। କୃଷିମନ୍ତ୍ରୀ ପୁରୁଷୋତ୍ତମ ରୁପାଲା କହିଲେ, ଆମେ ଏଭଳି ରିପୋର୍ଟ ପ୍ରତି ଏତେ ସମ୍ବେଦନଶୀଳ ହେବା ଉଚିତ ନୁହେଁ। ଏହିସବୁ ସର୍ଭେରେ ସୁସ୍ଥ ଏବଂ ବଳିଷ୍ଠ ପିଲାଙ୍କ ସଂଖ୍ୟା ଗଣନା କରାଯାଉଥିବାରୁ ଏ ସମ୍ପର୍କରେ ସମାଜରେ ସଚେତନାତା ରହିବା ଆବଶ୍ୟକ। ସେଥିପାଇଁ ଆମ ମନ୍ତ୍ରୀ ସ୍ମୃତି ଇରାନି ଜନ ଆନ୍ଦୋଳନ ଆରମ୍ଭ କରିଛନ୍ତି ଏବଂ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିସାରିଛନ୍ତି ବୋଲି ରୁପାଲା କହିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚଳିତ ବର୍ଷ ଉକ୍ତ ସୂଚକାଙ୍କରେ ଭାରତ ଆଉ ୭ଟି ସ୍ଥାନ ତଳକୁ ଖସି ୧୦୧ରେ ରହିଛି। କେବଳ ଆଫଗାନିସ୍ତାନ, ସୋମାଲିଆ, ୟେମେନ ଏବଂ ଅନ୍ୟ ଦକ୍ଷିଣ ଆଫ୍ରିକୀୟ ଦେଶଗୁଡ଼ିକ ଭଳି ୧୫ଟି ଦେଶ ଭାରତଠାରୁ ଖରାପ ସ୍ଥିତିରେ ରହିଛନ୍ତି। ଏଥର ବି ସରକାର ଏହାକୁ ମିଥ୍ୟା ପ୍ରମାଣ କରିବାକୁ ଆଗେଇ ଆସିଛନ୍ତି। କହିଛନ୍ତି ଯେ, ଭାରତୀୟଙ୍କ କୁପୋଷଣ ଅନୁପାତ ୧୪%ରୁ ଅଳ୍ପ ବୃଦ୍ଧି ପାଇ ୧୫.୩% ହୋଇଛି। କୋଭିଡ୍ ମହାମାରୀ ସମୟରେ ଦେଶର ସବୁ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ପଦକ୍ଷେପକୁ ଏହି ରିପୋର୍ଟ ସମ୍ପୂର୍ଣ୍ଣ ଅଣଦେଖା କରିବା ସହ ଉପଲବ୍ଧ ପ୍ରମାଣଯୋଗ୍ୟ ତଥ୍ୟକୁ ମଧ୍ୟ ଏହା ଉପେକ୍ଷା କରିଥିବା ସରକାର ଦର୍ଶାଇଛନ୍ତି। ସରକାର ହୁଅନ୍ତୁ ବା ଅନ୍ୟ ଉତ୍ସଗୁଡ଼ିକରୁ ଲୋକମାନେ ଖାଦ୍ୟ ସହାୟତା ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଗୋଟିଏ ହେଲେ ବି ପ୍ରଶ୍ନ ଜନମତ ସର୍ଭେରେ ରହିନାହିଁ। ସରକାର ଯୁକ୍ତି ବାଢ଼ିଛନ୍ତି,ଭାରତ ସମେତ ଅନ୍ୟ ଦେଶଗୁଡ଼ିକ ପାଇଁ ଏହି ଜନମତ ସର୍ଭେର ପ୍ରତିନିଧିମାନଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ସନ୍ଦେହ ଘେରରେ। ସରକାର କହିବାକୁ ଚାହୁଁଛନ୍ତି ଯେ,ମୋଟ ଜନସଂଖ୍ୟାର ୬୦% ବା ୮୦ କୋଟି ଲୋକଙ୍କୁ ୫ କିଲୋ ଚାଉଳ କିମ୍ବା ଗହମ ଏବଂ ଏକ କିଲୋ ଡାଲି ଯୋଗାଇଦେଇ ତାଙ୍କ କାର୍ଯ୍ୟ କରୁଛନ୍ତି। ଏହା ସତ, ହେଲେ ସରକାର ଗତ ବର୍ଷଠାରୁ ଏମିତି କାର୍ଯ୍ୟ କରିଆସୁଛନ୍ତି। ତେବେ କାହିଁକି ମାଗଣା ରାଶନ ନେବା ଲାଗି ଭାରତୀୟମାନେ ଧାଡ଼ି ଲଗାଉଛନ୍ତି। ଏଥିରୁ ବୁଝାପଡୁଛି, ସେମାନେ ଭୋକିଲା ଅଛନ୍ତି ଓ ଖାଦ୍ୟ ଚାହୁଁଛନ୍ତି।

ଭାରତ ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୨୦୧୯–୨୦ ପ୍ରକାଶ କରିଛି ଯେ, ଅପପୁଷ୍ଟି ମୁକାବିଲା କ୍ଷେତ୍ରରେ ସେଭଳି ପ୍ରଗତି ହାସଲ କରାଯାଇନାହିଁ। ଆସାମ, ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ୨୦୦୫–୦୬ ତୁଳନାରେ ୨୦୧୯–୨୦ରେ ବୟସ ଅନୁସାରେ କମ୍ ଓଜନର ଅଧିକ ପ୍ରତିଶତ ପିଲା ରହିଛନ୍ତି। ଅର୍ଥାତ୍ ୧୫ ବର୍ଷରେ ଆମ ପ୍ରଗତିର ବାଟ ବନ୍ଦ ହୋଇଯାଇଛି। ସର୍ଭେ କରାଯାଇଥିବା ରାଜ୍ୟଗୁଡ଼ିକ ମଧ୍ୟରୁ ଅଧାରୁ ଅଧିକରେ ୫ ବର୍ଷ ବୟସରୁ କମ୍ ପ୍ରତି ୩ ଜଣ ପିଲାରେ ଜଣେ ଲଗାତର ଅପପୁଷ୍ଟିର ଶିକାର ହେଉଛନ୍ତି। ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ରାଜ୍ୟଗୁଡ଼ିକ ଉପରେ ସରକାର ସର୍ଭେ କରି ଉକ୍ତ ତଥ୍ୟ ପ୍ରକାଶ କରିଛନ୍ତି। ୧୦ଟି ପ୍ରମୁଖ ରାଜ୍ୟର ତଥ୍ୟ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏହିସବୁ ରାଜ୍ୟରେ ପିଲାଙ୍କ ରକ୍ତହୀନତା ସମସ୍ୟା ୨୦୧୫–୧୬ ତୁଳନାରେ ୨୦୧୯–୨୦ରେ ଅଧିକ ରହିଥିଲା। ଉକ୍ତ ୧୦ ରାଜ୍ୟ ମଧ୍ୟରୁ ୭ଟିରେ ୨୦୧୫–୧୬ ତୁଳନାରେ ୨୦୧୯–୨୦ରେ ବୟସ ଅନୁସାରେ କମ୍ ଓଜନର ଅଧିକ ପ୍ରତିଶତ ପିଲା ରହିଥିଲେ। ଏହି ସଙ୍କଟକୁ ଆମକୁ ସ୍ୱୀକାର କରିବାକୁ ହେବ ଓ ତା'ଉପରେ କାର୍ଯ୍ୟ କରିବାକୁ ପଡ଼ିବ। ଏହା ଏକ ଜଟିଳ ସମସ୍ୟା ଏବଂ ଏହାର ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଏନ୍‌ଜିଓଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। କିନ୍ତୁ ଏହା ବଦଳରେ ସରକାର ପ୍ରତ୍ୟେକ ସିଦ୍ଧାନ୍ତ ଉପରେ ସଫେଇ ଦେଇ ପ୍ରକୃତ ଘଟଣାକୁ ଘଣ୍ଟି ଘୋଡ଼ାଇବାକୁ ଚେଷ୍ଟା କରୁଛନ୍ତି। ଏଥିରୁ ପ୍ରତୀୟମାନ, ସରକାରଙ୍କ ଅଧଃପତନ ଘଟୁଛି। ଭାରତ ୨୭ରୁ ୨୬ଟି ସ୍ଥାନ ତଳକୁ ଖସି ୫୩ରେ ରହିଥିବା ଯେତେବେଳେ ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ ଡେମୋକ୍ରାସି ଇଣ୍ଡେକ୍ସ ପ୍ରକାଶ କରିଥିଲା, ସେତେବେଳେ ସରକାର ଏହାକୁ ଗ୍ରହଣ କରିବାକୁ ସଂସଦରେ ମନା କରିଦେଇଥିଲେ। ଏହାକୁ ଏକ ସାଧାରଣ ପ୍ରସଙ୍ଗ ବୋଲି କହିଥିଲେ। ଗତବର୍ଷ ଆମେରିକାର କମିଶନ ଫର୍ ଇଣ୍ଟରନ୍ୟାଶନାଲ ରିଲିଜିଅସ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ଅତ୍ୟଧିକ ଧାର୍ମିକ ସ୍ୱାଧୀନତା କ୍ଷୁଣ୍ଣ କରୁଥିବା ୧୫ଟି ଦେଶ ମଧ୍ୟରେ ଭାରତ ରହିଥିବା ସୂଚିତ କରିଥିଲା। ସରକାର କହିଲେ, ଭାରତ ବିରୋଧରେ ଏଭଳି ପକ୍ଷପାତି ଏବଂ ଉଦ୍ଦେଶ୍ୟମୂଳକ ମନ୍ତବ୍ୟ କିଛି ନୂଆ ନୁହେଁ। ପୁନଶ୍ଚ ଚଳିତ ବର୍ଷ ୟୁଏସ୍‌ସିଆଇଆର୍‌ଏଫ୍ ସେହି ସମାନ ସିଦ୍ଧାନ୍ତରେ ପହଞ୍ଚିଛି। ଭାରତରେ ଧାର୍ମିକ ସ୍ୱାଧୀନତା ବିପନ୍ନ ହେଉଥିବା କହିବା ସହ ଭାରତ ବିରୋଧରେ ଆର୍ଥିକ କଟକଣା ଲଗାଇବା ପାଇଁ ସୁପାରିସ କରିଛି। ଫ୍ରିଡମ୍ ହାଉସ୍ ମଧ୍ୟ ଭାରତକୁ ପଦାବନତ କରି 'ସ୍ୱାଧୀନ' ରାଷ୍ଟ୍ରରୁ ଏହାକୁ 'ଆଂଶିକ ସ୍ୱାଧୀନ' ଦେଶ ଭାବେ ଏବଂ କଶ୍ମୀରକୁ 'ପୂର୍ଣ୍ଣ ସ୍ୱାଧୀନ'ନୁହେଁ, ବରଂ 'ଆଂଶିକ ସ୍ୱାଧୀନ' ଦର୍ଶାଇଥିଲା। ତେବେ ଫ୍ରିଡମ ହାଉସ୍‌ର ଏଭଳି ରାଜନୈତିକ ବିଚାର ଭୁଲ୍ ଏବଂ କିମ୍ଭୁତକିମାକାର ବୋଲି ଭାରତ କହିଲା। କୋଭିଡ୍ ୧୯ ସଙ୍କଟରେ ଆମ କାର୍ଯ୍ୟରେ ସାରା ବିଶ୍ୱ ଆମକୁ ପ୍ରଶଂସା କରୁଥିବାବେଳେ ଏହାର ଆକଳନ ସମ୍ପୂର୍ଣ୍ଣ ଅସତ୍ୟ ମନେହୁଏ ବୋଲି ଯୁକ୍ତି ଉପସ୍ଥାପନ କଲା। ପ୍ରତ୍ୟେକ ନୂଆ ରିପୋର୍ଟରୁ ଜଣାପଡ଼େ ଯେ, ସବୁଥିରେ ଅଧୋଗତି ଘଟୁଛି। ୨୦୧୪ରୁ ବହୁ ସୂଚକାଙ୍କରେ ଭାରତ ତଳକୁ ଖସିଛି। ଏସବୁ ପ୍ରସଙ୍ଗରେ ଅନ୍ୟ ଦେଶଗୁଡ଼ିକ ଜଡ଼ିତ ରହି ସମାଧାନ କରିବାକୁ ଚେଷ୍ଟା କରିଥିବାବେଳେ ଆମେ କିଛି କରିନାହୁଁ। ସିଦ୍ଧାନ୍ତଗୁଡ଼ିକ ଭୁଲ୍ ବୋଲି କହି ଆମେ କେବଳ ପ୍ରତିକ୍ରିୟା ରଖୁଛୁ। ଏ ସରକାର ଅମଳରେ ଭାରତ କିଛି ବି ଭୁଲ୍ କରିପାରିବ ନାହିଁ ବୋଲି ଆମର ଯେଉଁ ମାନସିକତା ରହିଛି ସେଥିପାଇଁ ଆମେ ଏଭଳି ପ୍ରତିକ୍ରିୟା ପ୍ରକାଶ କରୁଛୁ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | | 5 | 6 |
| 9 | 6 | | | 7 | 2 | | | |
| 5 | | | | 8 | | | | |
| | | | | | 6 | | 8 | 1 |
| 6 | | | | | 4 | | | |
| | | 1 | | | | 3 | | |
| | | | | | | | 3 | 2 |
| 2 | 7 | | | | | | | |
| | 5 | | 7 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 6 | 3 | 4 | 2 | 7 | 8 |
| 3 | 7 | 2 | 8 | 9 | 1 | 5 | 4 | 6 |
| 8 | 4 | 6 | 2 | 5 | 7 | 3 | 1 | 9 |
| 6 | 5 | 9 | 1 | 2 | 3 | 7 | 8 | 4 |
| 4 | 2 | 8 | 5 | 7 | 6 | 1 | 9 | 3 |
| 7 | 3 | 1 | 9 | 4 | 8 | 6 | 2 | 5 |
| 5 | 8 | 7 | 3 | 1 | 9 | 4 | 6 | 2 |
| 2 | 6 | 4 | 7 | 8 | 5 | 9 | 3 | 1 |
| 9 | 1 | 3 | 4 | 6 | 2 | 8 | 5 | 7 |

ପୂର୍ବ ସଂଖ୍ୟାର ଉତ୍ତର

# ଶିକ୍ଷା ଅଧିକାର ଆଇନ ଓ ବିଦ୍ୟାଳୟ ମିଶ୍ରଣ



**ଲୋକନାଥ ପଣ୍ଡା**

ଶିକ୍ଷା ଅଧିକାର ଆଇନ ୨୦୧୦ ମସିହାରେ କାର୍ଯ୍ୟକାରୀ ହେବା ପରେ ପ୍ରାୟତଃ ପ୍ରତ୍ୟେକ ଗାଁରେ ଗୋଟିଏ ଗୋଟିଏ ବିଦ୍ୟାଳୟ ଖୋଲାଗଲା। ଏଥିସହିତ ବିଦ୍ୟାଳୟ ନିମନ୍ତେ ସର୍ବନିମ୍ନ ବ୍ୟବସ୍ଥା ଦୁଇଟି ଶ୍ରେଣୀ, ରୋଷେଇ ଘର, ନଳକୂପ ଆଦି ମଧ୍ୟ ବ୍ୟବସ୍ଥା କରାଗଲା। ଏହା ପୂର୍ବରୁ ମଧ୍ୟ ଡି.ପି.ଇ.ପି. ହେଉ, ସର୍ବଶିକ୍ଷା ଅଭିଯାନ ହେଉ କିମ୍ବା ଅନ୍ୟ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିଦ୍ୟାଳୟ ଖୋଲଯାଇଥିଲା। ଏଥିସହିତ ପ୍ରତ୍ୟେକ ପଞ୍ଚାୟତରେ ପ୍ରକଳ୍ପ ବିଦ୍ୟାଳୟ ଭାବରେ ନାମିତ କରି ସ୍କୁଲ ଖୋଲାଗଲା। କେବଳ ପ୍ରଥମରୁ ତୃତୀୟ ଶ୍ରେଣୀଥିବା ବିଦ୍ୟାଳୟ (ଲୋୟର ପ୍ରାଇମେରୀ)କୁ ପ୍ରାଇମେରୀ, ପରବର୍ତ୍ତୀ ସମୟରେ ଉଚ୍ଚ ବିଦ୍ୟାଳୟରେ ପରିଣତ କରାଗଲା। ବିଭିନ୍ନ ସରକାରୀ ପ୍ରକଳ୍ପ ହେଉ କିମ୍ବା ବ୍ୟବସ୍ଥା ହେଉ, ସ୍କୁଲ ଭିତ୍ତିଭୂମିକୁ ସଜାଡ଼ିବା ପାଇଁ ପ୍ରୟାସ କରାଗଲା। ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ଶିକ୍ଷା ବ୍ୟବସ୍ଥାର ଭିତ୍ତିଭୂମିର ବିକାଶ ପାଇଁ ବିଶେଷ ଗୁରୁତ୍ୱ ମଧ୍ୟ ଦିଆଗଲା। ସମସ୍ତେ ଯେପରି ସ୍କୁଲ ମାଡ଼ିବେ, ଅନେକ ବିଦ୍ୟାଳୟ ଖୋଲାହେଲା। ଅଧାରୁ ପାଠ ଛାଡ଼ିବାରେ ଯେପରି ବ୍ରେକ୍ ଲାଗିବ, ସେଥିପାଇଁ ବିଶେଷ ପ୍ରାଧାନ୍ୟ ଦିଆଗଲା।

ଗତ କିଛି ଦିନ ତଳେ ରାୟଗଡ଼ା ଜିଲାର କେତେକ ଗ୍ରାମର ସ୍କୁଲ ସମ୍ପର୍କରେ ଆଲୋଚନା କରୁଥିଲି। ଗୁମ୍ମା ପଞ୍ଚାୟତରୁ ୧୦ କିଲୋମିଟର ଦୂର ଏକ ଗାଁର ଜଣେ ଆଦିବାସୀ ମାଆ ଆଲୋଚନାବେଳେ କହୁଥିଲେ, ସ୍କୁଲ ବିଷୟ ପଚାରନା ଆଜ୍ଞା, ମାଷ୍ଟର ଆସୁଥିଲା, ଖାଦ୍ୟ ରୋଷେଇ ପରେ ପିଲାମାନେ ଖାଇବା ପରେ ଚାଲିଯାଉଥିଲା। ବର୍ତ୍ତମାନ ଦୁଇଦିନ ମାସକୁ ଥରେ ଆସୁଛି, ଚାଉଳପତ୍ର ଦେଉଛି, ପୁଣି ଚାଲିଯାଉଛି! ଗାଁରେ ପାଠଶାଠ କିଛି ନାହିଁ! ସେଦିନ ଜଣେ ଦଦରିଭରା ମାଆର ଖଣ୍ଡିଆ ଓଡ଼ିଆ ଓ କନ୍ଧ ଭାଷାରେ ଦଦରିଭରା ବକ୍ତବ୍ୟ ବେଶ୍ ଆନ୍ଦୋଳିତ କରିଥିଲା।

ଅନ୍ୟ ଏକ ସ୍କୁଲକୁ ଯାଇଥିଲି। ସ୍କୁଲଟି ଦୁଇତିନି ବର୍ଷ ହେଲା ବନ୍ଦ ହୋଇଛି। ଗାଁର ମାଆମାନଙ୍କ ସହିତ କଥା ହେଉଥିଲି। ମାଆମାନେ କହୁଥିଲେ– ଆଜ୍ଞା ଆସୁଥିଲା, ପାଠପଢ଼ା ହେଉନଥିଲା, କିନ୍ତୁ ସ୍କୁଲ ଥିଲା, ଆମେ ଆମ ପିଲାଙ୍କୁ ପଠାଉଥିଲି! କିଛି ପାଠ ହେଉନଥିଲା, ତଥାପି ପଠାଉଥିଲୁ। କିନ୍ତୁ କହିଲେ, ପିଲା ସଂଖ୍ୟା କମ୍ ହେତୁ ତୁମର ସ୍କୁଲ ବନ୍ଦ ହୋଇଯିବ, ବର୍ତ୍ତମାନ ସ୍କୁଲ ତ ବନ୍ଦ ରହିଛି। ବିଦ୍ୟାଳୟ ଖୋଲିଲା ପରେ ପିଲାମାନେ ମୁଖ୍ୟ ରାସ୍ତାରେ ଯିବାବେଳେ ଆମକୁ ଭୟ ଲାଗୁଅଛି। ୨୦୧୦ ମସିହାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟଟି ଦୁଇ ତିନିବର୍ଷ ମଧ୍ୟରେ ଗଛପତ୍ର ଉଠିଗଲାଣି। ବିଦ୍ୟାଳୟ ନିମନ୍ତେ ରୋଷେଇ ଘର, ପାଇଖାନା ଆଦି ସବୁ ହୋଇଯିବା ଜଣାପଡୁଛି। ଯେଉଁ ବିଦ୍ୟାଳୟରେ ଉକ୍ତ ବିଦ୍ୟାଳୟ ମିଶ୍ରଣ ହେଲା, ସେହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଭେଟିଲି। ବହୁ ସଂକୋଚ ପରେ ରେଜିଷ୍ଟର ଖୋଲି ୮ ଜଣ ବୋଲି କହିଲେ। ତାଙ୍କର ଅଭିଯୋଗ ଥିଲା, ବିଦ୍ୟାଳୟ ମିଶ୍ରଣ ହେଲା, ଆମ ବିଦ୍ୟାଳୟରେ ଆସି ମାତାପିତା ସେମାନଙ୍କର ଶିଶୁଙ୍କ ନାମ ଲେଖାଇଲେ। କିନ୍ତୁ ଉଠିଯାଇଥିବା ବିଦ୍ୟାଳୟର ଶିକ୍ଷକ ଜିଲା ସଦର ମହକୁମାକୁ ଡେପୁଟେସନରେ ପଳାଇଲେ।

ଅନ୍ୟ ଏକ ଆଦିବାସୀବହୁଳ ଆଭ୍ୟନ୍ତରୀଣ ଗ୍ରାମକୁ ଯାଇଥିଲି। ଗ୍ରାମର ଜଣେ ବୟସ୍କ ବ୍ୟକ୍ତି କହିଲେ– ଆଜ୍ଞା, ଆମ ଗାଁର ଲୋକମାନେ ପ୍ରତ୍ୟେକ ପରିବାର ପିଛା ପଚାଶ ଟଙ୍କା ଲେଖାଁଏ ସଂଗ୍ରହ କରି ଦେଲୁ, ସ୍କୁଲଟି ରହିଲା। ଗାଁରେ ସ୍କୁଲ ନ ରହିଲେ ସାନ ସାନ ପିଲାମାନେ କୁଆଡ଼େ ପାଠ ପଢ଼ିବାକୁ ଯିବେ ! ଛୋଟ ଛୋଟ ବୁଆମାନଙ୍କୁ ଆମେ କେମିତି ଆଶ୍ରମ ସ୍କୁଲରେ ଛାଡ଼ିବୁ! ମାଆମାନେ ରହିପାରିବେ କି ବୋଲି ମୋତେ ପ୍ରଶ୍ନ କରିଥିଲେ! ଗ୍ରାମରେ ବିଦ୍ୟାଳୟ ଉଠିନି କିମ୍ବା ଅନ୍ୟ କୌଣସି ବିଦ୍ୟାଳୟରେ ମିଶ୍ରଣ ହୋଇନି! ଏହି ବିଦ୍ୟାଳୟରେ ୪୦ରୁ କମ୍ ଛାତ୍ରୀଛାତ୍ରଙ୍କ ନାମ ରହିଛି! ବିଦ୍ୟାଳୟ, ପାଠପଢ଼ା, ଗ୍ରାମବାସୀଙ୍କ ବିଦ୍ୟାଳୟ ପ୍ରତି ଅନ୍ତରଙ୍ଗତା କେତେ ରହିଛି, ସେହି ଗ୍ରାମର କନ୍ଧ ସମ୍ପ୍ରଦାୟର ଲୋକମାନଙ୍କ କେତେ ଆନ୍ତରିକତା ରହିଛି, ତାହା ଅନୁଭବ କରୁଥିଲି।

ସବୁଠାରୁ ବଡ଼ କଥା ହେଲା, ବର୍ଷ ବର୍ଷ ଧରି ଆଦିବାସୀ ମହିଳାମାନେ ସେମାନଙ୍କର ଭାଷା ବ୍ୟତୀତ ଅନ୍ୟ ଭାଷା ଜାଣିବାର କଷ୍ଟକର। ଓଡ଼ିଆ ଭାଷା କିଛି ପରିମାଣରେ ବୁଝୁଛନ୍ତି। ମହିଳା ସଶକ୍ତୀକରଣ କେତେ ପ୍ରକାର କରାଯାଉଛି। କିନ୍ତୁ ସେମାନେ କିପରି ସାକ୍ଷର ହେବେ, ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପଢ଼ିପାରିବେ, ନିରନ୍ତର ଶିକ୍ଷା କିପରି ସମ୍ଭବ ହେବ, ପ୍ରାଥମିକ ଶିକ୍ଷା ଲାଭ କରିଥିବା ବା ସାକ୍ଷର ହୋଇଥିବା ମହିଳାଟିଏ ତାହା ପଢ଼ାଲେଖା ଚାଲୁରହିବ, ସେହିଭଳି କୌଣସି ବ୍ୟବସ୍ଥା ନାହିଁ। ଯଦି କିଛି ରହିଛି, ତେବେ ନାମକୁମାତ୍ର କାଗଜପତ୍ରରେ ରହିଛି! ସର୍ବନିମ୍ନ ଶିକ୍ଷଣ ସ୍ତର ଲାଭ କରିବେ, ସେଥିପାଇଁ କେନ୍ଦ୍ର ସରକାରଙ୍କର ଆନ୍ତରିକତା ନାହିଁ କି ରାଜ୍ୟ ସରକାରଙ୍କର ଆନ୍ତରିକତା ନାହିଁ! ଭାରତ ସ୍ୱାଧୀନ ହେବା ପରେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାରର ଜନସାକ୍ଷରତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଥିଲା। ୧୯୮୮ ମସିହାରେ ତତ୍କାଳୀନ ସରକାର ସାକ୍ଷରତାକୁ ଅତ୍ୟନ୍ତ ଗୁରୁତ୍ୱ ମନେକରି ଜାତୀୟ ସାକ୍ଷରତା ମିଶନ ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଭାବରେ ଜନଜାତି ଓ ପଛୁଆବର୍ଗର ମହିଳାଙ୍କ ସାକ୍ଷରତାର ହାରକୁ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେଇ ସାକ୍ଷର ଭାରତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ମହିଳା ସାକ୍ଷରତା ହାର କମ୍ ଥିବା ଜିଲାଗୁଡ଼ିକରେ ସାକ୍ଷରତା କାର୍ଯ୍ୟକ୍ରମ ଚାଲୁଥିଲା। ପ୍ରତ୍ୟେକ ପଞ୍ଚାୟତରେ ଲୋକ ଶିକ୍ଷା କେନ୍ଦ୍ର ଥିଲା ଏବଂ ଏହି ଲୋକ ଶିକ୍ଷା କେନ୍ଦ୍ର ଦ୍ୱାରା ସାକ୍ଷରତା ସହିତ ବିଭିନ୍ନ ସାକ୍ଷରତା ତଥା ଆର୍ଥିକ ସାକ୍ଷରତା, ଆଇନଗତ ସାକ୍ଷରତା, ପ୍ରାକୃତିକ ଦୁର୍ବିପାକ ଜନିତ ସାକ୍ଷରତା, ସରକାରୀ ଯୋଜନା ସମ୍ବନ୍ଧୀୟ ସାକ୍ଷରତା, ପାଠାଗାର ଆନ୍ଦୋଳନ ଏହିଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସାକ୍ଷରତା ସୃଷ୍ଟି କରିବା ପାଇଁ ଦୁଇଜଣ ପ୍ରେରକ ନିଯୁକ୍ତ ହୋଇଥିଲେ ଏବଂ ରାଜ୍ୟସ୍ତରରେ ରାଜ୍ୟ ସାକ୍ଷରତା ମିଶନ ଏହାର ଦାୟିତ୍ୱ ନେଇଥିଲା। ବିଭିନ୍ନ ବିଷୟରେ ସାକ୍ଷରତା କିନ୍ତୁ କେନ୍ଦ୍ର ସରକାରଙ୍କ ସରକାର ସାକ୍ଷର ଭାରତ କାର୍ଯ୍ୟକ୍ରମ ବନ୍ଦ କରି ଦେବାପରେ ଯାହା କିଛି ମାତ୍ରାରେ ଚାଲିଥିଲା, ତାହା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଗଲା।

କରୋନା ସଂକ୍ରମଣ ହେତୁ ୨୦୨୦ ମାର୍ଚ୍ଚରୁ ସମସ୍ତ ସ୍କୁଲ ଊଣାଅଧିକେ ବନ୍ଦ ରହିଛି। ସହରାଞ୍ଚଳ ଶିଶୁ ମୋବାଇଲ୍ ହେଉ, ଟିଉସନ୍ ହେଉ ପାଠ ପଢୁଛନ୍ତି। କିନ୍ତୁ ଗ୍ରାମାଞ୍ଚଳ ଶିଶୁଙ୍କ ପାଖରେ କୌଣସି ସୁବିଧା ନାହିଁ! ସରକାରଙ୍କ ତରଫରୁ ମଝିରେ ମଝିରେ ଯେଉଁ ବ୍ୟବସ୍ଥା ହେଉଛି, ତାହା କେବଳ ଲୋକଦେଖାଣିଆ। ଗତ ବର୍ଷ ଜନଜାତି ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀଙ୍କ ଯୋଗୁ ଗ୍ରାମାଞ୍ଚଳରେ ଶିକ୍ଷକଙ୍କୁ ନେଇ ଗାଁକୁ ସପ୍ତାହକୁ ଯାଇ ପାଠପଢ଼ା କରିବା ପାଇଁ କୁହାଗଲା। ମାତ୍ର ମାସେ ଗଲା ପରେ ତାହା ବନ୍ଦ ହୋଇଗଲା। ବର୍ତ୍ତମାନ ଶିଶୁମାନେ ଡ୍ରେସ୍ ପାଉଛନ୍ତି, ଚାଉଳ ପାଉଛନ୍ତି, ସବୁ ପାଉଛନ୍ତି, କିନ୍ତୁ ପାଠ ନିଖୋଜ।

ନିକଟରେ କିଛି ଗ୍ରାମାଞ୍ଚଳକୁ ଯାଇ ସ୍କୁଲ ପାଖକୁ ଗଲାବେଳେ ଏବଂ ସ୍କୁଲ ସମ୍ବନ୍ଧୀୟ ଆଲୋଚନା କଲାବେଳେ ଗାଁର ଶିଶୁମାନେ ଧାଇଁ ଆସୁଥିଲେ । ଆଗ୍ରହ ଓ ଅନୁସନ୍ଧିତ୍ସା ସହିତ ପଚାରୁଥିଲେ, ସାର୍ ସ୍କୁଲ କେବେ ଖୋଲିବ। ସ୍କୁଲ କେବେ ଖୋଲିବ, ଆମେ ପାଠ ପଢ଼ିବୁ, ଆମ ସାଙ୍ଗସାଥୀଙ୍କ ସହ ମିଶିବୁ। ମୁଁ ଇତିମଧ୍ୟରେ ଅନେକ ଗ୍ରାମକୁ ଯାଇଛି, ଅନେକ ଶିଶୁଙ୍କୁ ସ୍କୁଲ ସମ୍ପର୍କରେ ପଚାରିଛି, ଗ୍ରାମାଞ୍ଚଳର ଅଧିକାଂଶ ଶିଶୁ ବିଦ୍ୟାଳୟ କେବେ ଖୋଲିବ ଅନାଇ ବସିଛନ୍ତି।

ନାଗରିକ ସମାଜ ତରଫରୁ ହେଉ, ତୃଣମୂଳ ସ୍ତରରେ ରାଜନୀତି କରୁଥିବା ବ୍ୟକ୍ତିବିଶେଷ କିମ୍ବା ଦଳ ହେଉ, ଶିକ୍ଷାବିତ୍ ହୁଅନ୍ତୁ କିମ୍ବା ସାମାଜିକ ସଂଗଠନ ହେଉ, ଗ୍ରାମାଞ୍ଚଳରେ ନିୟମିତ ଭାବରେ ବିଦ୍ୟାଳୟ ଖୋଲିବା ଏବଂ ସରକାର ଅପହଞ୍ଚ ଓ ଆଦିବାସୀ ଅଧ୍ୟୁଷିତ ଅନଗ୍ରସର ଅଞ୍ଚଳରେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଉଛନ୍ତି, ତାହାକୁ ପୁନଃ ସମୀକ୍ଷା କରିବା ସହିତ ସେହି ବିଦ୍ୟାଳୟଗୁଡ଼ିକ ଯେପରି ସକ୍ରିୟ ହେବ, ବିଦ୍ୟାଳୟଗୁଡ଼ିକ ଯେପରି ଚଳଚଞ୍ଚଳ ହେବ, କୌଣସି ବାଧବାଧକତାରେ କିମ୍ବା ଦଣ୍ଡ ସ୍ୱରୂପ ସେହି ବିଦ୍ୟାଳୟରେ ଶିକ୍ଷକ ଦାୟିତ୍ୱରେ ନ ରହିବେ, ସେଥିପ୍ରତି ଦୃଷ୍ଟି ଦେବାର ସମୟ ଆସିଛି। ନହେଲେ ଅନେକ ଶିଶୁ ଶିଶୁଶ୍ରମିକ ପାଲଟିଯିବେ, ଅନେକ ଯାଇ ଆନ୍ଧ୍ରପ୍ରଦେଶ ହେଉ କିମ୍ବା ଅନ୍ୟ କୌଣସି ରୋଜଗାର ଉଦ୍ଦେଶ୍ୟରେ ଚାଲିଯିବେ, ଏହିଭଳି ସମ୍ଭାବନା ମଧ୍ୟ ଯଥେଷ୍ଟ ମାତ୍ରାରେ ରହିଛି। ଏହାକୁ ସବୁବର୍ଗ ଦୃଷ୍ଟି ଦେବାକୁ ପଡ଼ିବ। ଶିକ୍ଷା, ସାକ୍ଷରତା, ସାଂସ୍କୃତିକ ବିବିଧତା ହେଉଛି ବିକାଶର ମୂଳମନ୍ତ୍ର। ଏହାକୁ ଛାଡ଼ି ବିକାଶ ଦେଖିବା, ବିକାଶ ନାମରେ ଶୋଷଣ ସହିତ ସମାନ। ଶିକ୍ଷା ଓ ସାକ୍ଷରତାକୁ ଯଦି ଗୁରୁତ୍ୱ ନ ଦିଆଯାଏ, ସବୁବର୍ଗକୁ ଯଦି ଏକାପ୍ରକାର ବା ଏକପ୍ରକାର ଗୁଣାତ୍ମକ ଶିକ୍ଷା ଦିଆନଯାଏ, ତେବେ ଗୋଟିଏ ଗୋଷ୍ଠୀ ଶୋଷିତ ହେଉଥିବେ ଏବଂ ଅନ୍ୟ ଗୋଷ୍ଠୀ ଶୋଷକ ହେଉଥିବେ। ଶିକ୍ଷା, ସାକ୍ଷରତା ପରିପ୍ରେକ୍ଷୀରେ ଏହିସବୁ ଦିଗଗୁଡ଼ିକୁ ଦୃଷ୍ଟି ଦେବାର ସମୟ ଆସିଛି !

– ରାଣୀଗୁଡ଼ା, ରାୟଗଡ଼ା
ମୋ: ୯୪୩୮୦୮୧୪୩୦

# ଟ୍ୟୁନିସିଆ ବାର୍ତ୍ତାବହ

**ବ୍ୟକ୍ତିତ୍ୱ**



ନାଜ୍‌ଲା ବଉଦେନ୍ ରୋମ୍‌ଦାନେ

ଉତ୍ତର ଆଫ୍ରିକୀୟ ଦେଶ ଟ୍ୟୁନିସିଆ ୨୦୧୧ରେ ଦେଖିଥିଲା ଜସ୍ମିନ୍ ରିଭୋଲ୍ୟୁଶନ ବା ମଲ୍ଲିଫୁଲ ବିପ୍ଲବ। ତତ୍କାଳୀନ ରାଷ୍ଟ୍ରପତି ଜିନେ ଅଲ୍–ଆବିଦିନ୍ ବେନ୍ ଅଲ୍ଲୀଙ୍କ ଶାସନରେ ଲୋକଙ୍କ ଉପରେ ଅତ୍ୟାଚାର ବଢ଼ିବା ସହ ଦୁର୍ନୀତି ଶେଷ ସୀମାରେ ପହଞ୍ଚିଯାଇଥିଲା। ଫଳରେ ଦାରିଦ୍ର୍ୟ ସମଗ୍ର ଦେଶକୁ ଗ୍ରାସ କରିଦେଇଥିଲା। ନାଗରିକମାନେ ଅଲ୍ଲୀଙ୍କ ଶାସନରେ ଅତିଷ୍ଠ ହୋଇ ଯେଉଁ ପ୍ରତିବାଦର ସ୍ୱର ଉଠାଇଲେ ତାହା ଦ୍ୱାରା ସମଗ୍ର ଆରବ ବିଶ୍ୱ ପ୍ରକମ୍ପିତ ହୋଇଯାଇଥିଲା। ଅଲ୍ଲୀ ଗାଦିଚ୍ୟୁତ ହେଲେ। ଗଣମାଧ୍ୟମରେ ଏହି ବିପ୍ଲବକୁ ଜସ୍ମିନ୍ ରିଭୋଲ୍ୟୁଶନ ଆଖ୍ୟା ଦିଆଯିବା ପରେ ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକୀୟ ଏକଚ୍ଛତ୍ରବାଦୀ ଶାସକଙ୍କୁ ହଟାଇବା ପାଇଁ ବିଦ୍ରୋହ ଦେଖାଦେଲା। ତେବେ ଟ୍ୟୁନିସିଆର ସେହି ବିପ୍ଳବର ଦଶ ବର୍ଷ ପରେ ପ୍ରଧାନମନ୍ତ୍ରୀ ଥିବା ହିକେମ୍ ମେଚିଚି ଦୁର୍ନୀତିରେ ବୁଡ଼ିରହିବାରୁ ତାଙ୍କୁ ନିକଟରେ ରାଷ୍ଟ୍ରପତି କୈସ୍ ସଏଦ୍ ବହିଷ୍କାର କରିଛନ୍ତି। ଏଥିସହିତ ନୂଆ ପ୍ରଧାନମନ୍ତ୍ରୀ ଭାବେ ନାଜ୍‌ଲା ବଉଦେନ୍ ରୋମ୍‌ଦାନେଙ୍କୁ ନିଯୁକ୍ତ କରାଗଲା ବୋଲି ରାଷ୍ଟ୍ରପତି ଘୋଷଣା କରିବା ପରେ ଟ୍ୟୁନିସିଆରେ ନାଗରିକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଦେଶର ତଥା ଆରବ ବିଶ୍ୱର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବାରେ ନାଜ୍‌ଲା ଗୌରବ ଅର୍ଜନ କରିଥିବାରୁ ତାଙ୍କୁ ଚାରିଆଡୁ ଶୁଭେଚ୍ଛା ମିଳିବାରେ ଲାଗିଛି।

ନାଜ୍‌ଲା ୨୯ ଜୁନ୍ ୧୯୫୮ରେ ଦାର୍ ଛାବାନେ ଏଲ୍–ଫେହରିଠାରେ ଜନ୍ମଗ୍ରହଣ କରିଥିଲେ ହେଁ କାଇରୌଆନ୍‌ଠାରେ ବଢ଼ିଥିଲେ। ପିଲାଟି ବେଳୁ ସେ ମେଧାବୀ ଥିଲେ। ଟ୍ୟୁନିସ୍‌ସ୍ଥିତ ନ୍ୟାଶନାଲ ଇଞ୍ଜିନିୟରିଂ ସ୍କୁଲର ଜିଓଲୋଜି ପ୍ରଫେସର ଭାବେ କାର୍ଯ୍ୟ କରିଥିବା ନାଜ୍‌ଲା ରାଜନୀତିରେ ପ୍ରବେଶ କରିବା ପରେ ନାରୀବାଦୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଇଥିଲେ। ମହିଳାମାନଙ୍କ ଉନ୍ନତି ଦିଗରେ ସେ ନେଇଥିବା ପଦକ୍ଷେପ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଉଚ୍ଚଶିକ୍ଷିତା ହୋଇଥିବାରୁ ନାଜ୍‌ଲାଙ୍କୁ ଟ୍ୟୁନିସିଆର ଉଚ୍ଚଶିକ୍ଷା ଓ ବୈଜ୍ଞାନିକ ଗବେଷଣା ମନ୍ତ୍ରଣାଳୟ ମିଳିଥିଲା। ତାଙ୍କ ମନ୍ତ୍ରିତ୍ୱ ସମୟରେ ସେ ଦେଶର ଶିକ୍ଷାକୁ ଉଚ୍ଚ ସ୍ତରରେ ନେଇ ପହଞ୍ଚାଇ ଦେଇଥିଲେ। ବିଦାୟୀ ପ୍ରଧାନମନ୍ତ୍ରୀଙ୍କ ଦୁର୍ନୀତି ଯୋଗୁ ଋଣଭାର ବୃଦ୍ଧି, ମୁଦ୍ରାସ୍ଫୀତି, ବେକାରି ସମସ୍ୟା ବଢ଼ିବା ଆଦି ଅନେକ ବିପଦ ଦେଶକୁ ଘେନେଇ ଆସିଛି। ଟ୍ୟୁନିସିଆକୁ ଏଭଳି ସଙ୍କଟରୁ ରକ୍ଷା କରିବା ପାଇଁ ନାଜ୍‌ଲାଙ୍କ ନିଯୁକ୍ତି ସକାରାତ୍ମକ ସଙ୍କେତ ଦେଇଛି ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ତେବେ ତାଙ୍କ ପାଇଁ ଉପରଲିଖିତ ସମସ୍ୟାର ସମାଧାନ ସୂତ୍ର ବାହାର କରିବା ସହ ପୁରୁଷଙ୍କ ଭଳି ନାରୀମାନଙ୍କୁ ସମାନ ଆଇନଗତ ଅଧିକାର କିଭଳି ମିଳିବ, ସେହି ଦିଗରେ କାର୍ଯ୍ୟ କରିବେ ବୋଲି ନାଜ୍‌ଲା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ଅର୍ଥନୈତିକ ଫୋରମ୍ ରିପୋର୍ଟ ଅନୁଯାୟୀ ୨୦୦୬ରୁ ୨୦୨୦ ମଧ୍ୟରେ ଲିଙ୍ଗଗତ ସମାନତା ସୂଚକାଙ୍କରେ ଟ୍ୟୁନିସିଆର ର୍‍ୟାଙ୍କ୍ ହ୍ରାସ ପାଇ ୯୦ରୁ ୧୨୪ରେ ଆସି ପହଞ୍ଚିଛି। ଶପଥ ଗ୍ରହଣ ଉତ୍ସବରେ ଭାଷଣ ଦେବା ବେଳେ ନୂଆ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ତାଙ୍କ ଶାସନର ମୁଖ୍ୟ ଉଦ୍ଦେଶ୍ୟ ରହିବ ଦୁର୍ନୀତି ବିରୋଧରେ ସଂଗ୍ରାମ। ଦେଶବାସୀଙ୍କ ବଞ୍ଚିବା ଶୈଳୀରେ ଉନ୍ନତି ଆଣିବା ତାଙ୍କ କାମ୍ୟ। ରାଜକୋଷକୁ ଠିକ୍ ଭାବେ ଉପଯୋଗ କରି ଅର୍ଥନୈତିକ ସଂସ୍କାର ଆଣିବା ଦିଗରେ ତାଙ୍କ ସରକାର ରଣକୌଶଳ ଅନୁସରଣ କରିବ ବୋଲି ସେ କହିଛନ୍ତି।

ନାଜ୍‌ଲାଙ୍କ ମନ୍ତ୍ରିମଣ୍ଡଳର ବିଶେଷତ୍ୱ ହେଉଛି ଯେ, ସେ କ୍ୟାବିନେଟ୍‌ର ଏକ ତୃତୀୟାଂଶ ମନ୍ତ୍ରଣାଳୟରେ ମହିଳାଙ୍କୁ ଦାୟିତ୍ୱ ଦେଇଛନ୍ତି। ଫଳରେ ଦେଶବ୍ୟାପୀ ମହିଳାଙ୍କ ମଧ୍ୟରେ ଏକ ନୂଆ ଉତ୍ସାହ ଓ ଜାଗରଣ ସୃଷ୍ଟି ହୋଇଛି। ତେବେ ଇସ୍‌ଲାମିକ୍ ଅନୁପ୍ରାଣିତ ଏନାହଦା ପାର୍ଟି ନାଜ୍‌ଲାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ବଛା ଯାଇଥିବାରୁ ତାହା ଅସାମ୍ବିଧାନିକ ବୋଲି କହିଛି। ସୂଚନାଯୋଗ୍ୟ ଯେ, ଟ୍ୟୁନିସିଆ ବିପ୍ଳବ ପରବର୍ତ୍ତୀ ରାଜନୀତିକୁ ଏନାହଦା ପାର୍ଟି ଅକ୍ତିଆର କରିଆସିଥିଲା। କିନ୍ତୁ ଖୁସିର କଥା ଯେ, ନାଜ୍‌ଲା କେବଳ ଟ୍ୟୁନିସିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବା ସହିତ ଆରବ ବିଶ୍ୱରେ ଜଣେ ମହିଳା ଭାବେ ଅନ୍ୟତମ ସର୍ବୋଚ୍ଚ ପଦବୀରେ ଆସୀନ ହେବାର ଗୌରବ ଅର୍ଜନ କରିଛନ୍ତି। ଉଚ୍ଚଶିକ୍ଷା, ସମାନତା ଓ ସ୍ୱାଧୀନ ଚିନ୍ତାଧାରା ଏବଂ ନେତୃତ୍ୱ ନେବାର ଦକ୍ଷତା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କୁହାଯାଇପାରିବ। ନାଜ୍‌ଲାଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ସଏଦ୍ ମୋହର ଦେବା ବେଳେ ଯଥାର୍ଥରେ କହିଥିଲେ ଯେ, ଏହି ଖବର ନିଶ୍ଚିତ ଭାବେ ଟ୍ୟୁନିସିଆ ଓ ଏହାର ମହିଳାଙ୍କ ପାଇଁ ଶ୍ରେଷ୍ଠ ସମ୍ମାନ ଆଣିଦେଇଛି। ଅତଏବ ମଲ୍ଲିଫୁଲ ବିପ୍ଳବର ଦଶନ୍ଧି ପରେ ଟ୍ୟୁନିସିଆରେ ଯେଉଁ ନେତୃତ୍ୱ ପରିବର୍ତ୍ତନ ଆସିଛି ନାଜ୍‌ଲା ତାହାର ନବବାର୍ତ୍ତାବହ ପାଲଟିବେ ବୋଲି ଦେଶବାସୀଙ୍କ ଆଶା ରହିବା ସ୍ୱାଭାବିକ।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ସେବା କରିବାର ଇଚ୍ଛାଶକ୍ତି ଆଗରେ ମନ ଓ ଶରୀର ଅବଶ ହୋଇଯାଏ ନାହିଁ। ଏହା ପ୍ରମାଣ କରିଛନ୍ତି ବରେଲିର ଅନୁରାଧା ଖଣ୍ଡେଲ୍‌ୱାଲ। ସେ ଉତ୍ତରପ୍ରଦେଶ ବରେଲିର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଦୀର୍ଘ ୮ ବର୍ଷ ହେବ ମସଲା ଓ ଚା' ବିକ୍ରି କରି ଅସହାୟ ଶିଶୁମାନଙ୍କୁ ମାଗଣାରେ ପଢ଼ାଉଛନ୍ତି। ୬୫ ବର୍ଷୀୟା ଅନୁରାଧାଙ୍କ ସ୍ୱାମୀ ମର୍ଚ୍ଚାଣ୍ଟ ନାଭିରେ ଥିଲେ। ସ୍ୱାମୀଙ୍କ ସହ ଅନୁରାଧା ପ୍ରାୟ ୨୦ଟି ଦେଶ ଭ୍ରମଣ କରି ବିଭିନ୍ନ ପ୍ରକାର ଖାଦ୍ୟ ଓ ମସଲା ପ୍ରସ୍ତୁତି ସମ୍ପର୍କରେ ଶିଖିଥିଲେ। ପରେ ୨୦୧୪ରେ ମିକ୍ସ ମସଲା ସମ୍ପର୍କରେ ଶିକ୍ଷା ଦେବାକୁ ସେ ଫେସବୁକ୍‌ରେ 'ଅନୁ କ୍ୟାନ କୁକ୍' ପେଜ ଆରମ୍ଭ କରିଥିଲେ। ଏଥିରେ ତାଙ୍କର ଫଲୋୟର୍ସ ୬୦୦୦ ପାର ହୋଇଯାଇଥିଲା। ମସଲା ବିକ୍ରି ବଢ଼ିବା ପରେ ସେ ସେହି ଆୟରେ ଅସହାୟ ପିଲାମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରିଥିଲେ। ପ୍ରଥମେ ସେ ଜଣେ ପିଲାକୁ ପଢ଼ାଇବା ପରେ ଆଉ ୫ ଜଣ ଏଥିରେ ସାମିଲ ହୋଇଥିଲେ। ଅନୁରାଧା ମସଲାକୁ 'ହଟ୍ ନମ୍ବର ୱାନ' ନାମରେ ଏବଂ ଏହା ସହ ମସଲା ଚା' ପ୍ୟାକେଟ ବିକ୍ରି କରୁଛନ୍ତି। ଏସବୁଥିରୁ ଯାହା ଆୟ ହେଉଛି ସେଥିରେ ୧୨ ଜଣ ଅସହାୟ ପିଲାଙ୍କୁ ପଢ଼ାଇବା ସହ ସେମାନଙ୍କର ସବୁ ଖର୍ଚ୍ଚ ବହନ କରୁଛନ୍ତି। ବର୍ଷକୁ ଏ ବାବଦରେ ଅନୁରାଧା ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଅକ୍ଟୋବର ୧୯୯୬**

- ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ପୁତ୍ର ବିଧାୟକ ଏମ୍.କେ. ଷ୍ଟାଲିନ୍ ଚେନ୍ନାଇର ମେୟର ଭାବେ ନିର୍ବାଚିତ ହୋଇଛନ୍ତି।
- ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ଧ୍ୟାନଚାନ୍ଦଙ୍କର ପତ୍ନୀ ଜାନକୀ ଧ୍ୟାନଚାନ୍ଦଙ୍କ ୭୪ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ପାହାଡ଼ କଟିରେ ଉଡ଼ଇ ବିହଗ ଦୁଇ
ନ ପାରଇ ତା'ର ତୁଙ୍ଗ ଶିଖର ଛୁଇଁ।
ପ୍ରତୀଚୀ ଗଗନେ ବୁଲାଏ ପଥିକ ଆଖି
ଆଉ ବେଳ କେତେ ରହିଚି ତା' ପାଇଁ ବାକି?
(ଏହି ଯେ ପାହାଡ଼)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିଶାଦ୍ରବ୍ୟ ଚୋରାଚାଲାଣ ରୋକାଯାଉ

ମହାଶୟ,

ନିଶା ପାଇଁ ରାଜସ୍ୱ ଅଭିବୃଦ୍ଧିରେ ବିକାଶ ସାମାଜିକ ଜୀବନରେ ବିନାଶ ଓ ସର୍ବନାଶର କାରଣ। ଯଦି ନିଶାଦ୍ରବ୍ୟର ଚୋରାଚାଲାଣ ସଂଲଗ୍ନ ଦଣ୍ଡବିଧି ଆଇନକୁ କଠିନ ଦଣ୍ଡବିଧାନ ସହ ପାଳନ କରାଯାଉଥାଆନ୍ତା, ତେବେ ଦେଶରେ ହେରୋଇନ ଓ କୋକେନ୍‌ର ଚୋରା କାରବାରରେ ଅଙ୍କୁଶ ଲାଗିବା ସହ ଦେଶକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାର ପ୍ରୟାସ ସଫଳ ହୋଇପାରନ୍ତା। ଦେଶରେ ରାଜନୈତିକ ଓ ସାମାଜିକ ଜୀବନରେ ଶୃଙ୍ଖଳିତ ବାତାବରଣ ବିକଶିତ ହୁଅନ୍ତା ନିଶ୍ଚିତଭାବେ। ଏବେ ଆଧୁନିକ ଯୁବପିଢ଼ି ନିଶା କବଳରେ ପଡ଼ି ପଥଭ୍ରଷ୍ଟ ହେଉଛନ୍ତି। ହୁଏତ ଏଥିପାଇଁ ମାତାପିତା ଅଭିଭାବକ ନିଜ ପିଲାମାନଙ୍କୁ ଖୋଲାଖୋଲି ସ୍ୱାଧୀନତା ଦେବା ଏବଂ ପାରିବାରିକ ସାମାଜିକ ଚଳଣିରେ ନୈତିକ ଶିକ୍ଷା ସହ ସୁସଂସ୍କାର ଦେବାରେ ଅବହେଳା ହିଁ ନିଶାସକ୍ତର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଆଜିକାଲି ଭାରତରେ ନାମୀଦାମୀ ସିନେ–ସେଲିବ୍ରିଟି, ତାଙ୍କର ସନ୍ତାନମାନେ, ଏପରିକି ବହୁ ପ୍ରସିଦ୍ଧ ଖେଳାଳିମାନେ ଡ୍ରଗ୍ସ ସେବନ କରିବାରେ ଏବଂ କାରବାରରେ ଲିପ୍ତ ହୋଇ ଗିରଫ ହେବା ଏବଂ ଜେଲଯିବା କେବଳ ଲଜ୍ଜାଜନକ ନୁହେଁ, ବଡ଼ ଦୁର୍ଭାଗ୍ୟଜନକ ମଧ୍ୟ। ନିଶାଦ୍ରବ୍ୟର ଚୋରାଚାଲାଣ ରୋକାଗଲେ ବହୁ ସମସ୍ୟାର ସମାଧାନ ହୋଇପାରନ୍ତା।

ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସମ୍ଭବ ନୁହେଁ ଲକ୍ଷ୍ୟ ହାସଲ



**ନିଜକୁ ଏକ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେବା ସମସ୍ତଙ୍କର ଲକ୍ଷ୍ୟ। ହେଲେ ଏଥିପାଇଁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼େ। ତେବେ ସଫଳତାର ମାର୍ଗ ଯଦିଓ ସରଳ ନୁହେଁ, ହେଲେ ଧୈର୍ଯ୍ୟହରା ନ ହୋଇ ଆତ୍ମବିଶ୍ୱାସ ଓ ଦୃଢ ମନୋବଳ ରଖି ଆଗେଇ ଚାଲିଲେ ଲକ୍ଷ୍ୟ ହାସଲ କରିବା ଅସମ୍ଭବ ବି ନୁହେଁ...**

ଜୀବନରେ ସଫଳତାର ସ୍ୱାଦ ଚାଖିବାକୁ କିଏ ବା ନ ଚାହେଁ। ହେଲେ ଏହି ପଥରେ ଅଗ୍ରସର ହେବା ବେଳେ ଅନେକ ସମୟରେ ବିଫଳତାର





ସମ୍ମୁଖୀନ ହେବାକୁ ପଡିଥାଏ। ଏଥିରେ ହାର୍ ନ ମାନି ମନୋବଳ ଦୃଢ ରଖି ବାରମ୍ବାର ଚେଷ୍ଟା ଜାରି ରଖି ଲକ୍ଷ୍ୟ ପଥରେ ଅଗ୍ରସର ହେଲେ ସଫଳତା ହାସଲ କରିବା ଅସମ୍ଭବ ନୁହେଁ...

**ଦୂରାନ୍ତୁ ନକାରାତ୍ମକ ଚିନ୍ତା:** ଆପଣ କେଉଁ କ୍ଷେତ୍ରରେ ଆଗକୁ ବଢିବାକୁ ଚାହାନ୍ତି ସେଥିପାଇଁ ପ୍ରଥମେ ପ୍ଲାନିଂ କରନ୍ତୁ। ଅର୍ଥାତ୍ କୌଣସି ବି କାର୍ଯ୍ୟ କରିବାକୁ ହେଲେ ମନଇଚ୍ଛା ଆଗକୁ ବଢି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ, ଦକ୍ଷତା ହାସଲ କରନ୍ତୁ ଏବଂ ଏକ ଯୋଜନା ମୁତାବକ କାର୍ଯ୍ୟ କରି ଚାଲନ୍ତୁ। ମନେରଖନ୍ତୁ, ଥରେ ବଫଳ ହେଲେ ଆଉ ଆଗକୁ ବଢିପାରିବି କି ନାହିଁ କିମ୍ବା ଏହା ମୋ ପାଇଁ କଠିନ ବ୍ୟାପାର ଆଦି ଭଳି ନକାରାତ୍ମକ ଚିନ୍ତା ମନକୁ ନ ଆଣି ବାରମ୍ବାର ଚେଷ୍ଟା କରନ୍ତୁ। ଏହାଦ୍ୱାରା ଲକ୍ଷ୍ୟ ହାସଲ କରିବା ଅପେକ୍ଷାକୃତ ସହଜ ହୋଇପାରିବ।

**ନିଜ ସାମର୍ଥ୍ୟକୁ ଚିହ୍ନନ୍ତୁ:** ଅନ୍ୟ କାହାକୁ କୌଣସି ଦିଗରେ ଆଗକୁ ବଢୁଥିବାର ଦେଖି ଭାବପ୍ରବଣ ହୋଇ ଏ ଦିଗରେ ଆଗେଇ ଆସିବା ଦ୍ୱାରା ଯେ ସଫଳତା ମିଳିବ, ତା' ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ତେଣୁ ଆପଣ କେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଇଚ୍ଛୁକ ଏବଂ ଏଥିପାଇଁ ନିଜେ କେତେ ସମର୍ଥ ସେ ନେଇ ଆତ୍ମସମୀକ୍ଷା କରିବା ପରେ ନିଷ୍ପତ୍ତି ନିଅନ୍ତୁ।

**ଜାରି ରଖନ୍ତୁ ଉଦ୍ୟମ:** ଚେଷ୍ଟା କଲେ ଅନେକ କାର୍ଯ୍ୟରେ ସଫଳତା ମିଳିବା ଆଶା ଅଧିକ ଥାଏ। ତେଣୁ ଅସଫଳ ହେଲେ କିମ୍ବା ଅସଫଳ ହେବା ଭୟରେ କାର୍ଯ୍ୟରୁ ଓହୋରି ନ ଯାଇ ବାରମ୍ବାର ପ୍ରୟାସ କରନ୍ତୁ। ସଫଳତାର ରାସ୍ତାରେ ନାନା ବାଧା ଆସିବ ଏହାକୁ ଅତିକ୍ରମ କରି ସଫଳତା ହାସଲ କରିବାକୁ ପଡିବ ବୋଲି ନିଜ ମନକୁ ଦୃଢ଼ କରନ୍ତୁ। ଉଦ୍ୟମ ଓ ଚେଷ୍ଟା ଜାରି ରଖିଲେ ଲକ୍ଷ୍ୟ ପଥରେ ଦିନେ ନା ଦିନେ ନିଶ୍ଚୟ ସଫଳ ହେବେ ସେଥିରେ ସନ୍ଦେହ ନାହିଁ।

**ମାନସିକତା ପରିବର୍ତ୍ତନ କରନ୍ତୁ:** ଅନେକଙ୍କ ମନରେ ଧାରଣା ଥାଏ ଯେ, ସେମାନେ ଯାହା କରୁଛନ୍ତି ତାହା ହିଁ ଠିକ୍। ହେଲେ ଯଦି ଏହା ଆପଣଙ୍କ ବିଫଳତାର କାରଣ ହୋଇଥାଏ, ତେବେ ନିଜ ଜିଦ୍‌ରେ ଅଡି ନ ବସି ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। ସବୁବେଳେ ଭୁଲ୍ ଠିକ୍‌ର ବିଚାର କରନ୍ତୁ ଏବଂ କେଉଁଦିଗରେ ଆଗକୁ ବଢିଲେ ସଫଳତା ପାଇପାରିବେ ସେ ନେଇ ଅନ୍ୟମାନଙ୍କଠୁ ଶିଖିବାର ଇଚ୍ଛାଶକ୍ତି ରଖନ୍ତୁ।

**କର୍ମତତ୍ପର ହୁଅନ୍ତୁ:** ଆଳସ୍ୟ ମଣିଷର ସବୁଠୁ ବଡ ଶତ୍ରୁ। ଏଥିରେ ଥରେ କବଳିତ ହେଲେ ଲକ୍ଷ୍ୟ ହାସଲ କରିବାରେ ବାଧା ଉପୁଜିଥାଏ। ତେଣୁ ଏହାକୁ ତ୍ୟାଗ କରି କର୍ମତତ୍ପର ହୋଇ ଆଗେଇ ଚାଲନ୍ତୁ।

**ହୁଅନ୍ତୁନି ଓଭର କନ୍‌ଫିଡେଣ୍ଟ:** ଆତ୍ମବିଶ୍ୱାସ ସଫଳତାର ଚାବିକାଠି। ହେଲେ କେହି କେହି ଓଭର କନ୍‌ଫିଡେଣ୍ଟ ହୋଇ ଏହାକୁ ଅପବ୍ୟବହାର କରି ବସନ୍ତି, ଯାହାକି ସେମାନଙ୍କ ସଫଳତା ମାର୍ଗର ସବୁଠୁ ବଡ ଶତ୍ରୁ ପାଲଟିଯାଏ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ଓଭର କନ୍‌ଫିଡେଣ୍ଟ ନ ହୋଇ ନିଜ କର୍ମ ଓ ଦକ୍ଷତାବୃଦ୍ଧିକୁ ପ୍ରାଥମିକତା ଦିଅନ୍ତୁ।



## କ'ଣ କୁହନ୍ତି ଏମାନେ...



**ଉଦ୍ୟମ ହିଁ ସଫଳତାର ମୂଳମନ୍ତ୍ର:** ନିଷ୍ଠାର ସହିତ ଉଦ୍ୟମ ଜାରି ରଖିଲେ ସଫଳତାର ମାର୍ଗ ସରଳହୁଏ ବୋଲି ମୋର ବିଶ୍ୱାସ। ନିଜ କଥା କହିବି, ମଫସଲ ଗାଁରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ସମାଜରେ ପ୍ରତିଷ୍ଠା ପାଇବା ମୋ ପାଇଁ ଖୁବ୍ କଷ୍ଟକର ଯାତ୍ରା ଥିଲା। ତେବେ ମୋ ଯାତ୍ରାର ଭଲ ଦିଗଟି ଥିଲା, ଆଧୁନିକତା ଚାକଚକ୍ୟର ବଶବର୍ତ୍ତୀ ହୋଇ ମାଦକ ଦ୍ରବ୍ୟ ସେବନ ଆଦି ବଦଭ୍ୟାସ ନ ଆପଣାଇ କେବଳ ମୋ ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ ଜାରି ରଖିବା। ଆଉ ମୋର ଚେଷ୍ଟା ଓ ଭଗବଦ୍ ବିଶ୍ୱାସ ପାଇଁ ଆଜି ଏହି ସ୍ତରରେ ପହଞ୍ଚିପାରିଛି ବୋଲି କହିବି।

– **ଡ. ଭାରତ ଭୂଷଣ ରଥ**(ଅଧ୍ୟାପକ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,ତିରୁପତି,ଆନ୍ଧ୍ରପ୍ରଦେଶ।



**ବାବାଙ୍କୁ ଜୀବନର ଆଦର୍ଶ ବୋଲି ମାନିଛି:** ଜୀବନର ଅନ୍ୟ ନାମ ସଂଘର୍ଷ, ଯାହା ମୁଁ ମୋ ବାବାଙ୍କଠାରୁ ଶିଖିଛି। ସବୁବେଳେ ତାଙ୍କ ଆଦର୍ଶକୁ ପାଥେୟ କରି ଆଗକୁ ବଢ଼ିଛି। ପରିବାରର ସହଯୋଗ ଏବଂ ନିଜ ଉପରେ ରଖିଥିବା ବିଶ୍ୱାସ ପାଇଁ ମୁଁ ଆଜି ସଫଳତା ପାଇଛି। ବିପଦକୁ କେବେ ଡରିନି କି ପ୍ରତିକୂଳ ପରିସ୍ଥିତିରେ କେବେ ଭାଙ୍ଗି ପଡ଼ିନି। ସବୁବେଳେ ସକାରାତ୍ମକ ଦିଗକୁ ପାଥେୟ କରି ମୋ କାମକୁ ଠିକ୍ ଭାବେ କରିଛି। ପ୍ରତିଟି ବିଷୟକୁ ବାବାଙ୍କ ସହ ଆଲୋଚନା କରି ମୋ ଭିତରେ ଥିବା ଡରକୁ କମାଇଛି ଓ ମନୋବଳକୁ ଦୃଢ଼ କରିଛି। ଏବେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଖାଇବା ଅବହେଳା ହୋଇ ଦେହ ଖରାପ ହୋଇଥିଲେ ବି ତାକୁ ଖାତିର୍ ନ କରି ଲୋକଙ୍କ ସେବାକୁ ପ୍ରାଧାନ୍ୟ ଦେଉଛି।

– **ଆଶୁତୋଷ ଗୌରବ କର**(କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର)



**ଦୃଢ ଇଚ୍ଛାଶକ୍ତି ନେଇ ଆଗକୁ ବଢୁଛି:** ଜୀବନରେ ଲକ୍ଷ୍ୟ ପୂରଣ କରିବା ପାଇଁ ସଂଘର୍ଷ କରିବାକୁ ପଡେ, ପରିଶ୍ରମ କରିବାକୁ ପଡେ। ସବୁପ୍ରକାର ପରିସ୍ଥିତିକୁ ସାମ୍ନାକରି ଆଗକୁ ଯିବାକୁ ପଡେ। ସେହିଭଳି ମୁଁ ମଧ ମୋ ଲକ୍ଷ୍ୟ ହାସଲ ପାଇଁ ସବୁ ପ୍ରକାର ପରିସ୍ଥିତିକୁ ସାମ୍ନାକରି ସଂଘର୍ଷ କରିଚାଲିଛି। ଘରର ବଡପୁଅ ଭାବେ ସବୁଭାର ମୋ ମୁଣ୍ଡରେ। ଶିକ୍ଷକତା କରିବାର ଲକ୍ଷ୍ୟ ରଖିଥିବାରୁ ଏବେଠୁ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଛି। ମୋର ଦୈନିକ ରୁଟିନ୍‌ରେ ପଢିବାର ସମୟ ଧାର୍ଯ୍ୟ କରିଛି। ଯେତେ ବାଧାବିଘ୍ନ ଆସିଲେ ବି ପଛଘୁଞ୍ଚା ନ ଦେଇ ଦୃଢ ଇଚ୍ଛାଶକ୍ତି ରଖି ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିବି।

– **ସୁନନ୍ଦ ଦାସ**(ଛାତ୍ର,ବାଲେଶ୍ୱର)

## ଏ ସପ୍ତାହର ପ୍ରଶ୍ନ

୧– ଟୁନିସିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ......... ?
୨– ଏମ୍‌କେ–୪୪୮୨ ଏକ ........... ଡ୍ରଗ୍‌ର ନାମ ?
୩– ରାଜୀବ ଗାନ୍ଧୀ କିଷାନ ନ୍ୟାୟ ଯୋଜନା ........ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି ?
୪– 'ଇଣ୍ଟରନାଶନାଲ ସ୍ନୋ ଲିଓପାର୍ଡ ଡେ' ପ୍ରତି ବର୍ଷ ଅକ୍ଟୋବର ୨୩ ତାରିଖରେ ପାଳନ କରାଯାଏ।
୫– ପାରା ଅଲିମ୍ପିକ୍ସରେ ୨ଟି ମେଡାଲ୍ ହାସଲ କରିଥିବା ପ୍ରଥମ ମହିଳା ଖେଳାଳି ଅବନୀ ଲେଖାରା।

## ଗତ ଥରର ଉତ୍ତର

୧ ନୀଳ ନଦୀ
୨ ସମସୁଦ୍ଦିନ ଇଲ୍‌ତୁତ୍‌ମିସ
୩ ବିଲ୍ ଗେଟ୍
୪ ଆମାଜନ୍
୫ ସୁଇଜରଲାଣ୍ଡର ଲୌସାନେ

## ଉତ୍ତରଦାତା


ବିଘ୍ନରାଜ ଗଡୁଆ, ବଲାଙ୍ଗୀର


ବିଶ୍ୱଜିତ୍ ଆଚାର୍ଯ୍ୟ, ସୁବର୍ଣ୍ଣପୁର


କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବ କନିଷ୍ଠ ପିଏଚ୍‌ଡି ଡିଗ୍ରୀଧାରୀ



୧– କାର୍ଲ ୱିଟ୍...... ୧୩ ବର୍ଷ
୨– କିମ୍ ଉଙ୍ଗ୍ ୟୋଙ୍ଗ୍...... ୧୫ ବର୍ଷ
୩– ବାଲାମୁରଲୀ ଅମ୍ବାଟି...... ୧୭ ବର୍ଷ
୪– ରୁଥ୍ ଲରେନ୍ସ...... ୧୭ ବର୍ଷ
୫– ନର୍‌ବର୍ଟ ୱିନର୍...... ୧୭ ବର୍ଷ
୬– ଶୋ ୟାନୋ...... ୧୮ ବର୍ଷ
୭– ଜୁଲିଏଟ୍ ବେନି...... ୧୯ ବର୍ଷ
୮– ଚାର୍ଲ୍ସ ହୋମର ହସ୍କିନ୍ସ...... ୧୯ ବର୍ଷ
୯– ଏରିକ୍ ଡେମେନ୍...... ୨୦ ବର୍ଷ
୧୦– ଅକ୍ଷୟ ଭେଙ୍କଟେଶ୍...... ୨୦ ବର୍ଷ

## ଜାଣନ୍ତୁ ଦୁନିଆ

# ଅଜବ ବେଙ୍ଗ

**ବେଙ୍ଗ କିଏ ବା ନ ଦେଖିଛି। ହେଲେ ଏମିତି ବି କେତେକ ପ୍ରଜାତିର ବେଙ୍ଗ ଅଛନ୍ତି ଯାହାକୁ ଦେଖିଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବ। ଜାଣିବା ସେଭଳି କେତେକ ଅଜବ ବେଙ୍ଗ ସମ୍ପର୍କରେ...**

**ପିଡ଼ୋଫ୍ରାଇନ୍ ଆମୁଏନ୍‌ସିସ୍ :** ବିଶ୍ୱରେ ଥିବା ଭର୍ଟିବ୍ରେଟ୍‌ମାନଙ୍କ ମଧ୍ୟରେ ସବୁଠାରୁ କ୍ଷୁଦ୍ର ଜୀବ ହେଲା **ପିଡ଼ୋଫ୍ରାଇନ୍ ଆମୁଏନ୍‌ସିସ୍।** ଏହାର ଲମ୍ବା ପ୍ରାୟ ୭.୭ ମିଲିମିଟର। ସାଧାରଣତଃ ବେଙ୍ଗମାନେ ଟାଡ଼ପୋଲ୍ ଷ୍ଟେଜ୍ ଦେଇ ବଢୁଥିବା ବେଳେ ଏମାନଙ୍କଠାରେ କିନ୍ତୁ ଏହା ଦେଖାଯାଇ ନ ଥାଏ। ଏମାନେ ଦେଖିବାକୁ ଛୋଟ ଦେଖା ଯାଉଥିଲେ ମଧ କୀଟଙ୍କ ଭଳି ଖୁବ୍ ଜୋର୍‌ରେ ଶବ୍ଦ କରିପାରନ୍ତି। ନିଜ ଶରୀରର ଲମ୍ବାଠାରୁ ଏମାନେ ୩୦ ଗୁଣ ଅଧିକ ଉଚ୍ଚ ଡେଇଁ ପାରନ୍ତି। ଏମାନଙ୍କର ମୁଣ୍ଡ ଶରୀରଠାରୁ ଅପେକ୍ଷାକୃତ ବଡ଼। ଏମାନେ ପାପୁଆ ନ୍ୟୁ ଗିନୀ ଅଞ୍ଚଳର ସ୍ଥଳ ଭାଗରେ ରୁହନ୍ତି।


ମାଲାୟାନ୍ ହର୍ଣ୍ଣ୍ଡ ଫ୍ରଗ୍


ପିଡ଼ୋଫ୍ରାଇନ୍ ଆମୁଏନ୍‌ସିସ୍

**ମାଲାୟାନ୍ ହର୍ଣ୍ଣ୍ଡ ଫ୍ରଗ୍ :** ଏମାନଙ୍କୁ ଲଙ୍ଗ୍ ନୋଜ୍‌ଡ଼ ହର୍ଣ୍ଣ୍ଡ ଫ୍ରଗ୍ ମଧ କୁହାଯାଏ। ଏମାନଙ୍କର ଆଖିପତା ଓ ନାକ ତ୍ରିଭୁଜ ଆକାରର ହୋଇ ଆଗକୁ ବଢ଼ିଥାଏ, ଯାହା ଶିଙ୍ଘ ଭଳି ଦେଖାଯାଏ। ଯାହା ସାହାଯ୍ୟରେ ସେମାନେ ଗଛ କିମ୍ବା ପତ୍ର ଆଢୁଆଳରେ ଲୁଚି ରହି ତାଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଏମାନେ ୫ ଇଞ୍ଚ ପର୍ଯ୍ୟନ୍ତ ବଢ଼ିଥାନ୍ତି ଓ ଜୋର୍‌ରେ ରଡ଼ି ମଧ ଛାଡ଼ିଥାନ୍ତି। ସେମାନଙ୍କ ଦାନ୍ତ ଅନ୍ୟ ବେଙ୍ଗମାନଙ୍କ ଦାନ୍ତ ଅପେକ୍ଷା ବଡ଼ ଓ ବଙ୍କା। ଏମାନେ ମୂଷା, ଝିଟିପିଟି ଓ ବେଳେବେଳେ ଅନ୍ୟ ବେଙ୍ଗମାନଙ୍କୁ ମଧ ଖାଇଥାନ୍ତି। ଏମାନେ ମୁଖ୍ୟତଃ ବୋର୍ଣ୍ଣିଓ, ସିଙ୍ଗାପୁର ଓ ଥାଇଲାଣ୍ଡର ଦକ୍ଷିଣ ଭାଗରେ ଦେଖାଯାଆନ୍ତି।


ଟମାଟୋ ଫ୍ରଗ୍

**ଟମାଟୋ ଫ୍ରଗ୍:** ଏମାନେ ସାଧାରଣତଃ ପାଚିଲା ଟମାଟୋ ପରି ଲାଲ୍ ରଙ୍ଗର ଦେଖାଯାଆନ୍ତି। ଯେତେବେଳେ କୌଣସି ଜୀବ ଏହି ବେଙ୍ଗକୁ ଖାଇଦିଏ ବା କୌଣସି କାରଣରୁ ଏମାନେ ଭୟଭୀତ ହୋଇଯାଆନ୍ତି, ସେତେବେଳେ ଏମାନଙ୍କ ଶରୀରରୁ ଧଳା ରଙ୍ଗର ଏକ ବିଷାକ୍ତ ପଦାର୍ଥ ବାହାରେ ; ଯାହା କି ଶିକାରୀର ଆଖି ଓ ପାଟିକୁ ବେଶି ପ୍ରଭାବିତ କରେ। ଫଳରେ ଶିକାରୀଟି ବାଧ୍ୟ ହୋଇ ବେଙ୍ଗକୁ ଛାଡ଼ି ଦିଏ। ବେଳେବେଳେ ଏହି ବେଙ୍ଗ ମଣିଷମାନଙ୍କୁ କାମୁଡିଲେ ବିଭିନ୍ନ ପ୍ରକାରର ଆଲର୍ଜି ସୃଷ୍ଟି ହୁଏ। ମାଡାଗାସ୍କାର ଅଞ୍ଚଳରେ ଏହି ପ୍ରଜାତିର ବେଙ୍ଗ ବେଶି ଦେଖାଯାଆନ୍ତି। ଏମାନେ ସାଧାରଣତଃ ୬–୮ ବର୍ଷ ବଞ୍ଚନ୍ତି। ଏହି ପ୍ରଜାତିର ପୁରୁଷ ବେଙ୍ଗର ଆକାର(୨–୩ ଇଞ୍ଚ) ମାଈ ବେଙ୍ଗ(୪ ଇଞ୍ଚ) ତୁଳନାରେ କମ୍।

## ସ୍ୱାସ୍ଥ୍ୟ ଆଲର୍ଟ

# ଆଇ ମେକ୍‌ଅପ୍ ନେଉଥିଲେ...



**ଆଇ ମେକ୍‌ଅପ୍ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧିକରିଥାଏ। ହେଲେ ଆପଣ ଜାଣନ୍ତି କି ଆକର୍ଷଣୀୟ ଲୁକ୍ ଦେଉଥିବା ଏହି ମେକ୍‌ଅପ୍ ସାମଗ୍ରୀ ଅପରପକ୍ଷେ ଆଖିକୁ ହାନି ମଧ ପହଞ୍ଚାଇଥାଏ, ଜାଣି ରଖନ୍ତୁ ସେ ସମ୍ପର୍କରେ...**

➤ବର୍ତ୍ତମାନ ଅଧିକାଂଶଙ୍କର କାଜଳ ବିନା ଦୈନନ୍ଦିନ ମେକ୍‌ଅପ୍ ଯେମିତି ଅଧୁରା। ଏହାକୁ ଲଗାଇବା ଦ୍ୱାରା ଆଖି ଆକର୍ଷଣୀୟ ଏବଂ ସୁନ୍ଦର ଦିଶେ। କିନ୍ତୁ ଏହାର ବହୁଳ ବ୍ୟବହାର ଆଖି ପାଇଁ କ୍ଷତିକାରକ ହୋଇଥାଏ। କାରଣ ଏଥିରେ ଥିବା ରାସାୟନିକ ଉପାଦାନ ଆଖିରେ ଆଲର୍ଜି ଏବଂ ଶୁଷ୍କ(ଡ୍ରାଏ ଆଇ) ହେବା ଭଳି ସମସ୍ୟା ସୃଷ୍ଟି କରିଥାଏ।

➤ପୂର୍ବେ ଲୋକମାନେ ନିଜ ଘରେ କାଜଳ ତିଆରି କରୁଥିଲେ, ଯାହାକି ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହେଉଥିବାରୁ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଉ ନ ଥିଲା। ହେଲେ ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ କମ୍ପାନୀର କାଜଳ, ଆଇ ଲାଇନର୍, ମସ୍କରା, ଆଇ ସ୍ୟାଡୋ ଇତ୍ୟାଦି ଆଇ ମେକ୍‌ଅପ୍ ପ୍ରଡକ୍ଟରେ ଲେଡ୍ ବା ସୀସା, କାର୍ବନ, ବେଞ୍ଜାଲ୍‌କୋନିୟମ୍ କ୍ଲୋରାଇଡ୍ ଆଦି ଭଳି ବିଭିନ୍ନ ହାନୀକାରକ କେମିକାଲ୍ ମିଶା ଯାଉଛି, ଯାହାକି ବିଭିନ୍ନ ଚକ୍ଷୁ ସମସ୍ୟା ଉପୁଜାଇଥାଏ।

➤ଆମେ ସାଧାରଣତଃ ଆଖିପତାର ଧାରରେ କାଜଳ ଲଗାଇଥାଉ। ହେଲେ ଏହାଦ୍ୱାରା ଲୁହ ସୃଷ୍ଟି କରିବା ସହ ଆଖିକୁ ସୁସ୍ଥ ରଖିବାରେ ସାହାଯ୍ୟ କରୁଥିବା ମିବୋମିଆନ ନାମକ ତୈଳ ଗ୍ରନ୍ଥି ଅବରୋଧ ହୋଇଯାଏ, ଯାହାଦ୍ୱାରା ଆମ ଆଖି କୁଣ୍ଡେଇ ହୁଏ। ଆଖି କିମ୍ବା ଏହାର ଆଖପାଖ ଲାଲ୍ ପଡିବା,ଆଲର୍ଜି ସହ ଆଖି ଧରିବା ଭଳି ସମସ୍ୟା ସୃଷ୍ଟି କରିଥାଏ।

**ମନେ ରଖନ୍ତୁ...**

– ଶୋଇବା ପୂର୍ବରୁ ମେକଅପ୍ ରିମୁଭର ଦ୍ୱାରା ମେକଅପ୍‌କୁ ପୋଛିବାକୁ ଦିଅନ୍ତୁ।
– କେବଳ ପାଣି ମୁହଁରେ ଧୋଇବା ଯଥେଷ୍ଟ ନୁହେଁ। ବରଂ ଆପଣ କାଜଳ ଲିଭେଇବାକୁ ନଡିଆ ତେଲ ମଧ ବ୍ୟବହାର କରିପାରିବେ।
–ସାଧାରଣ କାଜଳ ନ ବ୍ୟବହାର କରି ଭଲ ବ୍ରାଣ୍ଡର କେମିକାଲ୍ ଫ୍ରି ହର୍ବାଲ୍ କାଜଳ ବ୍ୟବହାର କରନ୍ତୁ। କାଜଳ କିଣିବାବେଳେ ଇକୋମାର୍କ ଥିବା କାଜଳ କିଣନ୍ତୁ।
– ଅଏଲି କାଜଳ ଅପେକ୍ଷା ପାଣିରେ ସହଜରେ ଧୋଇହୋଇ ପାରୁଥିବାରୁ ଲିକ୍ୱିଡ୍ କାଜଳ ବ୍ୟବହାର କରିବା ଅପେକ୍ଷାକୃତ ଭଲ।
– ନିଜ ଆଇମେକ୍‌ଅପ୍ ସାମଗ୍ରୀ ଅନ୍ୟ କାହା ସହ ଶେୟାର କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ ଆଖି ଇନ୍‌ଫେକସନ୍ ହୋଇପାରେ। ଯଦି ଆପଣଙ୍କ କୌଣସି ଚକ୍ଷୁ ସମସ୍ୟା ଅଛି ତେବେ କାଜଳ ବ୍ୟବହାର ନ କରିବା ଭଲ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୧୭ ଅକ୍ଟୋବର, ୨୦୨୧ Sambalpur, Sunday, October 17/2021




ଟ୍ରଫି ସହ ଆଇପିଏଲ୍ ବିଜେତା ଚେନ୍ନାଇ ସୁପରକିଙ୍ଗ୍ସ ଦଳର ଖେଳାଳିମାନେ।

# ଚେନ୍ନାଇକୁ ଚତୁର୍ଥ ଟାଇଟଲ

**ଦୁବାଇ,୧୬।୧୦**

ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଚତୁର୍ଥ ଥର ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ହାସଲ କରିଛି। ଶୁକ୍ରବାର ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଚେନ୍ନାଇ ୨୭ ରନରେ ଇଅନ ମୋର୍ଗାନଙ୍କ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ୮୫ ରନ (୫୯ ବଲ, ୭ ଚୌକା, ୩ ଛକା)ର ଦ୍ରୁତ ଇନିଂସ ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଇନ୍‌ଫର୍ମ ଚେନ୍ନାଇ ବ୍ୟାଟର ଫାଫ୍ ଡୁପ୍ଲେସି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ପୂରା ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ କରିଥିବା ଦ୍ରୁତ ବୋଲର ହର୍ଶଲ ପଟେଲ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଟସ୍ ଜିତି କୋଲକାତା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୯୨ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ଜବରଦସ୍ତ ଆରମ୍ଭ କରିଥିଲେ ମଧ୍ୟ ମିଡଲ ଅର୍ଡର ବ୍ୟାଟର ଓ ଟେଲଏଣ୍ଡରଙ୍କ ବିଫଳତା ଯୋଗୁ ପରାସ୍ତ ହୋଇଥିଲା। ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୬୫ ରନରେ ସୀମିତ ରହି ପରାସ୍ତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୯୨/୩
(ଫାଫ୍ ଡୁପ୍ଲେସି- ୮୬, ଋତୁରାଜ ଗାଏକ୍ୱାଡ- ୩୨, ରବିନ ଉଥାପ୍ପା- ୩୧, ମୋଇନ ଅଲି- ୩୭*, ସୁନୀଲ ନାରିନ- ୨/୨୬, ଶିବମ ମାଭି- ୧/୩୨)।
କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୫/୯
(ଭେଙ୍କଟେଶ ଆୟାର- ୫୦, ଶୁବମନ ଗିଲ- ୫୧, ଶିବମ ମାଭି- ୨୦, ଲୋକି ଫର୍ଗୁଶନ- ୧୮*, ଶାର୍ଦ୍ଦୂଳ ଠାକୁର- ୩/୩୮, ଜୋଶ ହାଜେଲଉଡ- ୨/୨୯, ରବୀନ୍ଦ୍ର ଜାଡେଜା-୨/୩୭, ଡ୍ୱେନ ବ୍ରାଭୋ- ୧/୨୯, ଦୀପକ ଚହର- ୧/୩୨)।

**ଆଇପିଏଲ ପୁରସ୍କାର**

| ପୁରସ୍କାର | ଟିମ୍/ଖେଳାଳି | ଅର୍ଥରାଶି (ଟଙ୍କା) |
|---|---|---|
| ଚାମ୍ପିୟନ | ଚେନ୍ନାଇ ସୁପର କିଙ୍ଗ୍ସ | ୨୦ କୋଟି |
| ରନର୍ସଅପ୍ | କୋଲକାତା ନାଇଟ ରାଇଡର୍ସ | ୧୨.୫୦ କୋଟି |
| ମ୍ୟାନ୍ ଅଫ୍ ଦି ମ୍ୟାଚ୍ | ଫାଫ୍ ଡୁପ୍ଲେସି | ୧ ଲକ୍ଷ |
| ଅରେଞ୍ଜ କ୍ୟାପ୍ | ଋତୁରାଜ ଗାଏକ୍ୱାଡ | ୧୦ ଲକ୍ଷ |
| ପର୍ପଲ କ୍ୟାପ୍ | ହର୍ଶଲ ପଟେଲ | ୧୦ ଲକ୍ଷ |
| ପର୍ଫେକ୍ଟ କ୍ୟାଚ୍ ଅଫ୍ ଦି ସିଜନ | ରବି ବିଷ୍ଣୋଇ | ୧୦ ଲକ୍ଷ |
| ସୁପର ଷ୍ଟ୍ରାଇକର ଅଫ୍ ଦ ସିଜନ | ଶିମରନ ହେଟମେୟର | ୧୦ ଲକ୍ଷ |
| ଗେମ୍ ଚେଞ୍ଜର ଅଫ୍ ଦି ସିଜନ | ହର୍ଶଲ ପଟେଲ | ୧୦ ଲକ୍ଷ |
| ମୋଷ୍ଟ ସିକ୍ସେସ୍ | ଲୋକେଶ ରାହୁଲ | ୧୦ ଲକ୍ଷ |
| ପାୱାର ପ୍ଲେୟର ଅଫ୍ ଦି ସିଜନ | ଭେଙ୍କଟେଶ ଆୟାର | ୧୦ ଲକ୍ଷ |
| ଭାଲ୍ୟୁଏବଲ ଅଫ୍ ଦି ସିଜନ | ହର୍ଶଲ ପଟେଲ | ୧୦ ଲକ୍ଷ |
| ଫେୟାର ପ୍ଲେ ଅଫ୍ ଦି ସିଜନ | ରାଜସ୍ଥାନ ରୟାଲ୍ସ | |

# ୩୦୦ ଟି୨୦ ମ୍ୟାଚ୍‌ରେ ନେତୃତ୍ୱ ନେବାରେ ପ୍ରଥମ

**ଧୋନୀଙ୍କ ରେକର୍ଡ**

**ଦୁବାଇ,୧୬।୧୦**

ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ବିଶ୍ୱ କ୍ରିକେଟରେ ସେ ୩୦୦ ଟି୨୦ ମ୍ୟାଚ୍‌ରେ ନେତୃତ୍ୱ ନେବାରେ ପ୍ରଥମ ଅଧିନାୟକ ସାବ୍ୟସ୍ତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍ ଫାଇନାଲରେ ସେ ଦଳର ନେତୃତ୍ୱ ନେଇ ଏହି ସଫଳତା ପାଇଛନ୍ତି।

୪୦ ବର୍ଷୀୟ ଧୋନୀ ଦଶଥର ଆଇପିଏଲ ଫାଇନାଲ (ଚେନ୍ନାଇ ଅଧିନାୟକ ଭାବେ ନବମ)ରେ ନେତୃତ୍ୱ ନେଇଛନ୍ତି। ସେ ଚେନ୍ନାଇ ପାଇଁ ୨୧୪ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଛନ୍ତି। ଏଥିରେ ଚାମ୍ପିୟନ୍ସ ଲିଗ୍‌ର ୨୩ଟି ମ୍ୟାଚ୍ ସାମିଲ ରହିଛି। ସେ ମଧ୍ୟ ରାଇଜିଂ ପୁଣେ ଜ୍ୟାଣ୍ଟ୍ସ ପାଇଁ ୧୪ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଛନ୍ତି। ସେ ଭାରତ ପାଇଁ ୭୨ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଛନ୍ତି। ଏଥିରେ ୬ଟି ବିଶ୍ୱକପ୍ ସାମିଲ ରହିଛି। ୨୦୦୭ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ତାଙ୍କ ନେତୃତ୍ୱରେ ଟାଇଟଲ ଜିତିଥିଲା। ଏହି ବିଶ୍ୱକପ୍ ପୂର୍ବରୁ ଭାରତ ମାତ୍ର ଗୋଟିଏ ଟି୨୦ ଖେଳିଥିଲା। ଏହି ତାଲିକାରେ ୱେଷ୍ଟଇଣ୍ଡିଜର ଡାରେନ ସାମି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୨୦୮ଟି ଟି୨୦ ମ୍ୟାଚ୍‌ରେ ନେତୃତ୍ୱ ନେଇଛନ୍ତି। ଆଇପିଏଲ୍ ଫାଇନାଲ ଖେଳି ଧୋନୀ ଓ କୋଲକାତା ଅଧିନାୟକ ଇଅନ ମୋର୍ଗାନ ସେମାନଙ୍କ କ୍ୟାରିୟରର ୩୪୭ଟି ଟି୨୦ ଖେଳିଛନ୍ତି।

# ଦୃଷ୍ଟିହୀନ ମହିଳା କ୍ରିକେଟ ସିରିଜ: ଓଡ଼ିଶା ବିଜୟୀ

**ଭୁବନେଶ୍ୱର,୧୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ବେଙ୍ଗାଲୁରୁରେ ଅନୁଷ୍ଠିତ କର୍ନାଟକ ବିପକ୍ଷ ଦୃଷ୍ଟିହୀନ ମହିଳା କ୍ରିକେଟ ସିରିଜରେ ଓଡ଼ିଶା ୨-୧ରେ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହେବା ପରେ ଓଡ଼ିଶା ଦୃଢ ପ୍ରତ୍ୟାବର୍ତ୍ତନ କରି ଶେଷ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ୨୦୧୮ ପରଠାରୁ ଓଡ଼ିଶା ଦୃଷ୍ଟିହୀନ ମହିଳା ଦଳ ପରାଜୟ ବରଣ କରିନାହିଁ। ବି ୩ ବର୍ଗରେ ଝିଲି ବିରୁଆ, ବି ୨ରେ ରଚନା ଜେନା, ବି ୧ରେ କର୍ନାଟକର ବର୍ଷା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# ଭାରତୀୟ ମହିଳା ଫୁଟବଲ ଦଳରେ ୨ ଓଡ଼ିଆ



ପ୍ୟାରୀ ଖାଖା ଓ ମନୀଷା ପାଣ୍ଡା।

**ଭୁବନେଶ୍ୱର,୧୬।୧୦**

ଭାରତୀୟ ମହିଳା ଫୁଟବଲ ଦଳରେ ୨ଜଣ ଓଡ଼ିଆ ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ୟାରୀ ଖାଖା ଓ ମନୀଷା ପାଣ୍ଡା। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଘୋଷଣା କରିଥିବା ଭାରତୀୟ ଦଳରେ ଏହି ଦୁଇ ମହିଳା ଫୁଟ୍‌ବଲରଙ୍କୁ ସାମିଲ କରାଯାଇଛି। ୨୦୨୨ ଏଏଫ୍‌ସି ମହିଳା ଏସିଆନ କପ୍‌କୁ ଦୃଷ୍ଟି ରଖି ଅଭ୍ୟାସ ତଥା ପ୍ରସ୍ତୁତି ପାଇଁ ଏହି ଭାରତୀୟ ଦଳ ସୁଇଡେନ ଗସ୍ତ କରିବ ଓ ସେଠାରେ ଆସନ୍ତା ୧୫ରୁ ୨୪ ତାରିଖ ମଧ୍ୟରେ କେତୋଟି ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଖେଳିବ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ପଦାଧିକାରୀମାନେ ପ୍ୟାରୀ ଓ ମନୀଷାଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି।



କଳିଙ୍ଗ ହକି ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀଙ୍କ ଚକୋଲେଟ ମୂର୍ତ୍ତି ଉନ୍ମୋଚନ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ଯୁବସେବା ବିଭାଗ କମିଶନର ତଥା ସଚିବ ଆର୍. ଭିନିଲ କ୍ରିଷ୍ଣା ଓ ଓଡ଼ିଶା ହକି ହାଇ ପରଫର୍ମାନ୍ସ ସେଣ୍ଟରର ଆଥ୍‌ଲେଟମାନେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ




# ଜୟପୁର, ଗୋଆକୁ ସିଧାସଳଖ ଉଡ଼ିବ ବିମାନ

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର। ଭୁବନେଶ୍ୱରରୁ ରାଜସ୍ଥାନର ଜୟପୁର ଓ ଗୋଆକୁ ସିଧାସଳଖ ବିମାନ ଉଡ଼ିବ। ଆସନ୍ତା ନଭେମ୍ବର ୨ରୁ ଭୁବନେଶ୍ୱରରୁ ଜୟପୁରକୁ ବିମାନ ସେବା ଆରମ୍ଭ କରିବ ଇଣ୍ଡିଗୋ। ଗତ ସେପ୍ଟେମ୍ବର ୧୭ରେ ଏ ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଥିଲେ। ଏହାର ଉତ୍ତର ରଖି ସିନ୍ଧିଆ ଉଲ୍ଲେଖ କରିଛନ୍ତି, ନଭେମ୍ବର ୨ରୁ ଜୟପୁରକୁ ସିଧାସଳଖ ବିମାନ ଉଡ଼ିବ। ସପ୍ତାହରେ ୩ ଥର ଏହି ବିମାନ ଚଳାଚଳ କରିବ। ଏହା ଉଭୟ ଓଡ଼ିଶା ଓ ରାଜସ୍ଥାନର ଅର୍ଥନୀତିକୁ ମଜଭୁତ କରିବାରେ ସହାୟକ ହେବ। ସେହିପରି ଭୁବନେଶ୍ୱରରୁ ଗୋଆକୁ ମଧ୍ୟ ସିଧାସଳଖ ବିମାନ ଉଡ଼ିବ। ଏ ନେଇ ଶନିବାର ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡିସେମ୍ବର ୧ରୁ ପ୍ରତିଦିନ ଗୋଆକୁ ବିମାନ ଚଳାଚଳ କରିବ। ଇଣ୍ଡିଗୋ ପକ୍ଷରୁ ଏହି ସେବା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଓ ନିଷ୍ଠା ଯୋଗୁ ଭୁବନେଶ୍ୱର-ଜୟପୁର ଓ ଭୁବନେଶ୍ୱର-ଗୋଆ ସିଧାସଳଖ ବିମାନ ଉଡ଼ିବା ସମ୍ଭବ ହେବ। ଏହାଦ୍ୱାରା ରାଜ୍ୟରେ ପର୍ଯ୍ୟଟକ ବଢ଼ିବେ ଏବଂ ବ୍ୟବସାୟ କ୍ଷେତ୍ରରେ ବି ଉନ୍ନତି ଆସିବ।

# ମନୀଷଙ୍କୁ ସାଙ୍ଗ ହତ୍ୟା କରିଛନ୍ତି

## ବିଲ୍ ପେମେଣ୍ଟକୁ ନେଇ ହୋଇଥିଲା ଧସ୍ତାଧସ୍ତି

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ଦାସଙ୍କୁ ସାଙ୍ଗମାନେ ହତ୍ୟା କରିଛନ୍ତି। ବିଲ୍ ପେମେଣ୍ଟକୁ କେନ୍ଦ୍ରକରି ହୋଟେଲ ବାହାରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ମନୀଷଙ୍କ ମୃତ୍ୟୁ ଘଟିଥିଲା। ପରେ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ ୩ ଅଭିଯୁକ୍ତ ପୋଖରୀରେ ପକାଇଦେଇ ଫେରାର ହୋଇଯାଇଥିଲେ ବୋଲି ଡିସିପି ଉମାଶଙ୍କର ଦାସ ଶନିବାର ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ମନୀଷଙ୍କ ସାଙ୍ଗ ନୟପାଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଅମ୍ରିତ ପ୍ରୀତମ ବିଶ୍ୱାଳ, କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଅମଲାପଡ଼ା ଅଞ୍ଚଳର

### ୩ ଅଭିଯୁକ୍ତ କୋର୍ଟଚାଲାଣ

ଦୀନେଶ କୁମାର ମହାପାତ୍ର ଓରଫ ଲିଟୁ ଓ ପିଅନପଡ଼ା ଅଞ୍ଚଳର ମୃତ୍ୟୁଞ୍ଜୟ ମିଶ୍ର ଓରଫ ମୁନାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଇନ୍‌ଫୋସିଟି ଥାନାରେ ହୋଇଥିବା ଅଭିଯୋଗକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା. ୩୬୪(ଏ)(ଅପହରଣ), ୩୦୨(ହତ୍ୟା),୨୦୧(ପ୍ରମାଣ ନଷ୍ଟ), ୩୪(ସମାନ ଉଦ୍ଦେଶ୍ୟ)ରେ ଏକ ମାମଲା(ନଂ. ୨୨୨/୨୧) ରୁଜୁ କରିଛି। କୋର୍ଟରେ ଅମ୍ରିତଙ୍କ ପାଇଁ ଓକିଲ ଜାମିନ ଆବେଦନ କରିଥିବାବେଳେ ଅନ୍ୟ ୨ଜଣଙ୍କ ପାଇଁ କେହି ଆବେଦନ କରି ନାହାନ୍ତି। ସମସ୍ତ ୩ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବାବେଳେ ପୋଲିସ ସେମାନଙ୍କୁ ୫ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଛି।

ଡିସିପି ଦାସଙ୍କ ସୂଚନା ଅନୁସାରେ ଗତ ୯ତାରିଖ ଅପରାହ୍ନରେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ରହୁଥିବା ତାପସ ନାମକ ସାଙ୍ଗଙ୍କୁ ମନୀଷ ଦେଖାକରିବାକୁ ଯାଇଥିଲେ। ପରେ ସାଢେ ୫ଟା ବେଳେ ମନୀଷଙ୍କୁ ଅଭିଯୁକ୍ତ ଅମ୍ରିତ ବିଶ୍ୱାଳ ଫୋନ କରିବା ସହ ତାଙ୍କ ଅନ୍ୟ ୨ସାଙ୍ଗ ମୃତ୍ୟୁଞ୍ଜୟ ମିଶ୍ର, ଦୀନେଶ ମହାପାତ୍ରଙ୍କ ସହ ଏକ ବ୍ୟାଚଲର ପାର୍ଟିରେ ଯିବାକୁ କହିଥିଲେ। ଏଥିସହ ଅମ୍ରିତ ଓଡି ୦୨- ଏକ୍ସ- ୯୬୯୬ ନମ୍ବର ବିଶିଷ୍ଟ ଏକ କାରରେ ୨ ସାଙ୍ଗଙ୍କୁ ଧରି ମନୀଷଙ୍କ ନିକଟରେ ପହଞ୍ଚିଥିଲେ। ସେଠାରେ ସେମାନେ ☞ପୃଷ୍ଠା-୬



ଅମ୍ରିତ ପ୍ରୀତମ ବିଶ୍ୱାଳ | ମୃତ୍ୟୁଞ୍ଜୟ ମିଶ୍ର | ଦୀନେଶ କୁମାର ମହାପାତ୍ର

# ଜେଇଇ ଆଡ୍‌ଭାନ୍ସଡ୍ ରେଜଲ୍ଟ ଗୌତମ ଦାସ ରାଜ୍ୟ ଟପ୍ପର



ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ଆଡ୍‌ଭାନ୍ସଡ୍ ରେଜଲ୍ଟ ଶନିବାର ପ୍ରକାଶ ପାଇଛି। ଚଳିତବର୍ଷ ୪୧,୮୬୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ଦିଲ୍ଲୀର ମୃଦୁଳ ଅଗ୍ରୱାଲ ସର୍ବଭାରତୀୟ ଟପ୍ପର ହୋଇଥିବାବେଳେ ସେ ମୋଟ୍ ୩୬୦ରୁ ୩୪୮ ମାର୍କ ରଖିଛନ୍ତି। କାବ୍ୟା ଚୋପ୍ରା ୨୮୬ ମାର୍କ ରଖି ମହିଳା ବିଭାଗରେ ଟପ୍ପର ହୋଇଛନ୍ତି। ସେହିପରି ଓଡ଼ିଶାର ଗୌତମ ଦାସ ରାଜ୍ୟ ଟପ୍ପର ହୋଇଛନ୍ତି। ସେ ମୋଟ ୨୮୨ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୧୧୫ତମ ର୍ୟାଙ୍କ୍ ହାସଲ କରିଛନ୍ତି। ଜେଇଇ ମେନ୍‌ରେ ମଧ୍ୟ ସେ ରାଜ୍ୟ ଟପ୍ପର ହୋଇଥିଲେ। ୯୯.୯୯ ପର୍ସେଣ୍ଟାଇଲ ମାର୍କ ରଖି ☞ପୃଷ୍ଠା-୬

# ୨୧ରୁ ଏକାଦଶ, ୨୫ରୁ ଅଷ୍ଟମ କ୍ଲାସ୍

## ଏସ୍‌ଓପି ଜାରି କଲା ଗଣଶିକ୍ଷା ବିଭାଗ

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

କରୋନା କଟକଣା ଭିତରେ ଅଷ୍ଟମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଆସନ୍ତା ୨୧ ତାରିଖରୁ ଏକାଦଶ ଓ ୨୫ରୁ ଅଷ୍ଟମ ଶ୍ରେଣୀ ପାଠପଢ଼ା ଆରମ୍ଭ ହେବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏସ୍‌ଓପି ଜାରି କରିଛି। ଏକାଦଶ କ୍ଲାସ୍ ସକାଳ ୧୦ଟାରୁ ଅପରାହ୍ନ ସାଢ଼େ ୧ଟା ଯାଏ ଚାଲିବ। ସେହିପରି ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଅଷ୍ଟମ କ୍ଲାସ୍ ହେବ। ଅଷ୍ଟମ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯିବ ନାହିଁ। ସ୍କୁଲ ଖୋଲିଲେ ମଧ ଅଫ୍‌ଲାଇନ୍ ସହ ଅନଲାଇନ୍‌ରେ ପାଠପଢ଼ା ହେବ। ସ୍କୁଲକୁ ଆସିବା ପାଇଁ କାହାକୁ ବାଧ୍ୟ କରାଯାଇପାରିବ ନାହିଁ। ଅଭିଭାବକଙ୍କ ଅନୁମତି ନେଇ ପିଲାମାନେ ସ୍କୁଲକୁ ଆସିବେ। କଣ୍ଟେନମେଣ୍ଟ ଜୋନ୍‌ରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଆସିବା ମନା ହୋଇଛି। ପଞ୍ଚାୟତିରାଜ ବିଭାଗର ତୃଣମୂଳ ସଦସ୍ୟଙ୍କ ସହ ମିଶି ସ୍କୁଲର ଭିତ୍ତିଭୂମିକୁ ସଜାଡ଼ିବା, ସରକାରଙ୍କ ପକ୍ଷରୁ ଜାରି ଏସ୍‌ଓପିକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ସ୍କୁଲ ☞ପୃଷ୍ଠା-୬

# ମାଓବାଦୀ ନେତା ଆର୍‌କେଙ୍କ ମୃତ୍ୟୁ

ମାଲକାନଗିରି,୧୬।୧୦(ଡି.ଏନ୍.ଏ.)

ଦୀର୍ଘ ୪ ଦଶନ୍ଧି ଧରି ମାଓବାଦୀ ସଙ୍ଗଠନର ନେତୃତ୍ୱ ନେଇଥିବା ହାର୍ଡକୋର ମାଓବାଦୀ ନେତା ଆର୍.କେ. ଓରଫ୍ ଆକିରାଜୁଙ୍କର ଗୁରୁବାର ମୃତ୍ୟୁ ଘଟିଛି। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ଛତିଶଗଡ଼ ଦକ୍ଷିଣବସ୍ତର (ଦଣ୍ଡକାରଣ୍ୟ) ଜଙ୍ଗଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ମାଓବାଦୀ ସଙ୍ଗଠନ ସ୍ପଷ୍ଟ କରିଛି। ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲାର ମୂଳନିବାସୀ ଆର୍‌କେ ୧୯୯୮ରେ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ସ୍ନାତକୋତ୍ତର



ପରେ ଶିକ୍ଷକତା କରୁଥିଲେ। ଶିକ୍ଷକତା ଛାଡ଼ି ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ତାଙ୍କ ନାମରେ ଓଡ଼ିଶାରେ ବିଭିନ୍ନ ଥାନାରେ ୨ଶହରୁ ଊର୍ଦ୍ଧ୍ୱ ମାମଲା ରହିଛି। ☞ପୃଷ୍ଠା-୬

# ଭିନ୍ନକ୍ଷମ ଯୁବତୀଙ୍କୁ ଗଣବଳାତ୍କାର: ୮ ଗିରଫ

ନୂଆଗାଁ, ୧୬।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅଞ୍ଚଳରେ ଜଣେ ଯୁବତୀ (୧୯)ଙ୍କୁ ବର୍ଷେ ଧରି ଗଣବଳାତ୍କାର କରାଯାଇଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ଏହି ଘଟଣାରେ ତଦନ୍ତ କରି ପୋଲିସ ଗୁରୁବାର ୮ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଆଉ କିଏ ସାମିଲ ଅଛନ୍ତି ସେନେଇ ତଦନ୍ତ ଚାଲିଛି।

ପ୍ରକାଶ ଯେ, ସମ୍ପୃକ୍ତ ଯୁବତୀଙ୍କୁ ୩ଜଣ ଯୁବକ ଗତବର୍ଷ ବଳାତ୍କାର କରିଥିଲେ। ଯୁବତୀ ମାନସିକ ଭିନ୍ନକ୍ଷମ ହୋଇଥିବାରୁ କାହାକୁ କିଛି କହି ନ ଥିଲେ। ଏହାର ସୁଯୋଗରେ ସେହି ଯୁବକମାନେ ବାରମ୍ବାର ସମ୍ପୃକ୍ତ ଯୁବତୀଙ୍କୁ ଗଣବଳାତ୍କାର କରିଚାଲିଥିଲେ। ଏହି ଘଟଣା ସମ୍ପୃକ୍ତ ୩ଯୁବକଙ୍କ ଅନ୍ୟ ସାଙ୍ଗମାନେ ଜାଣିବା ପରେ ସେମାନେ ମଧ୍ୟ ଉକ୍ତ ଯୁବତୀଙ୍କୁ ବଳାତ୍କାର କରିଚାଲିଥିଲେ। ତେବେ ଇତି ମଧ୍ୟରେ ସମ୍ପୃକ୍ତ ଯୁବତୀ ଗର୍ଭବତୀ ହୋଇଥିଲେ। ପରିବାର ଲୋକେ ପଚରାଉଚରା କରିବାରୁ ଯୁବତୀ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ଏନେଇ ହାତୀବାରି ଥାନାରେ ୧୩ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୦୭/୨୦୨୧) ରୁଜୁ କରିଥିଲା। ଏହି ଘଟଣାକୁ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଗୁରୁତର ସହ ନେଇ ତଦନ୍ତ ପାଇଁ ଏକ ଟିମ୍ ଗଠନ କରିଥିଲେ। ଟିମ୍‌ର ଦାୟିତ୍ୱ ଡେପୁଟି ଏସ୍‌ପି ଗୁରୁବାରୀ ହେମ୍ବ୍ରମଙ୍କୁ ଦେଇଥିଲେ। ଏହି ଟିମ୍‌ରେ ବୀରମିତ୍ରପୁର ଏସ୍‌ଡିପିଓ ମାନସରଞ୍ଜନ ପ୍ରଧାନ, ହାତୀବାରି ଥାନା ଅଧିକାରୀ ହୃଷୀକେଶ ବେହେରା, ଏସ୍‌ଆଇ ପ୍ରଶାନ୍ତ କୁମାର ସେନାପତି, ଟି.ନାଗେଶ୍ୱର ରାଓ, ବୁଦ୍ଧଦେବ ଓରାମ, ସୁଶାନ୍ତ ପାତ୍ର ପ୍ରମୁଖ ସାମିଲ ଥିଲେ। ସେମାନେ ଘଟଣାର ତଦନ୍ତ କରି ୮ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଘଟଣାର ତଦନ୍ତ ଚାଲିଥିବାରୁ ପୋଲିସ ଅଭିଯୁକ୍ତଙ୍କ ପରିଚୟ ଦେଇନାହିଁ।

## ନାବାଳିକାଙ୍କୁ ବଳାତ୍କାର, ଯୁବକ କୋର୍ଟ ଚାଲାଣ

ଲହୁଣୀପଡା,୧୬।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ତୁମକଳା ଗ୍ରାମର ଜଣେ ଯୁବକ ସେହି ଗ୍ରାମର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଲହୁଣୀପଡ଼ା ଥାନାରେ ଅଭିଯୋଗ ହୋଇଛି। ତୁମକଳା ଗ୍ରାମର ପ୍ରଦୀପ ପାତ୍ର(୨୧)ସେହି ଗ୍ରାମର ୧୪ବର୍ଷ ନାବାଳିକାଙ୍କୁ ବଳାତ୍କାର କରିବା ଘଟଣା ନାବାଳିକା ଜଣକ ନିଜ ଘରେ ପ୍ରକାଶ କରିବାରୁ ପରିବାର ପକ୍ଷରୁ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।



# ସେପ୍ଟେମ୍ବର ୨୦ ସୁଦ୍ଧା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ

## ଅଧ୍ୟକ୍ଷ ହେବା ନେଇ ବିଚାର କରିବେ କହିଲେ ରାହୁଲ

ନୂଆଦିଲ୍ଲୀ, ୧୬।୧୦(ପି.ଟି.)

କଂଗ୍ରେସ ଦଳର ଅଧ୍ୟକ୍ଷ ପଦ ଲାଗି ନିର୍ବାଚନ ଆସନ୍ତା ବର୍ଷ ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୨୦ ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ବସିଥିବା କଂଗ୍ରେସ କାର୍ଯ୍ୟକାରୀ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହା ଘୋଷଣା କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ସ୍ତରରେ ସାଂଗଠନିକ ନିର୍ବାଚନ କାର୍ଯ୍ୟସୂଚୀକୁ ବୈଠକରେ ଅନୁମୋଦନ କରାଯାଇଛି। ପଞ୍ଜାବ, ରାଜସ୍ଥାନ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସମେତ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଏ.କେ. ଆଣ୍ଟୋନି ପୁଣିଥରେ ରାହୁଲ ଗାନ୍ଧୀଙ୍କୁ ଦଳର ମଙ୍ଗ ଧରିବା ନେଇ ଅନୁରୋଧ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ହେବା ନେଇ ସେ ବିଚାର କରିବେ ବୋଲି କହିଥିବା ଏକ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫା ଫଳରେ ଦଳରେ ନେତୃତ୍ୱ ସଙ୍କଟ ସୃଷ୍ଟି ହୋଇଥିଲା ଏବଂ ସୋନିଆ ଗାନ୍ଧୀଙ୍କୁ ଅନ୍ତରୀଣ ଅଧ୍ୟକ୍ଷ କରାଯାଇଥିଲା। ଏହା ପରେ ଦଳରେ ଜଣେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନିର୍ବାଚନ ସମେତ ସାଂଗଠନିକ ସ୍ତରରେ ପରିବର୍ତ୍ତନ ପାଇଁ ଦୀର୍ଘଦିନ ହେଲା ଦଳ ଭିତରୁ ଦାବି ହୋଇଆସୁଛି। ରାହୁଲଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପାଇଁ ପୂର୍ବରୁ ମଧ୍ୟ ଏକାଧିକ ଥର ଅନୁରୋଧ କରାଯାଇଛି। ୯୯.୯ ପ୍ରତିଶତ ରାହୁଲଙ୍କୁ ଦଳର ଅଧ୍ୟକ୍ଷ ପଦରେ ଦେଖିବାକୁ ଚାହାନ୍ତି ବୋଲି ଗତ ଡିସେମ୍ବରରେ ରଣଦୀପ ସୁର୍ଜେୱାଲା କହିଥିଲେ। ରାହୁଲଙ୍କୁ ଦଳର ନେତୃତ୍ୱ ନେବା ଲାଗି କହିବା ନିମନ୍ତେ ଗତ ଜାନୁୟାରୀରେ ଦଳର ଦିଲ୍ଲୀ ଶାଖା ଏକ ପ୍ରସ୍ତାବ ଗୃହୀତ କରାଇଥିଲା। ନେହେରୁ-ଗାନ୍ଧୀ ପରିବାର ବାହାରୁ ଜଣକୁ ନେତୃତ୍ୱ ଦେବା ପାଇଁ ୨୦୧୯ରେ ଅଧ୍ୟକ୍ଷ ପଦ ଛାଡ଼ିବା ବେଳେ ରାହୁଲ କହିଥିଲେ। ତେବେ ଗାନ୍ଧୀ ପରିବାର ଦଳ ମୁଖ୍ୟ ପଦରେ ନ ରହି କ୍ଷମତା କେନ୍ଦ୍ର ରହିବା ଓ କୌଣସି ବଡ଼ ନିଷ୍ପତ୍ତି ସେମାନଙ୍କ ବିନା ଅନୁମତିରେ ନିଆ ନ ଯିବା ଚାହାନ୍ତି ବୋଲି ଦଳର ଅସନ୍ତୁଷ୍ଟ ୨୩ ଜଣ ନେତା (ଜି-୨୩) ଅଭିଯୋଗ କରିଥିଲେ। ଶନିବାର ବୈଠକରେ ସୋନିଆ ଗାନ୍ଧୀ ନିଜକୁ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ କହିବା ସହ ସମାଲୋଚକଙ୍କୁ କଡ଼ା ଜବାବ ଦେଇଛନ୍ତି।

୫ ଘଣ୍ଟା ଧରି ସିଡବ୍ଲୁସି ବୈଠକ ଚାଲିବା ପରେ ଦଳର ସାଂଗଠନିକ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଅଧ୍ୟକ୍ଷ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ନିର୍ବାଚନ ପାଇଁ ଆସନ୍ତା ନଭେମ୍ବର ୧ରୁ ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସଦସ୍ୟ ସଂଗ୍ରହ ଅଭିଯାନ ଜାରି ରହିବ। ଜୁଲାଇ ୨୧ରୁ ଅଗଷ୍ଟ ୨୦ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିଗୁଡ଼ିକର ଅଧ୍ୟକ୍ଷ, ଉପାଧ୍ୟକ୍ଷ, କୋଷାଧ୍ୟକ୍ଷ, କାର୍ଯ୍ୟକାରୀ ସଦସ୍ୟ ଏବଂ ଏଆଇସିସି ସଦସ୍ୟ ନିର୍ବାଚନ ଅନୁଷ୍ଠିତ ହେବ। କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଅଗଷ୍ଟ୨୧ରୁ ସେପ୍ଟେମ୍ବର ୨୦ ମଧ୍ୟରେ ହେବ ବୋଲି ବେଣୁଗୋପାଳ ଘୋଷଣା କରିଥିଲେ। ସିଡବ୍ଲୁସି ବୈଠକରେ ୩ଟି ପ୍ରସ୍ତାବ ଗୃହୀତ ହୋଇଛି। ରାଜନୈତିକ ସ୍ଥିତିକୁ ନେଇ ଗୋଟିଏ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ଅନ୍ୟ ଦୁଇଟି ଚାଷୀଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ବୋଲି ବେଣୁଗୋପାଳ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେଠାରେ ଦଳର ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଉପସ୍ଥିତ ଥିଲେ। ବୈଠକରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ୩ କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।


ସିଡବ୍ଲୁସି ବୈଠକରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ଅନ୍ୟ ନେତାମାନେ।

# ଅନ୍ନଦାତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଆକ୍ରମଣ: କଂଗ୍ରେସ

## ଲଖିମପୁର ଖେରି ହିଂସା

ନୂଆଦିଲ୍ଲୀ, ୧୬।୧୦

ଉତ୍ତରପ୍ରଦେଶର ଲଖିମପୁର ଖେରିରେ ଚାଷୀମାନଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ବେଳେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ ପୁଅ ଗାଡ଼ି ମାଡ଼ିଯାଇ ୪ ଜଣ ଚାଷୀଙ୍କ ମୃତ୍ୟୁ ଘଟିଥିଲା। କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ କ୍ୟାବିନେଟରୁ ବହିଷ୍କାର କରିବା ଲାଗି କଂଗ୍ରେସ ସମେତ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲା ବେଳେ ତାଙ୍କୁ ହଟାଯାଇ ନ ଥିବାରୁ ଶନିବାର କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ବୈଠକରେ ଲଖିମପୁର ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହା ସରକାରଙ୍କ ଔଦ୍ଧତ୍ୟ ବୋଲି କଂଗ୍ରେସ କହିଛି। ଗତ ୭ ବର୍ଷ ହେଲା କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଅନ୍ନଦାତା ଏବଂ ଭୂମିହୀନ କୃଷି ଶ୍ରମିକଙ୍କ ଜୀବନ ଜୀବିକା ଉପରେ ଆକ୍ରମଣ କରିଚାଲିଛି ବୋଲି ସିଡବ୍ଲୁସି ବୈଠକରେ ଗୃହୀତ ହୋଇଥିବା ପ୍ରସ୍ତାବରେ କୁହାଯାଇଛି। ଅକ୍ଟୋବର ୩ ଲଖିମପୁର ଘଟଣାରେ ୪ ଚାଷୀଙ୍କ ସମେତ ୮ ଜଣଙ୍କ ଜୀବନ ଗଲା। ଏହି ଘଟଣାରେ ମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଗିରଫ କରାଯାଇଛି। ତେବେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର କରାଯାଉ ନ ଥିବାରୁ କଂଗ୍ରେସ ଏହାର ନିନ୍ଦା କରିଛି।




# ବ୍ୟାନରରୁ ବିଜେଡି ନେତ୍ରୀଙ୍କ ମୁଣ୍ଡ ଗାଏବ

ଉଦଳା, ୧୬।୧୦ (ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ମୟୂରଭଞ୍ଜ ଜିଲା ଉଦଳାରେ ଏବେଠାରୁ ରାଜନୀତି ଜୋର୍ ଧରିଛି। ପୁଣି ଏଭଳି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ଉଦଳା ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ପବିତ୍ର ଦୁର୍ଗାପୂଜା ଅବସରରେ ବିଜୁ ମହିଳା ଜନତା ଦଳ ମୟୂରଭଞ୍ଜ-୧ ର ଜିଲା କାର୍ଯ୍ୟକାରୀ ସଭାପତି ସବିତା ହାଁସଦା ଗତ ୧୩ ତାରିଖରେ ଉଦଳା ହାଇସ୍କୁଲ ଛକ ନିକଟରେ ଏକ ଶୁଭେଚ୍ଛା ବାର୍ତ୍ତାର ବ୍ୟାନର ଲଗାଇଥିଲେ। କେହି ଦୁର୍ବୃତ୍ତ ଉକ୍ତ ବ୍ୟାନରରୁ ବିଜେଡି ନେତ୍ରୀ ହାଁସଦାଙ୍କ ଫଟୋରୁ ମୁଣ୍ଡ ଅଂଶଟିକୁ ଚିରି ଦେଇଥିବା ୧୪ ତାରିଖ ସକାଳେ ଦେଖିବାକୁ ମିଳିଥିଲା।

ଏ ସମ୍ପର୍କରେ ବିଜେଡି ନେତ୍ରୀ ହାଁସଦା କହିଛନ୍ତି, ତାଙ୍କର କେହି ପାରିବାରିକ ଶତ୍ରୁ ନାହାନ୍ତି। କୌଣସି ରାଜନୈତିକ ଶତ୍ରୁ ଏପରି କରିଥାଇପାରନ୍ତି। ଏହା ଏକ ହୀନ ମାନସିକତା ବୋଲି ମଧ୍ୟ ସେ କହିଛନ୍ତି। ତେବେ ଏହି ଘଟଣାକୁ ଉଦଳାର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ତୀବ୍ର ନିନ୍ଦା କରିଛନ୍ତି।



ବ୍ୟାନରରୁ ବିଜେଡି ନେତ୍ରୀ ସବିତା ହାଁସଦାଙ୍କ ମୁଣ୍ଡର ଫଟୋକୁ ଚିରି ଦିଆଯାଇଛି।

# ଚାଷୀଙ୍କ ରେଳରୋକୋକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୧୮ ତାରିଖ ସୋମବାର ସାରାଦେଶରେ ୬ ଘଣ୍ଟିଆ ରେଳରୋକୋ କରାଯିବ। ଉତ୍ତରପ୍ରଦେଶର ଲଖିମପୁର ଖେରିରେ କୃଷକଙ୍କ ଉପରକୁ ଗାଡି ଚଢାଇ ହତ୍ୟା ଘଟଣାରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରିବା, ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ମୋର୍ଚ୍ଚା ଏହି ରେଳରୋକୋ ଡାକରା ଦେଇଛି। ପୂର୍ବାହ୍ନ ୧୦ରୁ ରେଳରୋକୋ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଓଡିଶାର ସମସ୍ତ ରେଳ ଷ୍ଟେଶନରେ ଶାନ୍ତିପୂର୍ଣ୍ଣ ଭାବେ ଏହି ଆନ୍ଦୋଳନ କରାଯିବ। ଏଥିପାଇଁ ରାଜ୍ୟବାସୀଙ୍କ ସହଯୋଗ ଲୋଡ଼ିଛି କିଷାନ ମୋର୍ଚ୍ଚା। ଅନ୍ୟପକ୍ଷରେ ଏହି ରେଳରୋକୋକୁ ଭାରତୀୟ ଜାତୀୟ କଂଗ୍ରେସ ସମର୍ଥନ ଦେଇଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ସେ କହିଛନ୍ତି, କେନ୍ଦ୍ରର ମୋଦି ସରକାର ହେଉଛନ୍ତି ଦେଶ ଓ ଦେଶବାସୀଙ୍କ ଶତ୍ରୁ। ଦେଶରେ ଚାଲିଥିବା ଅନ୍ୟାୟ, ଅବିଚାର, ଅତ୍ୟାଚାର, କୃଷକ ଗଣହତ୍ୟା, କୃଷକ ଶ୍ରମିକ ମାରଣନୀତି, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି, କ୍ରମବର୍ଦ୍ଧିଷ୍ଣୁ ବେକାରୀ ସମସ୍ୟା, ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଏବଂ ମହିଳାଙ୍କ ବିରୋଧରେ ହିଂସା ଆଦି ପାଇଁ କେନ୍ଦ୍ର ସରକାର ଦାୟୀ। ଜିଲାସ୍ତରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସାରା ରାଜ୍ୟରେ ରେଳରୋକୋ ଅନ୍ଦୋଳନକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାପାଇଁ ପିସିସି ସଭାପତି ପଟ୍ଟନାୟକ ସମସ୍ତ ଜିଲା ସଭାପତିଙ୍କୁ ଏନେଇ ପତ୍ର ଲେଖିଛନ୍ତି।

# ସୀମାନ୍ତବାସୀଙ୍କୁ ହାତେଇବାକୁ ଚକ୍ରାନ୍ତ

**ବାରିପଦା ଅଫିସ, ୧୬।୧୦**-ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ସୀମାନ୍ତରେ ଥିବା ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ହାତେଇବାକୁ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଚକ୍ରାନ୍ତ ଚଳାଇଛି। ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଲୋକଙ୍କ ଗମନାଗମନ, ପାନୀୟଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଦିଗରେ ଜିଲା ପ୍ରଶାସନ ଅବହେଳା କରୁଥିବା ନେଇ ୪ର୍ଥ ଜିଲା ଉନ୍ନୟନ ସମନ୍ୱୟ ଓ କାର୍ଯ୍ୟକାରୀ କମିଟି (ଦିଶା) ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ଓ ସେମାନଙ୍କ ନିଷ୍କ୍ରିୟତା ପାଇଁ ଏପରି ପରିସ୍ଥିତି ଉପୁଜିଛି ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ପ୍ରକାଶ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କ ଅଧ୍ୟକ୍ଷତାରେ ଶନିବାର ବାରିପଦା ସ୍ଥିତ ମୁର୍ଗାବାଡି ପ୍ରୟାସ ହଲ୍‌ରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଯଶିପୁର ବିଧାୟକ ଗଣେଶରାମ ସିଂଖୁଣ୍ଟିଆ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡା.ବୁଦ୍ଧାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢ଼େଇ, ଜିଲାପାଳ ବିନୀତ ଭରଦ୍ୱାଜ ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ଉପୁଜିଥିବା ବିଭିନ୍ନ ସମସ୍ୟା ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟଜଳ, ଗମନାଗମନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଦି ଯୋଜନାର ସମୀକ୍ଷା କରାଯାଇଥିଲା। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଜନାରେ ସାମିଲ କରିବାକୁ କେନ୍ଦ୍ରମନ୍ତ୍ରୀ ତାଗିଦ୍ କରିଛନ୍ତି।

ଭବିଷ୍ୟତରେ ଜିଲା ସୀମାନ୍ତ ଅଞ୍ଚଳଗୁଡ଼ିକରେ କୋଟିଆ ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ମୋରଡ଼ା ବିଧାୟକ ରାଜକିଶୋର ଦାସ ପ୍ରକାଶ କରିଥିଲେ। ସେହିପରି କୁସୁମୀ ବ୍ଲକ ସହ ଝାଡ଼ଖଣ୍ଡ ରାଜ୍ୟକୁ ସଂଯୋଗ କରୁଥିବା ୫ କି.ମି. ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପଡ଼ୋଶୀ ରାଜ୍ୟର ଅଧିକାରୀମାନେ ଉକ୍ତ ରାସ୍ତାକୁ ମରାମତି କରୁଥିବା ବେଳେ ପର୍ଯ୍ୟାୟକ୍ରମେ ନିଜ ଅକ୍ତିଆରକୁ ନେଇଯିବେ ବୋଲି କହିଥିଲେ ବିଧାୟକ ଗଣେଶରାମ ସିଂଖୁଣ୍ଟିଆ। ବହଳଦା ବ୍ଲକ ଅସୁରଘାଟି ଗ୍ରାମରେ ଥିବା ୩୫ ପରିବାର ଲୋକେ ମୌଳିକ ଅଧିକାରରୁ ବଞ୍ଚିତ ରହିଛନ୍ତି। ଅଧିକାରୀମାନେ ପ୍ରକୃତ ହିତାଧିକାରୀକୁ ଚିହ୍ନଟ କରି ସରକାରୀ ଯୋଜନାରେ ସାମିଲ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପିଡି ଡିଆର୍‌ଡିଏ ପି.ଅନ୍ୱେଷା ରେଡ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।







## ସଂକ୍ଷେପରେ...

### ଘରୁ ଅଳଙ୍କାର, ଟଙ୍କା ଚୋରି

ଦେବଗଡ଼, ୧୬।୧୦(ଡି.ଏନ୍.ଏ.)- ଦେବଗଡ଼ ପୌରାଞ୍ଚଳର ରଙ୍ଗିଆଗୁଡା ସାହିରେ ରହୁଥିବା ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଘରୁ ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିବା ନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମିଳିଥିବା ସୂଚନାଅନୁଯାୟୀ, ରଙ୍ଗିଆଗୁଡା ସାହିରେ ଅବସରପ୍ରାପ୍ତ କର୍ମଚାରୀ କିଶୋର ଚନ୍ଦ୍ର ନନ୍ଦ ତାଙ୍କ ପରିବାର ସହିତ ରୁହନ୍ତି। ଗତ ୧୦ ତାରିଖ ନନ୍ଦ ଓ ତାଙ୍କର ସ୍ତ୍ରୀ ସମ୍ବଲପୁର ଜିଲାର ରେଢାଖୋଲରେ ରହୁଥିବା ତାଙ୍କର ଝିଆରୀ ଘରକୁ ଯାଇଥିଲେ। ତେବେ ସେମାନେ ୧୨ ତାରିଖ ଘରକୁ ଫେରି ଦେଖିଲେ ଯେ, ତାଙ୍କର ଘରର ତାଲାକୁ ଦୁର୍ବୃତ୍ତମାନେ ଭାଙ୍ଗିଦେଇଛନ୍ତି। ଘରେ ଥିବା ଗଡରେଜ ଭାଙ୍ଗି ସେଥିରେ ଥିବା ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଘରୁ ଚୋରି କରି ନେଇଥିବା ସେମାନେ ଦେଖିବାକୁ ପାଇଥିଲେ । ଏନେଇ ସେ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଆଧାର କରି ଦେବଗଡ଼ ଥାନା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କ ଘରୁ ଚୋରି ହୋଇଥିବା ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟାନ୍ୟ ଜିନିଷର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ୪୨ହଜାର ୬୦୦ ଟଙ୍କା ବୋଲି ଜଣାପଡିଛି।

### ବାଇକ୍ ଦୁର୍ଘଟଣା: ଜଣେ ମୃତ

ଝାରସୁଗୁଡ଼ା ଅଫିସ,୧୬।୧୦: ବନହରପାଲି ଥାନା ରମ୍ପେଲା ବ୍ରିଜ୍‌ରେ ଶନିବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଯୁବକ ଗୁରୁତର ଆହତ ହୋଇ ବେଲପାହାଡ ଟାଟାକ୍ରୋସାକୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୃତା ମହିଳାଙ୍କ ପରିଚୟ ମିଳିପାରି ନାହିଁ। ଆହତ ଯୁବକ ଦ୍ୱୟ ହେଲେ ଇବ୍‌ଥର୍ମାଲ ପମ୍ପହାଉସ୍ ପଡାର ମନୋଜ ଟେଟେ ଓ ମଣ୍ଟୁ ସିଂହ। କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ଅଶୋକ ଦାସ ଓ ସନ୍ତୋଷ ବେହେରା ମହିଳାଙ୍କ ମୃତଦେହ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ ହୋଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

କୁଚିଣ୍ଡା, ୧୬।୧୦(ଡି.ଏନ୍.ଏ.): କୁଚିଣ୍ଡା ଥାନା ପୁରୁଣାପାଣି ଟୋଲ ଗେଟ ନିକଟରେ ଶନିବାର ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କତରବଗା ଥାନା ଲଇଡା ଫାଣ୍ଡି ବିନ୍ଧୁଡିହି ଗ୍ରାମର ଦୁଶନ ମାଲି(୨୦)। ସନ୍ଧ୍ୟା ପ୍ରାୟ ୫ଟାରେ ଦୁଶନ ବାଇକ୍‌ରେ କୁଚିଣ୍ଡା ଆସୁଥିବାବେଳେ ଏକ ପିକ୍‌ଅପ ଭ୍ୟାନକୁ ପଛପଟୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ତାଙ୍କୁ କୁଚିଣ୍ଡା ମେଡିକାଲକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନୂତନ ମଣ୍ଡପର ଭିତ୍ତିପ୍ରସ୍ତର ଶୁଭ ଦେଲେ ବିଧାୟିକା

ସୁନ୍ଦରଗଡ଼,୧୬।୧୦(ଡି.ଏନ.ଏ.) ବିଧାୟିକା କୁସୁମ ଟେଟେଙ୍କ ଉଦ୍ୟମ କ୍ରମେ ସୁନ୍ଦରଗଡ ସହରର ସର୍ବପୁରାତନ ଦୁର୍ଗା ମଣ୍ଡପ ଦୟା ଧର୍ମଶାଳାର ଉନ୍ନତିକରଣ ସକାଶେ ଏନଟିପିସି ଡୁଲିଙ୍ଗା ଖଣିର ପାରିପାର୍ଶିକ ପାଣ୍ଠିରୁ ୨୫ ଲକ୍ଷ ଟଙ୍କା ମଞ୍ଜୁର କରାଇଛନ୍ତି। ଏହି ପାଣ୍ଠିରେ ନୂତନ ମଣ୍ଡପର ଆଧୁନିକୀକରଣ କରାଯିବ। ବିଜୟା ଦଶମୀ ଦିନ ବିଧାୟିକା କୁସୁମ ଟେଟେ ଏହି ଭିତ୍ତିପ୍ରସ୍ତରର ଶୁଭ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ସମୟରେ ପୂଜା କମିଟିର ସଭାପତି ଭବାନୀ ମାଝୀ, ସମ୍ପାଦକ ବେଣୁମାଧବ ତ୍ରିପାଠୀ, କୋଷାଧ୍ୟକ୍ଷ ସିଦ୍ଧାନ୍ତ ପଣ୍ଡା, ବରିଷ୍ଠ ସଦସ୍ୟ ସପନ ସେନ, ରଞ୍ଜିତ ସ୍ୱାଇଁ, ଦୀପକ ସୁନାନୀ, ମୁକେଶ ପୁରୋହିତ, ଶୋଭନ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ବିଧାୟିକାଙ୍କ ପ୍ରଚେଷ୍ଟାରେ ଏନ୍‌ଟିପିସି ଡୁଲିଙ୍ଗା ଖଣିର ପାରିପାର୍ଶିକ ପାଣ୍ଠିରୁ, ସୁନାରୀପଡା ଭାଗବତ ମନ୍ଦିର, ରାଜବାଟି ସ୍ଥିତ ଜଗନ୍ନାଥ ମନ୍ଦିର, ପୋଷ୍ଟ ଅଫିସ ଦୁର୍ଗା ମଣ୍ଡପର ଉନ୍ନତିକରଣ କାର୍ଯ୍ୟ ଚାଲିଛି।

# ସଂରକ୍ଷଣ ତାଲିକାରେ ପଛୁଆବର୍ଗଙ୍କୁ ଉପେକ୍ଷା




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସଂରକ୍ଷଣ ଆସନ ତାଲିକା ପୋଡ଼ିଲେ

ଝାରସୁଗୁଡ଼ା ଅଫିସ,୧୬।୧୦: ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆସନ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏଥିରେ ପଛୁଆବର୍ଗ (ଓବିସି)ଙ୍କୁ ଉପେକ୍ଷା କରାଯାଇଛି ବୋଲି ଝାରସୁଗୁଡ଼ା ଜିଲା ଓବିସି ମଞ୍ଚ ଅଭିଯୋଗ କରିଛି। ତେଣୁ ଏହି ସଂରକ୍ଷଣ ଆସନ ତାଲିକା ପ୍ରତ୍ୟାହାର କରିବା ପାଇଁ ଶନିବାର ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ଶତାଧିକ ଆନ୍ଦୋଳନକାରୀ ପୋଷ୍ଟର ବ୍ୟାନର ଧରି ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେଠାରେ ପ୍ରକାଶିତ ସଂରକ୍ଷଣ ଆସନ ତାଲିକାକୁ ସେମାନେ ନିଆଁ ଲଗାଇ ପୋଡ଼ିଥିଲେ। ପରେ ଓବିସି ମଞ୍ଚ ରାଜ୍ୟ ସଭାପତି ଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ସରୋଜ ସାହୁ, ସୁବାସ ନାୟକ, ଜିଲା ସମ୍ପାଦକ ରାଧେଶ୍ୟାମ ପ୍ରଧାନ, ଲାରନ୍ସ ପ୍ରଧାନ, ଉପଦେଷ୍ଟା ସୁରେନ୍ଦ୍ର ସାହୁ, ବିରଞ୍ଚି ସାହୁ, ଦିଲୀପ ବଢେଇ, ମାଧବ ଚନ୍ଦ୍ର ପାଣ୍ଡେ, ଗୋଲାପ ଚନ୍ଦ୍ର ପଟେଲ, ହେମରାଜ ଷଣ୍ଢ, ଜଗବନ୍ଧୁ ସା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସଭାକୁ ଅସିମ ପଟେଲ ପରିଚାଳନା କରିଥିଲେ। ଏଥିରେ ଜିଲାର ଶତାଧିକ ପଛୁଆବର୍ଗ ଲୋକେ ଯୋଗଦେଇଥିଲେ।

## ଚିତ୍ରକଳା କର୍ମଶାଳା ଆବାହନୀ-୨୦୨୧

ସମ୍ବଲପୁର,୧୬।୧୦(ବ୍ୟୁରୋ): ସମ୍ବଲପୁର ଚିତ୍ରକଳା ଏକାଡେମୀ ଓ ଦ ଆର୍ଟ ହୋମ ମିଳିତ ଆୟୋଜନରେ ଚିତ୍ରକଳା କର୍ମଶାଳା ଆବାହନୀ-୨୦୨୧ ଅନୁଷ୍ଠିତ ହୋଇଯାଇଛି। ବିଜୟା ଦଶମୀ ତିଥିରେ ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ହୋଇଥିବା କର୍ମଶାଳାରେ ୧୯ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସପ୍ତରଙ୍ଗ ଓ ସୂକ୍ଷ୍ମ ତୂଳୀର ସ୍ପର୍ଶରେ କାନ୍‌ଭାସ ଜୀବନ୍ତ ହୋଇଉଠିଥିଲା। ଚିତ୍ରଶିଳ୍ପୀ ତଥା ଛାତ୍ରୀଛାତ୍ର ଦେବୀ ଦୁର୍ଗାଙ୍କ ଚିତ୍ର ଆଙ୍କି କର୍ମଶାଳାକୁ ବିଜୟା ଦଶମୀର ଅନୁଭୂତି ପ୍ରତିପାଦନ କରିଥିଲେ। ଏକାଡେମୀ ଅଧ୍ୟକ୍ଷ ସଞ୍ଜୟ ସାହୁ, ପ୍ରଶାନ୍ତ ମାଝି, ସୁଦାମ ପଣ୍ଡା, ପବିତ୍ର ବେହେରା ଓ ଜଗନ୍ନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ନୃସିଂହ ଚରଣ ସାହୁ, ବରଦା ମାଧବ ଗୁରୁ, ରାଧାରମଣ ମୁଦୁଲି, କବି ପ୍ରଦୀପ ପଣ୍ଡା ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରିବା ସହ ଫଟୋଗ୍ରାଫର କରୁଣାକର ଶତପଥୀ ଓ କମ୍ପ୍ୟୁଟର ଡିଜାଇନର ବଳରାମ ହୋତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଭାଜପା ଏସ୍‌ସି ସେଲର ଜିଲାପାଳଙ୍କୁ ଦାବିପତ୍ର

ଦେବଗଡ଼,୧୬।୧୦(ଡି.ଏନ୍.ଏ.) ଆଗାମୀ ପଞ୍ଚାୟତ ନିର୍ବାଚନରେ ରିଆମାଳ ବ୍ଲକ ଚୁହିଲାମାଳ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ସମିତି ସଦସ୍ୟ/ସଦସ୍ୟା ପଦବୀ ତଫସିଲ ଭୁକ୍ତ ଜାତି ନିମନ୍ତେ ସଂରକ୍ଷିତ ରଖିବାକୁ ଦେବଗଡ଼ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଶନିବାର ପୂର୍ବାହ୍ନରେ ଦେବଗଡ ଜିଲା ଭାଜପା ଏସ୍.ସି.ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଜିଲା ଉପସଭାପତି ମହାଦେବ ନାଏକ, ସୁମନ୍ତ ଭୋଜ, ଜଗ ରଣଜିତ, ରାଘବ ମହାରଣା, ନଗର ସଭାପତି ଶତ୍ରୁଘ୍ନ ପାତ୍ର, ରିଆମାଳ ମଣ୍ଡଳ ସଭାପତି ଲିଙ୍ଗରାଜ ମହାଲିଙ୍ଗ, ସୁମନ୍ତ ଭୋଜ, ଜଗ ରଣଜିତ ଓ ରାଘବ ମହାରଣାଙ୍କ ସମେତ ବହୁ କର୍ମୀ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏ ମର୍ମରେ ଦେବଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଚୁହିଲାମାଳ ଗ୍ରାମ ପଞ୍ଚାୟତରେ ମୋଟ ୧୧ଟି ୱାର୍ଡ ରହିଥିବାବେଳେ ଉକ୍ତ ପଞ୍ଚାୟତ ତଫସିଲ ଜାତି ବହୁଳ ପଞ୍ଚାୟତ ହୋଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଏଥିସହ ଉକ୍ତ ପଞ୍ଚାୟତରେ ଅଦ୍ୟାବଧି କୌଣସି ନିର୍ବାଚନରେ ସରପଞ୍ଚ ଏବଂ ସମିତି ସଦସ୍ୟ/ସଦସ୍ୟା ପଦବୀ ତଫସିଲ ଭୁକ୍ତ ଜାତି ନିମନ୍ତେ ସଂରକ୍ଷିତ ହୋଇ ନ ଥିବା ଦୁର୍ଭାଗ୍ୟଜନକ। ଆଗାମୀ ନିର୍ବାଚନରେ ସରପଞ୍ଚ ଏବଂ ସମିତି ସଦସ୍ୟ ପଦବୀ ତଫସିଲ ଭୁକ୍ତ ଜାତି ନିମନ୍ତେ ସଂରକ୍ଷିତ ରଖିବାକୁ ଦାବି କରାଯାଇଛି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

## ଏନ୍‌କାଉଣ୍ଟରରେ ଦୁଇ ଅଭିଯୁକ୍ତ ଗୁରୁତର

ରାଉରକେଲା ଅଫିସ,୧୬।୧୦ ରାଉରକେଲାରେ ଯୁବକଙ୍କୁ ଗୁଳି କରି ହତ୍ୟା ଘଟଣାରେ ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ପ୍ଲାଣ୍ଟସାଇଟ ପୋଲିସ ଏନକାଉଣ୍ଟର କରିଛି। ସେମାନେ ହେଲେ ମାଲଗୋଦାମ ଅଞ୍ଚଳର ମହମ୍ମଦ ଗୁଡ୍ଡୁ ଓରଫ ଡେକଚି (୨୦) ଓ ଭାଟି ରୋଡ୍‌ର ମୁସ୍ତାକ ଆଲାମ(୩୨)। ଏହି ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ ୨ଟି ବନ୍ଧୁକ ଜବତ କରିଛି। ସେମାନଙ୍କୁ ପ୍ରଥମେ ଆରଜିଏଚ୍ ଓ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ଏ ନେଇ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ଏସ୍‌ପି କହିଥିଲେ, ସେପ୍ଟେମ୍ବର ୧୦ରେ ରେଲୱେ କଲୋନୀର ଗୋରେ ସା(୩୪)ଙ୍କୁ କିଛି ଦୁର୍ବୃତ୍ତ ଗୁଳି କରି ଫେରାର ହୋଇଯାଇଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ୬ଜଣଙ୍କୁ ପୂର୍ବରୁ ପୋଲିସ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ମହମ୍ମଦ ଗୁଡ୍ଡୁ ଓ ଭାଟି ରୋଡ୍‌ର ମୁସ୍ତାକ ଆଲାମ ପୋଲିସକୁ ଚକମା ଦେଇ ଫେରାର ହୋଇଯାଇଥିଲେ। ପୋଲିସ ଏହି ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଥିଲା। ଦୁର୍ଗାପୂଜା ବେଳେ ଉକ୍ତ ଦୁଇ ଅଭିଯୁକ୍ତ ରାଉରକେଲା ବିଶ୍ରା ଅଞ୍ଚଳରେ ବୁଲୁଥିବା ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଗତ ୧୪ ତାରିଖରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରିବାରୁ ମୁସ୍ତାକ ପୋଲିସ ଉପରକୁ ଗୁଳି ଚଳାଇଥିଲା। ପୋଲିସ ପାଲଟା ଗୁଳି ଚଳାଇବାରୁ ମହମ୍ମଦ ଗୁଡ୍ଡୁ ଓ ମୁସ୍ତାକ ଆଲାମ ଆହତ ହୋଇଥିଲେ।

## କାର୍ ଦୁର୍ଘଟଣା: ଜଣେ ମୃତ

ସୁନ୍ଦରଗଡ,୧୬।୧୦ (ଡି.ଏନ.ଏ.)-ସୁନ୍ଦରଗଡ଼ ବିଜୁ ଏକ୍ସପ୍ରେସ ୱେର ତାରିଣୀ ମନ୍ଦିର ନିକଟରେ ଶନିବାର ଏକ କାର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ସୁନ୍ଦରଗଡ ସହର ଡେଙ୍ଗିଭାଡି ଅଞ୍ଚଳର ବୋଲି ଜଣାପଡ଼ିଛି। ଓଡି୧୬-ସି ୦୦୨୧ ନମ୍ବର ବିଶିଷ୍ଟ କାର ପତ୍ରାପାଲି ଛକ ଆଡକୁ ଯାଉଥିଲାବେଳେ ଆଗରେ ଥିବା ଏକ ଟ୍ରକ ପଛରେ ଧକ୍କା ହୋଇଥିଲା।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ରାଜଗାଙ୍ଗପୁର, ୧୬।୧୦(ଡି.ଏନ.ଏ)-ରାଜଗାଙ୍ଗପୁର ଥାନା କାଂଶବାହାଲ ଫାଣ୍ଡି ଅଧିନସ୍ଥ କୁମ୍ଭାରପଡା ଲାଇଙ୍ଗ ରାସ୍ତାରେ ଶୁକ୍ରବାର ଦୁର୍ଘଟଣାରେ ରବୀନ୍ଦ୍ର ଗୌଡ (୩୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ନିଜ ସାଇକେଲ ଯୋଗେ ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଛି।






# ତରକେରା ଫୁଟ୍‌ବଲ ଟୁର୍ନାମେଣ୍ଟ: ରାଏକାକଛାର ଚାମ୍ପିୟନ



ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

ବଡ଼ଗାଁ,୧୬।୧୦(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତରକେରା ଗ୍ରାମରେ ସ୍ଥାନୀୟ ଶଙ୍ଖକ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୩୨ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରାଏକାକଛାର ଓ ତେତେଲକେଲା ମଧ୍ୟରେ ହୋଇଥିଲା। ରାଏକାକଛାର ଦଳ ୨-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବୁଧବାରୀ ଏକ୍କା, ତରକେରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ଯୁଧିଷ୍ଠିର ରାଉତ, ହରିହର ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଟିମ୍‌କୁ ୨୦ହଜାର ଟଙ୍କା ସହ ଟ୍ରଫି, ରନର୍ସ ଟିମ୍‌କୁ ୧୫ହଜାର ସହ ଟ୍ରଫି, ତୃତୀୟ ସ୍ଥାନ ପାଇଥିବା ପ୍ରିମିୟମ ଏଣ୍ଡ ପ୍ରିମିୟମ ଓ ଚତୁର୍ଥ ସ୍ଥାନ ପାଇଥିବା ରମାବାହାଲ ଟିମ୍‌କୁ ୭ହଜାର ଟଙ୍କା ସହ ଟ୍ରଫି ପୁରସ୍କୃତ କରାଯାଇଥିଲା। ରମେଶ ମାଝୀ, ବିକ୍ରମ ଏକ୍କା, ଆଲୋକ ଏକ୍କା, ରାଜେଶ ଛତ୍ରିଆ ଖେଳ ପରିଚାଳନା କରିଥିଲେ। ସୁରେନ୍ଦ୍ର ଲାକଡ଼ା ଧାରା ବିବରଣୀ ଓ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ରବୀନ୍ଦ୍ର ଲାକ୍ରା, କାର୍ତ୍ତିକ ଲାକ୍ରା, ଉତ୍ତମ ଏକ୍କା, ସୋନୁ ଲାକ୍ରା, ତରଣ ଲାକ୍ରା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବଲପୁରୀ ଅର୍କେଷ୍ଟ୍ରା ପରିବେଷଣ କରାଯାଇଥିଲା।




# ଅତୁଲ୍ୟ ନବୀନ



## ନବୀନ ପଟ୍ଟନାୟକ

ଜନ୍ମ: ୧୬ ଅକ୍ଟୋବର ୧୯୪୬

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ୨୧ ବର୍ଷ ଧରି ଓଡ଼ିଶା ଶାସନର ମଙ୍ଗଧରି ନିଜର ଭାବମୂର୍ତ୍ତି ଅମଳିନ ରଖି ପାରିଛନ୍ତି। କେବଳ ରାଜ୍ୟ ନୁହେଁ,ଜାତୀୟ ରାଜନୀତିରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ନିଜର ନମ୍ର, ଉଦାର ଓ ସ୍ୱଳ୍ପଭାଷୀ ସ୍ୱଭାବ ଯୋଗୁ ସେ ଏକ ନିର୍ବିବାଦୀୟ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିଛନ୍ତି। ରାଜ୍ୟର ବିକାଶ ସହ ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରି ସେ କେବଳ ଜଣେ ରାଜନେତା ନୁହନ୍ତି ଜନମାନସରେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ପାଲଟି ଯାଇଛନ୍ତି। ୨୦୦୦ରୁ ଓଡ଼ିଶା ରାଜନୀତିରେ ପାଦ ଥାପିଥିବା ନବୀନ ଏବେ ଅସାଧାରଣ ପ୍ରତିଭା ବଳରେ ପ୍ରବୀଣ ରାଜନେତା ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ତାଙ୍କର ରାଜନୈତିକ ରଣକୌଶଳ ଆଗରେ ବିରୋଧୀ ଅସହାୟ ହୋଇ ପଡିଛନ୍ତି।

ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭକରି କୋଭିଡ୍-୧୯ ପରିଚାଳନା କ୍ଷେତ୍ରରେ ସେ ନିଜର ଦକ୍ଷତା ପ୍ରତିପାଦନ କରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛନ୍ତି। ଲଗାତର ୫ଥର ମୁଖ୍ୟମନ୍ତ୍ରୀ ଗାଦିରେ ବସି ନବୀନ ଏକ ପୋଖତ ରାଜନେତାର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କ ଦୂରଦୃଷ୍ଟି ବଳରେ ଓଡ଼ିଶା କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ଶିଳ୍ପାୟନରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇପାରିଛି। ମମତାଠାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା କରି ସେ ସାଧାରଣ ଜନତାଙ୍କ ହୃଦୟ ଜିଣିପାରିଛନ୍ତି। ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା କରି ଭୋକିଲା ଗରିବଙ୍କ ମୁହଁରେ ଆହାର ଦେଇଛନ୍ତି। ବାର୍ଦ୍ଧକ୍ୟ, ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଦେବା ସହ ତୃତୀୟ ଲିଙ୍ଗୀଙ୍କୁ ଚାକିରିରେ ସମାନ ସୁବିଧା ଦେଇ ଏହି ଅବହେଳିତ ଗୋଷ୍ଠୀଙ୍କୁ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେଇଛନ୍ତି।

ପ୍ରଶାସନିକ କ୍ଷେତ୍ରରୁ ଦୁର୍ନୀତି ହଟାଇ ସ୍ୱଚ୍ଛ ଓ ଲୋକାଭିମୁଖୀ ସରକାରୀ ସେବା ଯୋଗାଇବା ପାଇଁ ନବୀନ ଆରମ୍ଭ କରିଥିବା ୫-ଟି ଓ 'ମୋ ସରକାର' ଭଳି ଅଭିନବ ପ୍ରୟାସ ସଫଳ ହୋଇଛି। ନିଜ ଦଳ ହେଉ କିମ୍ବା ପ୍ରଶାସନିକ କ୍ଷେତ୍ର ସବୁଠି ସେ ଦୁର୍ନୀତିକୁ ଶୂନ ସହନଶୀଳ ନୀତି ଭାବେ ଗ୍ରହଣ କରିଛନ୍ତି। ଦଳର ବିଶୃଙ୍ଖଳିତ, ଦୁର୍ନୀତିଗ୍ରସ୍ତ କିମ୍ବା ଅପରାଧରେ ସମ୍ପୃକ୍ତ ମନ୍ତ୍ରୀ, ବିଧାୟକ କିମ୍ବା ନେତା, କର୍ମୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ସେ ନିର୍ମଳ ଶାସନ ଦେଇଛନ୍ତି। ସେହିପରି ଦୁର୍ନୀତିଗ୍ରସ୍ତ ଏବଂ ଅପାରଗ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇ ସାଧାରଣ ଜନତାଙ୍କ ପ୍ରତି ଥିବା ଉତ୍ତରଦାୟିତ୍ୱର ପ୍ରମାଣ ଦେଇଛନ୍ତି। ଐତିହ୍ୟ ପୀଠଗୁଡ଼ିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର, ସମ୍ବଲପୁରର ମା' ସମଲେଇ ପୀଠ, ଗଞ୍ଜାମର ମା' ତାରାତାରିଣୀ ପୀଠର ସ୍ୱତନ୍ତ୍ର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରି ନବୀନ ରାଜ୍ୟର ବିଶ୍ୱ ପ୍ରସିଦ୍ଧ ଐତିହ୍ୟସ୍ଥଳ ପ୍ରତି ଥିବା ନିଜର ପ୍ରତିବଦ୍ଧତା ଦେଖାଇ ପାରିଛନ୍ତି। କେବଳ ସେତିକି ନୁହେଁ,ବିଶ୍ୱ ପ୍ରସିଦ୍ଧ କ୍ରୀଡ଼ା ଭିତ୍ତିଭୂମି ସ୍ଥାପନ କରି ଅଲୋଡ଼ା ହୋଇ ପଡ଼ିଥିବା ଓଡ଼ିଶାକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ସ୍ଥାନ ଦେଇପାରିଛନ୍ତି। ଓଡ଼ିଶାରେ ହକି ଚାମ୍ପିୟନ୍ସ ଲିଗ୍, ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ସହ ଅନ୍ୟାନ୍ୟ ଜାତୀୟ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ନବୀନ କ୍ରୀଡ଼ାପ୍ରେମୀଙ୍କ ହୃଦୟ ଜିତି ପାରିଛନ୍ତି।



## ଚାଷୀ, ଗରିବଙ୍କ ଭରସା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଚାଷୀ ଏବଂ ଗରିବ ଲୋକଙ୍କୁ ଅଗ୍ରାଧିକାର ଦେଇ ଆସିଛନ୍ତି। ସେମାନଙ୍କ ଆୟ ବୃଦ୍ଧିଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟବୀମା, ଶସ୍ୟ ଋଣ ଦେବା ଯାଏ ବିଭିନ୍ନ ସହାୟତା ଯୋଗାଇଦେବାରେ ମୁଖ୍ୟମନ୍ତ୍ରୀ ଉଦାହରଣ ସୃଷ୍ଟି କରିଛନ୍ତି। କୋଭିଡ୍‌ର ମହାମାରୀ ସମୟରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଯାଇଥିବା କୃଷକମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଚାଲିଛନ୍ତି। ଚଳିତ ବର୍ଷ ରାଜ୍ୟର ୧ ଲକ୍ଷ ଦୁଗ୍ଧଚାଷୀଙ୍କୁ ୧୧ କୋଟି ଟଙ୍କାର ସହାୟତା ଦିଆଯାଇଛି। ପ୍ରତ୍ୟେକଙ୍କୁ ୬୦୦୦ ଟଙ୍କା ଲେଖାଏ ଆର୍ଥିକ ସହଯୋଗ ଦେଇ ଅସମୟର ସାଥୀଭାବେ ସେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ରାଜ୍ୟ ସରକାର ସବୁବେଳେ ଗରିବ ଲୋକଙ୍କ ସାଥିରେ ଅଛନ୍ତି । ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରୁଛନ୍ତି। ଗରିବ ଲୋକଙ୍କ ଉପରେ କୋଭିଡ୍ ମହାମାରୀର ପ୍ରଭାବ କମ୍ କରିବା ପାଇଁ ରାଜ୍ୟ ସରକାର ଛୋଟ ଦୋକାନୀ, କ୍ଷୁଦ୍ର ଚାଷୀ, ମିଶନ ଶକ୍ତିର ମା'ମାନଙ୍କ ଆକାଉଣ୍ଟରେ ୨୦୦୦ କୋଟିରୁ ଅଧିକ ଟଙ୍କା ଜମା କରିଛନ୍ତି। ଚାଷୀଙ୍କ ରୋଜଗାର ବଢାଇବା ସହିତ ଗ୍ରାମ ଅର୍ଥନୀତିକୁ ମଧ୍ୟ ଚଳଚଞ୍ଚଳ କରିବା ଉପରେ ମୁଖ୍ୟମନ୍ତ୍ରୀ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି।

## ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ସ୍ମାର୍ଟ ହେଲ୍‌ଥ କାର୍ଡ

ରାଜ୍ୟବାସୀଙ୍କ ପାଇଁ ସବୁବେଳେ ଉତ୍ତମ ସେବା ପ୍ରଦାନ କରିବା ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ଜୁଲାଇ ୨୬ରେ ପୁରୀରେ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ, ଯାହାକି ଦେଶରେ ପ୍ରଥମ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ସବୁଠାରୁ ଆଗରେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ପୁରୀ ହେଉଛି ଦେଶର ପ୍ରଥମ ସହର। ଏହାଦ୍ୱାରା ପୁରୀବାସୀ ଟ୍ୟାପରୁ ସିଧାସଳଖ ଉଚ୍ଚମାନର ପିଇବା ପାଣି ପାଇ ପାରିବେ। ପିଇବା ପାଣିକୁ ଏବେ ଆଉ ଗଚ୍ଛିତ କରି ରଖିବା କିମ୍ବା ଫିଲ୍‌ଟର୍ କରିବା ମଧ୍ୟ ଆବଶ୍ୟକ ନାହିଁ। ବିଶ୍ୱର କେବଳ ବଡ଼ ବଡ ସହରରେ ଏଭଳି ସୁବିଧା ମିଳେ। ଏହା ଦ୍ୱାରା ପୁରୀର ଅଢେଇ ଲକ୍ଷ ଜନସାଧାରଣଙ୍କ ସମେତ ଏଠାକୁ ବର୍ଷକୁ ଆସୁଥିବା ପ୍ରାୟ ୨କୋଟି ପର୍ଯ୍ୟଟକ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଶୁଭାରମ୍ଭ ଅବସରରେ କହିଥିଲେ। ଖୁବ୍‌ଶୀଘ୍ର ଏହି ସେବା ରାଜ୍ୟର ଅନ୍ୟ ପ୍ରମୁଖ ସହରରେ ଉପଲବ୍ଧ କରାଯିବ ବୋଲି ନବୀନ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ରାଜ୍ୟର କୌଣସି ଗରିବ ବ୍ୟକ୍ତି ଯେପରି ଅର୍ଥାଭାବରୁ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ନ ହେବେ, ସେନେଇ ରାଜ୍ୟ ସରକାର ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଲୋକମାନେ ବିନା କୌଣସି ଅସୁବିଧାରେ ସ୍ମାର୍ଟ କାର୍ଡ ଧରି ଦେଶର ୨ଶହ ବଡ଼ ବଡ଼ ହସ୍ପିଟାଲ୍‌ରେ ଉତ୍ତମ ଚିକିତ୍ସା ପାଇପାରିବେ। ଏଥିପାଇଁ ଲୋକଙ୍କୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ପ୍ରାରମ୍ଭିକ ଭାବେ ଏହି ସେବା ମାଲକାନଗିରି, ସୁନ୍ଦରଗଡ଼, ବଲାଙ୍ଗୀର, ଦେବଗଡ଼, ପୁରୀ ଆଦି ଜିଲାରେ ଆରମ୍ଭ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ କଣ୍ଟେଇକୋଳି ଗ୍ରାମର ଅରୁଣ ସାହୁ କାଠପଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁଖାକୃତି ଖୋଦେଇ କରି ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି। ୧୮ଇଞ୍ଚ ଲମ୍ବା ଓ ୧୦ ଇଞ୍ଚ ଓସାରର ଏକ କାଠ ଫ୍ରେମ୍‌ରେ ସେ ଏହି କଳା ପ୍ରଦର୍ଶନ କରିଛନ୍ତି। ଫ୍ରେମ୍‌ରେ ଥିବା ପଛ ପଟାରେ ଧଳାରଙ୍ଗ ଓ ସାମ୍ନା ପଟାରେ କଳାରଙ୍ଗ ଲଗାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମୁଖ ଆକୃତିରେ ପଟା ଦୁଇଟିକୁ ଖୋଦେଇ କରାଯାଇ ତଳେ ଇଂଲିଶରେ ଜନ୍ମଦିନର ଶୁଭେଚ୍ଛା ଜଣାଯାଇଛି। ଏହି କଳାକୃତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଫିସିଆଲ ଟୁଇଟର ପେଜ୍‌ରେ ଅରୁଣଙ୍କୁ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ଅରୁଣ ପୂର୍ବରୁ କାଠରେ ଇଣ୍ଡିଆ ଗେଟ, ଧଉଳି ଶାନ୍ତିସ୍ତୁପ, ବିଧାନସଭା ସୌଧ, ପିରାମିଡ୍ ଆଦି ନିର୍ମାଣ କରି ଚର୍ଚ୍ଚାରେ ରହିଥିଲେ। ଆଗକୁ କାଠରେ ହନୁମାନ ଚାଳିଶା ଖୋଦେଇ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଦାନ କରିବେ ବୋଲି ସେ କହିଛନ୍ତି। କେବଳ କାଠ କାରିଗର ନୁହେଁ ଓଡ଼ିଆ ଚଳଚ୍ଚିତ୍ର ଓ ଆଲ୍‌ବମ ପାଇଁ ଶତାଧିକ ଗୀତ ରଚନା କରି ଅରୁଣ ନିଜର ଅନ୍ୟ ଏକ ପରିଚୟ ମଧ୍ୟ ସୃଷ୍ଟି କରି ପାରିଛନ୍ତି।

– ଦ୍ୱିତୀକୃଷ୍ଣ ପଣ୍ଡା, ହିଞ୍ଜିଳିକାଟୁ

ପଟାରେ ନବୀନଙ୍କ ମୁଖାକୃତି






Narendra Modi
@narendramodi

Greetings to Shri Naveen Patnaik Ji on his birthday. I pray that he is blessed with a long and healthy life in service of the people. @Naveen_Odisha

Governor Odisha @Go... · 10h
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ @Naveen_Odisha ଙ୍କ ଜନ୍ମଦିବସରେ ମାନ୍ୟବର ରାଜ୍ୟପାଳ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁଙ୍କ ଆଶୀର୍ବାଦରୁ ତାଙ୍କର ଜୀବନ ନିରାମୟ ଓ ସୁଖମୟ ହେଉ ବୋଲି ପ୍ରାର୍ଥନା କରିଛନ୍ତି।

Ashwini Vaishnaw
@AshwiniVaishnaw

Warm birthday greetings to CM of Odisha, Shri @Naveen_Odisha Ji. May Lord Jagannath bless you with best of health and happiness.

Dharmendra Pradhan
@dpradhanbjp

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ @Naveen_Odisha ଜୀଙ୍କୁ ଜନ୍ମ ଦିବସର ହାର୍ଦ୍ଦିକ ଶୁଭେଚ୍ଛା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି ।

## ନବୀନଙ୍କ ପାଇଁ ଚମକିଲା ହକି

ଭାରତରେ ଜାତୀୟ ଖେଳ ହକିର କ୍ରେଜ୍ କମି କମି ଆସୁଥିବା ବେଳେ ତାହାକୁ ନୂଆ ଜୀବନ ଦେଇ ଉଚ୍ଚତର ସୋପାନରେ ପହଞ୍ଚାଇବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଏକଦା ହକିକୁ ପ୍ରାୟୋଜନ କରିବା ଲାଗି କେହି ଆଗେଇ ଆସୁ ନ ଥିବା ବେଳେ ଓଡ଼ିଶା ଏହାର ପ୍ରାୟୋଜକ ସାଜି ଏକ ନୂତନ ଦିଗ ଦେଖାଇ ଯେଉଁ ଅନନ୍ୟ ଉଦାହରଣ ସୃଷ୍ଟି କରିଛି, ତାହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟାନ୍ତ ହୋଇଛି। ଏପରିକି ନବୀନଙ୍କର ଏହି ଉଦ୍ୟମ ଯୋଗୁ ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ହକି ଟିମ୍ ଟୋକିଓ ଅଲିମ୍ପିକ୍ସରେ ପଦକ ହାସଲ କରିବାରେ ସଫଳ ହୋଇଛି। ଏଥିପାଇଁ ସଂସଦୀୟ କମିଟି ନବୀନଙ୍କୁ ପ୍ରଶଂସା କରିବା ସହ ଓଡ଼ିଶା ଭଳି ଅନ୍ୟ ରାଜ୍ୟ ମଧ୍ୟ ଭିନ୍ନ ଭିନ୍ନ କ୍ରୀଡାର ପ୍ରାୟୋଜକ ହେବାକୁ ପରାମର୍ଶ ଦେଇଛି। କେବଳ ସେତିକି ନୁହେଁ, ରାଜ୍ୟରେ ଅନ୍ତର୍ଜାତୀୟସ୍ତରର ହକି ଭିତ୍ତିଭୂମି ପ୍ରତିଷ୍ଠା କରି ବିଶ୍ୱରେ ଓଡ଼ିଶାର ନାମକୁ ପ୍ରସିଦ୍ଧ କରିବାରେ ନବୀନଙ୍କର ଭୂମିକା ଅତୁଳନୀୟ।

ଟୋକିଓ ଅଲିମ୍ପିକ୍ସ ପୁରୁଷ ହକିରେ ବ୍ରୋଞ୍ଜ ପଦକ ଜିତିବା ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ୪୧ ବର୍ଷ ପରେ ଅଲିମ୍ପିକ୍ସ ହକିରେ ବ୍ରୋଞ୍ଜ ପଦକ ଜିତିବା ଭାରତୀୟ ହକି ଟିମ୍‌ର ସ୍ୱର୍ଣ୍ଣିମ ସମୟ ଫେରିଆସିଲା ବୋଲି ସୋସିଆଲ ମିଡିଆରେ ଜୋର୍‌ଦାର ଚର୍ଚ୍ଚା ହୋଇଛି। ଭାରତୀୟ ହକି ଟିମ୍ ଯେଉଁ ସଫଳତା ହାସଲ କରିଛି, ତା' ପଛରେ ଓଡ଼ିଶା ସରକାରଙ୍କ ହାତ ରହିଛି। କ

ବ୍ୟକ୍ତିଗତ କଥା ଦେଖିଲେ ଯୁବ ଅବସ୍ଥାରେ ନବୀନ ହକି ଖେଳୁଥିଲେ। ଡୁନ୍ ସ୍କୁଲରେ ପାଠ ପଢୁଥିବା ବେଳେ ସେ ଗୋଲକିପର ଭୂମିକା ତୁଲାଉଥିଲେ। ଭାରତୀୟ ହକିର ପ୍ରାୟୋଜକ ଥିବା ସାହାରା ପୁରୁଷ ଓ ମହିଳା ଟିମ୍‌କୁ ସ୍ୱନସରରୁ ଓହରିକଯାଇଥିଲା। ପରେ ହକିକୁ କୌଣସି ପ୍ରାୟୋଜକ ମିଳି ନ ଥିଲା। ଏଭଳି ସମୟରେ ନବୀନ ହକିକୁ ସହାୟତାର ହାତ ବଢାଇଥିଲେ । ୨୦୧୮ରେ ଓଡ଼ିଶା ସରକାର ହକି ଇଣ୍ଡିଆ ସହ ୧୦୦ କୋଟି ଟଙ୍କାର ଚୁକ୍ତି କରିଥିଲା। ୫ ବର୍ଷ ପାଇଁ ଏହି ଚୁକ୍ତି କରାଯାଇଛି। ସିନିୟର, ଜୁନିୟର, ପୁରୁଷ ଓ ମହିଳା ଟିମ୍‌କ ପାଇଁ ଏହି ଚୁକ୍ତି କରାଯାଇଛି। ଏହାଛଡା ଓଡ଼ିଶା ସରକାର ବିଶ୍ୱସ୍ତରୀୟ ଟ୍ରେନିଂ, ପ୍ରାକ୍ଟିସ୍ ମ୍ୟାଚ୍ ଓ ଟୁର୍ନାମେଣ୍ଟ ଜରିଆରେ ହକିକୁ ନୂଆ ଜୀବନ ଦେଇଛନ୍ତି।

୨୦୧୪ରେ ଓଡ଼ିଶାରେ ଆୟୋଜିତ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ହକି ଉପରେ ନଜର ପଡ଼ିଥିଲା। ୨୦୧୭ରେ ଓଡ଼ିଶା ସରକାରଙ୍କ ପ୍ରାୟୋଜନରେ କଳିଙ୍ଗ୍ ଲାନ୍ସର୍ସ କ୍ଲବ୍ ହକି ଇଣ୍ଡିଆ ଲିଗ୍‌କରେ ବିଜେତା ହୋଇଥିଲା। ଏହା ପରେ ଓଡ଼ିଶା ୨୦୧୮ରେ ହକି ବିଶ୍ୱକପ୍ ଆୟୋଜନ କରିଥିଲା। ସେହିପରି ୨୦୧୯ରେ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପୁରୁଷ ସେମିଫାଇନାଲ୍ସ ଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ ଏବଂ ୨୦୨୦ରେ ଏଫ୍‌ଆଇଏଚ୍ ପ୍ରୋ'ଲିଗ୍ ଆୟୋଜିତ ହୋଇଥିଲା। ଏସବୁ ନବୀନ ପଟ୍ଟନାୟକଙ୍କ ସମୟରେ ହିଁ ସମ୍ଭବ ହୋଇଛି। ୨୦୧୯ରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନଜନକ ଏଫ୍‌ଆଇଏଚ୍ ପ୍ରେସିଡେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୨୩ରେ ମଧ୍ୟ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରିବ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ରାଉରକେଲାରେ ଆନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ କରିବା ସହ ହକି ଭିତ୍ତିଭୂମି ସୁଦୃଢ କରିବାରେ ଲାଗିଛନ୍ତି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ରାଉରକେଲା ଏବଂ କଳିଙ୍ଗ ଷ୍ଟାଡିୟମ ସମ୍ପ୍ରସାରଣ ପାଇଁ ୩୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇଛି। ଏଥିସହିତ ସୁନ୍ଦରଗଡ ଜିଲାରେ ହକିକୁ ଆହୁରି ଲୋକପ୍ରିୟ କରିବା ପାଇଁ ୧୭ଟି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଛଡା ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଖେଳ ଭିତ୍ତିଭୂମି ଏବଂ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ରାଜ୍ୟ ସରକାର ୪୬୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ହକିରେ ଓଡ଼ିଶାର ଅବଦାନ ରହି ଆସିଛି। ଉଭୟ ଜାତୀୟ ପୁରୁଷ ଓ ମହିଳା ଟିମ୍‌ରେ ଓଡ଼ିଶାର ଏକାଧିକ ଖେଳାଳି ସ୍ଥାନ ପାଇଛନ୍ତି।

ପେଷ୍ଟ୍ରି ସେଫ୍ ରାକେଶ ସାହୁଙ୍କ ଦ୍ୱାରା ୭୨ କେଜି ଚକୋଲେଟ୍‌ରେ ତିଆରି ନବୀନଙ୍କ ପ୍ରତିକୃତି



### ରଗ୍‌ବୀ ପ୍ରତି ଶ୍ରଦ୍ଧା

କେବଳ ହକି ନୁହେଁ, ଓଡ଼ିଶା ଆଗାମୀ ୩ ବର୍ଷ ପାଇଁ ଭାରତୀୟ ରଗ୍‌ବୀ ଦଳର ସହ ପ୍ରାୟୋଜକ ରହିବ ବୋଲି ଘୋଷଣା କରାଯାଇଛି। ଗତ ସେପ୍ଟେମ୍ବର ମାସରେ ୧୮ ବର୍ଷରୁ କମ୍ ଭାରତୀୟ ବାଳିକା ଦଳ ଉଜ୍‌ବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ଏସିଆ ରଗ୍‌ବୀ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସରେ ଭୁବନେଶ୍ୱର ଏବେ ଦେଶର କ୍ରୀଡ଼ା ରାଜଧାନୀ ରୂପେ ପରିଚୟ ଲାଭ କରିଛି।



# ଅତୁଲ୍ୟ ନବୀନ






ମାଲକାନଗିରିରେ ୨୦୨୧ ଅଗଷ୍ଟ ୨୦ରେ ବଣ୍ଡା ଜନଜାତିର ଜଣେ ମହିଳାଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କିତ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



୨୦୨୧ ଫେବୃୟାରୀ ୨୩ରେ ପିପିଲି-ଡେଲାଙ୍ଗ ଅଞ୍ଚଳ ପାଇଁ ବିକାଶ ପ୍ୟାକେଜ ଘୋଷଣା ଅବସରରେ ।



୨୦୨୦ ଜୁନ୍ ୨୩ରେ ନିଜ ଅଫିସ୍‌ରେ ରହି ଟିଭିରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖୁଛନ୍ତି।



୨୦୨୦ ଅଗଷ୍ଟ ୩୧ରେ ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ।



୨୦୨୧ ମେ ୨୫ରେ ବାତ୍ୟା 'ୟାଶ୍'ର ସ୍ଥିତି ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



୨୦୧୯ ଡିସେମ୍ବର ୧୧ରେ ମିଶନ ଶକ୍ତି ମେଳାରେ ଯୋଗଦେବା ଅବସରରେ ଏକ ବିଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ।



୨୦୧୮ ଜୁଲାଇ ୨୬ରେ ମାଲକାନଗିରି ଜିଲା ବିଚ୍ଛିନ୍ନାଞ୍ଚଳର ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ଅବସରରେ।



୨୦୧୯ ଜାନୁୟାରୀ ୧୨ରେ ଭୁବନେଶ୍ୱର କାଳିଆ ହେଲ୍ପଲାଇନ୍ ସେଣ୍ଟରରୁ ଚାଷୀମାନଙ୍କ ସହ ଆଲୋଚନାବେଳେ ନବୀନ।



୨୦୨୦ ଫେବୃୟାରୀ ୨୮ରେ ନବୀନ ନିବାସରେ ଆତିଥ୍ୟ ପ୍ରଦାନ ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ନବୀନ।



୨୦୧୭ରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ଦକ୍ଷ ପ୍ରଶାସକ ସମ୍ମାନ ଗ୍ରହଣ କରିବା ଅବସରରେ।



୨୦୧୮ରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କଠାରୁ ଆଦର୍ଶ ମୁଖ୍ୟମନ୍ତ୍ରୀ ଭାବେ ପୁରସ୍କାର ଗ୍ରହଣ କରୁଛନ୍ତି।







ଓଡ଼ିଶା ଗସ୍ତରେ ଥିବାବେଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଓ ବିଶିଷ୍ଟ ଅଭିନେତା କମଲ ହାସନ୍‌ଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।





ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ (ଉପର) ଏବଂ ଲକ୍ଷ୍ମୀନିବାସ ମିତ୍ତଲ(ତଳ)ଙ୍କ ସହ ଓଡ଼ିଶାରେ ପୁଞ୍ଜି ନିବେଶ କ୍ଷେତ୍ରରେ ଆଲୋଚନାରତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ବରିଷ୍ଠ ନାଗରିକଙ୍କ ଚକ୍ଷୁ ସୁରକ୍ଷା ଶୀର୍ଷକ ଆଲୋଚନା

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ଜ୍ୟୋତି ସଭା କକ୍ଷରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଜ୍ୟୋତି ସଭାପତି ଡ. ପରେଶ ଚନ୍ଦ୍ର ଦାନିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଡା. ପରେଶ ଚନ୍ଦ୍ର ଦାନି ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଚକ୍ଷୁ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ ଦେଇଥିଲେ। ଉପସଭାପତି ଅଖିଳ ରଞ୍ଜନ ବହିଦାର, କୈଳାସ ମିସ୍ତ୍ରି, ସୁକାନ୍ତ ବହିଦାର, ଇନ୍ଦ୍ରଭୂଷଣ ପୁରୁଷେଠ, ସୁମତି ବେରିହା, ଶିବନାରାୟଣ ପାଣିଗ୍ରାହୀ, ମନବୋଧ ତ୍ରିପାଠୀ ଆଲୋଚନାରେ ଭାଗ ନେଇଥିଲେ ।

## ପ୍ରଥମ ପୃଷ୍ଠାରୁ...

### ଗୌତମ ଦାସ ରାଜ୍ୟ...

ସର୍ବଭାରତୀୟ ସ୍ତରରେ ୨୮ତମ ସ୍ଥାନରେ ଥିଲେ।

ଗୌତମଙ୍କ ଘର ବାଲେଶ୍ୱର ଜିଲାରେ। ତାଙ୍କ ପିତା ରବୀନ୍ଦ୍ର ଦାସ ଜଣେ ବ୍ୟବସାୟୀ ହୋଇଥିବାବେଳେ ମା' ମଧୁମିତା ଦାସ ଗୃହିଣୀ। ସେ ବାଲେଶ୍ୱର ମଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢୁଥିଲେ। ଭଲ ମାର୍କ ରଖିଥିବାରୁ ତାଙ୍କୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ନାମ ଲେଖାଇବାର ସୁଯୋଗ ମିଳିଥିଲା। ତେବେ ନିଜ ସଫଳତାକୁ ନେଇ ଗୌତମ କହିଛନ୍ତି, ପଢ଼ିବା ପାଇଁ ଦିନକୁ ସେଭଳି କୌଣସି ନିର୍ଦ୍ଦିଷ୍ଟ ସମୟ ରଖି ନ ଥିଲି। ଦିନକୁ ଗୋଟେ ଟପିକ୍ ଶେଷ କରିବାକୁ ଟାର୍ଗେଟ ରଖୁଥିଲି। ଟାର୍ଗେଟ ପୂରଣ ପାଇଁ ଯେତେ ସମୟ ଲାଗୁଥିଲା ସେତିକି ସମୟ ପଢୁଥିଲି। ଗଣିତ ମୋର ପ୍ରିୟ ବିଷୟ ଥିଲେ ମଧ ପଦାର୍ଥ ବିଜ୍ଞାନରେ ଦୁର୍ବଳ ଥିବାରୁ ସେଥିରେ ଅଧିକ ସମୟ ଦେଉଥିଲି। କରୋନା କାଳରେ ପାଠ ପଢ଼ିବା ପାଇଁ ଅଧିକ ସମୟ ମିଳିଥିଲା। ଅନ୍‌ଲାଇନ୍ କ୍ଲାସ୍ ହେଉଥିବାରୁ ଘରେ ବସି ଶାନ୍ତିରେ ପଢ଼ିବାକୁ ସୁଯୋଗ ମିଳୁଥିଲା। ମାତାପିତା, ସମସ୍ତ ଶିକ୍ଷକଙ୍କ ସହଯୋଗ ଯୋଗୁ ଏହି ସଫଳତା ପାଇଛି। ଦିଲ୍ଲୀ ଆଇଆଇଟି କିମ୍ବା କାନପୁର ଆଇଆଇଟିରେ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରିବାକୁ ଲକ୍ଷ୍ୟ ରଖିଛି। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହୋଇ ଦେଶ ସେବା କରିବାକୁ ଚାହେଁ ବୋଲି ଗୌତମ କହିଛନ୍ତି। ସେପଟେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରପର୍ସନ ଶିଳ୍ପୀ ସାହୁ ଗୌତମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ କେବଳ ଆମ ସ୍କୁଲ ନୁହେଁ, ସାରା ରାଜ୍ୟ ତାଙ୍କୁ ନେଇ ଗର୍ବ ଅନୁଭବ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଜେଇଇ ଆଡ୍‌ଭାନ୍ସଡ୍ ଜୁଲାଇ ୩ରେ ଅନୁଷ୍ଠିତ ହେବାର ଥିଲା। କିନ୍ତୁ କରୋନା ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା। ସ୍ଥିତିରେ ସୁଧାର ଆସିବାରୁ ଗତ ଅକ୍ଟୋବର ୩ରେ ପରୀକ୍ଷା ହୋଇଥିଲା। ମୋଟ ୧,୪୧,୬୯୯ ଛାତ୍ରୀଛାତ୍ର ଜେଇଇ ଆଡ୍‌ଭାନ୍ସଡ୍ ଦେଇଥିଲେ। ମାତ୍ର ୧୨ ଦିନ ପରେ ଫଳ ପ୍ରକାଶିତ ହୋଇଛି। ପରୀକ୍ଷାର୍ଥୀମାନେ jeeadv.ac.in ରେ ନିଜର ପରୀକ୍ଷା ଫଳ ଦେଖିପାରିବେ ବୋଲି କୁହାଯାଇଛି।

### ୨୧ରୁ ଏକାଦଶ...

ସଫେଇ ଓ କୋଭିଡ୍ ନିର୍ଦ୍ଦେଶାବଳୀ ପାଳନ ଉପରେ ଗୁରୁତ୍ୱ ଦିଆଯିବ। ଡିଇଓ, ଡିପିସି ଏବଂ ବିଇଓ ନିୟମ ପାଳନ ନେଇ ତଦାରଖ କରି ଓସେପାକୁ ରିପୋର୍ଟ ଦେବେ। ଏନେଇ ପଞ୍ଚାୟତିରାଜ ବିଭାଗ ସଚିବ ଅଶୋକ କୁମାର ମୀନା ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ମିଳିତ ଭାବେ ଶନିବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ପୂଜାଛୁଟି ପରେ ଅଷ୍ଟମ ଓ ଏକାଦଶ ଶ୍ରେଣୀ ଖୋଲିବ ବୋଲି ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ଏବେ ଏ ସଂକ୍ରାନ୍ତରେ ମନ୍ତ୍ରୀ କହିଛନ୍ତି, ସ୍କୁଲ ଖୋଲି ପିଲାଙ୍କୁ ପାଠ ପଢ଼ାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ପିଲାମାନେ ବହୁ ଦିନ ଧରି କ୍ୟାମ୍ପସ ବାହାରେ ଥିଲେ। ସ୍କୁଲ ଯିବା ପାଇଁ ପିଲାଙ୍କ ଭିତରେ ପ୍ରବଳ ଆଗ୍ରହ ରହିଛି। କିନ୍ତୁ କରୋନା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଯାଇନାହିଁ। ତେଣୁ ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯିବ। ଆମେ ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗ ସହ ନିୟମିତ ଯୋଗାଯୋଗ ରଖୁଛୁ। ଆଗରୁ ଆମେ ଶିକ୍ଷକଙ୍କୁ ଟିକା ନେବା ପାଇଁ ସ୍ୱତନ୍ତ୍ର ଭାବେ ଆଗ୍ରହ ପ୍ରକାଶ କରିଥିଲୁ। କୌଣସି ଶିକ୍ଷକ ବିନା ଡବଲ୍ ଡୋଜ୍ ଟିକାରେ ଯେପରି ସ୍କୁଲ ପରିସରକୁ ପ୍ରବେଶ ନ କରିବେ, ତା'ଉପରେ ଆମେ ନଜର ରଖୁଛୁ। ଯଦି ପାଠପଢ଼ା ସମୟରେ କୌଣସି ସମସ୍ୟା ଉପୁଜେ, ତା'ହେଲେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ପଦକ୍ଷେପ ନେବେ। ଯେଉଁଠି ଛାତ୍ରୀଛାତ୍ରଙ୍କ ଭିତରେ ସାମାନ୍ୟ କୋଭିଡ୍ ଲକ୍ଷଣ ଦେଖାଯିବ, ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କରୋନା ପାଇଁ ଗତବର୍ଷ ମାର୍ଚ୍ଚରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ପିଲାମାନେ ପାଠପଢ଼ାରେ ଯେପରି କ୍ଷତି ନ ହୁଅନ୍ତି, ସେଥିପାଇଁ ରାଜ୍ୟ ସରକାର ଅନ୍‌ଲାଇନ ଶିକ୍ଷା ଆରମ୍ଭ କରିଥିଲେ। କିନ୍ତୁ ନେଟ୍‌ୱର୍କ ସମସ୍ୟା ଓ ସମସ୍ତଙ୍କ ପାଖରେ ସ୍ମାର୍ଟ ଫୋନ ନ ଥିବାରୁ ବହୁ ପିଲା ଅନ୍‌ଲାଇନ୍ କ୍ଲାସ୍‌ରୁ ବଞ୍ଚିତ ହେଉଥିବା ନେଇ ରାଜ୍ୟର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଥିଲେ। ତେଣୁ କରୋନା ସ୍ଥିତି କମିବା ପରେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ସ୍କୁଲ ଖୋଲିବା ଆରମ୍ଭ କରିଥିଲେ। କଟକଣା ମଧ୍ୟରେ ପ୍ରଥମେ ଦଶମ ଓ ଦ୍ୱାଦଶ କ୍ଲାସ୍ ଏବଂ ପରେ ନବମ ଶ୍ରେଣୀ ଅଫ୍‌ଲାଇନ ପାଠପଢ଼ା ହୋଇଥିଲା। ତେବେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ସ୍କୁଲ କେବେ ଖୋଲିବ ସେ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

### ମାଓବାଦୀ ନେତା...

ପିଲାମାନେ ସାମାଜିକ ଦୂରତା ପାଳନ ପ୍ରତି ଅଣଦେଖା କରିପାରନ୍ତି। ଏଥିପ୍ରତି ଶିକ୍ଷକମାନେ ହିଁ ଦୃଷ୍ଟି ଦେବା ଆବଶ୍ୟକ। ସମସ୍ତେ ସଚେତନ ହେବା ସହ ପିଲାଙ୍କୁ ସଚେତନ କରିବା ଜରୁରୀ। ଏଥିସହ ଅଭିଭାବକମାନେ ବି ସ୍କୁଲ ଯାଇ ମନିଟରିଂ କରନ୍ତୁ। ସତର୍କତା ନେଇ ପିଲାଙ୍କ ଭବିଷ୍ୟତ ଗଢ଼ିବା ଉଚିତ ବୋଲି ଡିଏମ୍‌ଇଟି କହିଛନ୍ତି।

ତାଙ୍କୁ ଧରିବା ପାଇଁ ଆନ୍ଧ୍ର, ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା ଓ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା।

୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଆର୍‌କେଙ୍କ ପ୍ରଭାବ ମାଲକାନଗିରି ଜିଲାରେ ଥିଲା। ମାଲକାନଗିରି ସଦର ମହକୁମାକୁ ବାଦ୍ ଦେଲେ ଏମ୍‌ଭି-୭୯, କାଲିମେଳା, ପଡ଼ିଆ, ଚିତ୍ରକୋଣ୍ଡା, ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା ଆଦି ଅଞ୍ଚଳରେ ସନ୍ଧ୍ୟା ୬ଟା ପରେ ମାଓବାଦୀଙ୍କ ଭୟରେ ଦୋକାନ ବଜାର ବନ୍ଦ ହୋଇଯାଉଥିଲା। ମାଓବାଦୀମାନେ ଏହି ଅଞ୍ଚଳଗୁଡ଼ିକରେ ଯାତାୟାତ କରି ଲୋକଙ୍କୁ ଭୟଭୀତ କରି ରଖୁଥିଲେ। ୨୦୦୬ରେ କାଲିମେଳା ଏବଂ ପଡ଼ିଆ ବ୍ଲକ କାର୍ଯ୍ୟାଳୟ ଉଡ଼ାଇବାରେ ଆର୍‌କେଙ୍କ ସକ୍ରିୟ ଭୂମିକା ଥିଲା। ୨୦୦୪ରେ କୋରାପୁଟ ଅସ୍ତ୍ରାଗାର ଲୁଟ୍, ୨୦୦୮ରେ ନୟାଗଡ଼ ଥାନା ଆକ୍ରମଣ, ୨୦୦୮ ଜୁନ୍ ୨୯ରେ ଆନ୍ଧ୍ର ଗ୍ରେହାଉଣ୍ଡ ଯବାନଙ୍କୁ ଆଲାପ୍‌ପେଟାଠାରେ ଲଞ୍ଚ ଉପରେ ଗୁଳି ବର୍ଷଣକରି ୩୮ ଯବାନଙ୍କୁ ହତ୍ୟା , ୨୦୦୧ ଫେବୃୟାରୀ ୧୭ରେ ତତ୍କାଳୀନ ଜିଲାପାଳ ଭିନିଲ କ୍ରିଷ୍ଣାଙ୍କୁ ଅପହରଣ, ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାର ଦରଭା ଘାଟିରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୨୭ କଂଗ୍ରେସ ନେତାଙ୍କୁ ମାରିବା ସହ ପ୍ରଜାକୋର୍ଟରେ ଅନେକ ଆଦିବାସୀଙ୍କୁ ହତ୍ୟା କରିବା ଭଳି ବହୁ ହିଂସାରେ ଜଡିତ ଥିଲେ ଆର୍‌କେ। ମାଲକାନଗିରି ଜିଲାରେ ଅନେକ ଠିକାଦାରଙ୍କୁ ହତ୍ୟା, ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଯାନବାହନ ପୋଡ଼ି ଘଟଣା ତାଙ୍କ ନିର୍ଦ୍ଦେଶରେ କରାଯାଉଥିଲା। ତେବେ ୨୦୧୬ରେ ମାଲକାନଗିରି ଜିଲା ଆନ୍ଧ୍ର ସୀମାନ୍ତ ରାମାଗୁଡ଼ାଠାରେ ପୋଲିସ ଏନ୍‌କାଉଣ୍ଟରରେ ଆର୍‌କେଙ୍କ ପୁଅ ମୁନାଙ୍କ ମୃତ୍ୟୁ ଘଟିବା ପରେ ସେ ଭାଙ୍ଗିପଡ଼ିଥିଲେ। କେବଳ ଜଙ୍ଗଲରେ ରହି ମାଓବାଦୀ ସଙ୍ଗଠନ ପରିଚାଳନା କରୁଥିଲେ। ଆର୍‌କେ ୨୦୧୯ ପର୍ଯ୍ୟନ୍ତ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ସମ୍ପାଦକ ଥିଲେ। ସେ ସମୟରୁ ଆର୍‌କେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜଙ୍ଗଲରେ ଚିକିତ୍ସିତ ହେଉଥିଲେ। ଏ ସମ୍ପର୍କରେ ଦନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲଭ କହିଛନ୍ତି, ଇତିମଧ୍ୟରେ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ରାମାନ୍ନା, ହରିଭୂଷଣ ଓ ଆର୍‌କେଙ୍କ ଦଣ୍ଡକାରଣ୍ୟ ଜଙ୍ଗଲରେ ମୃତ୍ୟୁ ହୋଇଛି। ଏବେ ସୁରକ୍ଷା କର୍ମୀଙ୍କ ତୀକ୍ଷ୍ଣ ନଜର ହେତୁ ଜଙ୍ଗଲ ମଧ୍ୟକୁ ଅତ୍ୟାବଶ୍ୟକ ସାମଗ୍ରୀ କିମ୍ବା ଅସ୍ତ୍ରଶସ୍ତ୍ର ସେମାନଙ୍କ ନିକଟରେ ପହଞ୍ଚିପାରୁନାହିଁ। ଫଳରେ ସେମାନେ ଜଙ୍ଗଲ ଭିତରେ ହିଁ ରହୁଛନ୍ତି। ତୁରନ୍ତ ସେମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଲେ ସରକାରଙ୍କ ଥଇଥାନ ନୀତି ଅନୁସାରେ ସମସ୍ତ ସହାୟତା ପ୍ରଦାନ କରାଯିବ। ସେମାନଙ୍କ ଚିକିତ୍ସା ଲାଗି ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏସ୍‌ପି ପଲ୍ଲଭ କହିଛନ୍ତି।

### ମନୀଷଙ୍କୁ ସାଙ୍ଗ...

ଉକ୍ତ କାର ଯୋଗେ ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରୁ ବିଳମ୍ବିତ ରାତିରେ ପାତ୍ରପଡ଼ାସ୍ଥିତ ସାଉଥ ସିଟି ହୋଟେଲ ଆଣ୍ଡ ବାରକୁ ଯାଇଥିଲେ। ଦୀନେଶ କାରରେ ଶୋଇଯାଇଥିବାବେଳେ ଅମ୍ରିତ ସାଙ୍ଗ ମୃତ୍ୟୁଞ୍ଜୟ ଓ ମନୀଷ ବାରକୁ ଯାଇଥିଲେ। ସେଠାରେ ବିଲ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଟଙ୍କା ନ ଦେବାରୁ ବାର କର୍ମଚାରୀ ମନୀଷଙ୍କ ମୋବାଇଲ ବନ୍ଧକ ରଖିଥିଲେ। ପରେ ମନୀଷ ମା'ଙ୍କୁ ଫୋନ୍ କରି ଅନ୍‌ଲାଇନରେ ୮ହଜାର ଟଙ୍କା ମଗାଇ ବିଲ୍ ଦେଇଥିଲେ। ସାଙ୍ଗମାନଙ୍କ ଏଭଳି ବ୍ୟବହାର ଓ ମୋବାଇଲ ବନ୍ଧକ ରଖିବା ମନୀଷଙ୍କୁ ବ୍ୟଥିତ କରିଥିଲା। ଟଙ୍କା ଦେବା ପରେ ମନୀଷ ରାତି ୩ଟା ୨୯ମିନିଟରେ ହୋଟେଲରୁ ବାହାରକୁ ଏକାକୀ ଚାଲି ବାହାରି ଯାଇଥିଲେ। ଏପରି କି ସେ ଜଣେ ବାଇକ୍ ଚାଳକଙ୍କୁ ଲିଫ୍ଟ ମାଗି ଯାଉଥିବାବେଳେ ତାଙ୍କୁ ସାଙ୍ଗମାନେ କାରରେ ପିଛାକରି ପାଖରେ ପହଞ୍ଚିଥିଲେ। ବିଲ୍ ପଇଠକୁ ନେଇ ବାଟରେ ଗଣ୍ଡଗୋଳ ଭୀଷଣ ରୂପ ନେଇଥିଲା। ଏପରିକି ମନୀଷ ସେଠାରୁ ଖସି ଯିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କର ଅନ୍ୟ ୩ଜଣଙ୍କ ସହ ଧସ୍ତା ଧସ୍ତି ହୋଇଥିଲା। ଯେଉଁଥିରେ ମନୀଷ ଅଚେତ ହୋଇଯିବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ଦେଖି ଅଭିଯୁକ୍ତମାନେ ହଡବଡେଇ ଯିବା ସହ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋଖରୀ ନିକଟକୁ ନେଇଥିଲେ। ଏପରିକି ମନୀଷଙ୍କ ଆଖିରେ ଚଷମା ଓ ଚପଲ ସହ ପୂରା ଘଟଣାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଅଭିଯୁକ୍ତମାନେ ଯୋଜନା କରିଥିଲେ। ସେଠାରେ ଅନ୍ଧାର ଥିବାରୁ ମନୀଷଙ୍କ ମୃତଦେହକୁ ପାଣିକୁ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ସକାଳ ପ୍ରାୟ ସାଢେ ୫ଟା ବେଳକୁ ଅମ୍ରିତ, ମୃତ୍ୟୁଞ୍ଜୟ ଓ ଦୀନେଶ ୟୁନିଟ-୪ସ୍ଥିତ ଏକ ହୋଟେଲକୁ ଆସିଥିଲେ। ସେଠାରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଥିଲେ। ତେବେ ପରଦିନ ସକାଳ ସୁଦ୍ଧା ପୁଅ ଘରକୁ ନ ଫେରିବାରୁ ପିତା ନବୀନ ଦାସ ଥାନାରେ ନିଖୋଜ ଅଭିଯୋଗ ଆଣିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିଲା ଅପରାହ୍ନରେ ପୋଖରୀରୁ ମନୀଷଙ୍କ ମୃତଦେହ ମିଳିବା ନେଇ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଅଭିଯୁକ୍ତମାନେ ଫୁଲବାଣୀ ଫେରାର ହୋଇଯାଇଥିଲେ। ସେମାନେ ରାଜ୍ୟ ବାହାରକୁ ଖସି ଯିବାକୁ ଉଦ୍ୟମ ମଧ୍ୟ କରିଥିଲେ। ହେଲେ ଡରି ଯାଇଥିଲେ। ପୋଲିସ ସେମାନଙ୍କ ସମ୍ପର୍କରେ ସୁରାକ ପାଇଥିବା ଜାଣିବା ପରେ ଅଭିଯୁକ୍ତମାନେ ଆଉ ଖସି ପାରି ନ ଥିଲେ। ଶେଷରେ ଫୁଲବାଣୀ ପୋଲିସ ନିକଟରେ ଦୀନେଶ ଓ ମୃତ୍ୟୁଞ୍ଜୟ ଆତ୍ମସମର୍ପଣ କରିଥିଲେ। ଦୀନେଶଙ୍କୁ ପୋଲିସ ନୟାପଲ୍ଲୀରୁ ଗିରଫ କରିଥିଲା। ଦୀଶେଙ୍କ ମୂଳ ଘର କେନ୍ଦ୍ରାପଡ଼ା ରାଜନଗରରେ ହୋଇଥିବାବେଳେ ସେ ନୟାପଲ୍ଲୀରେ ରହୁଥିଲେ।

## 'ସର୍ଭିଲାନ୍ସ ଟିମ୍ ନଜରରେ ରହିବେ ସ୍କୁଲ ପିଲା'

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ):** ରାଜ୍ୟରେ ଅଷ୍ଟମ ଓ ଏକାଦଶ ଶ୍ରେଣୀ ଖୋଲିବା ନେଇ ଘୋଷଣା କରାଯିବା ସହ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସ୍କୁଲ୍ ଖୋଲିବା ପରେ ସମସ୍ତ ସ୍କୁଲ ପିଲା ସର୍ଭିଲାନ୍ସ ଟିମ୍ ନଜରରେ ରହିବେ। ଲକ୍ଷଣ ଥିବା ପିଲାଙ୍କ ଟେଷ୍ଟିଂ ହେବ। ଡିଏମ୍‌ଇଟି ଡା. ସିବିକେ ମହାନ୍ତି କହିଛନ୍ତି, ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପିଲାଙ୍କୁ ମନିଟରିଂ କରିବେ। ପିଲାଙ୍କ ଲକ୍ଷଣ ଓ ଶିକ୍ଷକ ଟିକା ନେଇଛନ୍ତି କି ନାହିଁ ତାହା ଅନୁଧ୍ୟାନ କରାଯିବ। ବଡ଼ଙ୍କ ଠାରୁ ଛୁଆଙ୍କୁ ସଂକ୍ରମଣ ହେବାର ସମ୍ଭାବନା ରହିଛି। ତେଣୁ ଶିକ୍ଷକ ଓ ଅଭିଭାବକମାନେ ଟିକା ନେଇଯିବା ଜରୁରୀ। ଯଦି କେହି ଗୋଟିଏ ଡୋଜ୍ ଟିକା ନେଇଛନ୍ତି ତେବେ ତୁରନ୍ତ ତାଙ୍କୁ ଡବଲ ଡୋଜ୍ ଦେବାକୁ ଯୋଜନା କରାଯିବ। ସ୍କୁଲରେ ଖେଳକୁଦରେ ମାତି

## ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା


ପ୍ରତିଯୋଗିତାର ସଫଳ ଖେଳାଳି ଓ ଅତିଥିମାନେ।

**ସମ୍ବଲପୁର,୧୬।୧୦(ବ୍ୟୁରୋ)**

ସମ୍ବଲପୁର ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା ଶନିବାର କଚେରି ରୋଡ ନିକଟ ସାଓଲିନ କୁଂଫୁ ଉସୁ ଆସୋସିଏଶନ ଜୁଡୋ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃତୀ ଖେଳାଳିମାନେ ଆସନ୍ତା ୧୯ ଓ ୨୦ ତାରିଖରେ କଟକ ବାରବାଟୀ ଷ୍ଟାଡିୟାମଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେବେ। ଜିଲା କୁସ୍ତି ସମ୍ପାଦକ ରବି ପଟ୍ଟନାୟକ ଓ ଜୁଡୋ ପ୍ରଶିକ୍ଷକ ଅରବିନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ସୁବାସ ବେହେରା, ସୋନୁ ପ୍ରସାଦ ସୋନାର, ସ୍ୱାଗତ କୁମାର ଘଡେଇ, ଆଶିଷ ସାହୁ, ଓକିଲ ଚୌଧୁରୀ, ପଦ୍ମନାଭ ପଟ୍ଟନାୟକ, ଦିବ୍ୟା କରିସ୍ମା ପୃଷ୍ଟି, ଗାୟତ୍ରୀ ମିଶ୍ର ଯୋଗ ଦେଇଥିଲେ।

## ବିଜେଡିର ସାମାଜିକ ସେବା କାର୍ଯ୍ୟକ୍ରମ

**ସମ୍ବଲପୁର,୧୬।୧୦(ବ୍ୟୁରୋ)**

ସମ୍ବଲପୁର ବିଜେଡି ପକ୍ଷରୁ ସାମାଜିକ ସେବା କାର୍ଯ୍ୟକ୍ରମ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଜୀବନ ବିନ୍ଦୁ ସଂଯୋଜକ ବସୁଦେବ ସା, ଜିଲା ସଂଯୋଜିକା କବିତା ପୁରୋହିତ, ରାଜ୍ୟ ମୁଖପାତ୍ର ସଞ୍ଜୟ ବାବୁ, ରାଜ୍ୟ ମହିଳା ଉପସଭାନେତ୍ରୀ ଉଷା ପ୍ରଧାନ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ପାଦକ ମନୋଜ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବିଜେଡି ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଦଳୀୟ ନେତା ଓ କର୍ମୀମାନେ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ସେହିପରି ହୀରାକୁଦ ଦୁର୍ଗା ମନ୍ଦିରସ୍ଥିତ କଲ୍ୟାଣ ମଣ୍ଡପରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ ହୋଇଥିଲା।

## ହକି ଟୁର୍ଣ୍ଣାମେଣ୍ଟ: ଡେଞ୍ଜରିୟସ ଏକ୍ସପ୍ରେସ ଚାମ୍ପିୟନ

**ନାକଟିଦେଉଳ,୧୬।୧୦(ଡ଼ି.ଏନ.ଏ.)**


ଅତିଥିଙ୍କ ସହ ଖେଳାଳିମାନେ।

ନାକଟିଦେଉଳ ବ୍ଲକ ପାଣିମୁରା ପଞ୍ଚାୟତର ଡାଙ୍ଗଟେକା ଗ୍ରାମରେ ଗତ ୧୩ତାରିଖଠାରୁ ଚାଲିଥିବା ପି.ସି. କ୍ଲବ ହକି ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୩୯ ଦଳ ଭାଗ ନେଇଥିଲେ। ସମ୍ବଲପୁରର ଡେଞ୍ଜରିୟସ ଏକ୍ସପ୍ରେସ ପେନାଲ୍ଟି ଗୋଲରେ ଦେବଗଡ଼ର ଜ୍ଞାନଜ୍ୟୋତି କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ସମାରୋହରେ ଜିଲା ଓକିଲ ସଂଘ ସଭାପତି ଡ଼. ପ୍ରମୋଦ କୁମାର ରଥ ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମ୍ବଲପୁର ପ୍ରେସକ୍ଲବ ସମ୍ପାଦକ ଭବାନିଶ ଭୋଇ, ଖବରଦାତା ସନ୍ତୋଷ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସନ୍ତୋଷ ଖାଖା, ନିମାସ ଲାକ୍ରା, ସରୋଜ କିଣ୍ଡୋ, ଆସିମ ଖାଲକୋ, ଆଫିସ ଲାକ୍ରା, ବିଜୟ କେରକେଟା ମ୍ୟାଚ ପରିଚାଳନା କରିଥିଲେ।

## ଭରସା ପରିବାର ପକ୍ଷରୁ ବିବିଧ କାର୍ଯ୍ୟକ୍ରମ

**ସମ୍ବଲପୁର,୧୬।୧୦(ବ୍ୟୁରୋ)**

ବିଜୟା ଦଶମୀ ଓ କଳିଙ୍ଗ ସମ୍ରାଟ ଅଶୋକଙ୍କ ସ୍ମୃତିରେ ଶନିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭରସା ପରିବାର ମୁଖ୍ୟ ଉପଦେଷ୍ଟା ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ବୁର୍ଲା ଭିମ୍‌ସାର ପ୍ରଫେସର ଶ୍ରୀବତ୍ସ ମହାପାତ୍ର ଓ ବ୍ୟବସାୟୀ ଶୀଲା ଶିବ ପ୍ରସାଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଦ୍ୱାରିକା ପ୍ରସାଦ ମିଶ୍ର ଓ ଆର୍ତ୍ତବନ୍ଧୁ ଚାନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ସେବା ସଭାପତି ଦୀପକ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ୬୦ ମହିଳା ଓ ୨୦ ପୁରୁଷଙ୍କୁ ବସ୍ତ୍ର ଦିଆଯାଇଥିଲା। ଭରସା ପରିବାର ସମ୍ବଲପୁର ସହର ଶାଖା ସଂଯୋଜିକା ମାମିନା ଖାତୁନ ଧନ୍ୟବାଦ ଦେଇଥିଲେ। ରାମଶଙ୍କର ଚୌଧୁରୀ, ଶେଖ ଇନ୍ତେଖାପ, ମୁକ୍ତାରାଣୀ ସାହୁ, ମଧୁ ଡିଶୋଜା, ଝୁମକୀ ପାଲ, ପଦ୍ମା ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଫ୍ ସିରଫ୍ ଜବତ, ୩ ଗିରଫ



**ଝାରସୁଗୁଡ଼ା ଅଫିସ,୧୬।୧୦:** ଝାରସୁଗୁଡା ସୁନାରୀ ମୁଣ୍ଡା ଅଞ୍ଚଳରେ କଫ୍‌ସିରଫ (ନିଶା ଔଷଧ) ବିକ୍ରି ଅଭିଯୋଗରେ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫମାନଙ୍କ ମଧ୍ୟରେ ସ୍ଥାନୀୟ ହଟଲିପଡାର ଶ୍ୟାମଲାଲ୍ ଡୁମ୍ବାଇ ଓ ରାଜି ଡୁମ୍ବାଇ। ଏମାନେ ସମ୍ପର୍କରେ ବାପା,ପୁଅ। ଅନ୍ୟଜଣେ ମିଶ୍ର ଟକିଜ୍ ଗଳିର ବାବୁ ଭଗତ ଓରଫ ଅଙ୍କୁଶ। ଏମାନଙ୍କ ନିକଟରୁ ପୋଲିସ୍ ୧୬୬ ବୋତଲ କଫ୍ ସିରଫ୍ ଓ ବହୁପରିମାଣର ନିଟ୍ରାଜେପାମ୍ ଟାବ୍ଲେଟ୍‌ସ୍ ଜବତ କରିଛି। ଏହା ସହିତ ବ୍ୟବହୃତ ଆକ୍ଟିଭା ଏମ୍‌ସିଓଡି ୨୩ଏଚ୍ ୭୩୧୮ନଂ. ସ୍କୁଟି ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ୫୦୬/୨୧) ରୁଜୁ ହୋଇଛି।

**OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., BALANGIR**

Phone No. 9437202682, email ID: csobalangir@gmail.com

(Tender Call Notice - 6, dated .10.2021 as mentioned below)

| Sl. | Name of Works | Tender No. 06 for Appointment of **Transport Contractor for Transportation of Paddy for KMS 2021-22 for Balangir district (Unit: Each Block Separately)** |
|---|---|---|
| 1 | Availability of Bid documents in the portal | From Dt.21.10.2021 |
| 2 | Last date/time for receipt of Bid in the portal | Dt.10.11.2021 upto 05.00 P.M. |
| 3 | Date/Time of opening of Technical Bid | Dt.12.11.2021 at 03.30 A.M. |
| 4 | Name and address of the Officer Inviting Tender | District Manager, OSCSC Ltd., Balangir |

Tender documents and other details can be seen from **www.tendersodisha.gov.in**. Amendments/Corrigendum/ Cancellation/re-tender etc. if any shall be published only in the above website.

**Sd./- District Manager, OSCSC Ltd., Balangir**

No. CAD-1486 OIPR-07031/11/0007/2122

**"e" PROCUREMENT NOTICE**
**JAJPUR MUNICIPALITY, JAJPUR**
**Tender Call Notice No. 2821 Date: 11.10.2021**

No.C-1113:- Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. www.tendersorissa.gov.in.

| | | |
|---|---|---|
| 1. | Name of work | Construction of Civil works. |
| 2. | No. of work | 04 (Four) Nos. |
| 3. | Bid value | Rs.17,75,124 to Rs.17,75,124 |
| 4. | Bid Id | JM-04 /2021-22 |
| 5. | Tender Id | 2021-ORULB_71724_01 to 4 |
| 6. | Period of completion | 90 days |
| 7. | Date of availability of bid documents in the portal | From 11.00 A.M. of Dt.16.10.2021 to 26.10.2021 upto 5.00 P.M. |
| 8. | Last date for receipt of bids in the portal | Dt.26.10.2021 upto 5.00 P.M. |
| 9. | Bids received online shall be opened on | Dt.30.10.2021 at 10.00 A.M. |
| 10. | Name & address of the officer inviting bid | Executive Officer, Jajpur Municipality |

All other terms and conditions are available in the DTCN & BOQ uploaded in the above website.

**Sd./- Executive Officer, Jajpur Municipality**

OIPR-13171/11/0011/2122

**OFFICE OF THE HATCHERY MANAGER, FISH SEED HATCHERY PROJECT**
**CHIPLIMA, DIST.- SAMBALPUR**
**E-Mail: maha954@gmail.com, Mob.: 8249345590**

**Letter No. 173** **Dt.07.10.2021**

**TENDER CALL NOTICE FOR PROCUREMENT OF LIVE FISH BROOD STOCK**

No. L-73: Sealed tenders are invited in plain paper for procurement of 50 Qtl. approx. of live brood fish (IMC and Amur Carp 1+ year and 1 - 1.5 Kg Weight) for Fish Seed Hatchery Project, Chiplima. The tender paper should be sent by Registered Post or put in the sealed tender box kept in the office latest by on or before by 25.10.2021 at 2.00 P.M. during office hours & the tenders so received shall be opened on the same day i.e. 25.10.2021 at 4.00 P.M. in the Chamber of undersigned. The tenderers or their authorised representative may be present at the time of opening of tender, if they so desire. In case this day is declared a holiday or any reason the tender will be received & opened on the next working day at the schedule time.

1. The rate should be quoted per kg species wise.
2. The payment will be made after delivery of the live Brood Fish.
3. The rate should be for supply of live brood fish upto the FSHP, Chiplima including transportation.
4. The tenderers are required to write the tender papers in their own handwriting without any over writing and sign. With their full address. The envelope containing tender paper should be superscribed **TENDER FOR LIVE BROOD FISH**.
5. Each tenderer is required to deposit earnest money of Rs.2000/- (Rupees two thousand) only in shape of Bank Draft in favour of Hatchery Manager, FSHP, Chiplima payable at SBI, Goshala and submit the same with the tender paper. The unsuccess tenderers will be refunded their earnest money only on production of application to the undersigned.
6. The undersigned is not responsible for postal delay.
7. If any discrepancy found in words & figure in offered rate, the amount in words will be taken into account.
8. The authority reserves the right to reject any or all the tender without assigning any reason thereof.

**Sd./- Hatchery Manager, FSHP, Chiplima**

**OIPR-06003/11/0001/2122**

**DIRECTORATE OF TECHNICAL EDUCATION & TRAINING ODISHA, CUTTACK - 753001**

**DIPLOMA ADMISSION - 2021**

**NOTICE FOR DIPLOMA SPOT ADMISSION - 2021**

Consequent upon the decision of Government in SD&TE Department, Odisha communicated vide Letter No. 4589 Dtd.16.10.2021, the Diploma Spot Admission - 2021 shall be held as per the dateline/procedure enumerated in the Standard Operating Procedure (SOP) available in the website **www.samsodisha.gov.in**.

**Sd./- Director of Technical Education & Training, Odisha**

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**
**ଅଧିସୂଚନା**

ସଂଖ୍ୟା: 17811 /ତା: 16.10.2021

PR-SEC-ORV-0001-2021

No.i-189:- 1991 ମସିହା ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମର ଧାରା ୪ ଅନ୍ତର୍ଗତ ଉପଧାରା (3)ରେ ଅର୍ପିତ କ୍ଷମତା ବଳରେ ନିମ୍ନଲିଖିତ ଜିଲ୍ଲା ପରିଷଦ ମାନଙ୍କରେ ଅଧ୍ୟକ୍ଷ ପଦବୀଗୁଡ଼ିକୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଓ ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବା ନିମିତ୍ତ ରାଜ୍ୟ ସରକାର ଯେଉଁ ପ୍ରସ୍ତାବ କରିଛନ୍ତି, ତାହାର ଏକ କିତା ଚିଠା ଉକ୍ତ ଧାରାର ଉପଧାରା (4) ଅନୁସାରେ ଏତଦ୍ୱାରା ପ୍ରକାଶ କରାଯାଇ ପ୍ରକାଶିତ ଦିନଠାରୁ ଦଶ (10) ଦିନ ମଧ୍ୟରେ (25.10.2021ରିଖ ଅପରାହ୍ନ 5.30 ଘଟିକା ପର୍ଯ୍ୟନ୍ତ) ସର୍ବସାଧାରଣଙ୍କଠାରୁ ଅଭିଯୋଗ / ପରାମର୍ଶ ଆହ୍ୱାନ କରାଯାଉଅଛି । ସର୍ବସାଧାରଣ ସେମାନଙ୍କର ଅଭିଯୋଗ / ପରାମର୍ଶ ଇ-ମେଲ (dir-pr.od@gov.in / prsec.or@nic.in) ମାଧ୍ୟମରେ ଦାଖଲ କରିପାରିବେ ।

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମିଳିଥିବା ଅଭିଯୋଗ / ପରାମର୍ଶଗୁଡ଼ିକୁ ରାଜ୍ୟ ସରକାର ବିଚାରକୁ ନେଇ ଉକ୍ତ ଚିଠା ସଂରକ୍ଷଣ ପ୍ରସ୍ତାବ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ।

**ଚିଠା ସଂରକ୍ଷଣ**

| କ୍ର. ସଂଖ୍ୟା | ଜିଲ୍ଲା ପରିଷଦର ନାମ | ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ପାଇଁ ସଂରକ୍ଷିତ | ମହିଳାମାନଙ୍କ ପାଇଁ ସଂରକ୍ଷିତ |
|---|---|---|---|
| ୧ | ଅନୁଗୁଳ | ପଛୁଆ ବର୍ଗ | ମହିଳା |
| ୨ | କଟକ | ଅନୁସୂଚିତ ଜାତି | ମହିଳା |
| ୩ | କନ୍ଧମାଳ | ଅନୁସୂଚିତ ଜନଜାତି | |
| ୪ | କଳାହାଣ୍ଡି | ଅଣ ସଂରକ୍ଷିତ | ମହିଳା |
| ୫ | କେଉଁଝର | ପଛୁଆ ବର୍ଗ | |
| ୬ | କେନ୍ଦ୍ରାପଡ଼ା | ଅଣ ସଂରକ୍ଷିତ | |
| ୭ | କୋରାପୁଟ | ଅନୁସୂଚିତ ଜନଜାତି | ମହିଳା |
| ୮ | ଖୋର୍ଦ୍ଧା | ପଛୁଆ ବର୍ଗ | ମହିଳା |
| ୯ | ଗଜପତି | ପଛୁଆ ବର୍ଗ | |
| ୧୦ | ଗଞ୍ଜାମ | ଅଣ ସଂରକ୍ଷିତ | ମହିଳା |
| ୧୧ | ଜଗତ୍‌ସିଂହପୁର | ଅନୁସୂଚିତ ଜାତି | |
| ୧୨ | ଝାରସୁଗୁଡ଼ା | ଅଣ ସଂରକ୍ଷିତ | |
| ୧୩ | ଢେଙ୍କାନାଳ | ଅଣ ସଂରକ୍ଷିତ | ମହିଳା |
| ୧୪ | ଦେଓଗଡ଼ | ଅଣ ସଂରକ୍ଷିତ | |
| ୧୫ | ନବରଙ୍ଗପୁର | ଅନୁସୂଚିତ ଜନଜାତି | |
| ୧୬ | ନୟାଗଡ଼ | ଅନୁସୂଚିତ ଜନଜାତି | ମହିଳା |
| ୧୭ | ନୂଆପଡ଼ା | ଅଣ ସଂରକ୍ଷିତ | ମହିଳା |
| ୧୮ | ପୁରୀ | ଅଣ ସଂରକ୍ଷିତ | |
| ୧୯ | ବରଗଡ଼ | ଅଣ ସଂରକ୍ଷିତ | ମହିଳା |
| ୨୦ | ବଲାଙ୍ଗୀର | ଅଣ ସଂରକ୍ଷିତ | |
| ୨୧ | ବାଲେଶ୍ୱର | ଅନୁସୂଚିତ ଜନଜାତି | |
| ୨୨ | ବୌଦ୍ଧ | ଅଣ ସଂରକ୍ଷିତ | ମହିଳା |
| ୨୩ | ଭଦ୍ରକ | ଅନୁସୂଚିତ ଜାତି | ମହିଳା |
| ୨୪ | ମୟୂରଭଞ୍ଜ | ଅନୁସୂଚିତ ଜନଜାତି | |
| ୨୫ | ମାଲକାନଗିରି | ଅନୁସୂଚିତ ଜନଜାତି | ମହିଳା |
| ୨୬ | ଯାଜପୁର | ଅନୁସୂଚିତ ଜାତି | |
| ୨୭ | ରାୟଗଡ଼ା | ଅନୁସୂଚିତ ଜନଜାତି | ମହିଳା |
| ୨୮ | ସମ୍ବଲପୁର | ଅଣ ସଂରକ୍ଷିତ | |
| ୨୯ | ସୁନ୍ଦରଗଡ଼ | ଅନୁସୂଚିତ ଜନଜାତି | |
| ୩୦ | ସୋନପୁର | ଅନୁସୂଚିତ ଜନଜାତି | ମହିଳା |

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./- ନିର୍ଦ୍ଦେଶକ, ପଞ୍ଚାୟତିରାଜ

OIPR-19001/11/0008/2122

## ଟପ୍-୧୦ରୁ ବାଦ୍ ପଡ଼ିଲେ ଅମ୍ବାନୀ

ବିଶ୍ୱର ଟପ୍-୧୦ ଧନୀ ବ୍ୟକ୍ତି ତାଲିକାରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ଚେୟାରମ୍ୟାନ ମୁକେଶ ଅମ୍ବାନୀ ବାଦ୍ ପଡ଼ିଛନ୍ତି। ନିକଟରେ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୩୦.୨ ମିଲିୟନ ଡଲାର ହ୍ରାସ ପାଇଛି। ଫଳରେ ବର୍ତ୍ତମାନ ଅମ୍ବାନୀଙ୍କ ସମ୍ପତ୍ତି ୧୦୨ ବିଲିୟନ ଡଲାରରେ ପହଞ୍ଚିଛି। ଏହି ହ୍ରାସ ଯୋଗୁ ଅମ୍ବାନୀ ଶ୍ରେଷ୍ଠ ୧୦ ଅବରପତି ତଥା କୋଟିପତି ତାଲିକାରୁ ବାଦ୍ ପଡ଼ିଛନ୍ତି। ବର୍ତ୍ତମାନ ସମୟରେ ସେ ର୍‍ୟାଙ୍କିଙ୍ଗ୍ ୧୧ରେ ରହିଛନ୍ତି। ସେପଟେ ଏହି ସମୟରେ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀଙ୍କ ସମ୍ପତ୍ତି ୭୭ ବିଲିୟନ ଡଲାର ଅତିକ୍ରମ କରିଛି। ତାଙ୍କ ସମ୍ପତ୍ତି ବର୍ତ୍ତମାନ ୭୭.୭ ବିଲିୟନ ଡଲାର ସହ ସେ ୧୩ ତମ ସ୍ଥାନରେ ଅଛନ୍ତି।

### ସଂକ୍ଷେପରେ

## ଜେଇଇ ଆଡଭାନ୍ସରେ ଓଡିଏମ୍‌ର ସଫଳତା



**ଭୁବନେଶ୍ୱର,୧୬।୧୦:** ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଦେଶର ବିଭିନ୍ନ ଇଞ୍ଜିନିୟରିଂ (ବି.ଇ/ବି.ଟେକ୍) ପାଠ୍ୟକ୍ରମରେ ନାମଲେଖା ଲାଗି ଜେଇଇ ଆଡ୍‌ଭାନ୍ସ ପରୀକ୍ଷାରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର +୨ ବିଜ୍ଞାନ ବିଭାଗର ଛାତ୍ର ଦେବାଶିଷ ପଣ୍ଡା ସର୍ବଭାରତୀୟ ସ୍ତରରେ ୫୨୯ର୍‍ୟାଙ୍କ୍ ରଖି ସ୍କୁଲ ଟପ୍ପର ହେବାରେ ସୌଭାଗ୍ୟ ହାସଲ କରିଛନ୍ତି ଏବଂ ଜୁଲାଇରେ ଅନୁଷ୍ଠିତ ହୋଇଥିବା ଜେଇଇ ମେନ୍-୩ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୯୯.୯୦% ରଖି ରାଜ୍ୟରେ ପ୍ରଥମ ସ୍ଥାନ ଅର୍ଜନ କରିଥିଲେ । ସମୁଦାୟ ପିଲାମାନଙ୍କ ମଧ୍ୟରୁ ୨୬ ଜଣ ବିଦ୍ୟାର୍ଥୀ ଜେଇଇ ଆଡ୍‌ଭାନ୍ସରେ ଅଭୂତପୂର୍ବ ସଫଳତା ଅର୍ଜନ କରି ବିଦ୍ୟାଳୟକୁ ଗୌରବମଣ୍ଡିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସିଓଓ ସ୍ୱୟନ ସତ୍ୟେନ୍ଦୁ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଏହି ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଏକ ଯୋଡ଼ା ବିଶେଷ ଟ୍ରେନ୍‌ର ଚଳାଚଳ ବାତିଲ

**ଭୁବନେଶ୍ୱର,୧୬।୧୦:** ରାଜ୍ୟରେ କୋଭିଡ୍ ସଂକ୍ରମଣର ସଂଖ୍ୟା ବୃଦ୍ଧି ସହ କେତେକ ଟ୍ରେନ୍‌ରେ ଖରାପ ପୃଷ୍ଠପୋଷକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଏକ ଯୋଡ଼ା ବିଶେଷ ଟ୍ରେନ୍‌ର ଚଳାଚଳକୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ୍‌ର ଚଳାଚଳ ଅକ୍ଟୋବର ୨୨ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ ବୋଲି କୁହାଯାଇଛି। ସେହିଭଳି ପୁରୀ-ଅନୁଗୋଳ-ପୁରୀ ସ୍ପେଶାଲ ଚଳିତ ମାସ ୨୨ ପର୍ଯ୍ୟନ୍ତ ଉଭୟ ଦିଗରୁ ତାଳଚେର ଓ ଅନୁଗୋଳ ମଧ୍ୟରେ ବାତିଲ ରହିବ ଏବଂ ତାଳଚେର ଓ ପୁରୀ ମଧ୍ୟରେ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱ ଋଣ ଭାର ୨୨୬ ଲକ୍ଷ କୋଟି

ନୂଆଦିଲ୍ଲୀ,୧୬।୧୦





କୋଭିଡ୍-୧୯ ଯୋଗୁ ସାରା ବିଶ୍ୱ ବିଭିନ୍ନ କ୍ଷେତ୍ରରେ ମାନ୍ଦା ରହିବା ସାଙ୍ଗକୁ ଅନେକ ସମସ୍ୟା ଦେଇ ଗତି କରିଛି। ସେହିଭଳି ସଂକ୍ରମଣରୁ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବା ସହିତ ଆର୍ଥିକାବସ୍ଥାର ଉନ୍ନତି ପାଇଁ ଅନେକ ପଦକ୍ଷେପ ମଧ୍ୟ ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ବିଶ୍ୱ ଋଣ ପରିମାଣ ୨୨୬ ଲକ୍ଷ କୋଟି ଡଲାରରେ ପହଞ୍ଚିଛି।

ଏ ସମ୍ପର୍କରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟରୁ ଏହାର ବିସ୍ତୃତ ସୂଚନା ଜଣାପଡ଼ିଛି। ୨୦୨୦ରେ ଭାରତର ଋଣ ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୮୯.୬% ଥିବାବେଳେ ଚଳିତ ବର୍ଷ ୯୦.୬% କୁ ବୃଦ୍ଧି ପାଇବା ନେଇ ଆଇଏମ୍ଏଫ୍ ଅନେକ କିଛି ଆକଳନ କରିଛି। ୨୦୨୦ରେ ବିଶ୍ୱର ମୋଟ ଋଣ ପରିମାଣରେ ବିକଶିତ ଅର୍ଥନୀତି ଏବଂ ଚାଇନାରେ ମଧ୍ୟ ୯୦%ରୁ ଅଧିକ ଭାଗ ରହିଥିଲା। ଅବଶିଷ୍ଟ ବିକାଶମୁଖୀ ଅର୍ଥନୀତି ଏବଂ ନିମ୍ନ ଆୟକାରୀ ର୍ବ କା ଶ ମୁ ଖୀ ରାଷ୍ଟ୍ରଗୁଡ଼ିକର ଭାଗ ବିଶ୍ୱ ଋଣ ପରିମାଣର ପ୍ରାୟ ୭% ରହିଥିବା ରିପୋର୍ଟରୁ ଜଣାପଡ଼ିଛି।

ଏହି ଅବସରରେ ଆଇଏମ୍ଏଫ୍‌ର ନିର୍ଦ୍ଦେଶକ (ଆର୍ଥିକ ବ୍ୟାପାର ବିଭାଗ) ଭିଟୋର ଗ୍ୟାସ୍ପର କହିଛନ୍ତି, କୋଭିଡ୍-୧୯ ଏବଂ ଏହାକୁ ମୁକାବିଲା କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଯୋଗୁ ବିଶ୍ୱ ଋଣ ସ୍ତର ବୃହତ୍ ମାତ୍ରାରେ ବୃଦ୍ଧି ପାଇଛି। ତେବେ ଏହି ଋଣ ବିତ୍ତୀୟ ସ୍ଥିରତାକୁ ପ୍ରଭାବିତ କରିବ ବୋଲି ସେ କହିଛନ୍ତି। ସରକାରୀ ଋଣ, ପାରିବାରିକ ଏବଂ ଅଣ-ବିତ୍ତୀୟ କର୍ପୋରେଶନଗୁଡିକର ଋଣ ବୃଦ୍ଧି ଯୋଗୁ ୨୦୨୦ରେ ବିଶ୍ୱ ଋଣ ୨୨୬ଲକ୍ଷ କୋଟି ଡଲାରକୁ ବୃଦ୍ଧି ପାଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆଇଏମ୍ଏଫ୍ ରିପୋର୍ଟ ଅନୁସାରେ ୨୦୧୬ରେ ଭାରତର ଋଣ ଏହାର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୬୮.୯% ଥିଲା । ବିଭିନ୍ନ କାରଣ ଯୋଗୁ ଏହା ୨୦୨୦ରେ ୮୯.୬%କୁ ବୃଦ୍ଧି ପାଇଛି। ୨୦୨୧ରେ ଏହା ୯୦.୬%କୁ ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ୨୦୨୨ରେ ଯାଇ ଏହା ୮୮.୮%କୁ ଖସିବ ଏବଂ ୨୦୨୬ରେ ୮୫.୨%କୁ କମିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ଆଇଏମ୍ଏଫ୍ ଅନୁସାରେ ଚଳିତ ବର୍ଷ ବିଶ୍ୱ ଋଣ ପରିମାଣ ହ୍ରାସ ଘଟିପାରେ।

## ଭୁବନେଶ୍ୱରରେ ହିଲିଅସ୍‌ର ୨ଷ୍ଟୋର



ଭୁବନେଶ୍ୱର,୧୬।୧୦

ଦେଶର ଅଗ୍ରଣୀ ଘଡ଼ି ବ୍ରାଣ୍ଡ ଟାଇଟନ୍ ପକ୍ଷରୁ ଭୁବନେଶ୍ୱରରେ ୨ଟି 'ହିଲିଅସ୍' ୱାଚ୍ ଷ୍ଟୋରର ଶୁଭାରମ୍ଭ ହୋଇଛି। ଯୁବବର୍ଗ ଓ ଘଣ୍ଟାପ୍ରେମୀଙ୍କ ପାଇଁ କମ୍ପାନୀ ପ୍ରିମିୟମ, ଫ୍ୟାଶନେବଲ, ସୁଇସ୍ ଏବଂ ସ୍ମାର୍ଟ ୱାଚ୍‌ର ବିପୁଳ ସମ୍ଭାର ସହ ୪୦ରୁ ଊର୍ଦ୍ଧ୍ୱ ଅନ୍ତର୍ରାଷ୍ଟ୍ରୀୟ ବ୍ରାଣ୍ଡର ୧୦,୦୦୦ରୁ ଊର୍ଦ୍ଧ୍ୱ ହାତଘଡ଼ି ଉପରେ ୪୦ % ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ସ୍ଥାନୀୟ ଜନପଥ ଏବଂ ଚନ୍ଦ୍ରଶେଖରପୁରଠାରେ ହିଲିଅସ୍‌ର ଏହି ଷ୍ଟୋର ଦ୍ୱୟ ରହିଛି। ଏଠାରେ ଫସିଲ, ଟମି ହିଲ୍‌ଫିଗର, ଏମ୍ପୋରିଓ ଅର୍ମାନି, ଟାଇଟନ, ସିକୋ, ସିଟିଜେନ, ମୋଭାଡୋ, କେନିଥ୍ କୋଲେ, ପୋଲିସ,ସ୍କାଜେନ୍, ଗେସ୍, ଡାନିଏଲ୍ ୱେଲିଂଟନ୍ ଏବଂ ଫରାରି ଭଳି ଉତ୍ପାଦ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ଅକ୍ଟୋବର ୩୧ ପର୍ଯ୍ୟନ୍ତ ଡିସ୍‌ପ୍ଲେରେ ଥିବା ୫୦% ରୁ ଊର୍ଦ୍ଧ୍ୱ ଷ୍ଟକ୍ ଅଫରରେ ରହିବ ବୋଲି ଉଭୟ ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ଟାଇଟନ୍‌ର ସମ୍ପ୍ରସାରଣର ଅଂଶବିଶେଷ ଟାଟା ଗ୍ରୁପ୍‌ର ଲାଇଫ୍‌ଷ୍ଟାଇଲ କମ୍ପାନୀ ହିଲିଅସ୍ ପାରମ୍ପରିକ,ପ୍ରମାଣୀକୃତ ଏବଂ ମାନଯୁକ୍ତ ଉତ୍ପାଦ ତା'ର ଗ୍ରାହକଙ୍କୁ ଯୋଗାଇଦେଇଥାଏ। ଏହାର ପ୍ରିମିୟମ ଘଣ୍ଟା ବ୍ରାଣ୍ଡଗୁଡ଼ିକ ସ୍ୱତନ୍ତ୍ର ଡିଜାଇନ ଏବଂ ପ୍ରଯୁକ୍ତି ସହ ଆସୁଛି। ଗ୍ରାହକ ଅନ୍‌ଲାଇନରେ କିମ୍ବା ନିକଟସ୍ଥ ହିଲିଅସ୍ ଷ୍ଟୋରରେ ଅଥେଣ୍ଟିକ୍ ବ୍ରାଣ୍ଡେଡ୍ ଘଣ୍ଟା କିଣିପାରିବେ। ଥରେ ଷ୍ଟୋରର ଅନୁଭୂତି ନେଲେ ପ୍ରିମିୟମ ଏବଂ ଫ୍ୟାଶନେବଲ ହାତଘଡ଼ି କିଣିବା ପାଇଁ ଗ୍ରାହକ ଏଠାକୁ ହିଁ ଆସିବାକୁ ଅଧିକ ପସନ୍ଦ କରିବେ ବୋଲି ଷ୍ଟୋର ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ ପାଇଛି।

## ଆକାଶର ପରିଭାଷା ବଦଳାଇଛନ୍ତି ବିଦ୍ୟାର୍ଥୀ

ଭୁବନେଶ୍ୱର,୧୬।୧୦



ଆକାଶ ଇନ୍‌ଷ୍ଟିଚ୍ୟୁଟ ସର୍ବଭାରତୀୟ ସ୍ତରରେ ମେଡିକାଲ ପରୀକ୍ଷା ପାଇଁ ବେଶ୍ ସୁନାମ ଅର୍ଜନ କରିଆସିଛି। ହେଲେ ଗତ କିଛି ବର୍ଷ ହେବ ଆକାଶ ମେଡିକାଲ ସାଙ୍ଗକୁ ଆଇଆଇଟି (ଜେଇଇ) ପ୍ରସ୍ତୁତି ପାଇଁ ମଧ୍ୟ ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ପାଲଟିଛି । ଓଡ଼ିଆ ହେଉ କି ଇଂଲିଶ ମାଧ୍ୟମର ପିଲାଙ୍କ ପାଇଁ ଆକାଶ ବେଶ୍ ସହାୟକ ହେଉଛି ବୋଲି ଏହାର ଛାତ୍ର ପ୍ରମାଣକରି ଦେଖାଇ ଦେଇଛନ୍ତି ବୋଲି ଆକାଶ-ବାଇଜୁର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂହ ମତବ୍ୟକ୍ତ କରିଛନ୍ତି। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଆକାଶ ଆଉ ଏକ ସଫଳତା ହାସଲ କରିଛି। ଖାଲି ସଫଳତା ନୁହେଁ, ଅନୁଷ୍ଠାନର ପିଲାମାନେ ଆକାଶର ପରିଭାଷା ବଦଳାଇ ଦେଇଛନ୍ତି ବୋଲି ସେ କହିଛନ୍ତି। ପବିତ୍ର ବିଜୟା ଦଶମୀରେ ଆମର ପିଲା ଆମ ପାଇଁ ବିଜୟ ଆଣିଛନ୍ତି। ପୁଣିଥରେ ଆକାଶର ଛାତ୍ରୀଛାତ୍ରମାନେ ଓଡ଼ିଶାରେ ପ୍ରଥମ ର୍‍ୟାଙ୍କ ଆଣିବାରେ ମଧ୍ୟ ସକ୍ଷମ ହୋଇଛନ୍ତି। ଏହା ଆମ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ସିଂହ ସୂଚନା ଦେଇଛନ୍ତି।

ଗତ ୧୫ତାରିଖରେ ଚଳିତ ବର୍ଷ ଜେଇଇ (ଆଡଭାନ୍ସ)ର ଫଳାଫଳ ପ୍ରକାଶ ପାଇଥିଲା । ଏଥିରେ ଆକାଶ-ବାଇଜୁର ୧୪ଜଣ ଛାତ୍ରୀଛାତ୍ର ସର୍ବଭାରତୀୟ ସ୍ତରରେ ପ୍ରଥମ ୨୦୦ ଜଣଙ୍କ ମଧ୍ୟରେ ଅଛନ୍ତି। ସେହିପରି ଆକାଶ-ବାଇଜୁର ଛାତ୍ର ଗୌତମ ଦାସ୍ ୨୮୨ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୧୧୫ତମ ସ୍ଥାନରେ ରହିଛନ୍ତି ଏବଂ ଓଡ଼ିଶାରେ ପ୍ରଥମ ସ୍ଥାନରେ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୀପକ୍ ନନ୍ଦ (ଏଆଇଆର-୮୪୮), ଏନ୍. ଅନୁଷ୍କା (ଏଆଇଆର-୨୦୩୯), ଆକାଶ ଗନେରିୱାଲ୍ (ଏଆଇଆର-୨୦୬୬), ଗୌରୀଶଙ୍କର ସ୍ୱାଇଁ (ଏଆଇଆର-୨୬୭୨), ସୁଦୀପ୍ ରଞ୍ଜନ ସାହୁ (ଏଆଇଆର-୪୪୬୪), ଓମ୍ ଅନିମେଶ୍ ମିଶ୍ର (ଏଆଇଆର-୬୦୭୭) ପ୍ରମୁଖ ରହିଛନ୍ତି। ଅପରପକ୍ଷରେ ୨୦୧୯ରେ ମଧ୍ୟ ଆକାଶର ଛାତ୍ର ଶାୟନ୍ତନ ଧର୍ ସର୍ବଭାରତୀୟ ସ୍ତରରେ ୫୧ତମ ସ୍ଥାନରେ ରହିଥିବା ବେଳେ ୨୦୨୦ରେ ଶିବାଶିଷ ରାଉତ ୭୩ତମ ସ୍ଥାନରେ ରହି ଓଡ଼ିଶାରେ ଆକାଶ ଭୁବନେଶ୍ୱର ଶାଖାର ଛାତ୍ରୀଛାତ୍ରମାନେ ଲଗାତର ୩ୟ ବର୍ଷ ପାଇଁ ପ୍ରଥମ ସ୍ଥାନ ସହ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି।

ଏହି ସଫଳତା ସମ୍ପର୍କରେ ଗୌତମ ତାଙ୍କର ପିତାମାତା, ଆକାଶ-ବାଇଜୁର ଶିକ୍ଷକ ଏବଂ ତାଙ୍କର କଠିନ ପରିଶ୍ରମକୁ ଶ୍ରେୟ ଦେଇଛନ୍ତି। ଆକାଶ-ବାଇଜୁର ଉନ୍ନତ ପାଠ୍ୟପ୍ରଣାଳୀ ଏବଂ ପୁସ୍ତକ ଓ ଶିକ୍ଷକମାନଙ୍କ ମାର୍ଗଦର୍ଶନ ସହିତ ବିଭିନ୍ନ ପରୀକ୍ଷା ତଥା ଏଆଇଏଟିଏସ୍, ରିଭ୍ୟୁ ଟେଷ୍ଟ, ଫର୍ଟନାଇଟ ଟେଷ୍ଟ ଇତ୍ୟାଦି ତାଙ୍କ ସଫଳତାର ଚାବିକାଠି ବୋଲି ଗୌତମ କହିଥଲେ। ଆକାଶ-ବାଇଜୁର କର୍ପୋରେଟ୍ ଅଫିସ ଛାତ୍ରୀଛାତ୍ରମାନଙ୍କର ଉତ୍ତମ ପ୍ରଦର୍ଶନ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇଛି।

## ଏକ୍ସଆଇଏମ୍‌ବି ଭୁବନେଶ୍ୱର ଷ୍ଟିଲ-ଏ-ଥନ୍‌ର ବିଜେତା

ଭୁବନେଶ୍ୱର,୧୬।୧୦

ଭାରତର ବି-ସ୍କୁଲଗୁଡ଼ିକୁ ନେଇ ଟାଟା ଷ୍ଟିଲ୍ ପକ୍ଷରୁ ଆୟୋଜନ କରାଯାଇଥିବା ବହୁ ପ୍ରତୀକ୍ଷିତ ବାର୍ଷିକ ବିଜ୍‌ନେସ୍ ଚ୍ୟାଲେଞ୍ଜ 'ଷ୍ଟିଲ୍-ଏ-ଥନ୍' ସିଜନ ୮ର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏକ୍ସଆଇଏମ୍‌ବି ଭୁବନେଶ୍ୱରର ୱିଙ୍ଗ୍‌ସ ଅଫ୍ ଷ୍ଟିଲ୍ ଦଳ ବିଜେତା ହୋଇଥିବା ବେଳେ ଆଇଆଇଏମ୍ ସିଲଙ୍ଗ୍‌ର ଆଇରନ୍ ଗାର୍ଲସ୍ ପ୍ରଥମ ରନର୍ସ ଅପ୍ ଏବଂ ଆଇଆଇଏମ୍ ସିଲଙ୍ଗ୍‌ର ଥ୍ରିଏସେସ୍ ଓ ଏସ୍‌ସିଏମ୍‌ଏଚ୍‌ଆର୍‌ଡି ପୁଣେର ଷ୍ଟ୍ରାଇକର୍ସର ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଭର୍ଚୁଆଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଗ୍ରାଣ୍ଡ ଫିନାଲେ ଅକ୍ଟୋବର ୭ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୯ଟି ଜାତୀୟ ଫାଇନାଲିଷ୍ଟ ଦଳ ଭାଗ ନେଇ ସେମାନଙ୍କ ବ୍ୟବସାୟ ମାମଲା ସମାଧାନକୁ ବିଚାରକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍‌ର ଉପସଭାପତି, ଯୋଗାଣ ଶୃଙ୍ଖଳା ପୀୟୂଷ ଗୁପ୍ତାଙ୍କ ନେତୃତ୍ୱରେ ମାର୍କେଟିଂ ମୁଖ୍ୟ (ବ୍ରାଣ୍ଡେଡ୍, ପ୍ରଡକ୍ଟସ୍ ଆଣ୍ଡ ରିଟେଲ) ପ୍ରବୀଣ ଶ୍ରୀବାସ୍ତବ ଓ ଚିଫ୍ ଗ୍ରୁପ୍ ଏଚ୍‌ଆର୍ ଆଣ୍ଡ ଆଇଆର୍ ଜୁବିନ୍ ପାଲିଆ ବିଚାରକ ମଣ୍ଡଳୀର ସଦସ୍ୟ ଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DHANLAXMI FINANCE
ଦୀପାବଳୀ ଧମାକା
୧୯୨୭ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା

ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଫୁର୍‌ସତ୍

## ଜ୍ୟାକଲିନଙ୍କୁ ପୁଣି ସମନ କଲା ଇଡି



**ମୁମ୍ବାଇ:** ୨୦୦ କୋଟି ଟଙ୍କା ଠକେଇ ମାମଲାରେ ଫସିଥିବା ବଲିଉଡ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଡିଜଙ୍କୁ ଶନିବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟରେ ହାଜର ହେବା ନିମନ୍ତେ ସମନ କରଯାଇଥିଲ ମଧ୍ୟ ସେ ଏହାକୁ ଅଣଦେଖା କରିଛନ୍ତି। ବୃତିଗତ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସେ ଇଡି ନିକଟରେ ହାଜର ହୋଇପାରିବେନି ବୋଲି କହିଛନ୍ତି। ତେଣୁ ସୋମବାର ସେ ଇଡି ଅଫିସ୍‌ରେ ହାଜର ହେବାକ ତାଙ୍କୁ ପୁଣି ଥରେ ସମନ କରାଯାଇଛି। ପ୍ରଥମେ ଜ୍ୟାକଲିନ ଆସନ୍ତା ମାସର ପ୍ରଥମ ସପ୍ତାହ ଯାଏ ତଦନ୍ତ ପ୍ରକ୍ରିୟା ଘୁଞ୍ଚାଇବାକୁ ଇଡିକୁ ଅନୁରୋଧ କରିଥିଲେ। ତେବେ ଇଡି ତାଙ୍କ କଥା ଶୁଣି ନାହିଁ। ଏହି ମାମଲାରେ ଇଡି ଗୁରୁବାର ଅଭିନେତ୍ରୀ ନୋରା ଫତେହିଙ୍କୁ ମଧ୍ୟ ପଚରାଉଚରା କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ସୁକେଶ ଓ ତାଙ୍କ ପତ୍ନୀ ଲୀନାଙ୍କୁ ପୂର୍ବରୁ ଗିରଫ କରାଯାଇଛି। ସେମାନଙ୍କ ସହ ଜ୍ୟାକଲିନ ଓ ନୋରାଙ୍କ ଲିଙ୍କ୍ ଥିବା ସନ୍ଦେହ କରିବା ପରେ ଅଗଷ୍ଟ ୩୦ରେ ଇଡି ଏହି ମାମଲାରେ ଜ୍ୟାକଲିନଙ୍କୁ ଦୀର୍ଘ ୪ ଘଣ୍ଟା ଜେରା କରିଥିଲା। ଏହି ସମୟରେ ତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିଲା। ଏବେ ସୁକେଶ ଓ ଲୀନାଙ୍କ ସହ ଜ୍ୟାକଲିନଙ୍କୁ ମୁହାଁମୁହିଁ ଜେରା କରାଯିବ ବୋଲି କୁହାଯାଉଛି।

## ପେଟରୁ ବାହାରିଲା ୧୦ କେଜିର ଟ୍ୟୁମର



**କୋଲକାତା:** କୋଲକାତାର ଜଣେ ବ୍ୟକ୍ତିଙ୍କ ପେଟରୁ ବାହାରିଛି ୧୦ କେଜିର ଟ୍ୟୁମର। ଆଶ୍ଚର୍ଯ୍ୟକର କଥା ହେଉଛି ଦୀର୍ଘ ଦିନରୁ ତାଙ୍କ ପେଟ ବଢ଼ିବାରେ ଲାଗିଥିଲେ ହେଁ ଏଥିପ୍ରତି ସେ ଧ୍ୟାନ ଦେଇ ନ ଥିଲେ କିମ୍ବା ଟ୍ୟୁମର ଥିବା ନେଇ ଜାଣିପାରି ନ ଥିଲେ। ଏପରିକ ଅନେକେ ତାଙ୍କ ପେଟରେ ଛୁଆ ଅଛି ବୋଲି କହି ଚିଡ଼ାଉଥିଲେ। ହେଲେ ସତ ଜଣାପଡ଼ିବା ପରେ ସମସ୍ତେ ଚମକି ପଡ଼ିଛନ୍ତି। ତାଙ୍କ ପେଟରୁ ଛୁଆ ନୁହେଁ ବରଂ ୧୦ କିଲୋଗ୍ରାମ ଓଜନର ଟ୍ୟୁମର ବାହାରିଛି। କୋଲକାତାରେ ରୁହନ୍ତି ୪୫ ବର୍ଷୀୟ ଅର୍ଣ୍ଣବ ମୁଖାର୍ଜୀ। ତାଙ୍କ ପେଟ ଧିରେ ଧିରେ ବଢ଼ିବାରେ ଲାଗିଥିଲା। କ'ଣ ହେଉଛି ତାହା ଜାଣିବା ପାଇଁ ସେ ଡାକ୍ତରଙ୍କ ପରାମର୍ଶ ଲୋଡିଥିଲେ ହେଁ ସତ ଜଣାପଡ଼ି ନ ଥିଲା। ମାତ୍ର ଦୁଇ ମାସରେ ଟ୍ୟୁମରଟି ୪ ଗୁଣ ବଢ଼ି ଯାଇଥିଲା। ସେ ପୁଣିଥରେ ଡାକ୍ତରଙ୍କ ପାଖକୁ ଯିବା ପରେ ପେଟରେ ଟ୍ୟୁମର ଥିବା ଜାଣିବାକୁ ପାଇଥିଲେ। ଡାକ୍ତରମାନେ ଅର୍ଣ୍ଣବଙ୍କୁ ସର୍ଜରୀ କରିବାକୁ ପରାମର୍ଶ ଦେଇଥିଲେ। ଦୀର୍ଘ ୪ ଘଣ୍ଟାର ଅପରେଶନ ପରେ ୧୦ କିଗ୍ରା ଓଜନର ଟ୍ୟୁମରକୁ ତାଙ୍କ ପେଟରୁ ବାହାର କରାଯାଇଥିଲା। ଏବେ ତାଙ୍କର ଚିକିତ୍ସା କରାଯାଉଛି। ତେବେ ତାଙ୍କର କ୍ୟାନ୍‌ସର ଥିବା ମଧ୍ୟ ଜଣାପଡ଼ିଛି।

## ଏକାଠି ଆସିବେ କ୍ରିତି-କାର୍ତ୍ତିକ



**ମୁମ୍ବାଇ:** ନିକଟରେ କ୍ରିତି ସାନନ୍‌ଙ୍କ 'ମିମି', 'ହମ ଦୋ ହମାରେ ଦୋ' ଫିଲ୍ମକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏବେ ପୁଣି ଥରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଆଗାମୀ ଫିଲ୍ମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏ ନେଇ ଉଭୟ କଳାକାର ଇନଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଆଗାମୀ ଫିଲ୍ମ 'ଶେହେଜାଦ'ରେ ଦୁଇ ଜଣ ଏକାଠି ଦର୍ଶକଙ୍କ ସାମ୍ନାକୁ ଆସିବେ। ପୂର୍ବରୁ ୨୦୨୯ରେ ଦୁହିଁଙ୍କୁ 'ଲୁକା ଛୁପି' ଫିଲ୍ମରେ ଦେଖିବାକୁ ମିଳିଥିଲା। ଶେହେଜାଦ ଫିଲ୍ମର ନିର୍ଦ୍ଦେଶନା ଦେବେ ରୋହିତ ଗାନ୍ଧୀ। ୨୦୨୨ ନଭେମ୍ବର ୪ରେ ଏହି ଫିଲ୍ମ ମୁକ୍ତିଲାଭ କରିବ। ଫିଲ୍ମଟି ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ 'ଆଲ୍ଲା ବୈକୁଣ୍ଠପୁରାମୁଲୋ'ରୁ ରିମେକ ହୋଇଛି।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦ୍ୱାଦଶାହ ଉପଲକ୍ଷେ



**୰ପର୍ଶୁରାମ ଅଗ୍ରୱାଲ**

ପଦ୍ମପୁର, ଜିଲ୍ଲା: ବରଗଡ଼, ଓଡ଼ିଶା
ଆବିର୍ଭାବ: ୧୦।୧୨।୧୯୪୩
ତିରୋଧାନ: ୦୫।୧୦।୨୦୨୧

ଆପଣ ଥିଲେ ଆମ୍ଭର ସର୍ବସ୍ୱ ସମ୍ବଳ, ଦମ୍ଭ, ବିଶ୍ୱାସ ତଥା ପଥପ୍ରଦର୍ଶକ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ, ପରାମର୍ଶ ଆମ୍ଭମାନଙ୍କ ଜୀବନ ପଥକୁ ସର୍ବଦା ସୁଗମ ତଥା ସରଳ କରିଛି। ଏକାଦଶାହ ଦିବସ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ପତ୍ନୀ: ଗୀତାଦେବୀ, ଭାଇ: ଗୋବିନ୍ଦ ପ୍ରସାଦ, କାଶିରାମ, ନରସିଂଘ, ପୁଅ: ଅନିଲ, ସୁଶୀଲ, ଜୟପ୍ରକାଶ, ଝିଅ: ସଂଜୁ ଦେବୀ, ମଂଜୁ ଦେବୀ, ପଦ୍ମାଦେବୀ, କଳିଙ୍ଗ ପରିବାର।

ଧ-୨୧୯୮୫

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ମାଧବ ମିଶ୍ର**

ଆବିର୍ଭାବ: ୧୬।୦୧।୧୯୨୮
ତିରୋଧାନ: ୦୮।୧୦।୨୦୨୧

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ହତଭାଗ୍ୟ:-** ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।

ଧ-୭୦୭୪୬

### ୰ଗଙ୍ଗା ଏକାଦଶାହ ଉପଲକ୍ଷେ



**୰ଉମା ଶଙ୍କର ମିଶ୍ର**

ସାମନ୍ତରାପୁର, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୦୨।୦୮।୧୯୩୫
ତିରୋଧାନ: ୦୭।୧୦।୨୦୨୧

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟ ଆମ ପାଇଁ ସବୁଦିନ ପ୍ରେରଣାର ଉତ୍ସ ହୋଇ ରହିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ:** ପତ୍ନୀ- ଶକୁନ୍ତଳା ଓ ପରିବାରବର୍ଗ ।

ଧ-୨୧୯୮୭

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅଜିତ୍ କୁମାର ପଟ୍ଟନାୟକ**

ଆବିର୍ଭାବ: ୦୩।୦୬।୧୯୬୨
ତିରୋଧାନ: ୦୬।୧୦।୨୦୨୧

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।

ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ ପରିବାରବର୍ଗ:-
ବଡ଼ଭାଇ: ଅଶୋକ କୁମାର ପଟ୍ଟନାୟକ, ଅକ୍ଷୟ କୁମାର ପଟ୍ଟନାୟକ, ବିଜୟ କୁମାର ପଟ୍ଟନାୟକ

ଧ-୨୧୯୮୮

### ଦ୍ୱିତୀୟ ବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଦିବ୍ୟଜ୍ୟୋତି ସାହୁ (ବବୁଲୁ)**

ୟୁନିଟ-୭, ଭୁବନେଶ୍ୱର
ଆବିର୍ଭାବ: ୦୮।୦୫।୨୦୦୩
ତିରୋଧାନ: ୦୯।୧୦।୨୦୧୯

ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ତୋର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ନିଷ୍କପଟତା ଓ ସରଳତା ଆମ ମାନଙ୍କ ମନରେ ସର୍ବଦା ସ୍ମୃତି ହୋଇ ରହିବ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ:** ମାମା, ନାନା, ବନ୍ଧୁ ଓ ପରିବାରବର୍ଗ ।

ଧ-୨୧୯୬୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଶ୍ରୀନିବାସ ମହାନ୍ତି**

ବରିଷ୍ଠ ଆଇନଜୀବୀ ଓ ଓଡ଼ିଶା ଅମଳାସଂଘର ପ୍ରାକ୍ତନ ସଭାପତି, ହୋଟେଲ ଶ୍ରୀୟାର ପ୍ରତିଷ୍ଠାତା
ଆବିର୍ଭାବ-୧୮।୦୨।୧୯୪୮
ତିରୋଧାନ- ୨୭।୦୯।୨୦୨୦

ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସମର୍ପଣ ଆମ ପାଇଁ ଦୃଷ୍ଟାନ୍ତ ରହିବ। ଆପଣଙ୍କର ତିରୋଧାନର ଅପୂରଣୀୟ କ୍ଷତି ଏ ଘରେ ଆମେ ସବୁବେଳେ ଅନୁଭବ କରୁଥିବୁ। ହେ ଆମର ପ୍ରାଣର ବାବା ଆପଣ ଯେଉଁଠି ଅଛନ୍ତି ଆମର ସବୁ ଭୁଲକୁ କ୍ଷମାକରି ଆମ୍ଭମାନଙ୍କୁ ଅମୃତ ଦୃଷ୍ଟିରେ ଚାହିଁ ଆଶୀର୍ବାଦ କରୁଥାନ୍ତୁ।

**ଶୋକସନ୍ତପ୍ତ ପରିବାରବର୍ଗ:** ଧର୍ମପତ୍ନୀ (ଡଲି), ରୋଜାଲିନ୍, ରଞ୍ଜନ, ଐଶରିକା, ରଞ୍ଜିତ୍, ରାଜେଶ୍, ସୁନୀଲ, ସୌରଭ, ଦେବୀଦତ୍ତ।

ଧ-୬୮୮୩

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଅକ୍ଟୋବର ୧୭/୨୦୨୧ Sambalpur, Sunday, October 17/ 2021

# ଦଳିତ ଶିଖ୍‌ଙ୍କ ହାତଗୋଡ଼ କାଟି ହତ୍ୟା

■ସିଂଘୁ ସୀମାରେ ନିହଙ୍ଗଙ୍କ ବର୍ବରତା

■ଠିକ୍ କରିଛି କହିଲେ ଆତ୍ମସମର୍ପଣକାରୀ

ନୂଆଦିଲ୍ଲୀ, ୧୬।୧୦

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଦିଲ୍ଲୀ-ହରିୟାଣା ସିଂଘୁ ସୀମାରେ ଦୀର୍ଘ ସମୟରୁ ଚାଲିଥିବା ଚାଷୀ ଆନ୍ଦୋଳନସ୍ଥଳୀରେ ଶୁକ୍ରବାର ସକାଳେ ଲୋମଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ଦଳିତ ଶିଖ୍ ଲଖବୀର ସିଂ(୩୫)ଙ୍କୁ ଭିଡ଼ହିଂସାରେ ବୀଭତ୍ସଭାବେ ହତ୍ୟା କରିବା ସହ ହାତ ଗୋଡ଼ କାଟି ତାଙ୍କୁ ବ୍ୟାରିକେଡ୍‌ରେ ଟଙ୍ଗାଇ ଦିଆଯାଇଥିଲା। ଘଟଣା ପରେ ଜଣେ ଅଭିଯୁକ୍ତ ନିହଙ୍ଗ ତଥା ଶିଖ୍ ଯୋଦ୍ଧା ଗୋଷ୍ଠୀର ସର୍ବଜିତ୍ ସିଂ ନିଜକୁ ଦାୟୀ କରି ଆତ୍ମସମର୍ପଣ କରିଥିବାବେଳେ ଶନିବାର ଆଉଜଣେ ନିହଙ୍ଗ ନାରାୟଣ ସିଂଙ୍କୁ ପଞ୍ଜାବ ପୋଲିସ ଗିରଫ କରିଛି। ଶିଖ୍‌ଙ୍କ ପବିତ୍ର ଗ୍ରନ୍ଥ ସର୍ବଲୋହ୍‌ର ଅପମାନ କରିବାରୁ ଲଖବୀରଙ୍କୁ ହତ୍ୟା କରାଯାଇଥିବା ସର୍ବଜିତ୍ ପୋଲିସକୁ କହିଛନ୍ତି। ଯାହା କରିଛନ୍ତି ଠିକ୍ କରିଛନ୍ତି ଏବଂ ଏଥିପାଇଁ ସେ ଅନୁତପ୍ତ ନୁହନ୍ତି। ବୋଲି ସର୍ବଜିତ୍ କହିଛନ୍ତି। ସେହିପରି ଗ୍ରନ୍ଥକୁ ଅପମାନ କରିବାରୁ ତାଙ୍କୁ ଦଣ୍ଡ ଦିଆଯାଇଥିବା ଦ୍ୱିତୀୟ ଅଭିଯୁକ୍ତ ନାରାୟଣ ପୋଲିସକୁ କହିଛନ୍ତି। ତେବେ ଲଖବୀର କୌଣସି ଗ୍ରନ୍ଥକୁ ଅପମାନିତ କରି ନାହାନ୍ତି ଏବଂ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେପଟେ ସର୍ବଜିତ୍‌ଙ୍କୁ ହରିୟାଣା ପୋଲିସ କୋର୍ଟରେ ହାଜର କରାଇବା ପରେ ୭ ଦିନିଆ ରିମାଣ୍ଡରେ ନେଇଛି।

ପଞ୍ଜାବର ଚିମା ଖୁର୍ଦ୍ଦ ଗ୍ରାମରେ ଲଖବୀର ରହୁଥିଲେ। ତାଙ୍କ ପରିବାରରେ ସ୍ତ୍ରୀ ଯଶପ୍ରୀତ କୌର ଏବଂ ୩ ସନ୍ତାନ ରହିଛନ୍ତି। ହତ୍ୟାର ୩ ଦିନ ପୂର୍ବରୁ ଲଖବୀର ସିଂଘୁ ସୀମାକୁ ଆସି ନିହଙ୍ଗ କ୍ୟାମ୍ପରେ ରହୁଥିଲେ। ଶୁକ୍ରବାର ଭୋର୍ ପ୍ରାୟ ୩ଟାରେ ଲଖବୀର ଶିଖ୍ ଗ୍ରନ୍ଥ ଧରିଥିବା ଜଣେ ନିହଙ୍ଗ ଦେଖିବାକୁ ପାଇଥିଲେ। କାହିଁକି ଗ୍ରନ୍ଥକୁ ସାଙ୍ଗରେ ନେଉଥିଲେ ବୋଲି ଲଖବୀରଙ୍କୁ ନିହଙ୍ଗମାନେ ପଚରାଉଚରା କରିଥିଲେ। ସେ ଉକ୍ତ ଗ୍ରନ୍ଥର ଅପମାନ କରିଥିବା ନେଇ ହୋହଲ୍ଲା ହେବା ପରେ ସେଠାରେ ଭିଡ଼ ଜମିଯାଇଥିଲା। ପରେ ଏହା ହିଂସାର ରୂପ ନେଇଥିଲା। ନିହଙ୍ଗମାନେ ଲଖବୀରଙ୍କ ହାତ ଗୋଡ଼ କାଟି ପୁଣି ପଚରାଉଚରା କରିଥିଲେ। ଲଖବୀର ଅଚେତ ହୋଇପଡ଼ିବା ପରେ ତାଙ୍କୁ ଘୋଷାଡ଼ି ଘୋଷାଡ଼ି ଆନ୍ଦୋଳନସ୍ଥଳରେ ଥିବା ବ୍ୟାରିକେଡ୍ ନିକଟକୁ ନିଆଯାଇ ସେଠାରେ ଟାଙ୍ଗି ଦିଆଯାଇଥିଲା। ଭୋର୍ ୫ଟାରେ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣାବେଳର ଏକାଧିକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା ଲଖବୀରଙ୍କ ପାଖରେ ବହୁ ସଂଖ୍ୟାରେ ନିହଙ୍ଗ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଘଟଣା ପରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଚଣ୍ଡିଗଡ଼ସ୍ଥିତ ତାଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଗୃହମନ୍ତ୍ରୀ ଅନିଲ ବିଜ୍, ରାଜ୍ୟ ପୋଲିସ ମୁଖ୍ୟ ପ୍ରମୁଖଙ୍କ ସହ ଆଲୋଚନା କରିଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଗତବର୍ଷ କରୋନା ଲକ୍‌ଡାଉନବେଳେ ପଞ୍ଜାବ ପୋଲିସ କୋଭିଡ୍ ପାସ୍ ମାଗିବାରୁ ନିହଙ୍ଗମାନଙ୍କ ଏକ ଗୋଷ୍ଠୀ ଖଣ୍ଡାରେ ଜଣେ ଅଧିକାରୀଙ୍କ ହାତ କାଟିଦେଇଥିଲେ। କୃଷକ ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ଏହି ହତ୍ୟା ଘଟଣା ଏବଂ ନିହଙ୍ଗମାନଙ୍କଠାରୁ ଦୂରତା ରଖିଛନ୍ତି। ଏହି ଗୋଷ୍ଠୀ କିମ୍ବା ମୃତକଙ୍କ ସହ ଚାଷୀ ଆନ୍ଦୋଳନର କୌଣସି ଲିଙ୍କ୍ ନାହିଁ ବୋଲି କୃଷକ ନେତା ଅଭିମନ୍ୟୁ କୋହର କହିଛନ୍ତି। ଏଥିସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ଦାବି କରିଛନ୍ତି।



ହରିୟାଣା ପୋଲିସ ନାରାୟଣ ସିଂଙ୍କୁ ଗିରଫ ପରେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛି।



ମୃତକ ଲଖବୀର ସିଂ।



ଅଭିଯୁକ୍ତ ସର୍ବଜିତ୍ ସିଂ।

## ସଂକ୍ଷେପରେ

### ଲଶ୍କର କମାଣ୍ଡରଙ୍କ ସମେତ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୬।୧୦:** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ଡ୍ରାଙ୍ଗବାଲ୍ ଅଞ୍ଚଳରେ ଶନିବାର ସୁରକ୍ଷା ବଳ ସହ ଗୁଳିବିନିମୟ ବେଳେ ଲଶ୍କର-ଇ-ତୋଇବାର ଜଣେ କମାଣ୍ଡରଙ୍କ ସମେତ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ପାମ୍ପର ଅନ୍ତର୍ଗତ ଡ୍ରାଙ୍ଗବାଲଠାରେ ଲଶ୍କର ଆତଙ୍କବାଦୀ ଉମର ମୁସ୍ତାକ୍ ଖାଣ୍ଡେ ନିହତ ହୋଇଛନ୍ତି। ଶ୍ରୀନଗରରେ ୨ଜଣ ଯବାନଙ୍କୁ ହତ୍ୟା କରିବା ସହ ଅନ୍ୟ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ଉପତ୍ୟକାରେ ଆତଙ୍କ ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଥିବା ଆତଙ୍କବାଦୀମାନଙ୍କୁ ଖୋଜି ଖୋଜି ମାରିବୁ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ପୋଲିସ ଏବଂ ସେନା ଯବାନଙ୍କ ପକ୍ଷରୁ ମିଳିତ ତଲାସି ଅଭିଯାନ ଚାଲିଥିବାବେଳେ ଏହା ଏନ୍‌କାଉଣ୍ଟରର ରୂପ ନେଇଥିଲା। ଦୀର୍ଘ ସମୟର ଗୁଳି ବିନିମୟ ମଧ୍ୟରେ ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ।

### ମନମୋହନଙ୍କୁ ଡେଙ୍ଗୁ



**ନୂଆଦିଲ୍ଲୀ, ୧୬।୧୦:** ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଡେଙ୍ଗୁରେ ପୀଡ଼ିତ ଥିବା ଜଣାପଡ଼ିଛି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ଶନିବାର ଏମ୍ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୮୯ ବର୍ଷୀୟ କଂଗ୍ରେସ ନେତା ମନମୋହନଙ୍କୁ ଜ୍ୱର ହେବା ସହ ସେ ଦୁର୍ବଳ ଅନୁଭବ କରିବାରୁ ଗତ ବୁଧବାର ସନ୍ଧ୍ୟାରେ ଏମ୍ସରେ ଭର୍ତ୍ତି ହୋଇଥିଲେ। ପରୀକ୍ଷା ନିରୀକ୍ଷା କରାଯିବା ପରେ ସେ ଡେଙ୍ଗୁରେ ସଂକ୍ରମିତ ଥିବା ଜଣାପଡ଼ିଥିଲା। ତାଙ୍କ ପ୍ଲେଟ୍‌ଲେଟ କାଉଣ୍ଟ ବଢ଼ିବା ସହ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖାଯାଉଥିବା ଶନିବାର କୁହାଯାଇଛି। ଡ. ନୀତୀଶ ନାଏକଙ୍କ ନେତୃତ୍ୱରେ କାର୍ଡିଓଲୋଜିଷ୍ଟମାନଙ୍କର ଏକ ଟିମ୍ ତାଙ୍କ ଚିକିତ୍ସା ଦାୟିତ୍ୱରେ ଅଛନ୍ତି। ଗୁରୁବାର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ଲାଲ୍ ମାଣ୍ଡବ୍ୟ ହସ୍ପିଟାଲ ଯାଇ ମନମୋହନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ ପରିବାର ଇଚ୍ଛା ବିରୋଧରେ ସେ ମନମୋହନଙ୍କ ସହ ଫଟୋ ଉଠାଇ ସମାଲୋଚିତ ହୋଇଛନ୍ତି।

### ଆଦିବାସୀଙ୍କୁ ୫ ହଜାର ଟଙ୍କା ଦେବେ ଗୁଜରାଟ ସରକାର

**ଅଯୋଧ୍ୟା ତୀର୍ଥଯାତ୍ରା**

**ଅହମଦାବାଦ, ୧୬।୧୦:** ଅଯୋଧ୍ୟାର ରାମ ଜନ୍ମଭୂମିକୁ ତୀର୍ଥଯାତ୍ରାରେ ଯିବାକୁ ଚାହୁଁଥିବା ଆଦିବାସୀମାନଙ୍କୁ ଗୁଜରାଟ ସରକାର ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇଦେବେ। ଶନିବାର ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀ ପୂର୍ଣ୍ଣେଶ ମୋଦି ଏହା ଘୋଷଣା କରିଛନ୍ତି। ଶୁକ୍ରବାର ଆଦିବାସୀବହୁଳ ଡାଙ୍ଗସ୍ ଜିଲାର ଶବରୀ ଧାମଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ପୂର୍ଣ୍ଣେଶ କହିଥିଲେ, କୈଳାସ ମାନସରୋବର ଯାତ୍ରା, ସିନ୍ଧୁ ଦର୍ଶନ ଏବଂ ଶ୍ରାବଣ ତୀର୍ଥଯାତ୍ରା ଭଳି ରାମ ଜନ୍ମଭୂମି ଯାତ୍ରା ଲାଗି ଆର୍ଥିକ ସହାୟତା ଯୋଗାଇ ଦିଆଯିବ।

# ଜମ୍ମୁ, ଶ୍ରୀନଗରରେ ଡ୍ରୋନ୍ ଆକ୍ରମଣରୁ ସୁରକ୍ଷା ପାଇଁ ଏନ୍‌ଏସ୍‌ଜି ମୁତୟନ

ଗୁରୁଗାଁଓ, ୧୬।୧୦(ପି.ଟି.)

ଶ୍ରୀନଗର ଓ ଜମ୍ମୁର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନକୁ ଡ୍ରୋନ୍ ଆକ୍ରମଣରୁ ସୁରକ୍ଷା ଦେବା ଲାଗି ଆତଙ୍କବାଦ ନିରୋଧୀ କମାଣ୍ଡୋ ବାହିନୀ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)ଙ୍କୁ ମୁତୟନ କରାଯାଇଛି। ଏନ୍‌ଏସ୍‌ଜି ମହାନିର୍ଦ୍ଦେଶକ ଏମ୍.ଏ. ଗଣପଥୀ ଶନିବାର ଏନେଇ ସୂଚନା ଦେଇଛନ୍ତି। ଗତ ଜୁନ୍ ୨୭ରେ ଜମ୍ମୁସ୍ଥିତ ଭାରତୀୟ ବାୟୁସେନା ଷ୍ଟେଶନ ଉପରେ ପ୍ରଥମ ଡ୍ରୋନ ଆକ୍ରମଣ ହୋଇଥିଲା। ସୀମା ଆରପଟୁ ଆସିଥିବା ଦୁଇଟି ୟୁଏଭି ସେଠାରେ ବୋମା ପକାଇଥିଲେ। ଏହି ଆକ୍ରମଣରେ ବାୟୁସେନାର ଦୁଇଜଣ ଯବାନ ଆହତ ହେବା ସହ ବିଲ୍ଡିଂର କିଛିଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନ ସୀମାଠାରୁ ଅଳ୍ପଦୂରରେ ଜମ୍ମୁ-କଶ୍ମୀରରେ ରହିଥିବା ବାୟୁସେନାର ୨ଟି ଷ୍ଟେଶନକୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଗ୍ରହଣ କରାଯାଇଛି। ସଂଘୀୟ ଆତଙ୍କବାଦ ନିରୋଧୀ ଏବଂ ହାଇଜାକ୍ ନିରୋଧୀ କମାଣ୍ଡୋ ଫୋର୍ସ ସେଠାରେ ସମସ୍ତ ପ୍ରକାର ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା କରିବ ବୋଲି ଏହାର ମୁଖ୍ୟ କହିଛନ୍ତି। ଡ୍ରୋନ ଆକ୍ରମଣକୁ ପ୍ରତିହତ କରିବା ଲାଗି ଶ୍ରୀନଗର ଓ ଜମ୍ମୁ ବାୟୁସେନା ଷ୍ଟେଶନରେ ଏନ୍‌ଏସ୍‌ଜି ପକ୍ଷରୁ ଆଣ୍ଟିଡ୍ରୋନ୍ ସିଷ୍ଟମ ମୁତୟନ କରାଯିବ। ଉକ୍ତ ବାହିନୀ ଗତ କିଛିମାନ ମଧ୍ୟରେ କେତେକ ଡ୍ରୋନ୍‌କୁ ଚିହ୍ନଟ କରିବା ଏବଂ ସମ୍ପୃକ୍ତ ସୁରକ୍ଷା ସଂସ୍ଥାଗୁଡ଼ିକୁ ଉପଯୁକ୍ତ ସମୟରେ ସତର୍କ କରାଇବାରେ ସଫଳ ହୋଇଛି। ପାକିସ୍ତାନ ପଟୁ ଡ୍ରୋନ୍‌ରେ ଅଣାଯାଇଥିବା ଆଇଇଡି ଏବଂ ଟିଫିନ ବୋମାଗୁଡ଼ିକୁ ଏନ୍‌ଏସ୍‌ଜିର ବୋମା ନିଷ୍କ୍ରିୟକାରୀ ଟିମ୍ ନିଷ୍କ୍ରିୟ କରିଥିଲା ବୋଲି ଏହାର ମୁଖ୍ୟ କହିଛନ୍ତି।

# ବାଂଲାଦେଶରେ ୨ ହିନ୍ଦୁଙ୍କୁ ହତ୍ୟା

ଢାକା, ୧୬।୧୦

ବାଂଲାଦେଶରେ ପୁଣିଥରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟି ୨ ହିନ୍ଦୁଙ୍କୁ ହତ୍ୟା କରାଯାଇଛି। ଏହାକୁ ମିଶାଇ ସେଠାରେ ହିଂସାକାଣ୍ଡରେ ୬ ଜଣଙ୍କ ଜୀବନ ଗଲାଣି। ଦୁର୍ଗାପୂଜା ବେଳେ ଜଣେ ହିନ୍ଦୁ ଦେବତାଙ୍କ ଆଣ୍ଠୁ ଉପରେ କୋରାନ ରଖାଯାଇଥିବାର ଫଟୋ ପ୍ରସାରିତ ହେବା ପରେ ବୁଧବାରଠାରୁ ସେଠାରେ ପ୍ରତିବାଦ ଆରମ୍ଭ ହୋଇଥିଲା। ସଂଖ୍ୟାଗରିଷ୍ଠ ମୁସଲମାନମାନେ କେତେକ ସ୍ଥାନରେ ଦୁର୍ଗାପୂଜା ପେଣ୍ଡାଲ ଭଙ୍ଗାରୁଜା କରିଥିଲେ। ଏହି ହିଂସା ପ୍ରାୟ ୧୨ଟି ଜିଲାକୁ ବ୍ୟାପିଥିଲା। ବୁଧବାର ହାଜିଗଞ୍ଜସ୍ଥିତ ଏକ ମନ୍ଦିର ଭଙ୍ଗାରୁଜା କରୁଥିବା ଲୋକଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଗୁଳିଚାଳନା କରିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ବେଗୁମଗଞ୍ଜରେ ହିନ୍ଦୁମାନେ ଭସାଣି ଶୋଭାଯାତ୍ରା ଲାଗି ପ୍ରସ୍ତୁତ ହେଉଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ମୁସଲମାନ ସେଠାରେ ଏକ ମନ୍ଦିର ଉପରେ ଆକ୍ରମଣ କରିଥିଲେ। ମନ୍ଦିର କମିଟିର ଜଣେ ସଦସ୍ୟଙ୍କୁ ଛୁରିଭୁସି ହତ୍ୟା କରିଥିବା ସ୍ଥାନୀୟ ଥାନା ଅଧିକାରୀ କହିଛନ୍ତି। ଶନିବାର ସକାଳେ ଅନ୍ୟ ଜଣେ ହିନ୍ଦୁଙ୍କ ମୃତଦେହ ମନ୍ଦିର ନିକଟସ୍ଥ ପୋଖରୀରୁ ମିଳିଛି।

# କାନ୍ଦାହାର ମସ୍‌ଜିଦ ବିସ୍ଫୋରଣ: ମୃତ୍ୟୁ ସଂଖ୍ୟା ୪୭

**ଆଇଏସ୍ ନିଜକୁ ଦାୟୀ କଲା**

କାବୁଲ, ୧୬।୧୦(ଆଇଏଏନ୍‌ଏସ୍)



ଆଫଗାନିସ୍ତାନର କାନ୍ଦାହାର ସହରରେ ହୋଇଥିବା ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୪୭ରେ ପହଞ୍ଚିଥିବାବେଳେ ଅନ୍ୟ ୯୦ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣ ପାଇଁ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିଛି। ମୃତ୍ୟୁସଂଖ୍ୟା ସମ୍ପର୍କରେ କାନ୍ଦାହାର ସଂସ୍କୃତି ଓ ସୂଚନା ନିର୍ଦ୍ଦେଶାଳୟ ଅଧିକାରୀ ସ୍ପଷ୍ଟ କରିଛନ୍ତି।

କାନ୍ଦାହାରର ଏକ ଶିୟା ମସ୍‌ଜିଦ୍‌ରେ ଶୁକ୍ରବାର ନମାଜ ପାଠ ଚାଲିଥିବାବେଳେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏଥିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୪୭ ଜଣଙ୍କ ଜୀବନ ଯାଇଛି। ଏହାର ସପ୍ତାହେ ପୂର୍ବରୁ କୁନ୍ଦୁଜ୍ ସହରରେ ଆଇଏସ୍ ପକ୍ଷରୁ ଆଉ ଏକ ବିସ୍ଫୋରଣ କରାଯାଇଥିଲା। ବିବି ଫତିମା ଶିୟା ମସ୍‌ଜିଦ୍‌ର ଇମାମ ସର୍ଦ୍ଦାର ମହମ୍ମଦ ଜାଇଦିଙ୍କ କହିବା ଅନୁଯାୟୀ ଶୁକ୍ରବାର ନମାଜ ପାଠ ସମୟରେ ସେଠାରେ ପ୍ରାୟ ୩,୦୦୦ ଲୋକ ଉପସ୍ଥିତ ଥିଲେ। ଏହି ସମୟରେ ମସ୍‌ଜିଦ ପରିସରରେ ୩ରୁ ୪ ଜଣ ଆତଙ୍କବାଦୀ ସେଠାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଗେଟ୍ ନିକଟରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ଅନ୍ୟ ଦୁଇଜଣ ମସ୍‌ଜିଦ ଭିତରେ ପ୍ରବେଶ କରି ନିଜକୁ ବିସ୍ଫୋରଣ କରିଥିଲେ। କାନ୍ଦାହାର ସହରର ଏହା ସବୁଠୁ ବଡ଼ ବିସ୍ଫୋରଣ ଘଟଣା ବୋଲି କୁହାଯାଉଛି। ତାଲିବାନ ସରକାର ଏଭଳି ଆକ୍ରମଣକୁ ନିନ୍ଦା କରିଛନ୍ତି।

## ବଳାତ୍କାର ମାମଲା: ଏସ୍‌ପି, ବିଏସ୍‌ପି ନେତାଙ୍କ ସମେତ ୭ ଗିରଫ

ଲଳିତପୁର, ୧୬।୧୦

ଉତ୍ତରପ୍ରଦେଶରେ ଜଣେ ୧୭ ବର୍ଷୀୟାଙ୍କୁ ବଳାତ୍କାର ମାମଲାରେ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ଜିଲା ସଭାପତିଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ପୀଡିତାଙ୍କ ବାପା, ଦାଦା ରହିଛନ୍ତି। ୫ ବର୍ଷ ହେଲା ନାବାଳିକାଙ୍କୁ ବଳାତ୍କାର କରାଯାଇ ଆସୁଥିଲା।




# ଚାଷୀ ଆନ୍ଦୋଳନକୁ ବିରୋଧ: ସୁପ୍ରିମକୋର୍ଟରେ ସାନି ଆବେଦନ

ନୂଆଦିଲ୍ଲୀ, ୧୬।୧୦

ସିଂଘୁ ସୀମାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିବା ପରେ ଉକ୍ତ ଅଞ୍ଚଳରୁ ଆନ୍ଦୋଳନକାରୀ ଚାଷୀଙ୍କୁ ହଟାଇବା ପାଇଁ ଶନିବାର ସୁପ୍ରିମକୋର୍ଟରେ ସାନି ଆବେଦନ କରାଯାଇଛି। ଆନ୍ଦୋଳନରତ ଚାଷୀମାନେ କେବଳ ନାଗରିକଙ୍କ ମୁକ୍ତ ଗମନାଗମନ ଅଧିକାରର ଉଲ୍ଲଂଘନ କରୁନାହାନ୍ତି, ହିଂସାକାଣ୍ଡରେ ମଧ୍ୟ ସମ୍ପୃକ୍ତ ବୋଲି ଅଭିଯୋଗ ହୋଇଛି। ଦୁଇ ଆବେଦନକାରୀ ସ୍ୱାତୀ ଗୋଏଲ ଏବଂ ସଞ୍ଜୀବ ନେଓ୍ୱାରଙ୍କ ପକ୍ଷରୁ ଆଇନଜୀବୀ ଶେଖର ଝା ଉକ୍ତ ପିଟିଶନ ଦାଏର କରିଛନ୍ତି। ସେଠାରେ ମାନବବିରୋଧୀ କାର୍ଯ୍ୟ ଚାଲିଥିବାରୁ ବେଆଇନ ଆନ୍ଦୋଳନକୁ ଜାରି ରଖିବାକୁ ଦିଆଯାଇପାରିବ ନାହିଁ ବୋଲି ପିଟିଶନରେ କୁହାଯାଇଛି। ଜାତୀୟ ରାଜପଥ ଅବରୋଧ କରିଥିବା ଚାଷୀମାନଙ୍କୁ ତୁରନ୍ତ ସେଠାରୁ ହଟାଇବା ପାଇଁ ଏଥିରେ ଅନୁରୋଧ କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଆନ୍ଦୋଳନ କିମ୍ବା ସମାବେଶକୁ ଅନୁମତି ଦିଆଯାଇପାରିବ ନାହିଁ। ୩ କୃଷି ଆଇନକୁ ସ୍ଥଗିତ ରଖାଯାଇଥିବାବେଳେ ଏହାକୁ ନେଇ ଆନ୍ଦୋଳନ କରିବାର ଯଥାର୍ଥତା ଉପରେ ସୁପ୍ରିମକୋର୍ଟ ଗତ ୪ ତାରିଖରେ ପ୍ରଶ୍ନ ଉଠାଇଥିଲେ।




## କେରଳରେ ପ୍ରବଳ ବର୍ଷା

# ୮ ମୃତ, ୪ ନିଖୋଜ

ଥିରୁଭାନନ୍ତପୁରମ୍, ୧୬।୧୦



**୫ ଜିଲାରେ ରେଡ୍ ଆଲର୍ଟ**

ଆରବ ସାଗର ଏବଂ ବଙ୍ଗୋପସାଗରରେ ଲଘୁଚାପ ଯୋଗୁ କେରଳରେ ଶୁକ୍ରବାର ରାତିରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ବର୍ଷା ଓ ଭୂସ୍ଖଳନରେ ୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। କୋଟାୟାମ ଜିଲାରେ ଦୁଇଟି ପରିବାରର ୧୨ ସଦସ୍ୟଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ନିଖୋଜ ଅଛନ୍ତି। ଉଦ୍ଧାର କାର୍ଯ୍ୟରେ ସେନା ଯବାନଙ୍କୁ ମୁତୟନ କରାଯାଇଛି। ଏହା ବ୍ୟତୀତ ଥୋଡୁପୁଝାଠାରେ ଏକ କାର୍ ଭାସିଯିବାରୁ ୨ ଜଣ ପ୍ରାଣ ହରାଇଛନ୍ତି। ରାସ୍ତାରେ ପାଣିର ସୁଅ ଚାଲିଥିବାବେଳେ ସେମାନଙ୍କୁ ଆଗକୁ ଯିବା ଲାଗି ବାରଣ କରାଯିବା ସତ୍ତ୍ୱେ ତାହା ନ ମାନିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସ୍ଥାନୀୟ ଲୋକେ ମୃତଦେହ ଉଦ୍ଧାର କରିଥିଲେ। ପ୍ରବଳ ବର୍ଷା ଯୋଗୁ ଅଧିକାଂଶ ନଦୀରେ ବନ୍ୟା ଆସିଛି। ଆଗକୁ ଅଧିକ ବର୍ଷା ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ କୋଟାୟାମ, ଏର୍ନାକୁଲମ, ଇଡୁକି, ଥ୍ରିଶୁର ଏବଂ ପଥନାମଥିଟ୍ଟା ଜିଲାରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହା ବ୍ୟତୀତ ଅନ୍ୟ ୭ ଜିଲା ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଲୋକମାନେ ଆଗାମୀ ୨୪ ଘଣ୍ଟା ସତର୍କ ରହିବା ଲାଗି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଅନୁରୋଧ କରିଛନ୍ତି। ପାହାଡ଼ିଆ ଅଞ୍ଚଳକୁ ନ ଯିବା ଲାଗି ସେ ଲୋକମାନଙ୍କୁ କହିଛନ୍ତି। ଲୋକମାନେ ଘରେ ରହିବା ଲାଗି ଥିରୁଭାନନ୍ତପୁରମ ଜିଲାପାଳ ପରାମର୍ଶ ଦେଇଛନ୍ତି। ନେୟାର ଡ୍ୟାମ୍‌ର ୪ଟି ଗେଟ୍ ଖୋଲିଦିଆଯାଇଛି। ଅନ୍ୟ କେତେକ ନଦୀବନ୍ଧ ଗେଟ୍ ଖୁବ୍‌ଶୀଘ୍ର ଖୋଲାଯିବ ବୋଲି ଜଣାପଡ଼ିଛି। ପୋଲିସ, ଅଗ୍ନିଶମ କର୍ମଚାରୀ, ବିପର୍ଯ୍ୟୟ ପ୍ରଶମନ ଟିମ୍ ସହ ସମନ୍ୱୟ ରଖି ଉଦ୍ଧାର କାର୍ଯ୍ୟକୁ ଆଗେଇ ନେବା ଲାଗି ରାଜ୍ୟ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀମାନଙ୍କ ବୈଠକ ବସି ସ୍ଥିତି ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବିଭିନ୍ନ ସ୍ଥାନରେ ରିଲିଫ କ୍ୟାମ୍ପ ପକାଯାଇ ବର୍ଷା ବିପନ୍ନଙ୍କୁ ଆଶ୍ରୟ ଦିଆଯାଇଛି। ରିଲିଫ କ୍ୟାମ୍ପରେ କୋଭିଡ୍ କଟକଣା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଖୁଣ୍ଟଲିମୁଣ୍ଡାସ୍ଥିତ ରମାଇ ପାହଡରେ ଥିବା ହନୁମାନ ମନ୍ଦିର ଓ ଚିତ୍ରକୋଟରୁ ଅଣାଯାଇଥିବା ରାମରମେୟା ହନୁମାନ ବିଗ୍ରହ ପ୍ରତିଷ୍ଠା ସମାରୋହ ସମ୍ପନ୍ନ ହୋଇଯାଇଛି। ସ୍ଥାନୀୟ ମଠାଧୀଶ ସରଜୁ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆଚାର୍ଯ୍ୟ ଗୌରୀ ଶଙ୍କର ମିଶ୍ର ଓ ପ୍ରଭୁଦତ୍ତ ମିଶ୍ର ପୂଜାର୍ଚ୍ଚନା କରିଥିଲେ । ଶରତଚନ୍ଦ୍ର ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।




## ସଂକ୍ଷେପରେ

### କଳାହାଣ୍ଡି ପାଇଁ ଗୌରବ ଆଣିଲେ ଆରିୟନ୍

**ଜେଇଇ ମେନ୍ ପରୀକ୍ଷା ଫଳ ପ୍ରକାଶ**



ଜୁନାଗଡ,୧୬।୧୦(ଡି.ଏନ୍.ଏ.): ସମଗ୍ର ଦେଶରେ ଜେଇଇ ମେନ୍ ପରୀକ୍ଷାରେ ୩୪୭ ଓ ରାଜ୍ୟରେ ୨ ନମ୍ବର ର୍ୟାଙ୍କ ରଖି କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି ଜୁନାଗଡ ସହରର ଆରିୟନ୍ ଅଗ୍ରୱାଲ। ଏହି ସଫଳତା ନେଇ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଆରିୟନ୍ ଜୁନାଗଡ ସହରର ମୁକେଶ ଅଗ୍ରୱାଲ ଓ ରେଖାଙ୍କ ଏକମାତ୍ର ପୁଅ । ଭବିଷ୍ୟତରେ ଜଣେ ସଫଳ ସଫ୍ଟୱେର ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖିଛନ୍ତ ଆରିୟନ୍।

### ଘରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

କଣ୍ଟାବାଞ୍ଜି,୧୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅଧୀନ ମାଲିପଡାର ଜଣେ ଯୁବକ ଶୁକ୍ରବାର ରାତିରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଲେ ଉତ୍ତର ମାଝି(୨୬)। ଗତ ଜାନୁୟାରୀ ମାସରେ ଉତ୍ତର ବିବାହ କରିଥିଲେ। ପ୍ରତ୍ୟେକ ଦିନ ସେ ଘରେ ପାଟିତୁଣ୍ଡ କରିଥାନ୍ତି। ଦିନକ ତଳେ ସେ କୁଆଡେ ପଳାଇ ଯାଇଥିଲେ। ଘର ଲୋକେ ଖୋଜାଖୋଜି କରିଥିଲେ ବି ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ରାତିରେ ଘରର ଏକ କୋଠରିର ଭିତର ପଟୁ କବାଟ ବନ୍ଦ ଥିବା ଦେଖି ଘର ଲୋକେ ଡାକିଥିଲେ। କେହି ନ ଶୁଣିବାରୁ ସନ୍ଦେହରେ ପୋଲିସକୁ ଜଣାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତରଙ୍କ ଝୁଲନ୍ତା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଆଇଆଇସି ସତ୍ୟଜିତ କନ୍ଦନକେଲ କହିଛନ୍ତି।

### ୭୯ ୟୁନିଟ ରକ୍ତ ସଂଗ୍ରହ

ଗୁଡଭେଲା,୧୬।୧୦(ଡି.ଏନ.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୬ତମ ଜନ୍ମ ଦିବସ ଅବସରରେ ଶନିବାର ବଲାଙ୍ଗୀର ଜିଲା ତୁଷୁରା ଚିକିତ୍ସାଳୟ ପରିସରରେ ଏକ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ୭୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବିଜେଡି ନଗର ସଭାପତି ଅଜୟ ଜୟସ୍ୱାଲ, ସାମାଜିକ କର୍ମୀ ନିରୋଦ ବାଗ ସହଯୋଗ କରିଥିଲେ।

### ହରିହର କ୍ରିକେଟ: ଅର୍ଡା ଚାମ୍ପିୟନ

ଲୋଇସିଂହା,୧୬।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ପଡିଆରେ ଚାଲିଥିବା ପଞ୍ଚଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଭାଲିଆମୁଣ୍ଡାକୁ ହରାଇ ଅର୍ଡା ଚାମ୍ପିୟନ ହୋଇଛି। ୧୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ଅର୍ଡା ପ୍ରଥମେ ବ୍ୟାଟିଂ କରି ୬୦ରନ ସଂଗ୍ରହ କରିଥିଲା। ଜବାବରେ ଭାଲିଆମୁଣ୍ଡା ଦଳ ବ୍ୟାଟିଂ କରିବାକୁ ଯାଇ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୫୨ ରନରେ ସମସ୍ତ ଉଇକେଟ ହରାଇଥିଲା। ୮ ରନରେ ଅର୍ଡା ବିଜୟୀ ହୋଇଥିଲା। ଅର୍ଡାର ଜିତୁ ବାଗ ମ୍ୟାନ ଅଫ ଦ ମ୍ୟାଚ ଓ ଭାଲିଆମୁଣ୍ଡାର ସଂଗ୍ରାମ ନାଏକ ଟୁର୍ନାମେଣ୍ଟ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ରଶ୍ମିରଞ୍ଜନ ପଧାନ ଅଧ୍ୟକ୍ଷତା କରିଥିଲେ। ସମାଜିକ କର୍ମୀ ରାଧାକାନ୍ତ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୧୦ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୬ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ ।

# ନିଖୋଜ ଶିକ୍ଷୟିତ୍ରୀଙ୍କ ପତ୍ତା ମିଳୁନି

**ବଲାଙ୍ଗୀର ଅଫିସ, ୧୬।୧୦**

- ଘଟଣା ସମ୍ପର୍କରେ ପରିବାର, ପୋଲିସ କିଛି କହୁନାହାନ୍ତି
- ସ୍କୁଲ ମାଲିକଙ୍କୁ ପୋଲିସର ପଚରାଉଚରା

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲର ଜଣେ ଶିକ୍ଷୟିତ୍ରୀ ଗତ ୯ଦିନ ହେଲା ନିଖୋଜ ଅଛନ୍ତି। ନିଖୋଜ ଶିକ୍ଷୟିତ୍ରୀ ଜଣକ ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗ୍ରାମର। ପରିବାର ଲୋକେ ସିନ୍ଧେକେଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଘରୋଇ ସ୍କୁଲ ମାଲିକଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଏଥି ସହ ତାଙ୍କ କାରକୁ ଥାନାକୁ ଆଣି ରଖିଛି। ଶିକ୍ଷୟିତ୍ରି ନିଖୋଜ ଘଟଣାକୁ ୯ ଦିନ ବିତିଯାଇଥିଲେ ମଧ୍ୟ ଘଟଣା ସମ୍ପର୍କରେ ବଲାଙ୍ଗୀର ପୋଲିସ କିମ୍ବା ଶିକ୍ଷୟିତ୍ରୀଙ୍କ ପରିବାର ଲୋକେ ଗଣମାଧ୍ୟମ ସମ୍ମୁଖରେ କୌଣସି ମତ ରଖି ନାହାନ୍ତି। ଥାନାରେ ଅଟକ ସ୍କୁଲ ମାଲିକ ଓଡିଶା ସରକାରଙ୍କ ଜଣେ ମନ୍ତ୍ରୀଙ୍କ ପାଖ ଲୋକ ହୋଇଥିବାରୁ ପୋଲିସ ଓ ପରିବାର ଲୋକଙ୍କ ଉପରେ ଚାପ ପକାଯାଇ ଘଟଣାକୁ ଚାପି ରଖାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଶିକ୍ଷକ ନିଖୋଜ ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଛି।

ଚର୍ଚ୍ଚାରୁ ପ୍ରକାଶ ଯେ, ଝରଣୀ ଗ୍ରାମର ଜଣେ ଯୁବତୀ କଳାହାଣ୍ଡି ଜିଲା ମହାଲିଙ୍ଗ ଗ୍ରାମରେ ଥିବା ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିଲେ। ଶିକ୍ଷୟିତ୍ରୀ ଜଣକ ଘରକୁ ଛୁଟିରେ ଆସିଥିବା ସମୟରେ ସ୍କୁଲ ମାଲିକ ତାଙ୍କୁ ଫୋନ୍ କରି ଗତ ଅକ୍ଟୋବର ୮ ତାରିଖରେ ସ୍କୁଲକୁ ଆସିବାକୁ କୁଆଡେ ଫୋନ୍ କରିଥିଲେ। ଝରଣୀ ଗ୍ରାମରୁ ସିନ୍ଧେକେଲା ପର୍ଯ୍ୟନ୍ତ ବସ୍‌ରେ ଆସିବାକୁ ଏବଂ ସେଠାରୁ ତାଙ୍କର ଏକ କାର୍‌ରେ ମହାଲିଙ୍ଗ ଆସିବାକୁ ସ୍କୁଲ ମାଲିକ କୁଆଡେ ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଏଭଳି ନିର୍ଦ୍ଦେଶ ପାଇବା ପରେ ଶିକ୍ଷୟିତ୍ରୀ ଗତ ୮ ତାରିଖ ସକାଳୁ ଏକ ବସ୍ ଯୋଗେ ସିନ୍ଧେକେଲା ଆସିଥିଲେ। ତେବେ ସିନ୍ଧେକେଲା ପହଞ୍ଚିବା ପରେ ସେ ସେଠାରୁ କୁଆଡେ ଗଲେ ତାଙ୍କର ଆଉ ପତ୍ତା ମିଳୁନାହିଁ। ଏହି ଘଟଣା ସଂକ୍ରାନ୍ତରେ ନିଖୋଜ ଶିକ୍ଷୟିତ୍ରୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଗଣମାଧ୍ୟମକୁ କିଛି କହି ନ ଥିଲେ। ଦୁଇଦିନ ତଳେ ସିନ୍ଧେକେଲା ପୋଲିସ ମହାଲିଙ୍ଗ ଗ୍ରାମର ସମ୍ପୃକ୍ତ ଘରୋଇ ସ୍କୁଲ ମାଲିକଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଘଟଣା ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହାସହିତ ସମ୍ପୃକ୍ତ ସ୍କୁଲ ମାଲିକଙ୍କ ସହ ଜଣେ ମନ୍ତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇ ସ୍କୁଲ ଶିକ୍ଷୟିତ୍ରୀଙ୍କ ନିଖୋଜ ଘଟଣା ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହେବା ପରେ ଏହା ଗଣମାଧ୍ୟମର ବିଷୟ ହୋଇଥିଲା। ଗତ ୮ ତାରିଖରୁ ଶିକ୍ଷୟିତ୍ରୀ ଜଣକ କୁଆଡେ ଯାଇଛନ୍ତି ତାହା ଜଣାପଡିନାହିଁ। ତାଙ୍କ ନିଖୋଜ ଘଟଣାରେ ସ୍କୁଲ ମାଲିକଙ୍କ କ'ଣ ଭୂମିକା ରହିଛି ଓ ପୋଲିସ କାର୍ ସହ ସମ୍ପୃକ୍ତ ସ୍କୁଲ ମାଲିକଙ୍କୁ ଥାନାକୁ ଆଣି କ'ଣ ପଚରାଉଚରା କରୁଛି ତାହା ମଧ୍ୟ ଜଣାପଡିନାହିଁ। ଘଟଣା ସମ୍ପର୍କରେ ଏସ୍‌ପି ନୀତିନ କୁଶଲକରଙ୍କୁ ତାଙ୍କ ମୋବାଇଲ ନଂ ୯୪୩୮୯୧୬୫୧୦କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲା। ରିଙ୍ଗ୍ ହେବା ସତ୍ତ୍ୱେ ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଆଶାଙ୍କୁ ବଢ଼ିଲା ସହାୟତାର ହାତ



ଦୁର୍ଗାପୂଜା କମିଟି ପକ୍ଷରୁ ଆଶାଙ୍କ ବାପାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ଲୋଇସିଂହା,୧୬।୧୦(ଡି.ଏନ.ଏ)**

**ଅର୍ଥାଭାବରୁ କରି ପାରୁ ନ ଥିଲେ ଉଚ୍ଚଶିକ୍ଷା**

ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତି ଲେଡି ମାର୍କେଟର ମେଧାବୀ ଛାତ୍ରୀ ଆଶା ମେହେର କମନ ପଜି ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ତାଙ୍କ ର୍ୟାଙ୍କ ରାଜ୍ୟରେ ସାଧାରଣ ବର୍ଗରେ ୫ମ ଓ ଅନୁସୂଚିତ ଜନଜାତି ବର୍ଗରେ ପ୍ରଥମ ରହିଛି । ହେଲେ ତାଙ୍କ ପରିବାର ଅର୍ଥିକ ସ୍ଥିତି ଉଚ୍ଚଶିକ୍ଷା ପାଇଁ ପ୍ରତିବନ୍ଧକ ସାଜିଛି । ଗତ ଗୁରୁବାର ଧରିତ୍ରୀରେ ମେଧା ପାଇଁ ଅର୍ଥ ବାଧା ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶନ ପରେ ଆଶାଙ୍କୁ ବଢିଛି ସହାୟତାର ହାତ । ତୁଷୁରା ମାରୱାଡି ଯୁବାମଞ୍ଚ ଆଶାଙ୍କ ପାଠପଢା ପାଇଁ ସହାୟତା ଦେବା ପାଇଁ ଆଗଭର ହୋଇଛି। ସେହିପରି ସ୍ଥାନୀୟ ମାହେଶ୍ୱରୀ ସଂଗଠନ କର୍ମକର୍ତ୍ତାମାନେ ସହାୟତା ଯୋଗାଇ ଦେବା ପାଇଁ ଆଶା ଓ ତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି। ଅନୁରୂପଭାବେ ଲୋଇସିଂହା ସାର୍ବଜନୀନ ଦୁର୍ଗାପୂଜା କମିଟି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛି। ଗତ ଗୁରୁବାର ସନ୍ଧ୍ୟାରେ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ବିଧାୟକ ମୁକେଶ ମାହଲିଙ୍ଗ ଅତିଥିଭାବେ ଯୋଗଦେଇ ଆଶାଙ୍କ ଅନୁପସ୍ଥିତରେ ତାଙ୍କ ବାପା କରମ ମେହେରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ବନ ବିଭାଗ ଚଢ଼ାଉ: କରତ କଳ, କାଠଗଣ୍ଡି ଜବତ

**ଲୋଇସିଂହା,୧୬।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ ନେଗିପାଲି ଓ ବାଦିବାହାଲରେ ବନ ବିଭାଗ ପକ୍ଷରୁ ଶନିବାର ଚଢାଉ କରାଯାଇଥିଲା । ନେଗିପାଲିରୁ ବଢେଇ ସାମଗ୍ରୀ ଓ ବାଦିବାହାଲରୁ ରେଙ୍ଗାଲ କାଠ ଗଣ୍ଡି ଓ କରତ କଳ ସାମଗ୍ରୀ ଜବତ ହୋଇଛି। ଏସିଏଫ ବାବଜୀ ଚରଣ ରାଉଳ ନେତୃତ୍ୱରେ ଲୋଇସିଂହା ଓ ବଲାଙ୍ଗୀର ରେଞ୍ଜ ଷ୍ଟାଫ ବାଦିବାହଲରେ ଚଢାଉ କରିଥିଲେ । ଏକ କୁକୁଡା ଫାର୍ମ ପଛପଟେ କରତ କଳ ଚାଲିଥିବା ଜାଣିବାକୁ ମିଳିଥିଲା । ସେଠାରୁ ୬୦ ସିଏଫଟି ରେଙ୍ଗାଲ କାଠଗଣ୍ଡି ଓ କରତ କଳ ଯନ୍ତ୍ରାଂଶ ଜବତ ହୋଇଥିଲା। ସେଠାରେ କେହି ନ ଥିବାରୁ କରତ କଳର ମାଲିକାନା ଜଣାପଡି ନ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ନେଗିପାଲିରେ ବଢେଇ ସାମଗ୍ରୀ ପ୍ରସ୍ତୁତ ଘରେ ବିଭାଗ ପକ୍ଷରୁ ଚଢାଉ କରି ବଢେଇ ସାମଗ୍ରୀ ଓ ପଟ୍ଟା ଜବତ କରାଯାଇଥିଲା। ହେଲେ ସେଠାରେ କେହି ପୁରୁଷ ବ୍ୟକ୍ତି ନଥିଲେ। ୨ଜଣ ମହିଳା ଆସି ବନ ବିଭାଗ ଚଢାଉକୁ ବାରଣ କରିଥିଲେ। ସେମାନଙ୍କୁ ରେଞ୍ଜ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯାଉ ଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



ଜବତ କରତ କଳ ଓ କାଠ ଗଣ୍ଡି।

# ଆରମ୍ଭ ହେଲା ପାଟଖଣ୍ଡା ଯାତ୍ରା

**ଦେଓଗାଁ,୧୬।୧୦(ଡି.ଏନ.ଏ.)**



ଦେଝାର ଜଙ୍ଗଲରେ ଦେବତାଙ୍କୁ ବରଣ କରାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାରେ ବିଜୟା ଦଶମୀ ତିଥିରେ ଆରମ୍ଭ ହୋଇଛି ପାଟଖଣ୍ଡା ଯାତ୍ରା। ନିର୍ଦ୍ଧାରିତ ଲଗ୍ନ ଅନୁସାରେ ଅପରାହ୍ନ ୫ଟା୨୫ ପୂର୍ବରୁ ପାଟଖଣ୍ଡା ଦେବତା ସାଲେପାଲି ନିକଟ ଦେଝାର ଜଙ୍ଗଲରେ ଆବିର୍ଭାବ ହୋଇଥିଲେ। ସ୍ୱତନ୍ତ୍ର ବାଜା, ଘଣ୍ଟ, ଶଙ୍ଖ ଓ ହୁଳହୁଳିରେ ଉଚ୍ଛୁଳି ପଡିଥିଲା ଜମିଦାରଙ୍କ ଗିଣ୍ଡୁଲବାହାଲ ଖଳା। ଜରାସିଂହା ଜମିଦାର ତଥା ଦେବତାଙ୍କ ମୁଖ୍ୟ ସେବକ ସାମନ୍ତ ଦୁର୍ଗାପ୍ରସାଦ ସିଂଦେଓ, ୩୨ଦେହୁଲି ଗଣ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ପ୍ରମୁଖଙ୍କ ଉପସ୍ଥିତିରେ ଦେବତାଙ୍କୁ ବରଣ କରାଯାଇଥିଲା। ପରମ୍ପରାନୁସାରେ ପାଟଖଣ୍ଡା ଦେବତା ବିଭିନ୍ନ ଭଙ୍ଗିରେ ନୃତ୍ୟକରି ସୋନଗଡ ନଦୀ ମଧ୍ୟ ଦେଇ ଢୋଲରେ ବସି ପୀଠସ୍ଥଳୀରେ ପ୍ରବେଶ କରିଥିଲେ। ପୀଠରେ ପହଞ୍ଚିବା ପରେ ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପୁରାତନ କାଳରୁ ଲୋକଙ୍କ ବିଶ୍ୱାସ ରହିଛି ଏହି ଯାତ୍ରାସମୟରେ ମାଙ୍କ ପାଖରେ ମାନସିକ କଲେ ନିଜର ମନୋକାମନା ପୂର୍ଣ୍ଣ ହୋଇଥାଏ, ନିସନ୍ତାନଙ୍କୁ ସନ୍ତାନପ୍ରାପ୍ତି ହୋଇଥାଏ । ଏଣୁ ଏହିଦିନ ମାନସିକଧାରୀ ଶ୍ରଦ୍ଧାଳୁ ଓ ଭକ୍ତ ମାଙ୍କଠାରେ ଗୁହାରି କରିଥିଲେ। ମାନସିକଧାରୀଙ୍କୁ ବରପ୍ରାପ୍ତି ନିମନ୍ତେ ଫଳଖିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା ପାଟଖଣ୍ଡାଙ୍କ ଦେଝାରଠାରେ ରାତ୍ରଯାପନ ହେଉଥିବା ବେଳେ ଚଳିତବର୍ଷ ଦେବତା ଏହିଦିନ ବଉରାପିଟାସ୍ଥଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶନିବାର ରୀତିନୀତି ଅନୁସାରେ ଉଚ୍ଚବାହାଲି ମହାଖଳା ଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୮ତାରିଖ ରାତିରେ ନିଁଶିଗୁଡି ଯାତ୍ରା ଓ ୧୯ରେ ବାହୁଡା ବିଜୟ ସହ ଯାତ୍ରା ସମାପନ ହେବ ବୋଲିଆୟୋଜକଙ୍କ ସୂତ୍ରରୁପ୍ରକାଶ ।

### ଟ୍ରେନ ଲାଇନରୁ ଯୁବକଙ୍କ ମୃତଦେହ ଜବତ

କଣ୍ଟାବାଞ୍ଜି,୧୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନର ଅନତି ଦୂରରେ ଜଣେ ଯୁବକଙ୍କ ମୃତଦେହ ରେଳ ଧାରଣାରୁ ଶନିବାର ସକାଳେ ଜିଆରପି ଜବତ କରିଛି । ମୃତକ ହେଲେ ସଇଁତଲା ଥାନା କୁଡାସିଂଘା ଗାଁର ଦୁର୍ଲଭ ପୁଟେଲ (୨୮) । ମୃତକ ଶୁକ୍ରବାର ରାତିରୁ କେଉଁ ଆଡେ ନିଖୋଜ ହୋଇ ଯାଇଥିଲେ। ଦୁର୍ଲଭଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।






## ସ୍ୱଧାର ଗୃହ ଅନ୍ତେବାସୀଙ୍କ ଆତ୍ମହତ୍ୟା ଉଦ୍ୟମ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ନିକଟସ୍ଥ ସୌରନଗରରେ ଥିବା ସ୍ୱଧାର ଗୃହରେ ଜଣେ ଅନ୍ତେବାସୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅନ୍ତେବାସୀ ଜଣକ ହେଲେ ରଞ୍ଜିତା ପଧାନ। ଶୁକ୍ରବାର ସନ୍ଧ୍ୟାରେ ବେକରେ ଦୌଡି ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସ୍ୱଧାର ଗୃହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସୂଚନା ଅନସାରେ ଗତସନ୍ଧ୍ୟାରେ ହଠାତ କୌଣସି କାରଣରୁ ରଞ୍ଜିତା ସ୍ୱଧାର ଗୃହର ଗୋଟିଏ ରୁମ ଭିତରେ ନିଜକୁ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ବହୁ ଡାକିବା ପରେ କୌଣସି ଉତ୍ତର ନ ଦେବାରୁ କବାଟ ଭଙ୍ଗା ଯାଇଥିଲା। ଭିତରେ ରଞ୍ଜିତା ବେକରେ ଦୌଡି ଦେଇ ଆତ୍ମହତ୍ୟା ଉଦ୍ୟମ କରୁଥିବାରୁ ତାଙ୍କୁ ତୁରନ୍ତ ତୁରନ୍ତ ଉଦ୍ଧାର କରି ବୀରମହାରାଜପୁର ଡାକ୍ତରଖାନା ଓ ପରେ ସୋନପୁର ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇ ଦିଆଯାଇଛି ।




# ମରୁଡ଼ି ବେଳେ ଭୁଶୁଡ଼ିଲା ଡ୍ୟାମ୍

**ପଦ୍ମପୁର,୧୬।୧୦(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର କ୍ଷୁଦ୍ର ଜଳସେଚନ ଡିଭିଜନ ଅଧୀନ ଜମରତଲା ପଞ୍ଚାୟତ ସ୍ଥିତ କଣ୍ଟେଶ୍ୱରପୁର ଡ୍ୟାମ୍ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସରପ୍ଲସ ଏସ୍କେପ୍ (ମାଟିବନ୍ଧ) ଗୁରୁବାର ରାତିରେ ଭାଙ୍ଗି ଯାଇଛି। ଫଳରେ ସମ୍ପୂର୍ଣ୍ଣ ଜଳ ନିଷ୍କାସିତ ହୋଇ ଡ୍ୟାମ୍ ଶୁଖିଲା ପଡ଼ିଛି। ରକ୍ଷଣାବେକ୍ଷଣ ଅଭାବରୁ ମାଟିବନ୍ଧ ଦୁର୍ବଳ ହୋଇ ଏହା ଭାଙ୍ଗି ଯାଇଥିବା ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଗତ ଅଗଷ୍ଟରେ ବିଭାଗୀୟ ଯନ୍ତ୍ରୀ ମାଟିବନ୍ଧ ପରିଦର୍ଶନ କରିଥିଲେ ଏବଂ ବର୍ଷା ଯୋଗୁ ମରାମତି ସମ୍ଭବ ନ ହେବାରୁ ଫେରିଥିବା ବିଭାଗୀୟ ଅଧିକାରୀମାନେ କହିଛନ୍ତି ।

ଅଣଜଳସେଚିତ ଚାଷଜମିକୁ ପାଣି ମଡ଼ାଇବା ଉଦ୍ଦେଶ୍ୟରେ ଗତ ୨୦୧୦-୧୧ ମସିହାରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଉକ୍ତ ପ୍ରକଳ୍ପ ଦ୍ୱାରା ଅଞ୍ଚଳର ୩୨୦ ହେକ୍ଟର ଜମିକୁ ପାଣି ମଡ଼ାଇବା ଲକ୍ଷ୍ୟ ରଖାଯାଇଥିଲା। ଚଳିତ ଖରିଫରେ ପଦ୍ମପୁର ଉପଖଣ୍ଡରେ ମରୁଡ଼ି ସ୍ଥିତି ଉପୁଜି ଥିବାବେଳେ ଏବେ ଏହି ଡ୍ୟାମ୍ ମାଟିବନ୍ଧ ଭାଙ୍ଗି ଶୁଖିଲା ପଡ଼ିବା ଅଞ୍ଚଳରେ


ଭାଙ୍ଗି ପଡ଼ିଥିବା କଣ୍ଟେଶ୍ୱରପୁର ଡ୍ୟାମ୍।

ଚର୍ଚ୍ଚାର ବିଷୟ ହୋଇଛି । ନିମ୍ନମାନର କାମ ଯୋଗୁ ତାହା ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ସୂଚନା ପାଇ ଶୁକ୍ରବାର ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜଗତଜ୍ୟୋତି ଶତପଥୀ, ଡିଜାଇନ କ୍ୱାଲିଟି କଣ୍ଟ୍ରୋଲ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ପ୍ଲାନିଂ ଓ ଡିଜାଇନ ନିର୍ବାହୀ ଯନ୍ତ୍ରୀ ହୀରାଲାଲ ପାଣିଗ୍ରାହୀ, ପଦ୍ମପୁର ଡିଭିଜନ ନିର୍ବାହୀ ଯନ୍ତ୍ରୀ ଜଗଦୀଶ ଚନ୍ଦ୍ର ନାୟକ ପ୍ରମୁଖ ଡ୍ୟାମ ପରିଦର୍ଶନ କରିଥିଲେ। ସୁରେଶ ଚାନ୍ଦ, ତୁଳାରାମ ପାଣ୍ଡେଙ୍କ ସମେତ ଅନେକ ଚାଷୀ ପ୍ରତିନିଧି, ସଚେତନ ନାଗରିକ ଉପସ୍ଥିତ ରହି ଅଭିଜ୍ଞ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଡ୍ୟାମ୍ ମରାମତି କରାଯିବାକୁ ଦାବି କରିଥିଲେ। ଏହାର ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ଏବଂ ଆସନ୍ତା ଜାନୁୟାରୀରୁ କାମ ଆରମ୍ଭ ହୋଇ ଜୁନ ୧୫ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଆସନ୍ତା ଖରିଫରେ ଉକ୍ତ ଡ୍ୟାମ୍‌ରୁ ଚାଷୀଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ।

## ଟ୍ରେନ ଲାଇନରୁ ଯୁବକଙ୍କ ମୃତଦେହ ଜବତ

କଣ୍ଟାବାଞ୍ଜି,୧୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନର ଅନତି ଦୂରରେ ଜଣେ ଯୁବକଙ୍କ ମୃତଦେହ ରେଳ ଧାରଣାରୁ ଶନିବାର ସକାଳେ ଜିଆରପି ଜବତ କରିଛି । ମୃତକ ହେଲେ ସଇଁତଲା ଥାନା କୁଡାସିଂଘା ଗାଁର ଦୁର୍ଲଭ ପୁଟେଲ (୨୮) । ମୃତକ ଶୁକ୍ରବାର ରାତିରୁ କେଉଁ ଆଡେ ନିଖୋଜ ହୋଇ ଯାଇଥିଲେ। ଦୁର୍ଲଭଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।




# ପଥରରେ ଛେଚି ହତ୍ୟା ଘଟଣା, ୨ ଗିରଫ


ଗିରଫ ୨ହତ୍ୟା ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**ବରଗଡ଼ ଅଫିସ୍,୧୬।୧୦**

ବରଗଡ଼ ମ୍ୟୁନିସିପାଲିଟି ୱାର୍ଡ଼ ନଂ-୫ର ବିଟ୍ ରାସ୍ତା ଉପରେ ଗୁରୁବାର ବିଳମ୍ବିତ ରାତ୍ରିରେ ଭଟଲି ଅଞ୍ଚଳର ଅଲେଖ ଭୁଏଙ୍କୁ ପଥରରେ ଛେଚି ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ କେଶବନଗର ନିବାସୀ ଆକାଶ ଭଇଁସା ଏବଂ ନିଗମାନନ୍ଦ ବିହାର ନିବାସୀ ସୁରୁବାବୁ ବାଗ। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୪୮୧/୨୧) ରୁଜୁ ହୋଇଛି। ଶନିବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ବରଗଡ଼ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

ପ୍ରକାଶ ଯେ, ବରଗଡ଼ ସହର ସ୍ଥିତ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପାଖରେ ବିଟ୍ ରାସ୍ତା ଉପରେ ଭଟଲି ଅଞ୍ଚଳର ଅଲେଖ ଭୁଏଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲା। ମୃତକଙ୍କ ଜ୍ୱାଇଁ ନିମେଇଁ ଭୋଇ ମୃତଦେହ ଚିହ୍ନଟ କରିଥିଲେ ଏବଂ ତାଙ୍କ ଶ୍ୱଶୁରଙ୍କୁ ହତ୍ୟା କରାଯାଇଥିବା ନେଇ ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଆକାଶ ଓ ସୁରୁବାବୁଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଅଟକ ରଖି ଅଧିକ ପଚରାଉଚୁରା କରିଥିଲା। ଜେରାବେଳେ ଗିରଫ ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି। ବଚସା ହେବାରୁ ନିଶାସକ୍ତ ଅବସ୍ଥାରେ ସେମାନେ କଂକ୍ରିଟ ପଥରରେ ଅଲେଖଙ୍କ ମୁଣ୍ଡକୁ ପଥର ଛେଚି ତାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତମାନେ ପୋଲିସ ଆଗରେ କହିଛନ୍ତି। ଏହାପରେ ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ କଂକ୍ରିଟ ପଥର ଜବତ କରିଛି। ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ଏହାର ଅଧିକ ତଦନ୍ତ କରୁଛନ୍ତି।

# ସୋନପୁରରେ ରାବଣପୋଡ଼ି

**ସୋନପୁର,୧୬।୧୦(ନି.ପ୍ର.)**

ଅସତ୍ୟ ଉପରେ ସତ୍ୟର ବିଜୟ, ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ଭାବେ ରାବଣ ପୋଡି ଉତ୍ସବ ସୋନପୁର ସହରର ରୟାଲ ପଡିଆ ଠାରେ ନିରାଡମ୍ବର ଭାବେ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବ୍ଲକ ଛକ ଦୁର୍ଗାପୂଜା କମିଟି ପକ୍ଷରୁ କେବଳ ବିଧି ରକ୍ଷା ପାଇଁ ସାମାଜିକ ଦୂରତ୍ୱ ଅବଲମ୍ବନ ସହିତ ରାବଣ ପୋଡି ଉତ୍ସବ ଆୟୋଜିତ ହୋଇଥିଲା। କୋଭିଡ ନିୟମକୁ ମାନି ମାତ୍ର ୪ ଫୁଟ ଉଚ୍ଚର ରାବଣ ପ୍ରତିକୃତି ନିର୍ମିତ ହୋଇଥିଲା। ପୂଜା କମିଟିର ସଭାପତି ଅରବିନ୍ଦ ବାରିକ୍ ଅତିଥି ଭାବେ ଯୋଗଦେଇ ରାବଣର ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ନିଶାନ୍ତ ମହାନ୍ତି, ଉପଦେଷ୍ଟା ବଳଦେବ ବେଦବାକ୍, ଶରତ ଚନ୍ଦ୍ର ମହାପାତ୍ର, ଦିଲ୍ଲିପ ପାତ୍ର, ଦେବାଶିଷ ପଟ୍ଟନାୟକ, ଜିତେନ୍ଦ୍ର ଜେନା ଓ ସଞ୍ଜୟ ସାହୁ ପ୍ରମୁଖ କମିଟିର ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସହିଦ୍ ସିଆର୍‌ପିଏଫ୍ ଯବାନ ପ୍ରତାପ ନାୟକଙ୍କ ବିୟୋଗରେ ପୂଜା କମିଟି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସେହିପରି ଜିଲାର ବୀରମହାରାଜପୁର, ବିନିକା, ଡୁଙ୍ଗୁରିପାଲି ଓ ତରଭାରେ ଗୋଟିଏ ଲେଖାଏ ସ୍ଥାନରେ ଓ ସୋନପୁର ସହରର ୨ଟି ସ୍ଥାନରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ: ବଡାଲି ଚାମ୍ପିୟନ


ଫାଇନାଲ ମ୍ୟାଚର ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

**ଅମରପାଲି,୧୬/୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କାନପୁର ଗ୍ରାମରେ ଶନିବାର ଏକଦିବସୀୟ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ବଡାଲି ଦଳ ଲସ୍ତଲାକୁ ଟ୍ରାଇବ୍ରେକର ୭-୬ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପ୍ରଥମ ସେମି ଫାଇନାଲରେ ମାଣିକପୁରକୁ ଲସ୍ତଲା ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ରହେଲାକୁ ବଡାଲି ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ଲୁହା ମୁଖ୍ୟ ଅତିଥି, ୱାର୍ଡସଭ୍ୟ ବଶିଷ୍ଟ ଖମାରୀ ଓ ଘାସିରାମ ବାଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ସକାଳୁ ସୁବର୍ଣ୍ଣପୁର ଜିଲା ଛାତ୍ର ବିଜେଡି ଉପସଭାପତି ଶୈଳରଞ୍ଜନ ବାଦୀ ମୁଖ୍ୟଅତିଥି ଏବଂ ଶିକ୍ଷାବିତ ମଳୟ କୁମାର ଅମାତ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଦୁଇ ବନ୍ଧୁଙ୍କ ମୃତ୍ୟୁ

**ବୌଦ୍ଧ,୧୬।୧୦(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରଙ୍ଗମାଟିଆଠାରେ ଗତ ଗୁରୁବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଦୁଇ ବନ୍ଧୁଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ହରଭଙ୍ଗା ବ୍ଲକ ଅଧୀନ ମୁଷାଡ ଗ୍ରାମର ଝାଣ୍ଟୁଚରଣ ବେହେରା ଓ ବ୍ରାହ୍ମଣଗାଁର ଝାଣ୍ଟୁ ଭୋକ୍ତା ଘଟଣାଦିନ ରାତିରେ ବୌଦ୍ଧରୁ କାମ ସାରି ଏକ ମୋଟର ସାଇକେଲ ଯୋଗେ ଗାଁକୁ ଫେରୁଥିବା ବେଳେ ରଙ୍ଗମାଟିଆଠାରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଦୁଇ ବନ୍ଧୁଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ବୌଦ୍ଧ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଥିଲା । ଏନେଇ ବୌଦ୍ଧ ଥାନାରେ ମାମଲା ହେବା ସହ ତଦନ୍ତ ଜାରି ରହିଛି ।

### ମୃତଦେହ ଦାହକଲେ ସ୍ୱେଚ୍ଛାସେବୀ

**ବରଗଡ଼ ଅଫିସ୍,୧୬।୧୦:** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୮ ମାତୃ ବିହାରରେ ଝିଅଜ୍ୱାଇଁଙ୍କ ସହିତ ରହୁଥିଲେ ମାୟା ବାନାର୍ଜୀ(୮୨)। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଛତିଶଗଡ଼ରେ ରହୁଥିବା ମୃତା ବୃଦ୍ଧାଙ୍କ ଦୁଇ ଚାକିରିଆ ପୁଅଙ୍କୁ ଖବର ଦିଆଯାଇଥିଲା। ମାତ୍ର ପୁଅମାନେ ନ ଆସିବାରୁ ବୃଦ୍ଧାଙ୍କ ମୃତଦେହ ସତ୍କାର ନେଇ ଝିଅଜ୍ୱାଇଁଙ୍କ ଚିନ୍ତା ବଢ଼ି ଯାଇଥିଲା। ଖବର ପାଇ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚିଥିଲେ ଏବଂ ବୃଦ୍ଧାଙ୍କ ମୃତଦେହକୁ ପିପଲମୁଣ୍ଡା ସ୍ଥିତ ସ୍ୱର୍ଗଦ୍ୱାରକୁ ଆଣି ଦାହ କରିଥିଲେ ।

### ଦଶହରାରେ ପୋଲିସ-ଜନତା ମୁହାଁମୁହିଁ

**ଝାରବନ୍ଧ,୧୬।୧୦(ଡି.ଏନ.ଏ):** ବରଗଡ଼ ଜିଲା ଝାରବନ୍ଧ ଥାନା ଡଭା ଗ୍ରାମରେ ଗୁରୁବାର ଦୁର୍ଗାପୂଜା ଚାଲିଥିବା ବେଳେ ପୋଲିସ-ଜନତା ମୁହାଁମୁହିଁ ହୋଇଥିଲେ । କୋଭିଡ୍ କଟକଣା ଉଲ୍ଲଂଘନ ହୋଇଥିବା ସୂଚନା ପାଇ ପୋଲିସ ସେଠାରେ ପହଞ୍ଚିବା ପରେ ଉଭୟ ପୋଲିସ, ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କିଛି ଲୋକ ପୋଲିସ ଭ୍ୟାନ୍ ପଛପଟ କାଚକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏ ନେଇ ଝାରବନ୍ଧ ଥାନା ପୋଲିସ ୨ଟି ମାମଲା (ନଂ.୧୪୩/୨୧ ଓ ନଂ.୧୪୪/୨୧) ରୁଜୁ କରି ଏହାର ଅଧିକ ତଦନ୍ତ କରୁଛି । ପ୍ରକାଶ ଯେ, ଡଭା ଗ୍ରାମରେ ଦୁର୍ଗାପୂଜା ଚାଲିଥିବାବେଳେ ଲୋକଙ୍କ ଭିଡ଼ ସାଙ୍ଗକୁ କୋଭିଡ୍ କଟକଣା ଉଲ୍ଲଂଘନ ହୋଇଥିବା ନେଇ ଝାରବନ୍ଧ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଥାନାଧିକାରୀ ଅନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସେଠାକୁ ପହଞ୍ଚିଥିଲେ। ତେବେ ସେତେବେଳେ ସେଠାରେ ଚାଲିଥିବା ରାବଣ ଦରବାର କାର୍ଯ୍ୟକ୍ରମରେ ମାତ୍ରାଧିକ ଭିଡ଼ ଜମିଥିବା ଯୋଗୁ ପୋଲିସ ସେହି କାର୍ଯ୍ୟକ୍ରମ ନ କରିବାକୁ ପାଇଁ ଲୋକଙ୍କୁ ବୁଝାଶୁଝା କରିଥିଲା। ଲୋକେ ଏଥିରେ ଉତ୍ତ୍ୟକ୍ତ ହୋଇ ପୋଲିସ ସହିତ ଧସ୍ତାଧସ୍ତି ହୋଇଥିଲେ ଏବଂ ପୋଲିସ ଭ୍ୟାନ୍ କାଚକୁ ଭାଙ୍ଗି ଦେଇଥିଲେ ।

### ସୁବର୍ଣ୍ଣଭୂମି ଚଷା ସମାଜ ବୈଠକ

**ଅମରପାଲି,୧୬।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମରେ ସୁବର୍ଣ୍ଣଭୂମି ଚଷା ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମନାଭ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚଷା ସମାଜର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅନୁଷ୍ଠିତ ବୈଠକକୁ ସଞ୍ଜିବ ପ୍ରଧାନ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରାନ୍ତରୁ ଆସିଥିବା ଧର୍ମୁଧର ପଧାନ, ରାଧେଶ୍ୟାମ ପ୍ରଧାନ, ଦାଶରଥୀ ପଧାନ, ସୁରେଶ ପ୍ରଧାନ, ପ୍ରାଣବନ୍ଧୁ ସାହୁ, ପୀତାମ୍ବର ସାହୁ, ସରୋଜ ପଧାନ ପ୍ରମୁଖ ଚଷା ସମାଜର ଐତିହ ଓ ସଂସ୍କୃତି ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର, ଉଲୁଣ୍ଡା, ବିନିକା, ବୌଦ୍ଧ, କଣ୍ଟାମାଳ, ପଲସାଗୋରା, ରେଢାଖୋଲ, ସମ୍ବଲପୁର ଅଞ୍ଚଳରୁ ଶତାଧିକ ଚଷା ସମାଜ କର୍ମକର୍ତ୍ତା ଯୋଗ ଦେଇଥିଲା। ଶେଷରେ ରାଜେଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



**ମୃତା ଡାକ୍ତରୀ ଛାତ୍ରୀଙ୍କ ଘରୁ ଚୋରି**

**ବଲାଙ୍ଗୀର ଅଫିସ:** କିଛିଦିନ ତଳେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହଷ୍ଟେଲ ଭିତରେ ଜଣେ ଡାକ୍ତରୀ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସମ୍ପୃକ୍ତା ଛାତ୍ରୀଙ୍କ ଶୁଦ୍ଧିକ୍ରିୟା ପାଇଁ ତାଙ୍କ ପରିବାର ଲୋକେ ଗାଁକୁ ଯାଇଥିବାବେଳେ ବଲାଙ୍ଗୀର ଘରୁ ବିପୁଳ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରମାନେ ନଗଦ ୩ ଲକ୍ଷ ୫୦ ହଜାର ଟଙ୍କା, ସୁନାଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଶୁଦ୍ଧିକ୍ରିୟା ସାରି ଶନିବାର ପରିବାର ଲୋକେ ବଲାଙ୍ଗୀର ସିଭିଲ କୋର୍ଟ ପଛପଟେ ଥିବା ତାଙ୍କ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣାର ତଦନ୍ତ ଚାଲିଥିବା ଏସଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଗୌତମ ଦାସ ରାଜ୍ୟ...

ସର୍ବଭାରତୀୟ ସ୍ତରରେ ୨୮ତମ ସ୍ଥାନରେ ଥିଲେ।
ଗୌତମଙ୍କ ଘର ବାଲେଶ୍ୱର ଜିଲାରେ। ତାଙ୍କ ପିତା ରବୀନ୍ଦ୍ର ଦାସ ଜଣେ ବ୍ୟବସାୟୀ ହୋଇଥିବାବେଳେ ମା' ମଧୁମିତା ଦାସ ଗୃହିଣୀ। ସେ ବାଲେଶ୍ୱର ମଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢୁଥିଲେ। ଭଲ ମାର୍କ ରଖିଥିବାରୁ ତାଙ୍କୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ନାମ ଲେଖାଇବାର ସୁଯୋଗ ମିଳିଥିଲା। ତେବେ ନିଜ ସଫଳତାକୁ ନେଇ ଗୌତମ କହିଛନ୍ତି, ପଢ଼ିବା ପାଇଁ ଦିନକୁ ସେଭଳି କୌଣସି ନିର୍ଦ୍ଦିଷ୍ଟ ସମୟ ରଖି ନ ଥିଲି। ଦିନକୁ ଗୋଟେ ଟପିକ୍ ଶେଷ କରିବାକୁ ଟାର୍ଗେଟ ରଖୁଥିଲି। ଟାର୍ଗେଟ ପୂରଣ ପାଇଁ ଯେତେ ସମୟ ଲାଗୁଥିଲା ସେତିକି ସମୟ ପଢୁଥିଲି। ଗଣିତ ମୋର ପ୍ରିୟ ବିଷୟ ଥିଲେ ମଧ ପଦାର୍ଥ ବିଜ୍ଞାନରେ ଦୁର୍ବଳ ଥିବାରୁ ସେଥିରେ ଅଧିକ ସମୟ ଦେଉଥିଲି। କରୋନା କାଳରେ ପାଠ ପଢ଼ିବା ପାଇଁ ଅଧିକ ସମୟ ମିଳିଥିଲା। ଅନ୍‌ଲାଇନ୍ କ୍ଲାସ୍ ହେଉଥିବାରୁ ଘରେ ବସି ଶାନ୍ତିରେ ପଢ଼ିବାକୁ ସୁଯୋଗ ମିଳୁଥିଲା। ମାତାପିତା, ସମସ୍ତ ଶିକ୍ଷକଙ୍କ ସହଯୋଗ ଯୋଗୁ ଏହି ସଫଳତା ପାଇଛି। ଦିଲ୍ଲୀ ଆଇଆଇଟି କିମ୍ବା କାନପୁର ଆଇଆଇଟିରେ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରିବାକୁ ଲକ୍ଷ୍ୟ ରଖିଛି। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହୋଇ ଦେଶ ସେବା କରିବାକୁ ଚାହେଁ ବୋଲି ଗୌତମ କହିଛନ୍ତି। ସେପଟେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରପର୍ସନ ଶିଳ୍ପୀ ସାହୁ ଗୌତମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ କେବଳ ଆମ ସ୍କୁଲ ନୁହେଁ, ସାରା ରାଜ୍ୟ ତାଙ୍କୁ ନେଇ ଗର୍ବ ଅନୁଭବ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।
ସୂଚନାଯୋଗ୍ୟ, ଚଳିତବର୍ଷ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଜେଇଇ ଆଡ୍‌ଭାନ୍ସଡ୍ ଜୁଲାଇ ୩ରେ ଅନୁଷ୍ଠିତ ହେବାର ଥିଲା। କିନ୍ତୁ କରୋନା ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା। ସ୍ଥିତିରେ ସୁଧାର ଆସିବାରୁ ଗତ ଅକ୍ଟୋବର ୩ରେ ପରୀକ୍ଷା ହୋଇଥିଲା। ମୋଟ ୧,୪୧,୬୯୯ ଛାତ୍ରୀଛାତ୍ର ଜେଇଇ ଆଡ୍‌ଭାନ୍ସଡ୍ ଦେଇଥିଲେ। ମାତ୍ର ୧୨ ଦିନ ପରେ ଫଳ ପ୍ରକାଶିତ ହୋଇଛି। ପରୀକ୍ଷାର୍ଥୀମାନେ jeeadv.ac.in ରେ ନିଜର ପରୀକ୍ଷା ଫଳ ଦେଖିପାରିବେ ବୋଲି କୁହାଯାଇଛି।

### ୨୧ରୁ ଏକାଦଶ...

ସଫେଇ ଓ କୋଭିଡ୍ ନିର୍ଦ୍ଦେଶାବଳୀ ପାଳନ ଉପରେ ଗୁରୁତ୍ୱ ଦିଆଯିବ। ଡିଇଓ, ଡିପିସି ଏବଂ ବିଇଓ ନିୟମ ପାଳନ ନେଇ ତଦାରଖ କରି ଓସେପାକୁ ରିପୋର୍ଟ ଦେବେ। ଏନେଇ ପଞ୍ଚାୟତିରାଜ ବିଭାଗ ସଚିବ ଅଶୋକ କୁମାର ମୀନା ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ମିଳିତ ଭାବେ ଶନିବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।
ପୂଜାଛୁଟି ପରେ ଅଷ୍ଟମ ଓ ଏକାଦଶ ଶ୍ରେଣୀ ଖୋଲିବ ବୋଲି ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ଏବେ ଏ ସଂକ୍ରାନ୍ତରେ ମନ୍ତ୍ରୀ କହିଛନ୍ତି, ସ୍କୁଲ ଖୋଲି ପିଲାଙ୍କୁ ପାଠ ପଢ଼ାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ପିଲାମାନେ ବହୁ ଦିନ ଧରି କ୍ୟାମ୍ପସ ବାହାରେ ଥିଲେ। ସ୍କୁଲ ଯିବା ପାଇଁ ପିଲାଙ୍କ ଭିତରେ ପ୍ରବଳ ଆଗ୍ରହ ରହିଛି। କିନ୍ତୁ କରୋନା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଯାଇନାହିଁ। ତେଣୁ ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯିବ। ଆମେ ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗ ସହ ନିୟମିତ ଯୋଗାଯୋଗ ରଖୁଛୁ। ଆଗରୁ ଆମେ ଶିକ୍ଷକଙ୍କୁ ଟିକା ନେବା ପାଇଁ ସ୍ୱତନ୍ତ୍ର ଭାବେ ଆଗ୍ରହ ପ୍ରକାଶ କରିଥିଲୁ। କୌଣସି ଶିକ୍ଷକ ବିନା ଡବଲ୍ ଡୋଜ୍ ଟିକାରେ ଯେପରି ସ୍କୁଲ ପରିସରକୁ ପ୍ରବେଶ ନ କରିବେ, ତା'ଉପରେ ଆମେ ନଜର ରଖୁଛୁ। ଯଦି ପାଠପଢ଼ା ସମୟରେ କୌଣସି ସମସ୍ୟା ଉପୁଜେ, ତା'ହେଲେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ପଦକ୍ଷେପ ନେବେ। ଯେଉଁଠି ଛାତ୍ରୀଛାତ୍ରଙ୍କ ଭିତରେ ସାମାନ୍ୟ କୋଭିଡ୍ ଲକ୍ଷଣ ଦେଖାଯିବ, ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।
ସୂଚନାଯୋଗ୍ୟ, କରୋନା ପାଇଁ ଗତବର୍ଷ ମାର୍ଚ୍ଚରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ପିଲାମାନେ ପାଠପଢ଼ାରେ ଯେପରି କ୍ଷତି ନ ହୁଅନ୍ତି, ସେଥିପାଇଁ ରାଜ୍ୟ ସରକାର ଅନ୍‌ଲାଇନ ଶିକ୍ଷା ଆରମ୍ଭ କରିଥିଲେ। କିନ୍ତୁ ନେଟ୍‌ୱର୍କ ସମସ୍ୟା ଓ ସମସ୍ତଙ୍କ ପାଖରେ ସ୍ମାର୍ଟ ଫୋନ ନ ଥିବାରୁ ବହୁ ପିଲା ଅନ୍‌ଲାଇନ୍ କ୍ଲାସ୍‌ରୁ ବଞ୍ଚିତ ହେଉଥିବା ନେଇ ରାଜ୍ୟର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଥିଲେ। ତେଣୁ କରୋନା ସ୍ଥିତି କମିବା ପରେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ସ୍କୁଲ ଖୋଲିବା ଆରମ୍ଭ କରିଥିଲେ। କଟକଣା ମଧ୍ୟରେ ପ୍ରଥମେ ଦଶମ ଓ ଦ୍ୱାଦଶ କ୍ଲାସ୍ ଏବଂ ପରେ ନବମ ଶ୍ରେଣୀ ଅଫ୍‌ଲାଇନ ପାଠପଢ଼ା ହୋଇଥିଲା। ତେବେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ସ୍କୁଲ କେବେ ଖୋଲିବ ସେ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

# 'ସର୍ଭିଲାନ୍ସ ଟିମ୍ ନଜରରେ ରହିବେ ସ୍କୁଲ ପିଲା'

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ):** ରାଜ୍ୟରେ ଅଷ୍ଟମ ଓ ଏକାଦଶ ଶ୍ରେଣୀ ଖୋଲିବା ନେଇ ଘୋଷଣା କରାଯିବା ସହ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସ୍କୁଲ୍ ଖୋଲିବା ପରେ ସମସ୍ତ ସ୍କୁଲ ପିଲା ସର୍ଭିଲାନ୍ସ ଟିମ୍ ନଜରରେ ରହିବେ। ଲକ୍ଷଣ ଥିବା ପିଲାଙ୍କ ଟେଷ୍ଟିଂ ହେବ। ଡିଏମ୍‌ଇଟି ଡା. ସିବିକେ ମହାନ୍ତି କହିଛନ୍ତି, ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପିଲାଙ୍କୁ ମନିଟରିଂ କରିବେ। ପିଲାଙ୍କ ଲକ୍ଷଣ ଓ ଶିକ୍ଷକ ଟିକା ନେଇଛନ୍ତି କି ନାହିଁ ତାହା ଅନୁଧ୍ୟାନ କରାଯିବ। ବଡ଼ଙ୍କ ଠାରୁ ଛୁଆଙ୍କୁ ସଂକ୍ରମଣ ହେବାର ସମ୍ଭାବନା ରହିଛି। ତେଣୁ ଶିକ୍ଷକ ଓ ଅଭିଭାବକମାନେ ଟିକା ନେଇଯିବା ଜରୁରୀ। ଯଦି କେହି ଗୋଟିଏ ଡୋଜ୍ ଟିକା ନେଇଛନ୍ତି ତେବେ ତୁରନ୍ତ ତାଙ୍କୁ ଡବଲ ଡୋଜ୍ ଦେବାକୁ ଯୋଜନା କରାଯିବ। ସ୍କୁଲରେ ଖେଳକୁଦରେ ମାତି ପିଲାମାନେ ସାମାଜିକ ଦୂରତା ପାଳନ ପ୍ରତି ଅଣଦେଖା କରିପାରନ୍ତି। ଏଥିପ୍ରତି ଶିକ୍ଷକମାନେ ହିଁ ଦୃଷ୍ଟି ଦେବା ଆବଶ୍ୟକ। ସମସ୍ତେ ସଚେତନ ହେବା ସହ ପିଲାଙ୍କୁ ସଚେତନ କରିବା ଜରୁରୀ। ଏଥିସହ ଅଭିଭାବକମାନେ ବି ସ୍କୁଲ ଯାଇ ମନିଟରିଂ କରନ୍ତୁ। ସତର୍କତା ନେଇ ପିଲାଙ୍କ ଭବିଷ୍ୟତ ଗଢ଼ିବା ଉଚିତ ବୋଲି ଡିଏମ୍‌ଇଟି କହିଛନ୍ତି।

### ମାଓବାଦୀ ନେତା...

ତାଙ୍କୁ ଧରିବା ପାଇଁ ଆନ୍ଧ୍ର, ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା ଓ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା।
୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଆର୍‌କେଙ୍କ ପ୍ରଭାବ ମାଲକାନଗିରି ଜିଲାରେ ଥିଲା। ମାଲକାନଗିରି ସଦର ମହକୁମାକୁ ବାଦ୍ ଦେଲେ ଏମ୍‌ଭି-୭୯, କାଲିମେଲା, ପଡ଼ିଆ, ଚିତ୍ରକୋଣ୍ଡା, ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା ଆଦି ଅଞ୍ଚଳରେ ସନ୍ଧ୍ୟା ୬ଟା ପରେ ମାଓବାଦୀଙ୍କ ଭୟରେ ଦୋକାନ ବଜାର ବନ୍ଦ ହୋଇଯାଉଥିଲା। ମାଓବାଦୀମାନେ ଏହି ଅଞ୍ଚଳଗୁଡ଼ିକରେ ଯାତାୟାତ କରି ଲୋକଙ୍କୁ ଭୟଭୀତ କରି ରଖୁଥିଲେ। ୨୦୦୬ରେ କାଲିମେଲା ଏବଂ ପଡ଼ିଆ ବ୍ଲକ କାର୍ଯ୍ୟାଳୟ ଉଡ଼ାଇବାରେ ଆର୍‌କେଙ୍କ ସକ୍ରିୟ ଭୂମିକା ଥିଲା। ୨୦୦୪ରେ କୋରାପୁଟ ଅସ୍ତ୍ରାଗାର ଲୁଟ୍, ୨୦୦୮ରେ ନୟାଗଡ଼ ଥାନା ଆକ୍ରମଣ, ୨୦୦୮ ଜୁନ୍ ୨୯ରେ ଆନ୍ଧ୍ର ଗ୍ରେହାଉଣ୍ଡ ଯବାନଙ୍କୁ ଆଲାପ୍‌ପେଟାଠାରେ ଲଞ୍ଚ ଉପରେ ଗୁଳି ବର୍ଷଣକରି ୩୮ ଯବାନଙ୍କୁ ହତ୍ୟା , ୨୦୦୧ ଫେବୃୟାରୀ ୧୭ରେ ତତ୍କାଳୀନ ଜିଲାପାଳ ଭିନିଲ କ୍ରିଷ୍ଣାଙ୍କୁ ଅପହରଣ, ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାର ଦରଭା ଘାଟିରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୨୭ କଂଗ୍ରେସ ନେତାଙ୍କୁ ମାରିବା ସହ ପ୍ରଜାକୋର୍ଟରେ ଅନେକ ଆଦିବାସୀଙ୍କୁ ହତ୍ୟା କରିବା ଭଳି ବହୁ ହିଂସାରେ ଜଡିତ ଥିଲେ ଆର୍‌କେ। ମାଲକାନଗିରି ଜିଲାରେ ଅନେକ ଠିକାଦାରଙ୍କୁ ହତ୍ୟା, ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଯାନବାହନ ପୋଡ଼ି ଘଟଣା ତାଙ୍କ ନିର୍ଦ୍ଦେଶରେ କରାଯାଉଥିଲା। ତେବେ ୨୦୧୬ରେ ମାଲକାନଗିରି ଜିଲା ଆନ୍ଧ୍ର ସୀମାନ୍ତ ରାମାଗୁଡ଼ାଠାରେ ପୋଲିସ ଏନ୍‌କାଉଣ୍ଟରରେ ଆର୍‌କେଙ୍କ ପୁଅ ମୁନାଙ୍କ ମୃତ୍ୟୁ ଘଟିବା ପରେ ସେ ଭାଙ୍ଗିପଡ଼ିଥିଲେ। କେବଳ ଜଙ୍ଗଲରେ ରହି ମାଓବାଦୀ ସଙ୍ଗଠନ ପରିଚାଳନା କରୁଥିଲେ। ଆର୍‌କେ ୨୦୧୯ ପର୍ଯ୍ୟନ୍ତ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ସମ୍ପାଦକ ଥିଲେ। ସେ ସମୟରୁ ଆର୍‌କେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜଙ୍ଗଲରେ ଚିକିତ୍ସିତ ହେଉଥିଲେ। ଏ ସମ୍ପର୍କରେ ଦନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲଭ କହିଛନ୍ତି, ଇତିମଧ୍ୟରେ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ରାମାନ୍ନା, ହରିଭୂଷଣ ଓ ଆର୍‌କେଙ୍କ ଦଣ୍ଡକାରଣ୍ୟ ଜଙ୍ଗଲରେ ମୃତ୍ୟୁ ହୋଇଛି। ଏବେ ସୁରକ୍ଷା କର୍ମୀଙ୍କ ତୀକ୍ଷ୍ଣ ନଜର ହେତୁ ଜଙ୍ଗଲ ମଧ୍ୟକୁ ଅତ୍ୟାବଶ୍ୟକ ସାମଗ୍ରୀ କିମ୍ବା ଅସ୍ତ୍ରଶସ୍ତ୍ର ସେମାନଙ୍କ ନିକଟରେ ପହଞ୍ଚିପାରୁନାହିଁ। ଫଳରେ ସେମାନେ ଜଙ୍ଗଲ ଭିତରେ ହିଁ ରହୁଛନ୍ତି। ତୁରନ୍ତ ସେମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଲେ ସରକାରଙ୍କ ଥଇଥାନ ନୀତି ଅନୁସାରେ ସମସ୍ତ ସହାୟତା ପ୍ରଦାନ କରାଯିବ। ସେମାନଙ୍କ ଚିକିତ୍ସା ଲାଗି ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏସ୍‌ପି ପଲ୍ଲଭ କହିଛନ୍ତି।

### ମନୀଷଙ୍କୁ ସାଙ୍ଗ...

ଉକ୍ତ କାର ଯୋଗେ ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରୁ ବିଳମ୍ବିତ ରାତିରେ ପାତ୍ରପଡ଼ାସ୍ଥିତ ସାଉଥ ସିଟି ହୋଟେଲ ଆଣ୍ଡ ବାରକୁ ଯାଇଥିଲେ। ଦୀନେଶ କାରରେ ଶୋଇଯାଇଥିବାବେଳେ ଅମ୍ରିତ ସାଙ୍ଗ ମୃତ୍ୟୁଞ୍ଜୟ ଓ ମନୀଷ ବାରକୁ ଯାଇଥିଲେ। ସେଠାରେ ବିଲ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଟଙ୍କା ନ ଦେବାରୁ ବାର କର୍ମଚାରୀ ମନୀଷଙ୍କ ମୋବାଇଲ ବନ୍ଧକ ରଖିଥିଲେ। ପରେ ମନୀଷ ମା'ଙ୍କୁ ଫୋନ୍ କରି ଅନ୍‌ଲାଇନରେ ୮ହଜାର ଟଙ୍କା ମଗାଇ ବିଲ୍ ଦେଇଥିଲେ। ସାଙ୍ଗମାନଙ୍କ ଏଭଳି ବ୍ୟବହାର ଓ ମୋବାଇଲ ବନ୍ଧକ ରଖିବା ମନୀଷଙ୍କୁ ବ୍ୟଥିତ କରିଥିଲା। ଟଙ୍କା ଦେବା ପରେ ମନୀଷ ରାତି ୩ଟା ୨୯ମିନିଟରେ ହୋଟେଲରୁ ବାହାରକୁ ଏକାକୀ ଚାଲି ବାହାରି ଯାଇଥିଲେ। ଏପରି କି ସେ ଜଣେ ବାଇକ୍ ଚାଳକଙ୍କୁ ଲିଫ୍ଟ ମାଗି ଯାଉଥିବାବେଳେ ତାଙ୍କୁ ସାଙ୍ଗମାନେ କାରରେ ପିଛାକରି ପାଖରେ ପହଞ୍ଚିଥିଲେ। ବିଲ୍ ପଇଠକୁ ନେଇ ବାଟରେ ଗଣ୍ଡଗୋଳ ଭୀଷଣ ରୂପ ନେଇଥିଲା। ଏପରିକି ମନୀଷ ସେଠାରୁ ଖସି ଯିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କର ଅନ୍ୟ ୩ଜଣଙ୍କ ସହ ଧସ୍ତା ଧସ୍ତି ହୋଇଥିଲା। ଯେଉଁଥିରେ ମନୀଷ ଅଚେତ ହୋଇଯିବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ଦେଖି ଅଭିଯୁକ୍ତମାନେ ହତବଡେଇ ଯିବା ସହ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋଖରୀ ନିକଟକୁ ନେଇଥିଲେ। ଏପରିକି ମନୀଷଙ୍କ ଆଖିରେ ଚଷମା ଓ ଚପଲ ସହ ପୂରା ଘଟଣାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଅଭିଯୁକ୍ତମାନେ ଯୋଜନା କରିଥିଲେ। ସେଠାରେ ଅନ୍ଧାର ଥିବାରୁ ମନୀଷଙ୍କ ମୃତଦେହକୁ ପାଣିକୁ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ସକାଳ ପ୍ରାୟ ସାଢେ ୫ଟା ବେଳକୁ ଅମ୍ରିତ, ମୃତ୍ୟୁଞ୍ଜୟ ଓ ଦୀନେଶ ୟୁନିଟ-୪ସ୍ଥିତ ଏକ ହୋଟେଲକୁ ଆସିଥିଲେ। ସେଠାରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଥିଲେ। ତେବେ ପରଦିନ ସକାଳ ସୁଦ୍ଧା ପୁଅ ଘରକୁ ନ ଫେରିବାରୁ ପିତା ନବୀନ ଦାସ ଥାନାରେ ନିଖୋଜ ଅଭିଯୋଗ ଆଣିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିଲା ଅପରାହ୍ନରେ ପୋଖରୀରୁ ମନୀଷଙ୍କ ମୃତଦେହ ମିଳିବା ନେଇ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଅଭିଯୁକ୍ତମାନେ ଫୁଲବାଣୀ ଫେରାର ହୋଇଯାଇଥିଲେ। ସେମାନେ ରାଜ୍ୟ ବାହାରକୁ ଖସି ଯିବାକୁ ଉଦ୍ୟମ ମଧ୍ୟ କରିଥିଲେ। ହେଲେ ଡରି ଯାଇଥିଲେ। ପୋଲିସ ସେମାନଙ୍କ ସମ୍ପର୍କରେ ସୁରାକ ପାଇଥିବା ଜାଣିବା ପରେ ଅଭିଯୁକ୍ତମାନେ ଆଉ ଖସି ପାରି ନ ଥିଲେ। ଶେଷରେ ଫୁଲବାଣୀ ପୋଲିସ ନିକଟରେ ଦୀନେଶ ଓ ମୃତ୍ୟୁଞ୍ଜୟ ଆତ୍ମସମର୍ପଣ କରିଥିଲେ। ଦୀନେଶଙ୍କୁ ପୋଲିସ ନୟାପଲ୍ଲୀରୁ ଗିରଫ କରିଥିଲା। ଦୀଶେଙ୍କ ମୂଳ ଘର କେନ୍ଦ୍ରାପଡ଼ା ରାଜନଗରରେ ହୋଇଥିବାବେଳେ ସେ ନୟାପଲ୍ଲୀରେ ରହୁଥିଲେ।

# ଅପପ୍ରଚାର ବନ୍ଦ ହେଉ

**ଘରୋଇ ସ୍କୁଲ ଅଧ୍ୟକ୍ଷା ନିଖୋଜ ହେବା ଘଟଣା**
- ଜୁନାଗଡରେ ଖବରଦାତା ସମ୍ମିଳନୀ
- ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସପକ୍ଷରେ ଯୁକ୍ତି ବାଢ଼ିଲେ ବୁଦ୍ଧିଜୀବୀ

**ଜୁନାଗଡ,୧୬।୧୦(ଡି.ଏନ୍.ଏ.)**
କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ସନ୍‌ସାଇନ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ନିଖୋଜ ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାର ୯ ଦିନ ପରେ ବି ଅଧ୍ୟକ୍ଷା ମେହେରଙ୍କ କୌଣସି ପତ୍ତା ମିଳିନାହିଁ। ଏପଟେ ଏହି ଘଟଣାରେ ସ୍କୁଲର ମାଲିକ ଗୋବିନ୍ଦ ସାହୁଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ଏଥିସହିତ ଘଟଣାକୁ ନେଇ ଏବେ ରାଜନୈତିକ ବୟାନ ବାଜି ମଧ୍ୟ ଆରମ୍ଭ ହୋଇଯାଇଛି। ନିର୍ଦ୍ଦିଷ୍ଟ କିଛି ଗଣମାଧ୍ୟମ ଏହି ଘଟଣାରେ ଜୁନାଗଡ ବିଧାୟକ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ତଥା ସ୍କୁଲର ମାଲିକଙ୍କୁ ସୁରକ୍ଷା ଦେବା ନେଇ ବାରମ୍ବାର ପ୍ରସାରିତ କରୁଛି । ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ଜୁନାଗଡରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀଙ୍କ ସପକ୍ଷରେ ଯୁକ୍ତି ବାଢିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ଜଣେ ଲୋକ ପ୍ରତିନିଧି ପ୍ରାୟତଃ ଶିକ୍ଷାନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତି। ଏପରିସ୍ଥଳେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ ମିଶ୍ର ସମ୍ପୃକ୍ତ ସ୍କୁଲର ପରିସରରେ ଥିବା ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ ସ୍କୁଲର ମାଲିକଙ୍କ ସହ ଫଟୋ ରହିବା ସ୍ୱାଭାବିକ। ତା ବୋଲି ମନ୍ତ୍ରୀ ମିଶ୍ର ସୁରକ୍ଷା ଦେବା ଓ ଏହି ଘଟଣାରେ ସମ୍ପୃକ୍ତି ଥିବା କହିବା ଦୁର୍ଭାଗ୍ୟଜନକ। ଏହାପୂର୍ବରୁ ଏକ ରାଜନୈତିକ ଦଳର କେତେଜଣ ନେତା ଉକ୍ତ ମହାବିଦ୍ୟାଳୟର କାର୍ଯ୍ୟକ୍ରମରେ ସାମିଲ ହୋଇ ସ୍କୁଲର ମାଲିକଙ୍କ ସହ ଫଟୋ ଉଠାଇଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେମାନେ ବି ଦୋଷୀ କି ବୋଲି ପ୍ରଶ୍ନ ଉଠାଇଥିଲେ। ତେଣୁ ଏହି ଘଟଣାରେ ଯେଉଁମାନେ ଜଡିତ ଅଛନ୍ତି ତାର ତଦନ୍ତ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅଯଥାରେ ମିଛ ପ୍ରଚାର ବନ୍ଦ କରାଯାଉ ବୋଲି ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି। ମନ୍ତ୍ରୀ ମିଶ୍ର ନିଜ ନିର୍ବାଚନମଣ୍ଡଳୀ ତଥା ଜିଲାରେ ଲୋକଙ୍କ ନିକଟତର ହେଉଥିବାରୁ କେତେକ ରାଜନୈତିକ ଦଳ ଏପରି ଅପପ୍ରଚାର କରୁଛନ୍ତି ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜୁନାଗଡ ସହରର ବୁଦ୍ଧିଜୀବୀ ନିର୍ମଳ ମହାନ୍ତି, ଲଳିତ ଅଗ୍ରୱାଲ, ପ୍ରଶାନ୍ତ ପଟ୍ଟଯୋଷୀ, ସଞ୍ଜୟ ଅଗ୍ରୱାଲ,ମଦନ ସାହୁ, ଅଶୋକ ପାତ୍ର, ବିଜୟ ବେହେରା, କୈଳାସ ରାଉତ, ସଂଯୁକ୍ତା ଚନ୍ଦନ,କଳ୍ପନା ବରାଡ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ

**ବଲାଙ୍ଗୀର ଅଫିସ, ୧୬।୧୦**



କୃତୀ ଶିକ୍ଷୟିତ୍ରୀ ରଞ୍ଜିତାରଶ୍ମି ସାହୁଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ପବିତ୍ର ବିଜୟା ଦଶମୀରେ ସ୍ଥାନୀୟ ଲିଟେରାରୀ ଆଣ୍ଡ ସୋସିଆଲ କ୍ଲବ ସଭାକକ୍ଷରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିଶୁ ବିକାଶ କେନ୍ଦ୍ରର ୩୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଅନୁଷ୍ଠାନ ସଭାପତି ମଦନ ମୋହନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଅନୁଷ୍ଠାନ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର ଓ ଜୟରାମ ମିଶ୍ର ମଞ୍ଚାସୀନ ଥିଲେ । ଏହି ଅବସରରେ ଆଦର୍ଶ ଶିକ୍ଷୟିତ୍ରୀ ରଞ୍ଜିତାରଶ୍ମି ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଆରମ୍ଭରେ ଅନୁଷ୍ଠିତ କଣ୍ଠ ସଙ୍ଗୀତ ପ୍ରତିଯୋଗିତାରେ ଲେଖକ ଜ୍ୟୋତି ରଞ୍ଜନ ମିଶ୍ର, ଗୀତିକାର ହୃଷୀକେଶ ପୁରୋହିତ କଣ୍ଠଶିଳ୍ପୀ ଧୀରେନ୍ଦ୍ର ନାରାୟଣ ସିଂଦେଓ ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ ଓ କଣ୍ଠ ସଙ୍ଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ରତ୍ନମୟ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଶେଷରେ ଚୁଡେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗୀର ଦିନ ପାଳନ ପାଇଁ ଲୋଗୋ ଉନ୍ମୋଚିତ

**ବଲାଙ୍ଗୀର ଅଫିସ, ୧୬।୧୦**

ସ୍ଥାନୀୟ ପିପି ଏକାଡେମୀ ସଭାଗୃହରେ ଆସନ୍ତା ନଭେମ୍ବର ୧ ବଲାଙ୍ଗୀର ଦିନ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବଲାଙ୍ଗୀର ଦିନର ଲୋଗୋକୁ ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର ଉନ୍ମୋଚିତ କରିଥିବାବେଳେ ରସରାଜ ଅଚ୍ୟୁତ ପୁରୋହିତ, ପ୍ରଭାକର ମିଶ୍ର, ପ୍ରକାଶ ରଥ, ନୂତନ ଦାସ, ସୋମନାଥ ମିଶ୍ର, ଜୟକୃଷ୍ଣ ମିଶ୍ର, ନୂତନ ମିଶ୍ର, ଶୁଭମ୍ ଅଗ୍ରୱାଲ କାହ୍ନା ଶତପଥି, ରାମ ନାରାୟଣ ଦାଶ ଉପସ୍ଥିତ ଥିଲେ। ଅଙ୍କୁଶ ପାଣ୍ଡିଆ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଶାନ୍ତ ମହାକୁର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିନୋଦ କାଲସାଏ ସଭା ପରିଚାଳନା କରିଥିଲେ ଓ ଶେଷରେ କବି ଅର୍ଜୁନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସହରର ବହୁ ବୁଦ୍ଧିଜୀବୀ, କବି କଳାକାର ଓ ବିଭିନ୍ନ ଅନୁଷ୍ଠାନ ସଦସ୍ୟ ଉପସ୍ଥିତ ଥିଲେ।


ଅତିଥିମାନେ ବଲାଙ୍ଗୀର ଦିନ ଲୋଗୋ ଉନ୍ମୋଚନ କରୁଛନ୍ତି।


**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., BALANGIR**
Phone No. 9437202682, email ID: csobalangir@gmail.com
(Tender Call Notice - 6, dated .10.2021 as mentioned below)

| Sl. | Name of Works | Tender No. 06 for Appointment of **Transport Contractor for Transportation of Paddy for KMS 2021-22 for Balangir district (Unit: Each Block Separately)** |
|---|---|---|
| 1 | Availability of Bid documents in the portal | From Dt.21.10.2021 |
| 2 | Last date/time for receipt of Bid in the portal | Dt.10.11.2021 upto 05.00 P.M. |
| 3 | Date/Time of opening of Technical Bid | Dt.12.11.2021 at 03.30 A.M. |
| 4 | Name and address of the Officer Inviting Tender | District Manager, OSCSC Ltd., Balangir |

Tender documents and other details can be seen from **www.tendersodisha.gov.in**. Amendments/Corrigendum/Cancellation/re-tender etc. if any shall be published only in the above website.
**Sd./- District Manager, OSCSC Ltd., Balangir**
No. CAD-1486 OIPR-07031/11/0007/2122

**"e" PROCUREMENT NOTICE**
**JAJPUR MUNICIPALITY, JAJPUR**
**Tender Call Notice No. 2821 Date: 11.10.2021**
No.C-1113:- Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. www.tendersorissa.gov.in.

| | | | |
|---|---|---|---|
| 1. | Name of work | : | Construction of Civil works. |
| 2. | No. of work | : | 04 (Four) Nos. |
| 3. | Bid value | : | Rs.17,75,124 to Rs.17,75,124 |
| 4. | Bid Id | : | JM-04 /2021-22 |
| 5. | Tender Id | : | 2021-ORULB_71724_01 to 4 |
| 6. | Period of completion | : | 90 days |
| 7. | Date of availability of bid documents in the portal | : | From 11.00 A.M. of Dt.16.10.2021 to 26.10.2021 upto 5.00 P.M. |
| 8. | Last date for receipt of bids in the portal | : | Dt.26.10.2021 upto 5.00 P.M. |
| 9. | Bids received online shall be opened on | : | Dt.30.10.2021 at 10.00 A.M. |
| 10. | Name & address of the officer inviting bid | : | Executive Officer, Jajpur Municipality |

All other terms and conditions are available in the DTCN & BOQ uploaded in the above website.
**Sd./- Executive Officer, Jajpur Municipality**
OIPR-13171/11/0011/2122

**OFFICE OF THE HATCHERY MANAGER, FISH SEED HATCHERY PROJECT**
**CHIPLIMA, DIST.- SAMBALPUR**
**E-Mail: maha954@gmail.com, Mob.: 8249345590**
**Letter No. 173** **Dt.07.10.2021**
**TENDER CALL NOTICE FOR PROCUREMENT OF LIVE FISH BROOD STOCK**
No. L-73: Sealed tenders are invited in plain paper for procurement of 50 Qtl. approx. of live brood fish (IMC and Amur Carp 1+ year and 1 - 1.5 Kg Weight) for Fish Seed Hatchery Project, Chiplima. The tender paper should be sent by Registered Post or put in the sealed tender box kept in the office latest by on or before by 25.10.2021 at 2.00 P.M. during office hours & the tenders so received shall be opened on the same day i.e. 25.10.2021 at 4.00 P.M. in the Chamber of undersigned. The tenderers or their authorised representative may be present at the time of opening of tender, if they so desire. In case this day is declared a holiday or any reason the tender will be received & opened on the next working day at the schedule time.
1. The rate should be quoted per kg species wise.
2. The payment will be made after delivery of the live Brood Fish.
3. The rate should be for supply of live brood fish upto the FSHP, Chiplima including transportation.
4. The tenderers are required to write the tender papers in their own handwriting without any over writing and sign. With their full address. The envelope containing tender paper should be superscribed **TENDER FOR LIVE BROOD FISH**.
5. Each tenderer is required to deposit earnest money of Rs.2000/- (Rupees two thousand) only in shape of Bank Draft in favour of Hatchery Manager, FSHP, Chiplima payable at SBI, Goshala and submit the same with the tender paper. The unsuccess tenderers will be refunded their earnest money only on production of application to the undersigned.
6. The undersigned is not responsible for postal delay.
7. If any discrepancy found in words & figure in offered rate, the amount in words will be taken into account.
8. The authority reserves the right to reject any or all the tender without assigning any reason thereof.

**Sd./- Hatchery Manager, FSHP, Chiplima**
**OIPR-06003/11/0001/2122**

**DIRECTORATE OF TECHNICAL EDUCATION & TRAINING ODISHA, CUTTACK - 753001**
**DIPLOMA ADMISSION - 2021**
**NOTICE FOR DIPLOMA SPOT ADMISSION - 2021**
Consequent upon the decision of Government in SD&TE Department, Odisha communicated vide Letter No. 4589 Dtd.16.10.2021, the Diploma Spot Admission - 2021 shall be held as per the dateline/procedure enumerated in the Standard Operating Procedure (SOP) available in the website **www.samsodisha.gov.in**.
**Sd./- Director of Technical Education & Training, Odisha**

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**
**ଅଧିସୂଚନା**
ସଂଖ୍ୟା: 17811 /ତା: 16.10.2021
PR-SEC-ORV-0001-2021
No.i-189:- 1991 ମସିହା ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମର ଧାରା ୫ ଅନ୍ତର୍ଗତ ଉପଧାରା (3)ରେ ଅର୍ପିତ କ୍ଷମତା ବଳରେ ନିମ୍ନଲିଖିତ ଜିଲ୍ଲା ପରିଷଦ ମାନଙ୍କରେ ଅଧ୍ୟକ୍ଷ ପଦବୀଗୁଡ଼ିକୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଓ ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବା ନିମିତ୍ତ ରାଜ୍ୟ ସରକାର ଯେଉଁ ପ୍ରସ୍ତାବ କରିଛନ୍ତି, ତାହାର ଏକ କିତା ଚିଠା ଉକ୍ତ ଧାରାର ଉପଧାରା (4) ଅନୁସାରେ ଏତଦ୍ଦ୍ୱାରା ପ୍ରକାଶ କରାଯାଇ ପ୍ରକାଶିତ ଦିନଠାରୁ ଦଶ (10) ଦିନ ମଧ୍ୟରେ (25.10.2021ରିଖ ଅପରାହ୍ନ 5.30 ଘଟିକା ପର୍ଯ୍ୟନ୍ତ) ସର୍ବସାଧାରଣଙ୍କଠାରୁ ଅଭିଯୋଗ / ପରାମର୍ଶ ଆହ୍ୱାନ କରାଯାଉଅଛି । ସର୍ବସାଧାରଣ ସେମାନଙ୍କର ଅଭିଯୋଗ / ପରାମର୍ଶ ଇ-ମେଲ (dir-pr.od@gov.in / prsec.or@nic.in) ମାଧ୍ୟମରେ ଦାଖଲ କରିପାରିବେ ।
ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମିଳିଥିବା ଅଭିଯୋଗ / ପରାମର୍ଶଗୁଡ଼ିକୁ ରାଜ୍ୟ ସରକାର ବିଚାରକୁ ନେଇ ଉକ୍ତ ଚିଠା ସଂରକ୍ଷଣ ପ୍ରସ୍ତାବ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ।

**ଚିଠା ସଂରକ୍ଷଣ**

| କ୍ର. ସଂଖ୍ୟା | ଜିଲ୍ଲା ପରିଷଦର ନାମ | ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ପାଇଁ ସଂରକ୍ଷିତ | ମହିଳାମାନଙ୍କ ପାଇଁ ସଂରକ୍ଷିତ |
|---|---|---|---|
| ୧ | ଅନୁଗୁଳ | ପଛୁଆ ବର୍ଗ | ମହିଳା |
| ୨ | କଟକ | ଅନୁସୂଚିତ ଜାତି | ମହିଳା |
| ୩ | କନ୍ଧମାଳ | ଅନୁସୂଚିତ ଜନଜାତି | |
| ୪ | କଳାହାଣ୍ଡି | ଅଣ ସଂରକ୍ଷିତ | ମହିଳା |
| ୫ | କେଉଁଝର | ପଛୁଆ ବର୍ଗ | |
| ୬ | କେନ୍ଦ୍ରାପଡ଼ା | ଅଣ ସଂରକ୍ଷିତ | |
| ୭ | କୋରାପୁଟ | ଅନୁସୂଚିତ ଜନଜାତି | ମହିଳା |
| ୮ | ଖୋର୍ଦ୍ଧା | ପଛୁଆ ବର୍ଗ | ମହିଳା |
| ୯ | ଗଜପତି | ପଛୁଆ ବର୍ଗ | |
| ୧୦ | ଗଞ୍ଜାମ | ଅଣ ସଂରକ୍ଷିତ | ମହିଳା |
| ୧୧ | ଜଗତ୍‌ସିଂହପୁର | ଅନୁସୂଚିତ ଜାତି | |
| ୧୨ | ଝାରସୁଗୁଡ଼ା | ଅଣ ସଂରକ୍ଷିତ | |
| ୧୩ | ଢେଙ୍କାନାଳ | ଅଣ ସଂରକ୍ଷିତ | ମହିଳା |
| ୧୪ | ଦେଓଗଡ଼ | ଅଣ ସଂରକ୍ଷିତ | |
| ୧୫ | ନବରଙ୍ଗପୁର | ଅନୁସୂଚିତ ଜନଜାତି | |
| ୧୬ | ନୟାଗଡ଼ | ଅନୁସୂଚିତ ଜନଜାତି | ମହିଳା |
| ୧୭ | ନୂଆପଡ଼ା | ଅଣ ସଂରକ୍ଷିତ | ମହିଳା |
| ୧୮ | ପୁରୀ | ଅଣ ସଂରକ୍ଷିତ | |
| ୧୯ | ବରଗଡ଼ | ଅଣ ସଂରକ୍ଷିତ | ମହିଳା |
| ୨୦ | ବଲାଙ୍ଗୀର | ଅଣ ସଂରକ୍ଷିତ | |
| ୨୧ | ବାଲେଶ୍ୱର | ଅନୁସୂଚିତ ଜନଜାତି | |
| ୨୨ | ବୌଦ୍ଧ | ଅଣ ସଂରକ୍ଷିତ | ମହିଳା |
| ୨୩ | ଭଦ୍ରକ | ଅନୁସୂଚିତ ଜାତି | ମହିଳା |
| ୨୪ | ମୟୂରଭଞ୍ଜ | ଅନୁସୂଚିତ ଜନଜାତି | |
| ୨୫ | ମାଲକାନଗିରି | ଅନୁସୂଚିତ ଜନଜାତି | ମହିଳା |
| ୨୬ | ଯାଜପୁର | ଅନୁସୂଚିତ ଜାତି | |
| ୨୭ | ରାୟଗଡ଼ା | ଅନୁସୂଚିତ ଜନଜାତି | ମହିଳା |
| ୨୮ | ସମ୍ବଲପୁର | ଅଣ ସଂରକ୍ଷିତ | |
| ୨୯ | ସୁନ୍ଦରଗଡ଼ | ଅନୁସୂଚିତ ଜନଜାତି | |
| ୩୦ | ସୋନପୁର | ଅନୁସୂଚିତ ଜନଜାତି | ମହିଳା |

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ
**ସ୍ୱା./- ନିର୍ଦ୍ଦେଶକ, ପଞ୍ଚାୟତିରାଜ**
OIPR-19001/11/0008/2122

**ଭସାଣି ସହ ସଂଘିଯୁବା ଦୁର୍ଗାପୂଜା ଉଦ୍‌ଯାପିତ**

ବିନିକା,(ଡି.ଏନ୍.ଏ): ବିନିକା ବ୍ଲକ ସଂଘିଯୁବା ଗ୍ରାମ ଦୁର୍ଗାପୂଜା କମିଟି ପକ୍ଷରୁ ଚାଲିଥିବା ଦୁର୍ଗାପୂଜା ଭସାଣୀ ସହ ସମ୍ପନ୍ନ ହୋଇଛି। ମାଙ୍କୁ ଶୋଭାଯାତ୍ରାରେ ନେଇ ବଡବନ୍ଧରେ ବିସର୍ଜନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଜୁନିୟର, ସିନିୟର ଏବଂ ଯୁଗଳ ଶିଳ୍ପୀଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଡ୍ୟାନ୍ସ ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ପଣ୍ଡା ଯୋଗ ଦେଇଥିଲେ। ବିଚାରକଭାବେ ସୁରେଶ କୁମାର ଦାଶ, ଶିକ୍ଷାବିତ୍ ରାଜକୁମାର ମହାକୁର, ହିମାଂଶୁ ଭୂଷଣ ପଣ୍ଡା ଏବଂ ଦୁର୍ଗାପୂଜା କମିଟି ସଭାପତି ପବିତ୍ର ଶର୍ମା ଯୋଗ ଦେଇ ନୃତ୍ୟଶିଳ୍ପୀ ସୁରେନ୍ଦ୍ର ଯୁଆଡି, ଭୀମସେନ ଗ୍ରୁପ୍‌କୁ ଶ୍ରେଷ୍ଠ ନୃତ୍ୟଶିଳ୍ପୀ ଭାବେ ପୁରସ୍କୃତ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଗୌତମ ଦାସ ରାଜ୍ୟ...

ସର୍ବଭାରତୀୟ ସ୍ତରରେ ୨୮ତମ ସ୍ଥାନରେ ଥିଲେ।
ଗୌତମଙ୍କ ଘର ବାଲେଶ୍ୱର ଜିଲାରେ। ତାଙ୍କ ପିତା ରବୀନ୍ଦ୍ର ଦାସ ଜଣେ ବ୍ୟବସାୟୀ ହୋଇଥିବାବେଳେ ମା' ମଧୁମିତା ଦାସ ଗୃହିଣୀ। ସେ ବାଲେଶ୍ୱର ମଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢୁଥିଲେ। ଭଲ ମାର୍କ ରଖିଥିବାରୁ ତାଙ୍କୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ନାମ ଲେଖାଇବାର ସୁଯୋଗ ମିଳିଥିଲା। ତେବେ ନିଜ ସଫଳତାକୁ ନେଇ ଗୌତମ କହିଛନ୍ତି, ପଢ଼ିବା ପାଇଁ ଦିନକୁ ସେଭଳି କୌଣସି ନିର୍ଦ୍ଦିଷ୍ଟ ସମୟ ରଖି ନ ଥିଲି। ଦିନକୁ ଗୋଟେ ଟପିକ୍ ଶେଷ କରିବାକୁ ଟାର୍ଗେଟ ରଖୁଥିଲି। ଟାର୍ଗେଟ ପୂରଣ ପାଇଁ ଯେତେ ସମୟ ଲାଗୁଥିଲା ସେତିକି ସମୟ ପଢୁଥିଲି। ଗଣିତ ମୋର ପ୍ରିୟ ବିଷୟ ଥିଲେ ମଧ ପଦାର୍ଥ ବିଜ୍ଞାନରେ ଦୁର୍ବଳ ଥିବାରୁ ସେଥିରେ ଅଧିକ ସମୟ ଦେଉଥିଲି। କରୋନା କାଳରେ ପାଠ ପଢ଼ିବା ପାଇଁ ଅଧିକ ସମୟ ମିଳିଥିଲା। ଅନ୍‌ଲାଇନ୍ କ୍ଲାସ୍ ହେଉଥିବାରୁ ଘରେ ବସି ଶାନ୍ତିରେ ପଢ଼ିବାକୁ ସୁଯୋଗ ମିଳୁଥିଲା। ମାତାପିତା, ସମସ୍ତ ଶିକ୍ଷକଙ୍କ ସହଯୋଗ ଯୋଗୁ ଏହି ସଫଳତା ପାଇଛି। ଦିଲ୍ଲୀ ଆଇଆଇଟି କିମ୍ବା କାନପୁର ଆଇଆଇଟିରେ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରିବାକୁ ଲକ୍ଷ୍ୟ ରଖିଛି। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହୋଇ ଦେଶ ସେବା କରିବାକୁ ଚାହେଁ ବୋଲି ଗୌତମ କହିଛନ୍ତି। ସେପଟେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରପର୍ସନ ଶିଳ୍ପୀ ସାହୁ ଗୌତମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ କେବଳ ଆମ ସ୍କୁଲ ନୁହେଁ, ସାରା ରାଜ୍ୟ ତାଙ୍କୁ ନେଇ ଗର୍ବ ଅନୁଭବ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।
ସୂଚନାଯୋଗ୍ୟ, ଚଳିତବର୍ଷ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଜେଇଇ ଆଡ୍‌ଭାନ୍ସଡ୍ ଜୁଲାଇ ୩ରେ ଅନୁଷ୍ଠିତ ହେବାର ଥିଲା। କିନ୍ତୁ କରୋନା ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା। ସ୍ଥିତିରେ ସୁଧାର ଆସିବାରୁ ଗତ ଅକ୍ଟୋବର ୩ରେ ପରୀକ୍ଷା ହୋଇଥିଲା। ମୋଟ ୧,୪୧,୬୯୯ ଛାତ୍ରୀଛାତ୍ର ଜେଇଇ ଆଡ୍‌ଭାନ୍ସଡ୍ ଦେଇଥିଲେ। ମାତ୍ର ୧୨ ଦିନ ପରେ ଫଳ ପ୍ରକାଶିତ ହୋଇଛି। ପରୀକ୍ଷାର୍ଥୀମାନେ jeeadv.ac.in ରେ ନିଜର ପରୀକ୍ଷା ଫଳ ଦେଖିପାରିବେ ବୋଲି କୁହାଯାଇଛି।

### ୨୧ରୁ ଏକାଦଶ...

ସଫେଇ ଓ କୋଭିଡ୍ ନିର୍ଦ୍ଦେଶାବଳୀ ପାଳନ ଉପରେ ଗୁରୁତ୍ୱ ଦିଆଯିବ। ଡିଇଓ, ଡିପିସି ଏବଂ ବିଇଓ ନିୟମ ପାଳନ ନେଇ ତଦାରଖ କରି ଓସେପାକୁ ରିପୋର୍ଟ ଦେବେ। ଏନେଇ ପଞ୍ଚାୟତିରାଜ ବିଭାଗ ସଚିବ ଅଶୋକ କୁମାର ମୀନା ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ମିଳିତ ଭାବେ ଶନିବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।
ପୂଜାଛୁଟି ପରେ ଅଷ୍ଟମ ଓ ଏକାଦଶ ଶ୍ରେଣୀ ଖୋଲିବ ବୋଲି ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ଏବେ ଏ ସଂକ୍ରାନ୍ତରେ ମନ୍ତ୍ରୀ କହିଛନ୍ତି, ସ୍କୁଲ ଖୋଲି ପିଲାଙ୍କୁ ପାଠ ପଢ଼ାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ପିଲାମାନେ ବହୁ ଦିନ ଧରି କ୍ୟାମ୍ପସ ବାହାରେ ଥିଲେ। ସ୍କୁଲ ଯିବା ପାଇଁ ପିଲାଙ୍କ ଭିତରେ ପ୍ରବଳ ଆଗ୍ରହ ରହିଛି। କିନ୍ତୁ କରୋନା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଯାଇନାହିଁ। ତେଣୁ ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯିବ। ଆମେ ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗ ସହ ନିୟମିତ ଯୋଗାଯୋଗ ରଖୁଛୁ। ଆଗରୁ ଆମେ ଶିକ୍ଷକଙ୍କୁ ଟିକା ନେବା ପାଇଁ ସ୍ୱତନ୍ତ୍ର ଭାବେ ଆଗ୍ରହ ପ୍ରକାଶ କରିଥିଲୁ। କୌଣସି ଶିକ୍ଷକ ବିନା ଡବଲ୍ ଡୋଜ୍ ଟିକାରେ ଯେପରି ସ୍କୁଲ ପରିସରକୁ ପ୍ରବେଶ ନ କରିବେ, ତା'ଉପରେ ଆମେ ନଜର ରଖୁଛୁ। ଯଦି ପାଠପଢ଼ା ସମୟରେ କୌଣସି ସମସ୍ୟା ଉପୁଜେ, ତା'ହେଲେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ପଦକ୍ଷେପ ନେବେ। ଯେଉଁଠି ଛାତ୍ରୀଛାତ୍ରଙ୍କ ଭିତରେ ସାମାନ୍ୟ କୋଭିଡ୍ ଲକ୍ଷଣ ଦେଖାଯିବ, ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।
ସୂଚନାଯୋଗ୍ୟ, କରୋନା ପାଇଁ ଗତବର୍ଷ ମାର୍ଚ୍ଚରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ପିଲାମାନେ ପାଠପଢ଼ାରେ ଯେପରି କ୍ଷତି ନ ହୁଅନ୍ତି, ସେଥିପାଇଁ ରାଜ୍ୟ ସରକାର ଅନ୍‌ଲାଇନ ଶିକ୍ଷା ଆରମ୍ଭ କରିଥିଲେ। କିନ୍ତୁ ନେଟ୍‌ୱର୍କ ସମସ୍ୟା ଓ ସମସ୍ତଙ୍କ ପାଖରେ ସ୍ମାର୍ଟ ଫୋନ ନ ଥିବାରୁ ବହୁ ପିଲା ଅନ୍‌ଲାଇନ୍ କ୍ଲାସ୍‌ରୁ ବଞ୍ଚିତ ହେଉଥିବା ନେଇ ରାଜ୍ୟର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଥିଲେ। ତେଣୁ କରୋନା ସ୍ଥିତି କମିବା ପରେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ସ୍କୁଲ ଖୋଲିବା ଆରମ୍ଭ କରିଥିଲେ। କଟକଣା ମଧ୍ୟରେ ପ୍ରଥମେ ଦଶମ ଓ ଦ୍ୱାଦଶ କ୍ଲାସ୍ ଏବଂ ପରେ ନବମ ଶ୍ରେଣୀ ଅଫ୍‌ଲାଇନ ପାଠପଢ଼ା ହୋଇଥିଲା। ତେବେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ସ୍କୁଲ କେବେ ଖୋଲିବ ସେ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

ପିଲାମାନେ ସାମାଜିକ ଦୂରତା ପାଳନ ପ୍ରତି ଅଣଦେଖା କରିପାରନ୍ତି। ଏଥିପ୍ରତି ଶିକ୍ଷକମାନେ ହିଁ ଦୃଷ୍ଟି ଦେବା ଆବଶ୍ୟକ। ସମସ୍ତେ ସଚେତନ ହେବା ସହ ପିଲାଙ୍କୁ ସଚେତନ କରିବା ଜରୁରୀ। ଏଥିସହ ଅଭିଭାବକମାନେ ବି ସ୍କୁଲ ଯାଇ ମନିଟରିଂ କରନ୍ତୁ। ସତର୍କତା ନେଇ ପିଲାଙ୍କ ଭବିଷ୍ୟତ ଗଢ଼ିବା ଉଚିତ ବୋଲି ଡିଏମ୍‌ଇଟି କହିଛନ୍ତି।

### ମାଓବାଦୀ ନେତା...

ତାଙ୍କୁ ଧରିବା ପାଇଁ ଆନ୍ଧ୍ର, ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା ଓ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା।
୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଆର୍‌କେଙ୍କ ପ୍ରଭାବ ମାଲକାନଗିରି ଜିଲାରେ ଥିଲା। ମାଲକାନଗିରି ସଦର ମହକୁମାକୁ ବାଦ୍ ଦେଲେ ଏମ୍‌ଭି-୭୯, କାଳିମେଳା, ପଡ଼ିଆ, ଚିତ୍ରକୋଣ୍ଡା, ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା ଆଦି ଅଞ୍ଚଳରେ ସନ୍ଧ୍ୟା ୬ଟା ପରେ ମାଓବାଦୀଙ୍କ ଭୟରେ ଦୋକାନ ବଜାର ବନ୍ଦ ହୋଇଯାଉଥିଲା। ମାଓବାଦୀମାନେ ଏହି ଅଞ୍ଚଳଗୁଡ଼ିକରେ ଯାତାୟାତ କରି ଲୋକଙ୍କୁ ଭୟଭୀତ କରି ରଖୁଥିଲେ। ୨୦୦୬ରେ କାଳିମେଳା ଏବଂ ପଡ଼ିଆ ବ୍ଲକ କାର୍ଯ୍ୟାଳୟ ଉଡ଼ାଇବାରେ ଆର୍‌କେଙ୍କ ସକ୍ରିୟ ଭୂମିକା ଥିଲା। ୨୦୦୪ରେ କୋରାପୁଟ ଅସ୍ତ୍ରାଗାର ଲୁଟ୍, ୨୦୦୮ରେ ନୟାଗଡ଼ ଥାନା ଆକ୍ରମଣ, ୨୦୦୮ ଜୁନ୍ ୨୯ରେ ଆନ୍ଧ୍ର ଗ୍ରେହାଉଣ୍ଡ ଯବାନଙ୍କୁ ଆଲାପ୍‌ପେଟାଠାରେ ଲଞ୍ଚ ଉପରେ ଗୁଳି ବର୍ଷଣକରି ୩୮ ଯବାନଙ୍କୁ ହତ୍ୟା , ୨୦୦୧ ଫେବୃୟାରୀ ୧୭ରେ ତତ୍କାଳୀନ ଜିଲାପାଳ ଭିନିଲ କ୍ରିଷ୍ଣାଙ୍କୁ ଅପହରଣ, ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାର ଦରଭା ଘାଟିରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୨୭ କଂଗ୍ରେସ ନେତାଙ୍କୁ ମାରିବା ସହ ପ୍ରଜାକୋର୍ଟରେ ଅନେକ ଆଦିବାସୀଙ୍କୁ ହତ୍ୟା କରିବା ଭଳି ବହୁ ହିଂସାରେ ଜଡିତ ଥିଲେ ଆର୍‌କେ। ମାଲକାନଗିରି ଜିଲାରେ ଅନେକ ଠିକାଦାରଙ୍କୁ ହତ୍ୟା, ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଯାନବାହନ ପୋଡ଼ି ଘଟଣା ତାଙ୍କ ନିର୍ଦ୍ଦେଶରେ କରାଯାଉଥିଲା। ତେବେ ୨୦୧୬ରେ ମାଲକାନଗିରି ଜିଲା ଆନ୍ଧ୍ର ସୀମାନ୍ତ ରାମାଗୁଡ଼ାଠାରେ ପୋଲିସ ଏନ୍‌କାଉଣ୍ଟରରେ ଆର୍‌କେଙ୍କ ପୁଅ ମୁନାଙ୍କ ମୃତ୍ୟୁ ଘଟିବା ପରେ ସେ ଭାଙ୍ଗିପଡ଼ିଥିଲେ। କେବଳ ଜଙ୍ଗଲରେ ରହି ମାଓବାଦୀ ସଙ୍ଗଠନ ପରିଚାଳନା କରୁଥିଲେ। ଆର୍‌କେ ୨୦୧୯ ପର୍ଯ୍ୟନ୍ତ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ସମ୍ପାଦକ ଥିଲେ। ସେ ସମୟରୁ ଆର୍‌କେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜଙ୍ଗଲରେ ଚିକିତ୍ସିତ ହେଉଥିଲେ। ଏ ସମ୍ପର୍କରେ ଦନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲଭ କହିଛନ୍ତି, ଇତିମଧ୍ୟରେ ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ରାମାନ୍ନା, ହରିଭୂଷଣ ଓ ଆର୍‌କେଙ୍କ ଦଣ୍ଡକାରଣ୍ୟ ଜଙ୍ଗଲରେ ମୃତ୍ୟୁ ହୋଇଛି। ଏବେ ସୁରକ୍ଷା କର୍ମୀଙ୍କ ତୀକ୍ଷ୍ଣ ନଜର ହେତୁ ଜଙ୍ଗଲ ମଧ୍ୟକୁ ଅତ୍ୟାବଶ୍ୟକ ସାମଗ୍ରୀ କିମ୍ବା ଅସ୍ତ୍ରଶସ୍ତ୍ର ସେମାନଙ୍କ ନିକଟରେ ପହଞ୍ଚିପାରୁନାହିଁ। ଫଳରେ ସେମାନେ ଜଙ୍ଗଲ ଭିତରେ ହିଁ ରହୁଛନ୍ତି। ତୁରନ୍ତ ସେମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଲେ ସରକାରଙ୍କ ଥଇଥାନ ନୀତି ଅନୁସାରେ ସମସ୍ତ ସହାୟତା ପ୍ରଦାନ କରାଯିବ। ସେମାନଙ୍କ ଚିକିତ୍ସା ଲାଗି ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏସ୍‌ପି ପଲ୍ଲଭ କହିଛନ୍ତି।

### ମନୀଷଙ୍କୁ ସାଙ୍ଗ...

ଉକ୍ତ କାର ଯୋଗେ ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରୁ ବିଳମ୍ବିତ ରାତିରେ ପାତ୍ରପଡ଼ାସ୍ଥିତ ସାଉଥ ସିଟି ହୋଟେଲ ଆଣ୍ଡ ବାରକୁ ଯାଇଥିଲେ। ଦୀନେଶ କାରରେ ଶୋଇଯାଇଥିବାବେଳେ ଅମ୍ରିତ ସାଙ୍ଗ ମୃତ୍ୟୁଞ୍ଜୟ ଓ ମନୀଷ ବାରକୁ ଯାଇଥିଲେ। ସେଠାରେ ବିଲ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଟଙ୍କା ନ ଦେବାରୁ ବାର କର୍ମଚାରୀ ମନୀଷଙ୍କ ମୋବାଇଲ ବନ୍ଧକ ରଖିଥିଲେ। ପରେ ମନୀଷ ମା'ଙ୍କୁ ଫୋନ୍ କରି ଅନ୍‌ଲାଇନରେ ୮ହଜାର ଟଙ୍କା ମଗାଇ ବିଲ୍ ଦେଇଥିଲେ। ସାଙ୍ଗମାନଙ୍କ ଏଭଳି ବ୍ୟବହାର ଓ ମୋବାଇଲ ବନ୍ଧକ ରଖିବା ମନୀଷଙ୍କୁ ବ୍ୟଥିତ କରିଥିଲା। ଟଙ୍କା ଦେବା ପରେ ମନୀଷ ରାତି ୩ଟା ୨୯ମିନିଟରେ ହୋଟେଲରୁ ବାହାରକୁ ଏକାକୀ ଚାଲି ବାହାରି ଯାଇଥିଲେ। ଏପରିକି ସେ ଜଣେ ବାଇକ୍ ଚାଳକଙ୍କୁ ଲିଫ୍ଟ ମାଗି ଯାଉଥିବାବେଳେ ତାଙ୍କୁ ସାଙ୍ଗମାନେ କାରରେ ପିଛାକରି ପାଖରେ ପହଞ୍ଚିଥିଲେ। ବିଲ୍ ପଇଠକୁ ନେଇ ବାଟରେ ଗଣ୍ଡଗୋଳ ଭୀଷଣ ରୂପ ନେଇଥିଲା। ଏପରିକି ମନୀଷ ସେଠାରୁ ଖସି ଯିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କର ଅନ୍ୟ ୩ଜଣଙ୍କ ସହ ଧସ୍ତା ଧସ୍ତି ହୋଇଥିଲା। ଯେଉଁଥିରେ ମନୀଷ ଅଚେତ ହୋଇଯିବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ଦେଖି ଅଭିଯୁକ୍ତମାନେ ହଡବଡେଇ ଯିବା ସହ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋଖରୀ ନିକଟକୁ ନେଇଥିଲେ। ଏପରିକି ମନୀଷଙ୍କ ଆଖିରେ ଚଷମା ଓ ଚପଲ ସହ ପୂରା ଘଟଣାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଅଭିଯୁକ୍ତମାନେ ଯୋଜନା କରିଥିଲେ। ସେଠାରେ ଅନ୍ଧାର ଥିବାରୁ ମନୀଷଙ୍କ ମୃତଦେହକୁ ପାଣିକୁ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ସକାଳ ପ୍ରାୟ ସାଢେ ୫ଟା ଲେବକୁ ଅମ୍ରିତ, ମୃତ୍ୟୁଞ୍ଜୟ ଓ ଦୀନେଶ ୟୁନିଟ-୪ସ୍ଥିତ ଏକ ହୋଟେଲକୁ ଆସିଥିଲେ। ସେଠାରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଥିଲେ। ତେବେ ପରଦିନ ସକାଳ ସୁଦ୍ଧା ପୁଅ ଘରକୁ ନ ଫେରିବାରୁ ପିତା ନବୀନ ଦାସ ଥାନାରେ ନିଖୋଜ ଅଭିଯୋଗ ଆଣିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିଲା ଅପରାହ୍ନରେ ପୋଖରୀରୁ ମନୀଷଙ୍କ ମୃତଦେହ ମିଳିବା ନେଇ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଅଭିଯୁକ୍ତମାନେ ଫୁଲବାଣୀ ଫେରାର ହୋଇଯାଇଥିଲେ। ସେମାନେ ରାଜ୍ୟ ବାହାରକୁ ଖସି ଯିବାକୁ ଉଦ୍ୟମ ମଧ୍ୟ କରିଥିଲେ। ହେଲେ ଡରି ଯାଇଥିଲେ। ପୋଲିସ ସେମାନଙ୍କ ସମ୍ପର୍କରେ ସୁରାକ ପାଇଥିବା ଜାଣିବା ପରେ ଅଭିଯୁକ୍ତମାନେ ଆଉ ଖସି ପାରି ନ ଥିଲେ। ଶେଷରେ ଫୁଲବାଣୀ ପୋଲିସ ନିକଟରେ ଦୀନେଶ ଓ ମୃତ୍ୟୁଞ୍ଜୟ ଆତ୍ମସମର୍ପଣ କରିଥିଲେ। ଦୀନେଶଙ୍କୁ ପୋଲିସ ନୟାପଲ୍ଲୀରୁ ଗିରଫ କରିଥିଲା। ଦୀଶେଙ୍କ ମୂଳ ଘର କେନ୍ଦ୍ରାପଡ଼ା ରାଜନଗରରେ ହୋଇଥିବାବେଳେ ସେ ନୟାପଲ୍ଲୀରେ ରହୁଥିଲେ।

# 'ସର୍ଭିଲାନ୍ସ ଟିମ୍ ନଜରରେ ରହିବେ ସ୍କୁଲ ପିଲା'

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ):** ରାଜ୍ୟରେ ଅଷ୍ଟମ ଓ ଏକାଦଶ ଶ୍ରେଣୀ ଖୋଲିବା ନେଇ ଘୋଷଣା କରାଯିବା ସହ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସ୍କୁଲ୍ ଖୋଲିବା ପରେ ସମସ୍ତ ସ୍କୁଲ ପିଲା ସର୍ଭିଲାନ୍ସ ଟିମ୍ ନଜରରେ ରହିବେ। ଲକ୍ଷଣ ଥିବା ପିଲାଙ୍କ ଟେଷ୍ଟିଂ ହେବ। ଡିଏମ୍‌ଇଟି ଡା. ସିବିକେ ମହାନ୍ତି କହିଛନ୍ତି, ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପିଲାଙ୍କୁ ମନିଟରିଂ କରିବେ। ପିଲାଙ୍କ ଲକ୍ଷଣ ଓ ଶିକ୍ଷକ ଟିକା ନେଇଛନ୍ତି କି ନାହିଁ ତାହା ଅନୁଧ୍ୟାନ କରାଯିବ। ବଡ଼ଙ୍କ ଠାରୁ ଛୁଆଙ୍କୁ ସଂକ୍ରମଣ ହେବାର ସମ୍ଭାବନା ରହିଛି। ତେଣୁ ଶିକ୍ଷକ ଓ ଅଭିଭାବକମାନେ ଟିକା ନେଇଯିବା ଜରୁରୀ। ଯଦି କେହି ଗୋଟିଏ ଡୋଜ୍ ଟିକା ନେଇଛନ୍ତି ତେବେ ତୁରନ୍ତ ତାଙ୍କୁ ଡବଲ ଡୋଜ୍ ଦେବାକୁ ଯୋଜନା କରାଯିବ। ସ୍କୁଲରେ ଖେଳକୁଦରେ ମାତି

# ସଂରକ୍ଷଣ ତାଲିକାରେ ଆଇନର ଉଲ୍ଲଂଘନ

**ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବ ଭାଜପା**

ସୋନପୁର,୧୬।୧୦(ନି.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲାସ୍ତରରେ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଏବଂ ବ୍ଲକ ଅଧକ୍ଷ ପଦବି ଲାଗି ଚିଠା ସଂରକ୍ଷଣ ତାଲିକା ଗତ ୮ ତାରିଖରେ ପ୍ରକାଶ ପାଇଛି। ତେବେ ସୁବର୍ଣ୍ଣପୁର ଜିଲାରେ ପ୍ରକାଶିତ ସଂରକ୍ଷଣ ତାଲିକାକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରକାଶିତ ତାଲିକାକୁ ବେଆଇନ ଓ ଆଇନ ବିରୋଧି ବୋଲି ଭାଜପା କହିଛି। ସଂରକ୍ଷଣ ତାଲିକାରେ ଓଡିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୧୬ (୩-ଏ) (ଆଇ), ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୧୦(୫)(ଏ), ଓଡିଶା ଜିଲା ପରିଷଦ ଆଇନ ୧୯୯୧ ଧାରା ୬(୩) (ଏ), ଓଡିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୬(୩-ଏ) ଓ ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୧୦(୪) (ଏ)ର ଖୋଲା ଉଲ୍ଲଂଘନ ହୋଇଛି । ଶାସକ ଦଳ ନିର୍ବାଚନକୁ ନିଜ ସପକ୍ଷରେ ନେବା ପାଇଁ ମନ୍ଦ ଉଦ୍ଦେଶ୍ୟ ରଖି ଜିଲା ପ୍ରଶାସନର ଅଧିକାରୀଙ୍କ ସହ ସଲାସୁତୁରା କରି ଏହି ତାଲିକା ପ୍ରକାଶ କରିଛନ୍ତି। ସ୍ଥାନ ସରକ୍ଷଣ ବ୍ୟବସ୍ଥାରେ ପଞ୍ଚାୟତିରାଜ ଲୋକ ପ୍ରତିନିଧି ଆଇନର ଉଲ୍ଲଂଘନ ହୋଇଥିବାରୁ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ମହିଳା କ୍ଷତି ସହିବେ ବୋଲି ଭାଜପା ଜିଲା ସଭାପତି ତଥା ଆଇନଜୀବୀ ପ୍ରମୋଦ କୁମାର ମହାପାତ୍ର ଶନିବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ପ୍ରଶାସନର ମନମୁଖି ତଥା ବେଆଇନ କାର୍ଯ୍ୟକୁ ଭାଜପା ନିନ୍ଦା କରିବା ସହ ଚିଠା ସଂରକ୍ଷଣ ତାଲିକା ବିରୋଧରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ମହାପାତ୍ର ଲିଖିତ ଭାବେ ଆପତ୍ତି କରିଥିବା ଜଣାଇଛନ୍ତି। ଜନସାଧାରଣଙ୍କୁ ନ୍ୟାୟ ଓ ନ୍ୟାୟୋଚିତ ସ୍ଥାନ ସଂରକ୍ଷଣ ପାଇଁ ଆବଶ୍ୟକ ପଡିଲେ ଦଳ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି । ଏହି ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ଉପସଭାପତି ତଥା ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି, ମହିଳା ମୋର୍ଚ୍ଚା ସଭାନେତ୍ରୀ ସଞ୍ଜୁକ୍ତା ହୋତା, ସୁନିତା ଗିରି, ନଗର ସଭାପତି ଜଗତ୍ ଜ୍ୟୋତି ତ୍ରିପାଠୀ ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ପ୍ରସ୍ତାବିତ ଚିଠା ସଂରକ୍ଷଣ ତାଲିକା ଶାସକ ଦଳକୁ ସୁହାଇଲା ଭଳି କରାଯାଇଛି**

ବୌଦ୍ଧ,୧୬।୧୦(ସ୍ୱ.ପ୍ର.)


ଭାଜପା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । କିନ୍ତୁ ବୌଦ୍ଧ ଜିଲାରେ ଚିଠା ସଂରକ୍ଷଣ ତାଲିକା ଶାସକ ଦଳକୁ ସୁହାଇଲା ଭଳିଆ ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯିବା ସହ ଶନିବାର ଦିନ ଜିଲାପାଳଙ୍କ ନିକଟରେ ନୀତି ନିୟମ ଆଧାରରେ ଏହା କରିବାକୁ ଦାବି କରାଯାଇଛି । ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାଜ୍ୟ ସରକାର କିଛି ଦିନ ତଳେ ୨୭% ପଛୁଆବର୍ଗଙ୍କ ପାଇଁ ସବୁ ସ୍ତରରେ ସଂରକ୍ଷଣ ରଖିବେ ବୋଲି କହିଥିଲେ । ମାତ୍ର ପରିତାପର ବିଷୟ ଜିଲାରେ ୯ ଗୋଟି ଜିଲା ପରିଷଦ ସଭ୍ୟ ଆସନ ଥିବା ବେଳେ ୧ ନମ୍ବର ଜୋନ ୪ ଥର ହେଲାଣି କ୍ରମାଗତ ଭାବେ ଏସଟିମାନଙ୍କ ପାଇଁ ସଂରକ୍ଷିତ ହୋଇ ଆସୁଛି । ଅନ୍ୟ ଜାତିଙ୍କ ପାଇଁ କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନ କରାଯାଇଛି । ଖଟଖଟିଆ ଗ୍ରାମ ପଞ୍ଚାୟତ ପୂର୍ବରୁ ୩ ନମ୍ବର ଜୋନ ଅଧୀନରେ ଆସୁଥିବା ବେଳେ ବର୍ତ୍ତମାନ ଚିଠା ପ୍ରସ୍ତାବ ଅନୁଯାୟୀ ଏହି ପଞ୍ଚାୟତର ନାମ ୨ ନମ୍ବର ଜୋନରେ ରହିଛି । ପ୍ରଶାସନ କାହିଁକି ଏପରି କରିଛି ବୋଲି କୁହାଯାଇଛି। ଏହାସହ ଜିଲାର ବିଭିନ୍ନ ପଞ୍ଚାୟତରେ ନିୟମ ଅନୁଯାୟୀ ଆସନ ସଂରକ୍ଷଣ କରାଯାଇ ନ ଥିବା ଅଭିଯୋଗ କରାଯାଇଛି। ଜିଲାରେ ନୀତି ନିୟମ ଅନୁସାରେ ଚିଠା ପ୍ରସ୍ତାବକୁ ଅନୁମୋଦନ କରିବାକୁ ଏକ ୮ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି , ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ସାଧାରଣ ସଂପାଦକ ସତ୍ୟାନନ୍ଦ ପାଣ୍ଡେ, ତାପସ କୁମାର ପଟ୍ଟନାୟକ, ସୁଶାନ୍ତ ବାଘ, ପ୍ରେମାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କଟକଣାରେ ସରିଲା ପୂଜା, ବିସର୍ଜନ

**ସୋନପୁର,୧୬।୧୦(ନି.ପ୍ର.):** କୋଭିଡ୍ କଟକଣା ଭିତରେ ସୁବର୍ଣ୍ଣପୁର ଜିଲାରେ ଶାରଦୀୟ ଦୁର୍ଗା ପୂଜା, ବିଜୟା ଦଶମୀ ସମ୍ପନ୍ନ ହୋଇଛି। ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ପୂଜା କମିଟିଗୁଡିକ ପକ୍ଷରୁ ମା ଙ୍କର କେବଳ ପୂଜା ବିଧି ପାଳନ ହୋଇଛି। ଜିଲାର ମାତ୍ର ୬ଟି ସ୍ଥାନରେ ରାବଣ ପୋଡି ଉତ୍ସବ ଆୟୋଜନ ହୋଇଛି। ସୁବର୍ଣ୍ଣପୁର ସହରର ୧୦ଟି ପୂଜା ମଣ୍ଡପ ସମେତ ଜିଲାର ୬ଟି ବ୍ଲକର ମୋଟ ୬୬ଟି ସ୍ଥାନରେ ଦୁର୍ଗା ପୂଜା ହୋଇଥିଲା। ସହରର ବ୍ଲକ ଛକ ଦୁର୍ଗା ପୂଜା କମିଟି ଚଳିତ ଥର ୧୨ ବର୍ଷରେ ପଦାର୍ପଣ କରିଛି। କମିଟି ପକ୍ଷରୁ ଲୋକଙ୍କୁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ପାଇଁ ଜନସଚେତନତା ସୃଷ୍ଟି କରା ଯାଇଥିଲା। ଥନାପତିପଡାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଧାର୍ମିକ ପରିବେଶରେ ନବରାତ୍ର ପୂଜା ସମ୍ପନ୍ନ ହୋଇଛି। ପୂଜା ମଣ୍ଡପ ଗୁଡିକରେ ଭିଡ ନ ଜମାଇବାକୁ ପୋଲିସ ପକ୍ଷରୁ ପେଟ୍ରୋଲିଂକୁ କଡାକଡି କରା ଯାଇଥିଲା। ଶନିବାର ପୂଜା ମଣ୍ଡପର ମୂର୍ତ୍ତି ଗୁଡିକୁ ବିନା ଶୋଭାଯାତ୍ରାରେ ନିରାଡମ୍ବର ଭାବେ ଜଳାଶୟରେ ବିସର୍ଜନ କରାଯାଉଛି। ସେହିପରି ଜିଲାର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ପାଠ ସମେତ ପ୍ରସିଦ୍ଧ ଦେବୀ ପୀଠ ଗୁଡିକରେ ରୀତିନୀତି ଅନୁଯାୟୀ ପୂଜା ହୋଇଥିଲା। ତେବେ କରୋନା କଟକଣା ଭିତରେ ସୋନପୁରର ପ୍ରସିଦ୍ଧ ବଳୀଯାତ୍ରା ଠିକ୍ ଭାବେ ହୋଇ ପାରିନି। ଆଶ୍ୱିନ ଅମାବାସ୍ୟାରୁ ପୂର୍ଣ୍ଣିମା ଯାଏଁ ପାଳିତ ହୁଏ ଏହି ଯାତ୍ରା। ଖମ୍ବେଶ୍ୱରୀଙ୍କ ପୀଠରେ ୯ ଦିନ ଧରି ପାଳିତ ହୋଇଥାଏ ଅଷ୍ଟଚଣ୍ଡୀଙ୍କ ବଳିଯାତ୍ରା। ଚଳିତ ଥର ପୂଜକ ମାନେ ରୀତିନୀତି ଅନୁଯାୟୀ କେବଳ ପୂଜା କରିଛନ୍ତି ।


**OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., BALANGIR**
Phone No. 9437202682, email ID: csobalangir@gmail.com
(Tender Call Notice - 6, dated .10.2021 as mentioned below)

| Sl. | Name of Works | Tender No. 06 for Appointment of Transport Contractor for Transportation of Paddy for KMS 2021-22 for Balangir district (Unit: Each Block Separately) |
|---|---|---|
| 1 | Availability of Bid documents in the portal | From Dt.21.10.2021 |
| 2 | Last date/time for receipt of Bid in the portal | Dt.10.11.2021 upto 05.00 P.M. |
| 3 | Date/Time of opening of Technical Bid | Dt.12.11.2021 at 03.30 A.M. |
| 4 | Name and address of the Officer Inviting Tender | District Manager, OSCSC Ltd., Balangir |

Tender documents and other details can be seen from www.tendersodisha.gov.in. Amendments/Corrigendum/Cancellation/re-tender etc. if any shall be published only in the above website.
Sd./- District Manager, OSCSC Ltd., Balangir
No. CAD-1486 OIPR-07031/11/0007/2122

**"e" PROCUREMENT NOTICE**
**JAJPUR MUNICIPALITY, JAJPUR**
**Tender Call Notice No. 2821 Date: 11.10.2021**
No.C-1113:- Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. www.tendersorissa.gov.in.

| | | |
|---|---|---|
| 1. | Name of work | Construction of Civil works. |
| 2. | No. of work | 04 (Four) Nos. |
| 3. | Bid value | Rs.17,75,124 to Rs.17,75,124 |
| 4. | Bid Id | JM-04 /2021-22 |
| 5. | Tender Id | 2021-ORULB_71724_01 to 4 |
| 6. | Period of completion | 90 days |
| 7. | Date of availability of bid documents in the portal | From 11.00 A.M. of Dt.16.10.2021 to 26.10.2021 upto 5.00 P.M. |
| 8. | Last date for receipt of bids in the portal | Dt.26.10.2021 upto 5.00 P.M. |
| 9. | Bids received online shall be opened on | Dt.30.10.2021 at 10.00 A.M. |
| 10. | Name & address of the officer inviting bid | Executive Officer, Jajpur Municipality |

All other terms and conditions are available in the DTCN & BOQ uploaded in the above website.
Sd./- Executive Officer, Jajpur Municipality
OIPR-13171/11/0011/2122

**OFFICE OF THE HATCHERY MANAGER, FISH SEED HATCHERY PROJECT**
CHIPLIMA, DIST.- SAMBALPUR
E-Mail: maha954@gmail.com, Mob.: 8249345590
Letter No. 173 Dt.07.10.2021
**TENDER CALL NOTICE FOR PROCUREMENT OF LIVE FISH BROOD STOCK**
No. L-73: Sealed tenders are invited in plain paper for procurement of 50 Qtl. approx. of live brood fish (IMC and Amur Carp 1+ year and 1 - 1.5 Kg Weight) for Fish Seed Hatchery Project, Chiplima. The tender paper should be sent by Registered Post or put in the sealed tender box kept in the office latest by on or before by 25.10.2021 at 2.00 P.M. during office hours & the tenders so received shall be opened on the same day i.e. 25.10.2021 at 4.00 P.M. in the Chamber of undersigned. The tenderers or their authorised representative may be present at the time of opening of tender, if they so desire. In case this day is declared a holiday or any reason the tender will be received & opened on the next working day at the schedule time.
1. The rate should be quoted per kg species wise.
2. The payment will be made after delivery of the live Brood Fish.
3. The rate should be for supply of live brood fish upto the FSHP, Chiplima including transportation.
4. The tenderers are required to write the tender papers in their own handwriting without any over writing and sign. With their full address. The envelope containing tender paper should be superscribed **TENDER FOR LIVE BROOD FISH**.
5. Each tenderer is required to deposit earnest money of Rs.2000/- (Rupees two thousand) only in shape of Bank Draft in favour of Hatchery Manager, FSHP, Chiplima payable at SBI, Goshala and submit the same with the tender paper. The unsuccess tenderers will be refunded their earnest money only on production of application to the undersigned.
6. The undersigned is not responsible for postal delay.
7. If any discrepancy found in words & figure in offered rate, the amount in words will be taken into account.
8. The authority reserves the right to reject any or all the tender without assigning any reason thereof.

Sd./- Hatchery Manager, FSHP, Chiplima
OIPR-06003/11/0001/2122

**DIRECTORATE OF TECHNICAL EDUCATION & TRAINING ODISHA, CUTTACK - 753001**
**DIPLOMA ADMISSION - 2021**
**NOTICE FOR DIPLOMA SPOT ADMISSION - 2021**
Consequent upon the decision of Government in SD&TE Department, Odisha communicated vide Letter No. 4589 Dtd.16.10.2021, the Diploma Spot Admission - 2021 shall be held as per the dateline/procedure enumerated in the Standard Operating Procedure (SOP) available in the website **www.samsodisha.gov.in**.
Sd./- Director of Technical Education & Training, Odisha

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**
**ଅଧିସୂଚନା**
ସଂଖ୍ୟା: 17811 /ତା: 16.10.2021
PR-SEC-ORV-0001-2021
No.i-189:- 1991 ମସିହା ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମର ଧାରା ୪ ଅନ୍ତର୍ଗତ ଉପଧାରା (3)ରେ ଅର୍ପିତ କ୍ଷମତା ବଳରେ ନିମ୍ନଲିଖିତ ଜିଲ୍ଲା ପରିଷଦ ମାନଙ୍କରେ ଅଧକ୍ଷ ପଦବୀଗୁଡ଼ିକୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଓ ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବା ନିମିତ୍ତ ରାଜ୍ୟ ସରକାର ଯେଉଁ ପ୍ରସ୍ତାବ କରିଛନ୍ତି, ତାହାର ଏକ କିତା ଚିଠା ଉକ୍ତ ଧାରାର ଉପଧାରା (4) ଅନୁସାରେ ଏତଦ୍ୱାରା ପ୍ରକାଶ କରାଯାଇ ପ୍ରକାଶିତ ଦିନଠାରୁ ଦଶ (10) ଦିନ ମଧ୍ୟରେ (25.10.2021ରିଖ ଅପରାହ୍ନ 5.30 ଘଟିକା ପର୍ଯ୍ୟନ୍ତ) ସର୍ବସାଧାରଣଙ୍କଠାରୁ ଅଭିଯୋଗ / ପରାମର୍ଶ ଆହ୍ୱାନ କରାଯାଉଅଛି । ସର୍ବସାଧାରଣ ସେମାନଙ୍କର ଅଭିଯୋଗ / ପରାମର୍ଶ ଇ-ମେଲ (dir-pr.od@gov.in / prsec.or@nic.in) ମାଧ୍ୟମରେ ଦାଖଲ କରିପାରିବେ ।
ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମିଳିଥିବା ଅଭିଯୋଗ / ପରାମର୍ଶଗୁଡ଼ିକୁ ରାଜ୍ୟ ସରକାର ବିଚାରକୁ ନେଇ ଉକ୍ତ ଚିଠା ସଂରକ୍ଷଣ ପ୍ରସ୍ତାବ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ।

**ଚିଠା ସଂରକ୍ଷଣ**

| କ୍ର. ସଂଖ୍ୟା | ଜିଲ୍ଲା ପରିଷଦର ନାମ | ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ପାଇଁ ସଂରକ୍ଷିତ | ମହିଳାମାନଙ୍କ ପାଇଁ ସଂରକ୍ଷିତ |
|---|---|---|---|
| ୧ | ଅନୁଗୁଳ | ପଛୁଆ ବର୍ଗ | ମହିଳା |
| ୨ | କଟକ | ଅନୁସୂଚିତ ଜାତି | ମହିଳା |
| ୩ | କନ୍ଧମାଳ | ଅନୁସୂଚିତ ଜନଜାତି | |
| ୪ | କଳାହାଣ୍ଡି | ଅଣ ସଂରକ୍ଷିତ | ମହିଳା |
| ୫ | କେଉଁଝର | ପଛୁଆ ବର୍ଗ | |
| ୬ | କେନ୍ଦ୍ରାପଡ଼ା | ଅଣ ସଂରକ୍ଷିତ | |
| ୭ | କୋରାପୁଟ | ଅନୁସୂଚିତ ଜନଜାତି | ମହିଳା |
| ୮ | ଖୋର୍ଦ୍ଧା | ପଛୁଆ ବର୍ଗ | ମହିଳା |
| ୯ | ଗଜପତି | ପଛୁଆ ବର୍ଗ | |
| ୧୦ | ଗଞ୍ଜାମ | ଅଣ ସଂରକ୍ଷିତ | ମହିଳା |
| ୧୧ | ଜଗତ୍‌ସିଂହପୁର | ଅନୁସୂଚିତ ଜାତି | |
| ୧୨ | ଝାରସୁଗୁଡ଼ା | ଅଣ ସଂରକ୍ଷିତ | |
| ୧୩ | ଢେଙ୍କାନାଳ | ଅଣ ସଂରକ୍ଷିତ | ମହିଳା |
| ୧୪ | ଦେଓଗଡ଼ | ଅଣ ସଂରକ୍ଷିତ | |
| ୧୫ | ନବରଙ୍ଗପୁର | ଅନୁସୂଚିତ ଜନଜାତି | |
| ୧୬ | ନୟାଗଡ଼ | ଅନୁସୂଚିତ ଜନଜାତି | ମହିଳା |
| ୧୭ | ନୂଆପଡ଼ା | ଅଣ ସଂରକ୍ଷିତ | ମହିଳା |
| ୧୮ | ପୁରୀ | ଅଣ ସଂରକ୍ଷିତ | |
| ୧୯ | ବରଗଡ଼ | ଅଣ ସଂରକ୍ଷିତ | ମହିଳା |
| ୨୦ | ବଲାଙ୍ଗୀର | ଅଣ ସଂରକ୍ଷିତ | |
| ୨୧ | ବାଲେଶ୍ୱର | ଅନୁସୂଚିତ ଜନଜାତି | |
| ୨୨ | ବୌଦ୍ଧ | ଅଣ ସଂରକ୍ଷିତ | ମହିଳା |
| ୨୩ | ଭଦ୍ରକ | ଅନୁସୂଚିତ ଜାତି | ମହିଳା |
| ୨୪ | ମୟୂରଭଞ୍ଜ | ଅନୁସୂଚିତ ଜନଜାତି | |
| ୨୫ | ମାଲକାନଗିରି | ଅନୁସୂଚିତ ଜନଜାତି | ମହିଳା |
| ୨୬ | ଯାଜପୁର | ଅନୁସୂଚିତ ଜାତି | |
| ୨୭ | ରାୟଗଡ଼ା | ଅନୁସୂଚିତ ଜନଜାତି | ମହିଳା |
| ୨୮ | ସମ୍ବଲପୁର | ଅଣ ସଂରକ୍ଷିତ | |
| ୨୯ | ସୁନ୍ଦରଗଡ଼ | ଅନୁସୂଚିତ ଜନଜାତି | |
| ୩୦ | ସୋନପୁର | ଅନୁସୂଚିତ ଜନଜାତି | ମହିଳା |

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./- ନିର୍ଦ୍ଦେଶକ, ପଞ୍ଚାୟତିରାଜ
OIPR-19001/11/0008/2122